ଧରିତ୍ରୀ 50 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଜୁଲାଇ ୨୭/୨୦୨୪ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, July 27/2024 Page 20 ₹ 7.00
୫୦ଶ ଭାଗ ୨୪୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 243 ମୂଲ୍ୟ₹୭/-


## କେବେ ହୋଇନଥିବା ବୃହତ୍ତମ ରିହାତି ବିକ୍ରି!

### ଐତିହାସିକ ବିକ୍ରି @ ଆଇଟିସି ହୋଟେଲସ୍, ଓଡ଼ିଶାର ୱେଲ୍‌କମ୍ ହୋଟେଲ

### ଫ୍ୟାକ୍ଟ୍ରିରୁ ସିଧାସଳଖ ଆସିଥିବା ବ୍ରାଣ୍ଡେଡ୍ ଗାର୍ମେଣ୍ଟସ୍ ଓ ଜୋତା

ଗାର୍ମେଣ୍ଟ ଇଣ୍ଡଷ୍ଟ୍ରିରେ ଉଚ୍ଚ ମାନ୍ଦାବସ୍ଥା ହେତୁ ସମଗ୍ର ବିଶ୍ୱରେ ଥିବା ଆମର ଫ୍ୟାକ୍ଟ୍ରି ଆଉଟଲେଟ ବନ୍ଦ ହୋଇଯାଇଛି।
ବର୍ତ୍ତମାନ, ଆମର ଆଉଟଲେଟରେ ଥିବା ୨୦୨୩ର ବକ୍ସ ପ୍ୟାକ୍ଡ୍ କଲେକ୍ସନ ବିକ୍ରି କରିବାକୁ ପଡୁଛି
ଯାହା ମାତ୍ର ୪ ଦିନ ମଧ୍ୟରେ **୮0% ପର୍ଯ୍ୟନ୍ତ ରିହାତି** ସହିତ

**ବିଶ୍ୱବ୍ୟାପି ଆମର ବିକ୍ରିରେ ବିପୁଳ ସଫଳତା ହାସଲ କରିବା ପରେ**

**ବର୍ତ୍ତମାନ ଭାରତରେ - ୧ମ ଥର ପାଇଁ ଓଡ଼ିଶାରେ - ଭୁବନେଶ୍ୱର ସହରରେ**





### ଉଚ୍ଚ ହାରର ରିହାତି ସହିତ ବୃହତ୍ ବ୍ରାଣ୍ଡର ଗାର୍ମେଣ୍ଟସ ଓ ଜୋତା

ନିମ୍ନଲିଖିତ ପ୍ରକାରେ ବିଭିନ୍ନ ଅନ୍ତର୍ଜାତୀୟ ବ୍ରାଣ୍ଡର ରେଡ଼ିମେଡ଼ ଗାର୍ମେଣ୍ଟସ ବିକ୍ରି କରାଯିବ :

ପୁରୁଷଙ୍କ ସାର୍ଟ ଯାହାର ମୂଲ୍ୟ ଟ. ୨୦୦୦-୯୦୦୦........................ ମାତ୍ର ଟ.୧୨୦୦/-
ଲେଡ଼ିଜ୍ କୁର୍ତ୍ତୀ ଯାହାର ମୂଲ୍ୟ ଟ.୨୦୦୦-୪୦୦୦........................ ମାତ୍ର ଟ.୬୦୦/-
କିଡ୍ସ ଗାର୍ମେଣ୍ଟ ଯାହାର ମୂଲ୍ୟ ଟ.୧୫୦୦-୨୦୦୦........................ ମାତ୍ର ଟ.୩୦୦-୬୦୦/-
ଲେଡ଼ିଜ୍ ମିକ୍ସ ଗାର୍ମେଣ୍ଟ ଯାହାର ମୂଲ୍ୟ ଟ.୨୦୦୦-୬୦୦୦........................ ମାତ୍ର ଟ.୩୦୦-୬୦୦/-
ପୁରୁଷଙ୍କ ଟି-ସାର୍ଟ ଯାହାର ମୂଲ୍ୟ ଟ.୨୦୦୦-୬୦୦୦........................ ମାତ୍ର ଟ.୬୦୦-୮୦୦/-
ପୁରୁଷଙ୍କ ବ୍ରାଣ୍ଡେଡ୍ ଜିନ୍ସ ଯାହାର ମୂଲ୍ୟ ଟ.୩୯୦୦-୯୮୦୦........................ ମାତ୍ର ଟ.୧୫୦୦/-
ଲେଡ଼ିଜ୍ ବ୍ରାଣ୍ଡେଡ୍ ଜିନ୍ସ ଯାହାର ମୂଲ୍ୟ ଟ.୨୦୦୦-୪୦୦୦ ........................ ମାତ୍ର ଟ.୬୦୦/-

**୪୫ ରୁ ଊର୍ଦ୍ଧ୍ୱ କାଉଣ୍ଟରରେ ୩୦,୦୦୦ + ଗାର୍ମେଣ୍ଟସର ପ୍ରଦର୍ଶନ**

ସ୍ୱତନ୍ତ୍ର କାଉଣ୍ଟର : ବିଭିନ୍ନ ବ୍ରାଣ୍ଡର ପୁରୁଷଙ୍କ ଜୋତା ବହୁବିଧ ପ୍ରକାର ସହିତ
ପ୍ରକୃତ ମୂଲ୍ୟ ଟ.୧୦୦୦/- ରୁ ୧୨,୦୦୦/- ବର୍ତ୍ତମାନରେ ବିକ୍ରି ମୂଲ୍ୟ ଟ.୪୦୦/- ରୁ ଟ.୧୮୦୦/-

**୪ ଦିନ ନିମନ୍ତେ ବିକ୍ରି - ଶନିବାର ରୁ ମଙ୍ଗଳବାର : ଜୁଲାଇ ୨୭ ରୁ ୩୦ ତାରିଖ**

ସ୍ଥାନ :

## ଆଇଟିସି ହୋଟେଲସ୍‌ର ୱେଲକମ୍ ହୋଟେଲ

**ଡୁମ୍‌ଡୁମା, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୯**

ନିଃଶୁଳ୍କ ପ୍ରବେଶ - ଷ୍ଟକ୍ ବିକ୍ରି ହେଲାମାତ୍ରେ କାଉଣ୍ଟର ବନ୍ଦ ହୋଇଯିବ ସମୟ : ସକାଳ ୧୦ଘ. ରୁ ରାତ୍ରି ୯ଘ. - କ୍ରେଡ଼ିଟ୍ କାର୍ଡ଼ ଗ୍ରହଣୀୟ

## ସଂକ୍ଷେପରେ

### ଛତିଶଗଡ଼ରେ ଟ୍ରେନ୍ ଇଞ୍ଜିନ ଲାଇନଚ୍ୟୁତ

କଙ୍କେର, ୨୬।୭

ଛତିଶଗଡ଼ର କଙ୍କେର ଜିଲାରେ ଯାତ୍ରୀ ନ ଥିବା ଏକ ପାସେଞ୍ଜର ଟ୍ରେନ୍‌ର ଇଞ୍ଜିନ୍ ରେଳଲାଇନ୍‌ରେ ପଡ଼ିଥିବା ଏକ ବିଶାଳ ବରଗଛକୁ ଧକ୍କା ଦେବା ପରେ ଲାଇନଚ୍ୟୁତ ହୋଇଛି। ଏଥିରେ ଲୋକୋ ପାଇଲଟ ଆହତ ହୋଇଛନ୍ତି। ଦଲିରାଝରରୁ କଙ୍କେର ଜିଲାର ଅନ୍ତଗଡ଼ ଯାଉଥିବା ଡେମୁ ପାସେଞ୍ଜର ଟ୍ରେନ୍ ଶୁକ୍ରବାର ସକାଳେ ଭାନୁପ୍ରତାପପୁର ଏବଂ ଗୁଡୁମ ଗ୍ରାମ ମଧ୍ୟବର୍ତ୍ତୀ ସ୍ଥାନରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଲଗାଣ ବର୍ଷାରେ ବରଗଛ ଉପୁଡ଼ି ଟ୍ରାକ୍‌ରେ ପଡ଼ିଥିଲା।

### ରାଜ୍ୟ ସରକାର-ରାଜ୍ୟପାଳ ବିବାଦ: କେନ୍ଦ୍ରକୁ ସୁପ୍ରିମକୋର୍ଟ ନୋଟିସ

ନୂଆଦିଲ୍ଲୀ, ୨୬।୭

ରାଜ୍ୟ ବିଧାନସଭାରେ ଗୃହୀତ ବିଲ୍‌କୁ ରାଜ୍ୟପାଳମାନେ ଅନୁମୋଦନ ନ କରି କିମ୍ବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବିଚାର ପାଇଁ ନ ପଠାଇ ଦୀର୍ଘଦିନ ପକାଇ ରଖୁଥିବା ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଶୁକ୍ରବାର କେନ୍ଦ୍ର ସରକାର ଏବଂ ପଶ୍ଚିମବଙ୍ଗ ଓ କେରଳ ରାଜ୍ୟପାଳଙ୍କ ସଚିବଙ୍କୁ ନୋଟିସ ଜାରି କରିଛନ୍ତି। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ କେରଳ ରାଜ୍ୟପାଳ ଅରିଫ୍ ଅହମଦ ଖାନ୍ ଓ ତାଙ୍କ ପଶ୍ଚିମବଙ୍ଗ ପ୍ରତିପକ୍ଷ ସି.ଭି. ଆନନ୍ଦ ବୋଷଙ୍କୁ ନୋଟିସ୍ ପଠାଇଛନ୍ତି। ବିଲ୍‌ଗୁଡ଼ିକୁ ୮ ମାସ ହେଲା ରାଜ୍ୟପାଳ ଚାପି ରଖିଛନ୍ତି। ସେଗୁଡ଼ିକୁ ରାଷ୍ଟ୍ରପତିଙ୍କ ବିଚାର ପାଇଁ ପଠାଯାଉ ନାହିଁ। ରାଜ୍ୟପାଳଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ରହିଛି। ଏହା ସମ୍ବିଧାନ ବିରୋଧୀ ବୋଲି କେରଳ ସରକାରଙ୍କ ତରଫରୁ ବରିଷ୍ଠ ଆଇନଜୀବୀ କେ.କେ. ବେଣୁଗୋପାଳ ଅଦାଲତଙ୍କୁ କହିଥିଲେ। ପଶ୍ଚିମବଙ୍ଗ ସରକାରଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଅଭିଷେକ ସିଙ୍ଘଭି ମଧ୍ୟ ଅନୁରୂପ ଅଭିଯୋଗ କରିଥିଲେ। ଉଭୟ ରାଜ୍ୟ ସରକାରଙ୍କ ଆବେଦନ ଉପରେ କେନ୍ଦ୍ର ଏବଂ ସମ୍ପୃକ୍ତ ରାଜ୍ୟପାଳମାନେ ୩ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ଖଣ୍ଡପୀଠ କହିଛନ୍ତି।

### ନାବାଳିକାଙ୍କୁ ବଳାତ୍କାର ପରେ ଛାତରୁ ଫିଙ୍ଗିଦେଲେ

ନୂଆଦିଲ୍ଲୀ, ୨୬।୭

ଦିଲ୍ଲୀର ଦ୍ୱାରକା ଅଞ୍ଚଳରେ ଜଣେ ୧୪ ବର୍ଷୀୟା ବାଳିକାଙ୍କୁ ସୋମବାର ବଳାତ୍କାର ପରେ ୫ ମହଲା ବିଲ୍ଡିଂ ଛାତରୁ ତଳକୁ ଫିଙ୍ଗିଦିଆଯାଇଥିବା ଅଭିଯୋଗ ହୋଇଛି। ତାଙ୍କ ଗୋଡ଼ରେ ଗୁରୁତର ଆଘାତ ଲାଗିଥିବାବେଳେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ନାବାଳିକାଙ୍କ ବୟାନ ଆଧାରରେ ପୋଲିସ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ବଳାତ୍କାରୀ ଜଣକ ନାବାଳିକାଙ୍କ ଜଣାଶୁଣା। ଗତ ଜାନୁଆରୀରେ ମଧ୍ୟ ଉକ୍ତ ନାବାଳିକାଙ୍କୁ କେତେଜଣ ପିଲା ତାଙ୍କ ସ୍କୁଲ୍ ନିକଟରୁ ଅପହରଣ କରିନେଇ ଯୌନ ନିର୍ଯାତନା ଦେବା ପରେ ରାସ୍ତାରେ ଛାଡ଼ିଦେଇ ପଳାଇଥିଲେ। ଫଳରେ ନାବାଳିକା ଦୀର୍ଘଦିନ ହେଲା ସ୍କୁଲ ଯାଉ ନ ଥିଲେ ବୋଲି ତାଙ୍କ ବାପା କହିଛନ୍ତି। ୨୦ ଦିନ ପୂର୍ବରୁ ସେ ସାମାନ୍ୟ ସୁସ୍ଥ ହେବା ପରେ ଏକ ମୁକ୍ତ ବିଦ୍ୟାଳୟରେ ନାମ ଲେଖାଇଥିଲେ।



ଅଲିମ୍ପିକ୍ସ ଭେନ୍ୟୁରୁ ଆଫ୍ରିକୀୟ ଶରଣାର୍ଥୀମାନଙ୍କୁ ଫ୍ରାନ୍ସ ପୋଲିସ ଘଉଡାଉଛି।

# ଅଲିମ୍ପିକ୍ସ ପୂର୍ବରୁ ଶରଣାର୍ଥୀଙ୍କୁ ବିଦାକଲା ଫ୍ରାନ୍ସ ପୋଲିସ

ପ୍ୟାରିସ୍, ୨୬।୭

ଅନେକ ହଜାର ଶରଣାର୍ଥୀ ନିଜ ଆସବାବପତ୍ର ଓ ପିଲାଙ୍କୁ ଧରି ପ୍ୟାରିସ୍ ରାସ୍ତାକଡ଼ରେ ଶୋଇଥିଲେ। ଅଲିମ୍ପିକ୍ସ ଗେମ୍ସର ଉଦ୍‌ଘାଟନୀ ସମାରୋହ ପୂର୍ବରୁ ଫ୍ରାନ୍ସ ପୋଲିସ ସେମାନଙ୍କୁ ସମ୍ପୃକ୍ତ ଅଞ୍ଚଳରୁ ଘଉଡ଼ାଇଦେଇଛି। ତଡ଼ା ଖାଇଥିବା ଶରଣାର୍ଥୀଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଆଫ୍ରିକୀୟ। ଫ୍ରାନ୍ସର ଇମାନ୍ୱେଲ ମାକ୍ରଁ ସରକାର ସେମାନଙ୍କୁ ବସ୍ ଭଡ଼ା ଦେଇ ଅନ୍ୟତ୍ର ପଠାଇଦେଇଛନ୍ତି। ଖେଳ ଶେଷ ହେବା ପର୍ଯ୍ୟନ୍ତ ସେଠାକୁ ନ ଆସିବା ପାଇଁ ବାରଣ କରାଯାଇଛି। ବାସହରା ହୋଇ ପ୍ୟାରିସ୍ ରାସ୍ତାକଡ଼ରେ ଜୀବନ ବିତାଉଥିବା ୪୭ ବର୍ଷୀୟା ନିକ୍କି କହିଛନ୍ତି, କୁଆଡ଼େ ଯିବି ଜାଣିନାହିଁ। ସମ୍ଭବତଃ ଏଠାକୁ ଆଉ ଫେରିବାର ନାହିଁ। କାରଣ ପୋଲିସ ଫେରିବାକୁ ଦେବନାହିଁ। ଆକ୍ଟିଭିଷ୍ଟ ଗ୍ରୁପ୍ 'ୟୁଟୋପିଆ ୫୬'ର ନାଥନ୍ ଲେକ୍ୟୁ କହିଛନ୍ତି, ଏହି ଗ୍ଲୋବାଲ ଇଭେଣ୍ଟରେ ଯୋଗଦେବାକୁ ଥିବା ପର୍ଯ୍ୟଟକମାନଙ୍କ ପାଇଁ ସେମାନେ ପ୍ୟାରିସ୍‌କୁ ସଫା କରୁଛନ୍ତି। ତେବେ ବାସହୀନ ଶରଣାର୍ଥୀମାନଙ୍କ ପ୍ରତି ସେମାନଙ୍କ ଦୁର୍ବ୍ୟବହାର ଅତ୍ୟନ୍ତ ଯନ୍ତ୍ରଣାଦାୟକ।

# ମୋଦିଙ୍କ 'ଅଗ୍ନିପଥ' ମନ୍ତବ୍ୟକୁ ବିରୋଧୀଙ୍କ ନିନ୍ଦା

ନୂଆଦିଲ୍ଲୀ, ୨୬।୭(ପି.ଟି.)

କାର୍‌ଗିଲ ଯୁଦ୍ଧ ବିଜୟର ୨୫ତମ ବାର୍ଷିକୀ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଡ୍ରାସ୍‌ଠାରେ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଜାତୀୟ ସୁରକ୍ଷା ସମ୍ପର୍କିତ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ କେତେଜଣ ରାଜନୀତି କରୁଥିବା ଅଭିଯୋଗ କରିଥିଲେ। ପେନ୍‌ସନ ଅର୍ଥ ବଞ୍ଚାଇବା ଲାଗି ଅଗ୍ନିପଥ ଯୋଜନା ଆରମ୍ଭ ହୋଇଛି ବୋଲି ବିରୋଧୀଙ୍କ ଅଭିଯୋଗକୁ ସେ ଖଣ୍ଡନ କରିଥିଲେ। ଯୁବବର୍ଗଙ୍କୁ କ୍ରମାଗତ ଭାବେ ଯୁଦ୍ଧ ପାଇଁ ଫିଟ୍ ରଖିବା ଅଗ୍ନିପଥ ଯୋଜନାର ଲକ୍ଷ୍ୟ ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ଏଭଳି



ଲଦାଖର ଡ୍ରାସ୍‌ରେ କାର୍‌ଗିଲ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ଅଭିଯୋଗକୁ ବିରୋଧୀ ଦଳଗୁଡ଼ିକ ନିନ୍ଦା କରିଛନ୍ତି। ଅଗ୍ନିପଥ ଯୋଜନାର ସମୀକ୍ଷା କରାଯିବାକୁ ସେମାନେ ଦାବି କରିଛନ୍ତି।

ଅଗ୍ନିପଥ ପ୍ରସଙ୍ଗକୁ ନେଇ ପ୍ରଧାନମନ୍ତ୍ରୀ ଶସ୍ତା ରାଜନୀତି କରୁଥିବା କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେ ଓ ଅନ୍ୟ ନେତାମାନେ ଅଭିଯୋଗ କରିଛନ୍ତି। ସୈନ୍ୟବାହିନୀର ନିର୍ଦ୍ଦେଶରେ ସରକାର ଅଗ୍ନିପଥ ଯୋଜନା କାର୍ଯ୍ୟକାରୀ କରିଥିବା ନେଇ ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟ ଡାହା ମିଛ ବୋଲି ବିରୋଧୀ କହିଛନ୍ତି। କାର୍ଗିଲ ବିଜୟ ଦିବସରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଅବସରରେ ପ୍ରଧାନମନ୍ତ୍ରୀ ଶସ୍ତା ରାଜନୀତି କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଦୁଃଖଦାୟକ। ପୂର୍ବରୁ କୌଣସି ପ୍ରଧାନମନ୍ତ୍ରୀ ଏପରି କରି ନ ଥିବା ଖାର୍ଗେ କହିଛନ୍ତି। ଅଧିକାଂଶ ଅବସରପ୍ରାପ୍ତ ସେନା ଅଧିକାରୀ ଅଗ୍ନିପଥ ଯୋଜନାକୁ ସମାଲୋଚନା କରିଛନ୍ତି। ଏହା ଜାତୀୟ ସୁରକ୍ଷାକୁ ବିପଦରେ ପକାଇବା ସହ ଗ୍ରାମାଞ୍ଚଳ ଯୁବବର୍ଗଙ୍କ ଆଶା ଆକାଂକ୍ଷାକୁ ବିପଦ ମଧ୍ୟକୁ ଠେଲିଦେଇଛି ବୋଲି କଂଗ୍ରେସ ଅଧ୍ୟକ୍ଷ କହିବା ସହ ଏହି ଯୋଜନାର ସମ୍ପୂର୍ଣ୍ଣ ଉଚ୍ଛେଦ ଦାବି କରିଛନ୍ତି। ତତ୍କାଳୀନ ସେନା ମୁଖ୍ୟ ଜେନେରାଲ ଏମ୍.ଏମ୍. ନରାଭନେ ଅଗ୍ନିପଥ ଯୋଜନା ସମ୍ପୂର୍ଣ୍ଣ ବିସ୍ମୟକର ଥିଲା ବୋଲି ଲେଖିଥିଲେ। ଅଥଚ ଏହା ସେନା ନିର୍ଦ୍ଦେଶରେ ହୋଇଥିଲା ବୋଲି ମୋଦି ମିଛ କହୁଥିବା କଂଗ୍ରେସ ନେତା ଜୟରାମ ରମେଶ ଅଭିଯୋଗ କରିଛନ୍ତି। ଏହି ଯୋଜନା ଅଗ୍ନିବୀରମାନଙ୍କୁ କୌଣସି ସାମାଜିକ ସୁରକ୍ଷା ଦେଉ ନ ଥିବାରୁ ଏହାର ସମୀକ୍ଷା ଆବଶ୍ୟକ ବୋଲି ଜେଏମ୍‌ଏମ୍ ଏମ୍‌ପି ମହୁଆ ମାଜି କହିଥିଲେ। ସେହିପରି ତୃଣମୂଳ କଂଗ୍ରେସ ରାଜ୍ୟ ସଭା ସଦସ୍ୟ ଡୋଲା ସେନ୍, ସମାଜବାଦୀ ପାର୍ଟି ନେତା ଧର୍ମେନ୍ଦ୍ର ଯାଦବ ପ୍ରମୁଖ ଅଗ୍ନିପଥ ଯୋଜନାକୁ ସମାଲୋଚନା କରିବା ସହ ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟକୁ ନିନ୍ଦା କରିଛନ୍ତି।

### କର୍ନାଟକରେ ୧,୬୦୦ ଟନ୍‌ର ଲିଥିୟମ ଖଣି ଠାବ

ନୂଆଦିଲ୍ଲୀ, ୨୬।୭

କର୍ନାଟକର ମାଣ୍ଡ୍ୟା ଏବଂ ୟାଦଗିରି ଜିଲାରେ ଲିଥିୟମ୍ ଖଣିର ସନ୍ଧାନ ମିଳିଥିବା କେନ୍ଦ୍ର ଭୂବିଜ୍ଞାନ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ରାଜ୍ୟ ସଭାକୁ ସୂଚନା ଦେଇଛନ୍ତି। ଉପରୋକ୍ତ ୨ ଜିଲାର ଖଣିରେ ୧,୬୦୦ ଟନ୍ ଓଜନର ଲିଥିୟମ୍ ମହଜୁଦ ଥିବା ଆଟୋମିକ୍ ମିନେରାଲ୍ସ ଡାଇରେକ୍ଟୋରେଟ୍ ଫର୍ ଏକ୍ସପ୍ଲୋରେଶନ ଆଣ୍ଡ ରିସର୍ଚ୍ଚ (ଏଏମ୍‌ଡି) ଆକଳନ କରିଛି। ଉଭୟ ଖଣିର ପ୍ରାରମ୍ଭିକ ସର୍ଭେ ଓ ସୀମିତ ଅନ୍ୱେଷଣ କରାଯାଇଥିବା ମନ୍ତ୍ରୀ ଗୃହକୁ କହିଛନ୍ତି। ଛତିଶଗଡ଼ର କୋର୍ବା ଜିଲାରେ ମଧ୍ୟ ଲିଥିୟମ୍ ଥିବା ନେଇ ଅନୁସନ୍ଧାନ ଚାଲିଛି। ସେହିପରି ରାଜସ୍ଥାନ, ବିହାର, ଆନ୍ଧ୍ରପ୍ରଦେଶରେ ରହିଥିବା ମାଇକା ବେଲ୍ଟ ଏବଂ ଓଡ଼ିଶା, ଛତିଶଗଡ଼ ଓ କର୍ନାଟକରେ ରହିଥିବା ପେଗ୍‌ମାଟାଇଟ୍ ବେଲ୍ଟରେ ସମ୍ଭାବ୍ୟ ଲିଥିୟମ ସମ୍ପଦ ଥିବା ନେଇ ଭୂତତ୍ତ୍ୱ ବିଭାଗ ଅନ୍ୱେଷଣ ଚଳାଇଥିବା ମନ୍ତ୍ରୀ କହିଛନ୍ତି।

## 'ନୀତି ଆୟୋଗ ଉଚ୍ଛେଦ କରି ଯୋଜନା ଆୟୋଗ ଆଣ'

କୋଲକାତା, ୨୬।୭

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଶନିବାର ନୂଆଦିଲ୍ଲୀରେ ନୀତି ଆୟୋଗର ୯ମ ଗଭର୍ନିଂ କାଉନସିଲ୍ ବୈଠକ ବସିବାକୁ ଯାଉଛି। ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯିବ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ



ମମତା ବାନାର୍ଜୀ

ଏହି ବୈଠକରେ ଯୋଗଦେବା ପାଇଁ ଶୁକ୍ରବାର ଦିଲ୍ଲୀରେ ପହଞ୍ଚିଛନ୍ତି। ନୀତି ଆୟୋଗକୁ ରଦ୍ଦ କରାଯାଇ ପୂର୍ବର ଯୋଜନା ଆୟୋଗକୁ ଫେରାଇ ଅଣାଯିବା ଆବଶ୍ୟକ ବୋଲି ମମତା କହିଛନ୍ତି। ଇଣ୍ଡିଆ ବ୍ଲକ୍‌ର କେତେଜଣ ମୁଖ୍ୟମନ୍ତ୍ରୀ ବୈଠକରେ ଯୋଗଦେଉ ନ ଥିବା ଜଣାପଡ଼ିଛି। ନୀତି ଆୟୋଗ ବୈଠକରେ ମମତା କେନ୍ଦ୍ର ବଜେଟରେ ହୋଇଥିବା ପାତରଅନ୍ତର ନୀତି ସମେତ ପଶ୍ଚିମବଙ୍ଗ ଓ ବିରୋଧୀ ଦଳ ଶାସିତ ଅନ୍ୟ ରାଜ୍ୟଗୁଡ଼ିକୁ ବିଭାଜନ ଷଡ଼ଯନ୍ତ୍ରର ପ୍ରତିବାଦ କରିବେ ବୋଲି କହିଥିଲେ।

## ଅବସର ବୟସ ବଢ଼ାଇବାକୁ ଚାଇନାର ଯୋଜନା

ବେଜିଂ, ୨୬।୭(ପି.ଟି.)

ଚାଇନାରେ ବୟସ୍କଙ୍କ ସଂଖ୍ୟା ବଢୁଥିବାରୁ କର୍ମଚାରୀଙ୍କ ଅବସର ବୟସସୀମା ବଢ଼ାଇବାକୁ ଚାଇନିଜ୍ କମ୍ୟୁନିଷ୍ଟ ପାର୍ଟି ଯୋଜନା କରୁଥିବାରୁ ଏହାକୁ ନେଇ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଛି। ବର୍ତ୍ତମାନ ଚାଇନାର ସହରାଞ୍ଚଳରେ ପୁରୁଷ କର୍ମଚାରୀମାନଙ୍କ ଅବସର ବୟସସୀମା ୬୦ ବର୍ଷ ହୋଇଥିବାବେଳେ ମହିଳାମାନଙ୍କ ପାଇଁ ଏହି ସୀମା ବୃତ୍ତି ଅନୁଯାୟୀ ୫୦ କିମ୍ବା ୫୫ ବର୍ଷ ରହିଛି। ନିକଟରେ ଶେଷ ହୋଇଥବା କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନାର ତୃତୀୟ ବୈଠକରେ କର୍ମଚାରୀଙ୍କ ବୟସସୀମା ବଢ଼ାଇବା ନେଇ ଆଲୋଚନା ହୋଇଥିଲା। ବର୍ତ୍ତମାନ ଚାଇନା ଜନସଂଖ୍ୟା ୧୪୧ କୋଟି ଥିବାବେଳେ ୨୦୫୪ ବେଳକୁ ୧୨୧ କୋଟିକୁ ହ୍ରାସ ପାଇବ ବୋଲି ଆକଳନ କରାଯାଇଛି।

### ୟୁପି କୋର୍ଟରେ ହାଜର ହେଲେ ରାହୁଲ

ସୁଲ୍‌ତାନପୁର, ୨୬।୭ (ପି.ଟି.)

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏକ ମାନହାନି ମାମଲାରେ ଶୁକ୍ରବାର ଉତ୍ତରପ୍ରଦେଶର ଏମ୍‌ପି-ଏମ୍‌ଏଲ୍‌ଏ କୋର୍ଟରେ ହାଜର ହୋଇଛନ୍ତି। ଶସ୍ତା ପ୍ରଚାର ପାଇଁ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ରାହୁଲ କହିଛନ୍ତି। ସ୍ୱତନ୍ତ୍ର ବିଚାରପତି ଶୁଭମ ବର୍ମାଙ୍କ ଅଦାଲତରେ ହାଜର ହୋଇ ରାହୁଲ କହିଥିଲେ, ସେ କାହା ବିରୋଧରେ କେବେ ମନ୍ତବ୍ୟ ଦେଇନାହାନ୍ତି ଯେଉଁଥିପାଇଁ ତାଙ୍କ ବିରୋଧରେ ମାନହାନି ମାମଲା କରାଯାଇପାରିବ। ସୂଚନାଯୋଗ୍ୟ, ୨୦୧୮ ମେ'ରେ କର୍ନାଟକ ନିର୍ବାଚନ ବେଳେ ରାହୁଲ ତତ୍କାଳୀନ ଭାଜପା ଅଧ୍ୟକ୍ଷ ଅମିତ୍ ଶାହାଙ୍କୁ ହତ୍ୟା ଅଭିଯୁକ୍ତ କହିଥିବାରୁ ସ୍ଥାନୀୟ ନେତା ବିଜୟ ମିଶ୍ର ତାଙ୍କ ବିରୋଧରେ ମାନହାନି ଅଭିଯୋଗ ଦାଏର କରିଥିଲେ। ରାହୁଲଙ୍କ ମନ୍ତବ୍ୟର ୪ ବର୍ଷ ପୂର୍ବରୁ ମୁମ୍ବାଇର ସିବିଆଇ କୋର୍ଟ ୨୦୦୫ ଜାଲ୍ ଏନ୍‌କାଉଣ୍ଟର ମାମଲାରେ ଶାହାଙ୍କୁ ଦୋଷମୁକ୍ତ କରିଥିଲା। ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୧୨କୁ ଧାର୍ଯ୍ୟ କରାଯାଇଛି।

## ଏନ୍‌ଇଇଟି-ୟୁଜି ଟପ୍ପର ସଂଖ୍ୟା ୬୭ରୁ ୧୭କୁ ହ୍ରାସ

ନୂଆଦିଲ୍ଲୀ, ୨୬।୭

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଗୁରୁବାର ମେଡିକାଲ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି-ୟୁଜିର ସଂଶୋଧିତ ଫଳାଫଳ ପ୍ରକାଶ କରିଥିଲା। ଉକ୍ତ ଫଳାଫଳ ଅନୁଯାୟୀ ଏନ୍‌ଇଇଟି-ୟୁଜି ଟପ୍ପରଙ୍କ ସଂଖ୍ୟା ୬୧ରୁ ୧୭କୁ ହ୍ରାସ ପାଇଛି। ଜୁନ୍ ୪ରେ ପ୍ରକାଶିତ ରେଜଲ୍ଟ ଅନୁଯାୟୀ ୬୭ ଛାତ୍ରୀଛାତ୍ର ଅଲ୍ ଇଣ୍ଡିଆ ର୍‌ୟାଙ୍କ୍ ୱାନ୍‌ରେ ସ୍ଥାନ ପାଇଥିଲେ। ସେମାନଙ୍କ ମଧ୍ୟରୁ ପରୀକ୍ଷକଙ୍କ ତ୍ରୁଟିରୁ ଅଧିକ ଗ୍ରେସ୍ ମାର୍କ ପାଇଥିବା ୬ ଜଣଙ୍କୁ ବାଦ୍ ଦିଆଯିବା ପରେ ଟପ୍ପରଙ୍କ ସଂଖ୍ୟା ୬୧କୁ ଖସିଥିଲା। ପଦାର୍ଥବିଜ୍ଞାନର ଏକ ପ୍ରଶ୍ନ ପାଇଁ ୨ଟି ଉତ୍ତରକୁ ଠିକ୍ ଦର୍ଶାଯାଇ ଭୁଲ୍‌ବଶତଃ ନମ୍ବର ପାଇଥିବା ୪୪ ଜଣଙ୍କ ନାଁ କଟିବା ପରେ ଏବେ ଟପ୍ପର ସଂଖ୍ୟା ୧୭କୁ ହ୍ରାସ ପାଇଛି। ଏହି ୪୪ ଛାତ୍ରୀଛାତ୍ର ପୂର୍ବରୁ ୭୨୦ରୁ ୭୧୫ ନମ୍ବର ରଖିଥିଲେ। ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ସହ ଅନ୍ୟାନ୍ୟ ଅନିୟମିତତା ଅଭିଯୋଗ ହୋଇଥିବାବେଳେ ଏହାର ଯଥେଷ୍ଟ ପ୍ରମାଣ ନ ଥିବା ଦର୍ଶାଇ ସୁପ୍ରିମକୋର୍ଟ ସାନି ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେବାକୁ ମନା କରିଦେଇଥିଲେ।

## ଖାଦ୍ୟ ବିକ୍ରେତାଙ୍କୁ ସାଇନ୍‌ବୋର୍ଡରେ ନାଁ ଲେଖିବାକୁ ବାଧ୍ୟ କରାଯାଇପାରିବ ନାହିଁ

ନୂଆଦିଲ୍ଲୀ, ୨୬।୭

ବୋଲ୍‌ବମ୍ ଶ୍ରଦ୍ଧାଳୁମାନଙ୍କ ଯାତ୍ରାପଥରେ ରହିଥିବା ହୋଟେଲ, ଢାବା ଏବଂ ଠେଲାଗାଡ଼ିଗୁଡ଼ିକର ମାଲିକ ଏବଂ କର୍ମଚାରୀମାନଙ୍କୁ ସାଇନ୍‌ବୋର୍ଡରେ ନାଁ ଲେଖିବା ପାଇଁ ବାଧ୍ୟ କରାଯାଇପାରିବ ନାହିଁ ବୋଲି ଶୁକ୍ରବାର ସୁପ୍ରିମକୋର୍ଟ ତାଙ୍କ ରାୟରେ କହିଛନ୍ତି। ତେବେ କେହି ଯଦି ସ୍ୱେଚ୍ଛାକୃତ ଭାବେ ନାଁ ଲେଖିବାକୁ ଚାହାନ୍ତି, ତେବେ ସେ ତାହା କରିପାରିବେ। ବୋଲ୍‌ବମ୍ ଯାତ୍ରା ରୁଟ୍‌ରେ ଥିବା ସମସ୍ତ ହୋଟେଲ ଓ ଢାବାର ମାଲିକ ତାଙ୍କ ନାମ, ଠିକଣା ଓ କର୍ମଚାରୀଙ୍କ ନାଁ ସାଇନ୍‌ବୋର୍ଡରେ ଲେଖିବା ପାଇଁ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଓ ମଧ୍ୟପ୍ରଦେଶ ସରକାର ପୂର୍ବରୁ ନିର୍ଦ୍ଦେଶନାମା ଜାରି କରିଥିଲେ। ଗତ ୨୨ ତାରିଖରେ ସର୍ବୋଚ୍ଚ ଅଦାଲତ ଏହା ଉପରେ ଅନ୍ତରୀଣ ସ୍ଥଗିତାଦେଶ ଲଗାଇଥିବାବେଳେ ଶୁକ୍ରବାର ଏହାର ସମୟସୀମା ବଢ଼ାଇ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶନାମା ବଳବତ୍ତର ରହିବ ବୋଲି ଜଷ୍ଟିସ ହୃଷୀକେଶ ରାୟ ଏବଂ ଏସ୍.ଭି.ଏନ୍. ଭଟ୍ଟିଙ୍କ ଖଣ୍ଡପୀଠ କହିଛନ୍ତି। ସୂଚନାଯୋଗ୍ୟ, ୩ ରାଜ୍ୟ ସରକାରଙ୍କ ବିବାଦୀୟ ନିର୍ଦ୍ଦେଶନାମାକୁ ଚ୍ୟାଲେଞ୍ଜ କରି ଆସୋସିଏଶନ ଫର୍ ପ୍ରୋଟେକ୍ସନ ଅଫ୍ ସିଭିଲ୍ ରାଇଟ୍ସ ନାମକ ଏନ୍‌ଜିଓ ସମେତ ଟିଏମ୍‌ସି ନେତା ତଥା ପ୍ରଫେସର ଅପୂର୍ବାନନ୍ଦ ଏବଂ ଖବରଦାତା ଆକାର ପଟେଲ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଫୁର୍‌ସତ୍

# ମୋ ମୁହଁରେ ଭର୍ତ୍ତି କରିଥିଲେ ଏକେ-୪୭

**ନୂଆଦିଲ୍ଲୀ:** ଜୁଲାଇ ୨୫ରେ କାର୍ଗିଲ ବିଜୟ ଦିବସର ୨୫ବର୍ଷ ପୂରଣ ହୋଇଛି। ଏହି ଦିନ କାର୍ଗିଲ ଯୁଦ୍ଧରେ ଭାରତୀୟ ସେନା ପାକିସ୍ତାନକୁ ପରାସ୍ତ କରିଥିଲା। ଏହି ଅବସରରେ କାର୍ଗିଲ ଯୁଦ୍ଧ ସହ ଜଡ଼ିତ ଅନେକ କାହାଣୀ ସାମ୍ନାକୁ ଆସୁଛି, ଯାହା ଯେତିକି ରହସ୍ୟମୟ ସେତିକି ଶିହରଣ ଖେଳାଇ ଦେଇଛି।

ଜଣେ ଭାରତୀୟ ଯୁଦ୍ଧବିମାନ ପାଇଲଟ କେ. ନଚିକେତା ଯୁଦ୍ଧ ସମୟରେ ପାକିସ୍ତାନ ତାଙ୍କୁ କିପରି ଅଟକ ରଖିଥିଲା ତାହା ବଖାଣିଛନ୍ତି। ସେ କହିଛନ୍ତି, ତାଙ୍କୁ ପାକିସ୍ତାନରେ ଅନେକ ଦିନ ନିର୍ଯାତନା ଦିଆଯାଇଥିଲା। ପ୍ରାୟ ୮ ଦିନ ପରେ ତାଙ୍କୁ ଭାରତକୁ ହସ୍ତାନ୍ତର କରାଯାଇଥିଲା। ଏହି ସମୟରେ ପାକିସ୍ତାନରେ ତାଙ୍କ ସହ କ'ଣ ଘଟିଥିଲା ସେ କହିଛନ୍ତି। ନଚିକେତା ପ୍ରତିଦିନ ଏକ ମିଗ୍-୨୭ ଯୁଦ୍ଧବିମାନ ଉଡ଼ାଇ



ଆଇଏଏଫ୍ ପାଇଲଟ କେ. ନଚିକେତା

ଶତ୍ରୁମାନଙ୍କୁ ଟାର୍ଗେଟ କରୁଥିଲେ। ଏହି ସମୟରେ ତାଙ୍କ ବିମାନର ଇଞ୍ଜିନ ଫେଲ୍ ହୋଇଗଲା ଏବଂ ସେ ବିମାନକୁ ସେଠାରେ ଅବତରଣ କରାଇଥିଲେ। ହଠାତ୍ ତାଙ୍କୁ ପାକିସ୍ତାନୀ ସେନା ଘେରି ଯାଇଥିଲେ। ଏକ ସାକ୍ଷାତ୍‌କାରରେ ନଚିକେତା କହିଛନ୍ତି, 'ତିନି ଯୁଦ୍ଧବିମାନ ପାଇଲଟ ଆମ ସହିତ ଉଡ଼ାଣ କରିଥିଲେ। ଆମର ଲକ୍ଷ୍ୟ ଥିଲା ମୁନ୍ଥୋ ଢାଲୋ ନାମକ ଏକ ସ୍ଥାନ। ଏହା ପାକିସ୍ତାନର ଲଜିଷ୍ଟିକ ବେସ୍‌ର କେନ୍ଦ୍ର ଥିଲା। ଆମେ କ୍ରମାଗତ ଭାବରେ ଆମର ଟାର୍ଗେଟ ଲକ୍ କରୁଥିଲୁ। ତା'ପରେ ମୋ ଇଞ୍ଜିନ ଖରାପ ହୋଇଗଲା। ବିମାନରୁ ବାହାରିବା ଛଡ଼ା ମୋର ଅନ୍ୟ ବିକଳ୍ପ ନ ଥିଲା ବୋଲି ନଚିକେତା କହିଛନ୍ତି। ତାଙ୍କ ବିମାନ ପର୍ବତରେ ଖସିପଡ଼ିଥିଲା। ସେ ଆହୁରି କହିଛନ୍ତି, ହଠାତ୍ ମୋତେ ପାକିସ୍ତାନୀ ସେନା ଘେରି ଯାଇଥିଲେ। ଗୋଟିଏ କୋଠରିରେ ଏକୁଟିଆ ରଖିଲେ। ଏହା ମୋ ପାଇଁ କଷ୍ଟସାଧ୍ୟ ଥିଲା। କାରଣ ସେମାନେ ପ୍ରଥମେ ମୋର ମାନସିକ, ଶାରୀରିକ ମନୋବଳ ଭାଙ୍ଗିବାକୁ ଉଦ୍ୟମ କରିଥିଲେ, ଯାହାଫଳରେ ମୁଁ ସେମାନଙ୍କୁ ସବୁକିଛି କହିବି। ଏହା ପରେ ସେମାନେ ଥାର୍ଡ ଡିଗ୍ରୀ ଦେବା ଆରମ୍ଭ କରିଥିଲେ । ମୋ ଶରୀରରେ କ୍ଷତଚିହ୍ନ ହୋଇଥିଲା। ସବୁଠୁ କଷ୍ଟଦାୟକ ଥିଲା ଯେତେବେଳେ ସେମାନେ ମୋ ମୁହଁରେ ଏକେ-୪୭ ଭର୍ତ୍ତି କରି ଦେଇଥିଲେ। ମୁଁ ଶେଷ ଯାଏଁ ସହଯୋଗ କରୁ ନ ଥିଲି ଏବଂ ପଳାଇବାକୁ ଚେଷ୍ଟା କରୁଥିଲି । ପରେ ବହୁ କଷ୍ଟରେ ସେ ସ୍ୱଦେଶ ଫେରିଥିବା କହିଛନ୍ତି।

# ଗୋଲ୍ଡ କଏନ୍‌ରେ ଶାହରୁଖ ଖାନ୍







ମୁମ୍ବାଇ

ବଲିଉଡ ବାଦଶାହା ଶାହରୁଖ ଖାନ୍‌ଙ୍କୁ ମିଳିଛି ଆଉ ଏକ ବଡ଼ ଉପଲବ୍ଧି। ପୂର୍ବରୁ କୌଣସି କଳାକାର ହାସଲ କରି ନ ଥିବା ସମ୍ମାନର ହକ୍‌ଦାର ହୋଇଛନ୍ତି ଶାହରୁଖ। ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ର ଗ୍ରେଭିନ ମ୍ୟୁଜିୟମ ଶାହରୁଖ ଖାନ୍‌ଙ୍କୁ ସମ୍ମାନିତ କରିଛି, ତାହା ପୁଣି ଗୋଲ୍ଡ କଏନ ସହ।

### ସମ୍ମାନିତ କଲା ପ୍ୟାରିସ୍ ମ୍ୟୁଜିୟମ

ଏହି ମ୍ୟୁଜିୟମ ଶାହରୁଖଙ୍କ ଉଦ୍ଦେଶ୍ୟରେ ଏକ ଗୋଲ୍ଡ କଏନ୍ ଜାରି କରିଛି, ଯେଉଁଥିରେ ତାଙ୍କ ନାମ ସହ ଏକ ଫଟୋ ମଧ୍ୟ ରହିଛି। ଏପରି ସମ୍ମାନର ହକ୍‌ଦାର ହେବାରେ ଶାହରୁଖ ହେଉଛନ୍ତି ପ୍ରଥମ ଅଭିନେତା। ୨୦୨୩ରେ ତିନୋଟି ବ୍ୟାକ୍ ଟୁ ବ୍ୟାକ ହିଟ୍ ଫିଲ୍ମ ଭେଟି ଦେଇଥିଲେ କିଙ୍ଗ ଖାନ୍। ତାଙ୍କ ଅଭିନୀତ 'ପଠାନ', 'ଯବାନ' ଏବଂ 'ଡଙ୍କି' ବକ୍ସ ଅଫିସରେ ଧୁମ ମଚାଇଥିଲା। ଚଳିତବର୍ଷ ତାଙ୍କର କୌଣସି ସିନେମା ପରଦାକୁ ଆସି ନ ଥିଲେ ମଧ୍ୟ ବର୍ତ୍ତମାନ ସେ 'କିଙ୍ଗ୍' ସିନେମା ପାଇଁ ସୁହାନାଙ୍କ ସହ କାମ କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଜୁଲାଇ ୨୭/୨୦୨୪ | Bhubaneswar, Saturday, July 27/2024 | ପୃଷ୍ଠା-୧



## ବଦଳିବ ରାହୁଲଙ୍କ ଠିକଣା

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଲୁଟିଏନ୍ସର ସୁନେହରି ବାଗ୍ ରୋଡ୍‌ସ୍ଥିତ ବଙ୍ଗଳା ନମ୍ବର ୫ରେ ରହିବା ପାଇଁ ହାଉସ୍ କମିଟି ପ୍ରସ୍ତାବ ଦେଇଛି।

୧୨

୧୮

## ସ୍ମୃତି ମନ୍ଧାନାଙ୍କ ପ୍ରଭାବୀ ବ୍ୟାଟିଂ

ବାଂଲାଦେଶ ବିପକ୍ଷ ମହିଳା ଟି୨୦ ଏସିଆ କପ୍ ସେମିଫାଇନାଲ ବିଜୟ ମ୍ୟାଚରେ ପ୍ରଭାବୀ ଅର୍ଦ୍ଧଶତକ ହାସଲ କରିଛନ୍ତି ଭାରତର ସ୍ମୃତି ମନ୍ଧାନା।



# ଫ୍ରାନ୍ସ ରେଳ ନେଟ୍‌ୱର୍କ ଉପରେ ଆକ୍ରମଣ

**୨୦୨୪ ଅଲିମ୍ପିକ୍ ଗେମ୍ସ ପାଇଁ ପ୍ୟାରିସ୍ ପ୍ରସ୍ତୁତ ହେଉଥିବାବେଳେ ରାଜଧାନୀରେ ଅଭୂତପୂର୍ବ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ଏହାସତ୍ତ୍ୱେ ସୁରକ୍ଷାରେ ବଡ଼ ଧରଣର ତ୍ରୁଟି ଦେଖିବାକୁ ମିଳିଛି। ଦୁର୍ବୃତ୍ତମାନେ ୩ଟି ଟ୍ରେନ୍‌ରେ ନିଆଁ ଲଗାଇଦେବା ସହ ରେଳ ନେଟ୍‌ୱର୍କର ତା'ର କାଟିଦେଇଛନ୍ତି। ଏଥିଯୋଗୁ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହେବାରୁ ପ୍ରାୟ ୮ ଲକ୍ଷ ଯାତ୍ରୀ ପ୍ରଭାବିତ ହୋଇଥିବା କୁହାଯାଉଛି।**

ପ୍ୟାରିସ୍,୨୬।୭

ଶୁକ୍ରବାର ଭୋର ୫ଟା ୧୫ ମିନିଟ୍। ଫ୍ରାନ୍ସରେ ଅଲିମ୍ପିକ୍ ଗେମ୍ସ ଶୁଭାରମ୍ଭକୁ ୧୦ ଘଣ୍ଟା ବାକି ଥାଏ। ଦେଶବିଦେଶରୁ ବହୁ କ୍ରୀଡ଼ାବିତ୍ ଓ ଦର୍ଶକ ଭବ୍ୟ ସମାରୋହର ଉଦ୍‌ଘାଟନୀ ସ୍ଥଳରେ ପହଞ୍ଚିବାରେ ଲାଗିଥାନ୍ତି। ଦେଶର ଟ୍ରେନ୍ ନେଟ୍‌ୱର୍କ ଉପରେ ବଡ଼ ଆକ୍ରମଣ ହେଲା। ଉପଦ୍ରବୀମାନେ ଅନେକ ସ୍ଥାନରେ ରେଳପଥକୁ ଭାଙ୍ଗିଦେଲେ। କେତେକ ଟ୍ରେନ୍‌ରେ ଜଳାପୋଡ଼ା ଓ ଭଙ୍ଗାରୁଜା କରିବା ସହ ଟିଜିଭି ହାଇସ୍ପିଡ୍ ଟ୍ରେନ୍ ନେଟ୍‌ୱର୍କର ତାରଗୁଡ଼ିକରେ ନିଆଁ ଲଗାଇ ବିଚ୍ଛିନ୍ନ କରିଦେଲେ। ଫଳରେ ରାଜଧାନୀ ପ୍ୟାରିସ୍ ସହ ଫ୍ରାନ୍ସ ଏବଂ ପଡ଼ୋଶୀ ଦେଶଗୁଡ଼ିକୁ ଯୋଡୁଥିବା ରେଳ ପରିବହନ ବ୍ୟବସ୍ଥା ଅନେକ ଘଣ୍ଟା ଧରି ଠପ୍ ହୋଇଯାଇଥିଲା। ଉପଦ୍ରବୀଙ୍କ ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ବିବରଣୀ ଆସି ନ ଥିଲେ ମଧ୍ୟ ଅଧିକାରୀମାନେ ଏହାକୁ 'ଆପରାଧିକ କାର୍ଯ୍ୟ' ବୋଲି ଅଭିହିତ କରିଛନ୍ତି। ଏହି କାଣ୍ଡ ଭିଆଇଥିବା ନେଇ କୌଣସି ଗୋଷ୍ଠୀ ନିଜକୁ ଦାୟୀ କରିନାହାନ୍ତି। ଏଥିରେ କେହି ମୃତାହତ ମଧ୍ୟ ହୋଇନାହାନ୍ତି। ଫ୍ରାନ୍ସ ପରିବହନ ମନ୍ତ୍ରୀ ପାଟ୍ରିସ୍ ଭେରଗ୍ରିଏଟେ କହିଛନ୍ତି, ପ୍ୟାରିସ୍‌ର ମୋଣ୍ଟପର୍ଣାସେ ଷ୍ଟେଶନ୍ ସମେତ ୩ଟି ସ୍ଥାନରେ ଟ୍ରେନ୍‌ରେ ନିଆଁ ଲଗାଇ ଦିଆଯାଇଥିଲା। ଅପରାଧୀମାନଙ୍କୁ ଧରିବା ପାଇଁ ଗୋଇନ୍ଦା ସଂସ୍ଥାଗୁଡ଼ିକ ଉଦ୍ୟମ ଚଳାଇଛନ୍ତି। ଏହି ଅପରାଧରେ ଦୋଷୀ ସାବ୍ୟସ୍ତ ହେଲେ ସମ୍ପୃକ୍ତ ବ୍ୟକ୍ତିମାନେ ୧୫ରୁ ୨୦ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଭୋଗିବେ ବୋଲି ପ୍ରଧାନମନ୍ତ୍ରୀ ଗାବ୍ରିଏଲ୍ ଅଟ୍ଟଲ ସୂଚନା ଦେଇଛନ୍ତି। ଏସ୍‌ଏନ୍‌ସିଏଫ୍ ରେଳ କମ୍ପାନୀ ସିଇଓ ☞ପୃଷ୍ଠା-୨



ପ୍ୟାରିସ ଅଲିମ୍ପିକ୍ସର ଉଦ୍‌ଘାଟନୀ ଉତ୍ସବ ପରେଡ୍‌ରେ ଶୁକ୍ରବାର ତ୍ରିରଙ୍ଗାଧାରୀ ପି.ଭି. ସିନ୍ଧୁ ଓ ଅଚନ୍ତ ଶରଥ କମଲଙ୍କ ସହ ଭାରତୀୟ ପ୍ରତିନିଧି ଦଳ। **(ଅଧିକ ଫଟୋ ଓ ରିପୋର୍ଟ: ପୃଷ୍ଠା-୮/୯)**

# ଆଳୁ ଅଭାବ: ଦର ବଢ଼ିଲା

**ଅତ୍ୟାବଶ୍ୟକ ସାମଗ୍ରୀ ଆଳୁର ଦର ସପ୍ତାହକ ମଧ୍ୟରେ ୫୦ ଟଙ୍କା ଛୁଇଁଲାଣି। ଖାଉଟି ହନ୍ତସନ୍ତ ହେଲେଣି। ଦୋକାନୀଙ୍କୁ ପଚାରିବାରୁ ଉତ୍ତର ମିଳୁଛି 'ଆଳୁ ଅଭାବ'। ପଶ୍ଚିମବଙ୍ଗ ସରକାର ଯୋଗାଣ ବନ୍ଦ କରିଦେଇଥିବାରୁ ଦର ଆକାଶଛୁଆଁ ହୋଇଯାଇଛି। ଏପରିକି ଗୁରୁବାର ରାତିରୁ ଓଡ଼ିଶା ସୀମାନ୍ତ ମେଦିନୀପୁର ଦାନ୍ତୁନଠାରେ ଶତାଧିକ ଆଳୁ ଟ୍ରକ୍ ଓଡ଼ିଶାମୁହାଁ ହୋଇଥିବାବେଳେ ଶୁକ୍ରବାର ପଶ୍ଚିମବଙ୍ଗ ପ୍ରଶାସନ ପୋଲିସ ଲଗାଇ ସବୁ ଗାଡ଼ିକୁ ଫେରାଇନେଇଛି। ଏପଟେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ୩୨ ଟଙ୍କାରୁ ଅଧିକ ଦରରେ ଆଳୁ ବିକ୍ରି କରାଗଲେ ସମ୍ପୃକ୍ତ ଦୋକାନୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ। ପଶ୍ଚିମବଙ୍ଗରେ ବ୍ୟବସାୟୀ ମହାସଂଘ କରିଥିବା ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବାରୁ ଖୁବ୍ ଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ଆଶା କରାଯାଉଛି। ଆବଶ୍ୟକ ପଡ଼ିଲେ ଉତ୍ତରପ୍ରଦେଶରୁ ଆଳୁ ଆମଦାନୀ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ଅପରପକ୍ଷେ ଅଚଳାବସ୍ଥା ଦୂରକରି ତୁରନ୍ତ ଆଳୁ ଯୋଗାଇଦେବାକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଚିଠି ଲେଖିଛନ୍ତି।**

ଭୁବନେଶ୍ୱର, ୨୬।୭(ସୁନିତ୍ ମିଶ୍ର)

ସପ୍ତାହକ ମଧ୍ୟରେ ଆଳୁ ଦର ୧୫ ଟଙ୍କାରୁ ଅଧିକ ବୃଦ୍ଧି ପାଇସାରିଲାଣି। ଆଳୁ ଏବେ କେଉଁଠି ୪୫ ଟଙ୍କା ତ ଆଉ କେଉଁଠାରେ ୫୦ ଟଙ୍କାରେ ଲୋକମାନଙ୍କୁ କିଣିବାକୁ ପଡୁଛି। କିଛି ସ୍ଥାନରେ ଖୁଚୁରାରେ ୫୫ ଟଙ୍କାରେ ମଧ୍ୟ ବିକ୍ରି ହେଉଥିବା ଖବର ମିଳୁଛି। ଏସବୁ ସ୍ଥିତି ଦେଖି ଗ୍ରାହକମାନଙ୍କ ମଧ୍ୟରେ ଛନକା ସୃଷ୍ଟି ହେଲାଣି। ଖୋଲା ବଜାରରେ ଆଳୁ ବିକ୍ରି କରୁଥିବା ବ୍ୟବସାୟୀମାନଙ୍କ କହିବା କଥା, ପାଇକାରୀ ବଜାରରେ ପର୍ଯ୍ୟାପ୍ତ ଆଳୁ ମିଳୁନାହିଁ। ତେଣୁ ଉଚ୍ଚା ଦରରେ ଆଳୁ କିଣିବାକୁ ପଡୁଛି। ମିଳୁଥିବା ଆଳୁ ପ୍ୟାକେଟରୁ ବହୁ ପରିମାଣର ପଚାଶଢ଼ା ବାହାରୁଛି। ତେଣୁ ବାଧହୋଇ ଅଧିକ ଦାମ୍‌ରେ ଆଳୁ ବିକିବାକୁ ପଡୁଛି। ଆଳୁ ଦର ବୃଦ୍ଧି ସମସ୍ୟା ଉପୁଜିବା ପରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଶୁକ୍ରବାର ଆଇଗିଣିଆ ଆଳୁ ଗୋଦାମକୁ ଯାଇ ସ୍ଥିତି ଯାଞ୍ଚ କରିଛନ୍ତି। ଏହା ପରେ ମନ୍ତ୍ରୀ କହିଛନ୍ତି, ଏବେ ଯେତିକି ଆଳୁ ମହଜୁଦ ରହିଛି, ତାହା ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଚାଲିବ।

ଅନ୍ୟପଟେ ପଶ୍ଚିମବଙ୍ଗରୁ ପ୍ରତ୍ୟେକ ଦିନ ଶତାଧିକ ଆଳୁ ବୋଝେଇ ଟ୍ରକ୍ ଓଡ଼ିଶା ଆସୁଥିବା ବେଳେ ତାହା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ପଶ୍ଚିମବଙ୍ଗ-ଓଡ଼ିଶା ସୀମାନ୍ତ ଅଞ୍ଚଳରେ ଶତାଧିକ ଆଳୁ ବୋଝେଇ ଟ୍ରକ୍ ଅଟକାଇ ରଖି ଦିଆଯାଇଥିଲା। ଟ୍ରକ୍ ଧରି ଓଡ଼ିଶା ଆସିବାକୁ ☞ପୃଷ୍ଠା-୨

**ଆଳୁ ଦର କେଉଁଠି କେତେ (ଟଙ୍କାରେ)**

| | |
|---|---|
| ଭୁବନେଶ୍ୱର ୧ନଂ ହାଟ | ୪୨ |
| କଟକ ଛତ୍ରବଜାର | ୫୦ |
| ବାଲେଶ୍ୱର | ୫୫ |
| ସମ୍ବଲପୁର | ୪୫ |
| ବ୍ରହ୍ମପୁର | ୪୦ |
| ବଲାଙ୍ଗୀର | ୫୦ |
| ଫୁଲବାଣୀ | ୪୦ |
| କେନ୍ଦ୍ରାପଡ଼ା | ୪୦ |
| ରାୟଗଡ଼ା | ୪୦ |

## ଓଡ଼ିଶା ସୀମାନ୍ତରୁ ଫେରିଗଲା ଶତାଧିକ ଆଳୁ ଟ୍ରକ୍

ଭୋଗରାଇ(ପ୍ରଦୀପ ଦାସ)/ଜଳେଶ୍ୱର (ରବିନାରାୟଣ ପାତ୍ର), ୨୬।୭

ବାହାର ରାଜ୍ୟକୁ ଆଳୁ ରପ୍ତାନୀ ଉପରେ ପଶ୍ଚିମବଙ୍ଗ ସରକାର କଟକଣା ଲଗାଇବା ଯୋଗୁ ଓଡ଼ିଶାରେ ଆଳୁ ଅଭାବ ଦେଖାଦେଇଛି। ସପ୍ତାହେ ପୂର୍ବରୁ ଓଡ଼ିଶାର ହାଟବଜାରରେ ଆଳୁ କେଜି ପ୍ରତି ୩୦ରୁ ୩୫ ଟଙ୍କାରେ ବିକ୍ରି ହେଉଥିବା ବେଳେ ହଠାତ୍ ମୂଲ୍ୟବୃଦ୍ଧି ଘଟି ୪୫ରୁ ୬୦ଟଙ୍କା ଊର୍ଦ୍ଧ୍ୱରେ ବିକ୍ରି ହେଉଛି। ଗୁରୁବାର ରାତିରୁ ଓଡ଼ିଶା ସୀମାନ୍ତ ପଶ୍ଚିମବଙ୍ଗ ☞ପୃଷ୍ଠା-୨



ଓଡ଼ିଶା ସୀମାନ୍ତରେ ଅଟକି ରହିଥିବା ଆଳୁ ବୋଝେଇ ଟ୍ରକ୍‌କୁ ପଶ୍ଚିମବଙ୍ଗ ପ୍ରଶାସନ ଫେରାଇ ନେଉଛି।

## ଅଗ୍ନିବୀରଙ୍କୁ ସବୁ ୟୁନିଫର୍ମ ସେବାରେ ମିଳିବ ୧୦ ପ୍ରତିଶତ ନିଯୁକ୍ତି

**ମୁଖ୍ୟମନ୍ତ୍ରୀଙ୍କ ଘୋଷଣା**

ଭୁବନେଶ୍ୱର,୨୬।୭(ଅନିଲ ଦାସ)

ଓଡ଼ିଶାର ଯେଉଁ ଅଗ୍ନିବୀରମାନେ ସୈନ୍ୟ ବାହିନୀରେ ଭର୍ତ୍ତି ହୋଇ ନ ଥିବେ, ସେମାନଙ୍କ ପାଇଁ ରାଜ୍ୟର ସମସ୍ତ ୟୁନିଫର୍ମ ସେବାରେ ନିଯୁକ୍ତି ପାଇଁ ୧୦ ପ୍ରତିଶତ ପର୍ଯ୍ୟନ୍ତ ସଂରକ୍ଷଣ ଦିଆଯିବ। ଏଥିସହିତ ସେମାନଙ୍କ ପାଇଁ ବୟସ ସୀମା ମଧ୍ୟ ୫ ବର୍ଷ କୋହଳ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଏହି ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଭାରତୀୟ ସେନାରେ ଯୋଗ ଦେଇଥିବା ସମସ୍ତ ସୈନିକ ଆମର ଗର୍ବ ଓ ଗୌରବ। ଆମର ଅଗ୍ନିବୀରମାନେ ମଧ୍ୟ ସୈନ୍ୟବାହିନୀରେ ଦକ୍ଷ ପ୍ରଶିକ୍ଷଣ ପାଇ ବିଭିନ୍ନ ସୁରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାର ଯୋଗ୍ୟତା ହାସଲ କରିଛନ୍ତି। ଅଗ୍ନିବୀର ପ୍ରଧାନମନ୍ତ୍ରୀଙ୍କ ଏକ ଯୁଗାନ୍ତକାରୀ ଯୋଜନା। ଏହି ଯୋଜନା ଦେଶର ଯୁବସମାଜକୁ ଦକ୍ଷ, ସାହସୀ ଓ ଯୋଗ୍ୟ କରିବାରେ ସହାୟକ ହୋଇଛି। ଜୀବନର ସବୁ କ୍ଷେତ୍ରରେ ଆହ୍ୱାନକୁ ଗ୍ରହଣ କରିପାରୁଥିବା ଯୁବସମାଜ ଗଠନରେ ଏହି ଯୋଜନାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେଥିପାଇଁ ରାଜ୍ୟ ସରକାର ଓଡ଼ିଶାର ୟୁନିଫର୍ମ ସେବାରେ ସେମାନଙ୍କୁ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## କେନ୍ଦୁଝର, ସୋନପୁରରେ ହେବ ଇଏସ୍‌ଆଇ ହସ୍ପିଟାଲ

**ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ**

ଭୁବନେଶ୍ୱର,୨୬।୭(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ୨ଟି ନୂଆ ଇ.ଏସ୍.ଆଇ. ହସ୍ପିଟାଲ ସ୍ଥାପନ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ଏହି ୨ ହସ୍ପିଟାଲ କେନ୍ଦୁଝର ଓ ସୋନପୁର ସହରରେ ପ୍ରତିଷ୍ଠା ହେବ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ଶ୍ରମିକ ଶ୍ରେଣୀର ଲୋକ ଓ ସେମାନଙ୍କ ପରିବାର ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**ଆଜିର ସମ୍ପାଦକୀୟ**

**ଇସ୍ତଫା ପଛର କାରଣ**

## ଅପମାନ ସହି ନ ପାରି ୯ମ ଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା

**ବଲ୍ ବାଜିବାରୁ ଏତଲା ଦେଇଥିଲେ ମହିଳା**

ବେଲଗୁଣ୍ଠା/ ଭଞ୍ଜନଗର, ୨୬।୭ (କୃଷ୍ଣଚନ୍ଦ୍ର ପଟ୍ଟନାୟକ/ ବାବୁଲା ପ୍ରଧାନ)

ପିଲାଙ୍କ ଖେଳବେଳେ ଜଣେ ମହିଳାଙ୍କ ଦେହରେ ବଲ୍ ବାଜିଯିବା ଭଳି ସାମାନ୍ୟ ଘଟଣାକୁ ନେଇ ଥାନାରେ ଏତଲା ଦିଆଯିବା ଏବଂ ଏହାକୁ ନେଇ ଟାହିଟାପରା କରାଯିବା କୋମଳମତି ପିଲାଙ୍କ ଉପରେ ଗୁରୁତର ପ୍ରଭାବ ପକାଇଥାଏ। ଏଭଳି ଏକ ଘଟଣାରେ ମର୍ମାହତ ହୋଇଥିବା ଜଣେ ୯ମ ଶ୍ରେଣୀ ଛାତ୍ର ଲୋକଙ୍କ ଅପମାନକୁ ସହ୍ୟକରି ନ ପାରି ଶୁକ୍ରବାର ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ଏହି ଘଟଣା ଘଟିଛି ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ଗାଙ୍ଗପୁର ଥାନା ଅନ୍ତର୍ଗତ କେ. ନୂଆଁଗଡ଼ ଗ୍ରାମରେ। ଛାତ୍ର ଜଣକ ହେଲେ ନାରାୟଣ ପରିଡ଼ାଙ୍କ ପୁଅ ଚନ୍ଦନ ପରିଡ଼ା। ଚନ୍ଦନ ଗତ ୧୭ ତାରିଖରେ ଗାଁ ଦାଣ୍ଡରେ ତାଙ୍କ ସାଙ୍ଗମାନଙ୍କ ସହିତ ମିଶି ବଲ୍ ଖେଳୁଥିଲେ। ଏହି ସମୟରେ ବଲ୍‌ଟି ଗ୍ରାମର ଜଣେ ମହିଳାଙ୍କ ଦେହରେ ବାଜିଥିଲା। ☞ପୃଷ୍ଠା-୨



ଚନ୍ଦନ ପରିଡ଼ା

## ଅକ୍ସଫୋର୍ଡ ୟୁନିଭର୍ସିଟି ଚାନ୍ସେଲର ନିର୍ବାଚନ ଲଢ଼ିବେ ଇମ୍ରାନ୍

ଇସ୍‌ଲାମାବାଦ/ଲଣ୍ଡନ,୨୬।୭

ଜେଲରେ ଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଏକଦା ବ୍ରିଟେନ୍‌ର ଅକ୍ସଫୋର୍ଡ ୟୁନିଭର୍ସିଟିରେ ପାଠ ପଢୁଥିଲେ। ଇମ୍ରାନ୍ ଏବେ ଏହି ଖ୍ୟାତିସମ୍ପନ୍ନ ବିଶ୍ୱବିଦ୍ୟାଳୟର ଚାନ୍ସେଲର ପଦ ପାଇଁ ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି। ଅନ୍‌ଲାଇନ୍ ବାଲଟ୍ ଜରିଆରେ ଏହି ନିର୍ବାଚନ ହେବ ବୋଲି ତାଙ୍କର ଜଣେ ସହଯୋଗୀ ସୂଚନା ଦେଇଛନ୍ତି। ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ପ୍ରତିଷ୍ଠାତା ଇମ୍ରାନ୍ ଖାନ୍ ୨୦୧୮ ଅଗଷ୍ଟରୁ ୨୦୨୨ ଏପ୍ରିଲ ପର୍ଯ୍ୟନ୍ତ ପାକିସ୍ତାନର ପ୍ରଧାନମନ୍ତ୍ରୀ ଥିଲେ। ସେ ଏକ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ୧୦ ବର୍ଷ ଜେଲଦଣ୍ଡ ଭୋଗୁଛନ୍ତି।



ଇମ୍ରାନ୍ ଖାନ୍

କ୍ରିକେଟରରୁ ରାଜନେତା ସାଜିଥିବା ଇମ୍ରାନ୍ ବ୍ରିଟେନ୍‌ରେ ରହୁଥିବାବେଳେ ୧୯୭୧ରେ ଅକ୍ସଫୋର୍ଡ ୟୁନିଭର୍ସିଟି ଅଧୀନ କେବ୍‌ଲେ କଲେଜରେ ଅର୍ଥନୀତି ଓ ରାଜନୀତି ବିଜ୍ଞାନ ଅଧ୍ୟୟନ କରୁଥିଲେ। ସେହି ସମୟରେ ସେ ଅକ୍ସଫୋର୍ଡ ୟୁନିଭର୍ସିଟି କ୍ରିକେଟ ଟିମ୍‌ର କ୍ୟାପ୍‌ଟେନ୍ ଥିଲେ। ସେ ୨୦୦୫ରୁ ୨୦୧୪ ପର୍ଯ୍ୟନ୍ତ ବ୍ରାଡ୍‌ଫୋର୍ଡ ୟୁନିଭର୍ସିଟି କୁଳାଧିପତି ଦାୟିତ୍ୱ ତୁଲାଇ ସାରିଛନ୍ତି। ତେଣୁ ଅକ୍ସଫୋର୍ଡ ୟୁନିଭର୍ସିଟି ଚାନ୍ସେଲର ପଦ ପାଇଁ ଇମ୍ରାନ୍ ଜଣେ ଯୋଗ୍ୟ ପ୍ରାର୍ଥୀ ବୋଲି ତାଙ୍କ ରାଜନୈତିକ ବ୍ୟାପାର ପରାମର୍ଶଦାତା ସୟେଦ ଜୁଲ୍‌ଫି ବୁଖାରୀ ସୂଚନା ଦେଇଛନ୍ତି। ଏକ୍ସ'ରେ ବୁଖାରୀ କହିଛନ୍ତି, ଇମ୍ରାନ୍ ନିର୍ବାଚନ ଲଢ଼ନ୍ତୁ ବୋଲି ଲୋକେ ଚାହୁଁଛନ୍ତି। ତେବେ ବିଚାରବିମର୍ଶ କରି ଖୁବ୍‌ଶୀଘ୍ର ଏନେଇ ନିଷ୍ପତ୍ତି ନିଆଯିବ।

ପ୍ରକାଶ ଯେ, ଅକ୍ସଫୋର୍ଡ ୟୁନିଭର୍ସିଟି ଚାନ୍ସେଲର ପଦବୀ ଲାଗି ପ୍ରଥମ ଥର ପାଇଁ ପାରମ୍ପରିକ ପ୍ରକ୍ରିୟା ପରିବର୍ତ୍ତେ ଅନ୍‌ଲାଇନ୍ ଜରିଆରେ ନିର୍ବାଚନ ହେବାକୁ ଯାଉଛି। ଏଥିରେ ବିଶ୍ୱବିଦ୍ୟାଳୟର ୩,୫୦,୦୦୦ ଛାତ୍ରୀଛାତ୍ର ମତଦାନ କରିବେ। ଉକ୍ତ ବିଶ୍ୱବିଦ୍ୟାଳୟର ସ୍ନାତକ ବିଶେଷକରି ରାଜନେତାମାନେ ଏହି ସମ୍ମାନଜନକ ପଦ ଅଳଙ୍କୃତ କରିଥାନ୍ତି। ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର ଏବଂ ବୋରିସ୍ ଜନ୍‌ସନ ମଧ୍ୟ ଏହି ଦୌଡ଼ରେ ରହିଛନ୍ତି। ୮୦ ବର୍ଷୀୟ ଚାନ୍ସେଲର ଲର୍ଡ ପଟେନ୍ ୨୧ ବର୍ଷ କାର୍ଯ୍ୟ କରି ଇସ୍ତଫା ଦେବା ପରେ ଏହି ପଦବୀ ଖାଲିପଡ଼ିଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସାଇ ଇଣ୍ଟରନ୍ୟାଶନାଲ ମଡେଲ ୟୁନାଇଟେଡ ନେଶନ୍ସ କନଫରେନ୍ସ, ସ୍ଥାନ: ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇର ଖବରଦାତା ସମ୍ମିଳନୀ, ସ୍ଥାନ: ସିପିଆଇ ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଇନକମ୍ ଟ୍ୟାକ୍ସ ଗ୍ୟାଜେଟେଡ୍ ଅଫିସରସ୍ ଆସୋସିଏଶନ ଓ ଇନକମ୍ ଟ୍ୟାକ୍ସ ଏମ୍ପ୍ଲୋଏମେଣ୍ଟ ଫେଡେରେଶନ ପକ୍ଷରୁ ସଂଯୁକ୍ତ ଦ୍ୱିବାର୍ଷିକ ସମ୍ମିଳନୀ, ସ୍ଥାନ: ଆକ୍ୱାଲନ୍, କଟକ-ପୁରୀ ବାଇପାସ୍ ରୋଡ, ସମୟ: ପୂର୍ବାହ୍ନ ୧୧ଟା।
- ଆଇସିସି ନିଯୁକ୍ତି ମେଳା ୨୦୨୪, ସ୍ଥାନ: ଗ୍ରାଣ୍ଡ ଲୁମ୍ବିନୀ କନ୍‌ଭେନଶନ, ସମୟ: ପୂର୍ବାହ୍ନ ୧୧ଟା।
- ଶିଳ୍ପୀ ଶରତ କୁମାର ରଥ ସ୍ମୃତି ସମ୍ମାନ ପ୍ରଦାନ ଉତ୍ସବ, ସ୍ଥାନ: ଧଉଳି ଚାରିକଳା ମହାବିଦ୍ୟାଳୟ, ଧଉଳି ଶାନ୍ତିସ୍ତୁପ, ସମୟ: ପୂର୍ବାହ୍ନ ୧୧ଟା।
- ଲୋଏଲା ସ୍କୁଲ ପକ୍ଷରୁ ଲୋଏଲା ସେନେର୍ଗି ୨୦୨୪, ସ୍ଥାନ: ସ୍କୁଲ ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ପୁସ୍ତକ ଉନ୍ମୋଚନ, ସାରସ୍ୱତ ସଭା ଓ କବିତା ପାଠ, ସ୍ଥାନ: ଆଇ. ଟି. ପି. ଆଇ ଓ ଆର୍.ସି ସଭାଗୃହ, ସମୟ: ଅପରାହ୍ନ ୫ଟା ୩୦।
- ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର 'ସାହିତ୍ୟ ମାସିକୀ', ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଶିକନ୍ଦର ଆଲାମଙ୍କ ୮୫ତମ ଜୟନ୍ତୀ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ବିଧାନସଭା ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ କାର୍ଯ୍ୟସୂଚୀ
- ଭୁବନେଶ୍ୱରରୁ ଆସି ବାଲେଶ୍ୱରରେ ପହଞ୍ଚିବେ, ସ୍ଥାନ: କୁରୁଡ଼ା ଛକ, ସମୟ: ସକାଳ ୬ଟା।
- ବାଇକ୍ ରାଲି, କୁରୁଡ଼ା ଛକରୁ ପୋଲିସ ଲାଇନ୍ ଛକ, ଫକୀରମୋହନ ଗୋଲେଇରୁ ରେମୁଣା ଗୋଲେଇ, ସମୟ: ସକାଳ ୯ଟା ୩୦।
- ରେମୁଣା ଗୋଲେଇରୁ ଆସି ଫାଣ୍ଡି ଛକରେ ପହଞ୍ଚିବେ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ତ୍ରିରଙ୍ଗା ପଦଯାତ୍ରା, ଫାଣ୍ଡି ଛକରୁ କନଭେଣ୍ଟ ସ୍କୁଲ ଛକ।
- କାର୍ଗିଲ ବିଜୟ ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ, ସମୟ: ପୂର୍ବାହ୍ନ ୧୧ଟା ୧୫।
- ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କଲାମଙ୍କ ଶ୍ରାଦ୍ଧଦିବସ, ସ୍ଥାନ: ଷ୍ଟେଶନ ଛକ, ବାଲେଶ୍ୱର, ସମୟ: ସକାଳ ୮ଟା।
- ବାର୍ଷିକ ଜ୍ଞାନବିଜ୍ଞାନ ମେଳା-୨୦୨୪, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବୃନ୍ଦାବତୀ ବିହାର, ବାଲିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ଓ କହ୍ନେଇ ସ୍ମୃତି ସଂସଦ ପକ୍ଷରୁ ସାରସ୍ୱତ ସାଧକ କହ୍ନେଇ ଦାସଙ୍କ ସ୍ମୃତିଚାରଣ ସଭା, ସ୍ଥାନ: କମର୍ଦ୍ଦା ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା।
- ସଦ୍‌ଗୁରୁ ଶ୍ରୀ ଶ୍ରୀ ୧୦୭ ଶ୍ରୀମତ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ପରମହଂସଦେବଙ୍କ ପ୍ରବର୍ତ୍ତିତ ବାଲେଶ୍ୱର ଟାଉନ ସାରସ୍ୱତ ସଂଘର ୪୦୧ତମ ବାର୍ଷିକ ଉତ୍ସବ ଉପଲକ୍ଷେ ସନ୍ଧ୍ୟା ଶୁଭାଧିବାସ, ସ୍ଥାନ: ନିଗମାନନ୍ଦ ଆସନ ମନ୍ଦିର, ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟ ଚନ୍ଦନ ପୋଖରୀ, କୁରୁଡ଼ା, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଖବରଦାତା ସମ୍ମିଳନୀ, ସ୍ଥାନ: ଅବଦୁଲ କଲାମ ପାଠାଗାର, ଧାମନଗର, ସମୟ: ସକାଳ ୯ଟା ୩୦।

## କେନ୍ଦୁଝର

- ଶନିଗ୍ରହଙ୍କ ମନ୍ଦିରରେ ମେଳା, ପୂଜା, ଭଜନ କୀର୍ତ୍ତନ, ସ୍ଥାନ: ମୋଟରାଗଡିଆ, ହାଟଡିହୀ, ସମୟ: ସକାଳ ୭ ଟା ଏବଂ ସନ୍ଧ୍ୟା ୬ ଟା।
- ଶନି ଗ୍ରହଙ୍କ ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନ:ଛେନାପଦୀ, ହାଟଡିହୀ, ସମୟ: ସକାଳ ୭ ଟା ୩୦ ।
- ଶ୍ରୀ ହନୁମାନଙ୍କ ମନ୍ଦିରରେ ଶିକ୍ଷାର୍ଥୀଙ୍କ ଦ୍ୱାରା ବେଦ ପାଠ, ସ୍ଥାନ: ହାବଲେଶ୍ୱର, ହାଟଡିହୀ, ସମୟ: ଅପରାହ୍ନ ୩ ଘଟିକା

## ମୟୂରଭଞ୍ଜ

- ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବେଲପାଳ, ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟା।
- ତିରଙ୍ଗା ଶୋଭାଯାତ୍ରା, ସ୍ଥାନ:ଛଉ ପଡ଼ିଆ ବାରିପଦା,ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର

- ଏମ୍‌କେସିଜି ଡିଏମଇଟି ଏବଂ ଡିଏମଆରଟି ଛାତ୍ର ସଂସଦର ଆନୁଆଲ ମିଟ, ସ୍ଥାନ: ନ୍ୟୁ ଅଡିଟୋରିଅମ ହଲ, ଏମକେସିଜି କଲେଜ, ସମୟ: ଅପରାହ୍ନ ୧ଟା।
- ରୋଟାରୀ ଡାଏଲିସିସ ସେଣ୍ଟର ଉଦଘାଟନ, ସ୍ଥାନ: ମିନାକ୍ଷୀ ହସ୍ପିଟାଲ, ଚର୍ଚ୍ଚ ରୋଡ, ସମୟ: ଅପରାହ୍ନ ୪ଟା।
- ଯୁବ ମୋର୍ଚ୍ଚା ପକ୍ଷରୁ କାରଗିଲ ବିଜୟ ଦିବସ, ସ୍ଥାନ: ଡାଇମଣ୍ଡ ଜୁବୁଲି ଟାଉନ ହଲ, ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ

- ସାଧୁସଙ୍ଗେ ହରିକଥା ପ୍ରବଚନ, ସ୍ଥାନ: ଖଲ୍ଲିକୋଟ ଭେଜିପୁଟ ଇସ୍କନ,ସମୟ: ସକାଳ ୯ଟା।
- ଅବଦୁଲ କଲାମଙ୍କ ତିରୋଧାନ ଦିବସ ପାଳନ, ସ୍ଥାନ: ଆସିକା କଲେଜ ଛକ ବାଲୁଙ୍କେଶ୍ୱର ବିହାର,ସମୟ: ପୂର୍ବାହ୍ନ ୧୦ଟା ୩୦।

## ଢେଙ୍କାନାଳ

- ୬୪ତମ ଓଡ଼ିଶା ରାଜ୍ୟ ଚେସ୍ ଚାମ୍ପିୟନଶିପ୍, ସ୍ଥାନ: ଢେଙ୍କାନାଳ ମହିଷାପାଟସ୍ଥିତ ହୋଟେଲ ନିରୁପମା, ସମୟ: ସକାଳ ସାଢେ ୯ଟା।

## ଜଗତ୍‌ସିଂହପୁର

- କେନ୍ଦ୍ର ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ସଚିବଙ୍କ ପାରାଦୀପ ବନ୍ଦର ଗସ୍ତ ଓ ସମୀକ୍ଷା ବୈଠକ, ସ୍ଥାନ: ପ୍ରଶାସନିକ ଭବନ, ପାରାଦୀପ ବନ୍ଦର, ସମୟ: ପୂର୍ବାହ୍ନ ୧୧ଟା।।

## କେନ୍ଦ୍ରାପଡ଼ା

- ରଘୁନାରାୟଣ ବୋଲବମ ସଂଘ ପକ୍ଷରୁ ଶ୍ରାବଣୀ ପଦଯାତ୍ରା, ସ୍ଥାନ: ହାଟିଆ, ମାର୍ଶାଘାଇ, ସମୟ: ସକାଳ ୭ଟା।
- ସିରିଡି ସାଇ ମନ୍ଦିର ପ୍ରତିଷ୍ଠା ଦିବସ ଉପଲକ୍ଷେ ଗୁରୁପୂଜା, ସ୍ଥାନ: ମଧୁବନ, ଆଳି, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ମିଶନ ଶକ୍ତି ଯୋଜନାର ସମୀକ୍ଷା ବୈଠକ, ସ୍ଥାନ: ବ୍ଲକ ପରିସର, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟସ୍ତରୀୟ ଶିକ୍ଷା ସପ୍ତାହ ପାଳନ ଅବସରରେ ସ୍କୁଲ ପୋଷଣ ଦିବସ ପାଳନ, ସ୍ଥାନ: ଲୋକନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- କାରଗିଲ ବିଜୟ ଉତ୍ସବ, ସ୍ଥାନ: କୁଆଖିଆ ମେଳଣ ପଡ଼ିଆ, ସମୟ: ସକାଳ ୧୦ଟା।

## ନୟାଗଡ଼

- ଇକୋ କ୍ଲବର ପୋଷଣ ଦିବସ, ସ୍ଥାନ: କର୍ଣ୍ଣିଲୋ କୁଞ୍ଜ ବିହାରୀ ବାଳିକା ନୋଡାଲ ବିଦ୍ୟାଳୟ, ସମୟ: ସକାଳ ସାଢ଼େ ୭ଟା ।
- ଇକୋ କ୍ଲବର ପୋଷଣ ଦିବସ, ସ୍ଥାନ: ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୮ଟା।

## ରାୟଗଡ଼ା

- କାର୍ଗିଲ ଦିବସ ଉପଲକ୍ଷେ ମଶାଲ ଶୋଭାଯାତ୍ରା, ସ୍ଥାନ: ମଝିଘରିଆଣି ମନ୍ଦିରରୁ ବିଜୁ ଅଡିଟୋରିମ ପର୍ଯ୍ୟନ୍ତ, ସମୟ: ସକାଳ ୯ ଟା।
- ଭାଜପା ଯୁବ ମୋର୍ଚ୍ଚା ତରଫରୁ କାର୍ଗିଲ ବିଜୟ ଦିବସ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କାର୍ଯ୍ୟକ୍ରମ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମଝି ଘରିଆଣି ମନ୍ଦିର ଟ୍ରଷ୍ଟି ବୋର୍ଡର ଜରୁରୀକାଳିନ ବୈଠକ, ସ୍ଥାନ: ମଝି ଘରିଆଣି ମନ୍ଦିର, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୧ ଟା।
- ମା' ମଝିଘରିଆଣି ଏଣ୍ଟରଟେନମେଣ୍ଟ ଟ୍ରଷ୍ଟ ପକ୍ଷରୁ ଟ୍ୟାଲେଣ୍ଟ ଶୋକୁ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ସାଇପ୍ରିୟା ନଗର, ୨ ୟ ଲାଇନ, ରାୟଗଡ଼ା, ସମୟ: ସନ୍ଧ୍ୟା ୭ଟା ୩୦।

## କୋରାପୁଟ

- ଜିଲା ପ୍ରଶାସନ ପକ୍ଷରୁ କୌଶଳ ରଥ ପରିକ୍ରମାର ଶୁଭାରମ୍ଭ, ସ୍ଥାନ : ଲକ୍ଷ୍ମୀପୁରସ୍ଥିତ ସରକାରୀ ଆଇ ଟି ଆଇ କଲେଜ, ସମୟ: ସକାଳ ୯ ଟା।

## ମାଲକାନଗିରି

- କାର୍‌ଗିଲ୍ ଦିବସ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: କାଲିମେଲା ଦଶହରା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା

## ସମ୍ବଲପୁର

- ଗଣ ସଫେଇ କାର୍ଯ୍ୟକ୍ରମ, ସ୍ଥାନ : ନନ୍ଦପଡା ଓ ଝାଡୁଆପଡା, ସମୟ : ସକାଳ ୮ଟା।
- ଜନାର୍ଦ୍ଦନ ପୂଜାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ବନମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ : ସିନ୍ଦୁରପଙ୍କ ଛକ, ସମୟ : ପୂର୍ବାହ୍ନ ୧୦ଟା ୩୦।

- ଶିକ୍ଷା ସପ୍ତାହରେ ପରିବେଶ କ୍ଲବ ଗଠନ କାର୍ଯ୍ୟକ୍ରମ, ସ୍ଥାନ : ଜିଲାର ବିଭିନ୍ନ ସରକାରୀ ବିଦ୍ୟାଳୟର ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା ୩୦ ।।
- ଲାଇଫ ଇଣ୍ଡିଆ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ୨୬ ତମ ହକି ଟୁର୍ଣ୍ଣାମେଣ୍ଟ, ସ୍ଥାନ : ବାଣ୍ଡିଝରନ ଖେଳ ପଡିଆ, ସମୟ : ଅପରାହ୍ନ ୨ଟା।
- ଜିଲାକ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ର ଉଦଘାଟନୀ ଉତ୍ସବ, ସ୍ଥାନ : ବୀର ସୁରେନ୍ଦ୍ର ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା।
- ପୂର୍ବତନ ବିଧାୟିକା ସୈରେନ୍ଦ୍ରି ନାୟକ ଶ୍ରାଦ୍ଧ ବାର୍ଷିକୀ, ସ୍ଥାନ : ସମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଜିଲା ବ୍ୟାଡମିଣ୍ଟନ ଚାମ୍ପିଅନଶିପ୍‌ର ତୃତୀୟ ଦିନ,ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୮ଟା।
- ଗଗନ ସ୍ୱାଇଁ ସ୍ମାରକୀ ବକ୍ତୃତା, ସ୍ଥାନ: ପିପି ଏକାଡେମୀ ସଭାଗୃହ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- କୃଷ୍ଣକଥା ବିଷୟ ବସ୍ତୁ ଉପରେ ଆଲୋଚନା ସଭା ଉଦ୍‌ଯାପିତ,ସ୍ଥାନ: ଚିନ୍ମୟ ବିଦ୍ୟାଳୟ, ଛେଣ୍ଡ ସମୟ: ସନ୍ଧ୍ୟା ୬ଟା ୩୦।
- ଅବଦୁଲ କଲାମଙ୍କ ତିରୋଧନା ଦିବସ ଓ ହାଇକୋଟ ପ୍ରତିଷ୍ଠା ଦିବସ ପାଳିତ,
- ସ୍ଥାନ: ଉଦିତନଗର କୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୧ଟା

## ବରଗଡ଼

- ଯୌତୁକ ପ୍ରଥା ଉପରେ ଆଲୋଚନାଚକ୍ର, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ସକାଳ ୯ଟା।
- ଜନକଲ୍ୟାଣ ସେବା ଟ୍ରଷ୍ଟର ସାଧାରଣଜ୍ଞାନ ପ୍ରତିଯୋଗିତା, ସ୍ଥାନ: ସୂର୍ଯ୍ୟଶ୍ରୀ ଗ୍ରିନିଟି ସ୍କୁଲ, ମାଷ୍ଟରଟିକ୍ରା, ବରଗଡ଼, ସମୟ: ସକାଳ ୯ଟା।
- ଶିଶୁ ଆଇନ ସୁରକ୍ଷା କର୍ମଶାଳା, ସ୍ଥାନ: ସୋହେଲା ମହାବିଦ୍ୟାଳୟ, ସୋହେଲା, ସମୟ: ପୂର୍ବାହ୍ନ ୧୦ଟା।
- ଇକୋ କ୍ଲବ ଓ ସ୍କୁଲ ପୋଷଣ ଦିବସ, ସ୍ଥାନ: ରାଣାପ୍ରତାପ ହାଇସ୍କୁଲ, ବରଗଡ଼, ସରକାରୀ ଉଚ୍ଚ ପ୍ରାଥମିକ ବୈତାଲୀ ଝାରବନ୍ଧ, ଅମଠି ପ୍ରାଥମିକ ବିଦ୍ୟାଳୟ, ଝାରବନ୍ଧ, ଶାନ୍ତି ସରକାରୀ ଉଚ୍ଚ ବିଦ୍ୟାଳୟ, ଭଟଲି, ପୁରୁଷୋତ୍ତମ ସରକାରୀ ଉଚ୍ଚ ବିଦ୍ୟାଳୟ, ରୁଚିଦା, ଅମ୍ବାଭୋନା, ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁକ୍ତା, ଅମ୍ବାଭୋନା, ସମୟ: ପୂର୍ବାହ୍ନ ୧୦ଟା ୩୦।

## କଳାହାଣ୍ଡି

- ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଶହୀଦ ପରିବାରକୁ ସମ୍ବର୍ଦ୍ଧନା, ସ୍ଥାନ: ଭବାନୀପାଟଣା ଟାଉନହଲ, ସମୟ: ଅପରାହ୍ନ ୩ଟା।
- ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଘାଟନ, ସ୍ଥାନ: ଜୁନାଗଡ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟଡିୟମ୍, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବୌଦ୍ଧ

- ତାଲୁକ ଆଇନସେବା କମିଟି ହରଭଙ୍ଗା ପକ୍ଷରୁ ଆଇନ ସଚେତନତା ଶିବିର, ସ୍ଥାନ: ନାରାୟଣ ଉଚ୍ଚ ବିଦ୍ୟାଳୟ ଛତରଙ୍ଗ, ହରଭଙ୍ଗା ,ସମୟ: ସକାଳ ୮ଟା।
- ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ଦକ୍ଷତା ବିକାଶ ଶିବିର, ସ୍ଥାନ: ପ୍ରାଣୀସମ୍ପଦ କାର୍ଯ୍ୟାଳୟ, ହରଭଙ୍ଗା, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ଇକୋ କ୍ଲବ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ଉ.ପ୍ରା. ବିଦ୍ୟାଳୟ, କାଲକାଠ, ସମୟ: ପୂର୍ବାହ୍ନ ୧୦ଟା।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁଣ୍ଡାପିଠା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଇକୋ କ୍ଲବ ପକ୍ଷରୁ ପୋଷଣ ଦିବସ ପାଳନ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, କୁରଡ, ସମୟ: ପୂର୍ବାହ୍ନ ୧୧ଟା।
- ଚାଷୀମାନଙ୍କୁ ନେଇ ୫ ଦିନିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଇକୋ କ୍ଲବ ପକ୍ଷରୁ ପୋଷଣ ଦିବସ ପାଳନ, ସ୍ଥାନ: ଅପୂର୍ବ ଉଚ୍ଚ ବିଦ୍ୟାଳୟ, ସୁଗୁଡା, ସମୟ: ଅପରାହ୍ନ ୨ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼ ସହରର ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ବିଦ୍ୟାଳୟସ୍ତରୀୟ ଶିକ୍ଷା ସପ୍ତାହ ପାଳନ, ସ୍ଥାନ: ବହଳପଦର ୟୁପି ସ୍କୁଲ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ଇକୋ କ୍ଲବ ପକ୍ଷରୁ ସ୍କୁଲ ପୋଷଣ ଦିବସ ପାଳନ, ସ୍ଥାନ: ବାଗବର ୟୁପି ସ୍କୁଲ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା ୩୦।
- ତରଭା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ଶନିଶ୍ଚର ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୩୦।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ହେଲ୍‌ପିଂ ଫର ହେଲଥ୍‌ଲେସ ପିପୁଲ ଫାଉଣ୍ଡେଶନ ତରଫରୁ ବୃକ୍ଷ ରୋପଣ, ସ୍ଥାନ: ବୋଡେନ ଛକରୁ ଖଡିଆଳ ବ୍ଲକ ଛକ, ସମୟ: ସକାଳ ୯ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ଧର୍ମଶାଳା ଛକ ଶନି ମନ୍ଦିର, ସମୟ: ସକାଳ ୭ଟା।
- ଫୁଟବଲ ପ୍ରତିଯୋଗିତାର ପଞ୍ଚମ ମ୍ୟାଚ, ସ୍ଥାନ: ସହରସ୍ଥିତ ମନମୋହନ ସ୍କୁଲ ପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।
- ମଶାଲ ଶୋଭାଯାତ୍ରା, ସ୍ଥାନ: ସହରସ୍ଥିତ ପୁରୁଣା ବସଷ୍ଟାଣ୍ଡରୁ ସତସଙ୍ଗ ଭବନ, ସମୟ: ଅପରାହ୍ନ ୪ଟା।
- ସ୍ୱତନ୍ତ୍ର ପୂଜା ସହ ମହାଆଳତି, ସ୍ଥାନ: ସହରସ୍ଥିତ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସକାଳୁ ଜଣେ ବନ୍ଧୁ ଆସିବେ ଓ ବହୁତ କିଛି କହିବେ ମାତ୍ର ଫେରିବା ସମୟକୁ ମନଦୁଃଖ କରି ବିଦାୟ ନେଇପାରନ୍ତି। ବିଶେଷ ଭ୍ରମଣ କାରଣରୁ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଆନୁଷ୍ଠାନିକ କାମ ସକାଶେ ବନ୍ଧୁଙ୍କ ସାହାଯ୍ୟ ଲୋଡ଼ିପାରନ୍ତି। ଆବଶ୍ୟକତା ପୂରଣ ପାଇଁ ଧାର କରଜ କରି କାମ ଚଳାଇନେବେ।

**ବୃଷ** ବ୍ୟସ୍ତତାର ଗୁରୁତ୍ୱ ହୃଦୟଙ୍ଗମ ପୂର୍ବକ ବନ୍ଧୁଙ୍କ କୌଣସି ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ପଡ଼ୋଶୀଙ୍କ ସହାୟତାରେ ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବ। କଳା, ସାହିତ୍ୟ, ସଙ୍ଗୀତ ଜଗତରୁ ସୁନାମ ପାଇବେ। ଆଜି ଦିନ ଭିତରେ କୌଣସି ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ମିଥୁନ** ବିଚାର ବୁଦ୍ଧି ପ୍ରୟୋଗକରି ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ। ମନର ଗୋପନକଥାକୁ କହିବାକୁ ଇଚ୍ଛା ଥିଲେ ମଧ୍ୟ ସଂକୋଚବଶତଃ ବନ୍ଧୁଙ୍କ ନିକଟରେ କହିପାରିବେ ନାହିଁ। ଜମିଜମା କାରବାର, ଚୁକ୍ତିପତ୍ର, ପ୍ରଶାସନ କ୍ଷେତ୍ରରେ ସମସ୍ୟାର ସମାଧାନ କରିପାରିବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ସାମୟିକ ଅଶାନ୍ତ ରହିପାରନ୍ତି।

**କର୍କଟ** ଯୁକ୍ତିତର୍କଜନିତ ମତଭେଦ ହେତୁ ପରିବାରର କୌଣସି ବ୍ୟକ୍ତିଙ୍କ ମନରେ ସରସତା ରହିବ ନାହିଁ। ଅବଶ୍ୟ କୌଣସି ହିତୈଷୀ ବ୍ୟକ୍ତିଙ୍କ ଦ୍ୱାରା ସାୟାହ୍ନେ ମାନସିକ ଅବସାଦ ଦୂର ହେବ। ବ୍ୟବସାୟ ଓ ପରିବହନରେ କିଛି ସମସ୍ୟା ଦେଖାଦେବାର ସୂଚନା ରହିଛି। ଆର୍ଥିକ ସଂକଟ ଲାଗିରହିଥିବାରୁ ସାମୟିକ ବ୍ୟସ୍ତତା ଅନୁଭବ କରିବେ।

**ସିଂହ** କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତିର ମୁକାବିଲା କରି ଲକ୍ଷ୍ୟ ହାସଲ କରିପାରିବେ। ଆବଶ୍ୟକତା ପୂରଣ ସକାଶେ ଟଙ୍କା ଯୋଗାଡ଼ ପାଇଁ ବିଭିନ୍ନ ଫନ୍ଦି ଫିକର କରିପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ବ୍ୟବସାୟିକସ୍ଥିତି ଭଲ ରହିବା ସହ ଆତ୍ମୀୟଙ୍କ ସହ ସୁସମ୍ପର୍କ ରହି ନ ପାରେ।

**କନ୍ୟା** ବ୍ୟସ୍ତତା ମଧ୍ୟରେ ଆଜିର ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ସ୍ୱାର୍ଥସାଧନର ନୈରାଶ୍ୟଜନକ ସ୍ଥିତି ଅବଲୋକନ କରି ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବାର ସମ୍ଭାବନା ରହିଛି। ସହକର୍ମୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ତୁଳା** ବିଭିନ୍ନ ଅସୁବିଧା ଭିତରେ ଗତି କରୁଥିବାରୁ ମାନସିକ ଅବସ୍ଥା ଖରାପ ଦିଗକୁ ଗତି କରିବ। କଳାତ୍ମକ ଦିଗଟି ଭଲ ରହିବ। ରାଜନୀତି, ସଂଗଠନ, ପ୍ରଶାସନିକ ସ୍ଥିତି ମନ୍ଦ ହେବନି। ମୂଲ୍ୟବାନ ଦ୍ରବ୍ୟ କ୍ରୟ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ। ପରିବାରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଅତୀତ ଘଟଣା ମନକୁ ଆଲୋଡ଼ିତ କରିବା ଫଳରେ ମନ ଭଲ ଲାଗିବ ନାହିଁ। ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବା ଆଶଙ୍କା ରହିଛି। ପରିବାର ଭିତରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦେଲେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ।

**ଧନୁ** ମାନସିକ ସ୍ଥିତି ଭଲ ରହିଥିଲେ ମଧ୍ୟ ଶାରୀରିକ ଅସୁସ୍ଥତା ଦେଖାଦେବ। ଅବହେଳିତ ହୋଇ ରହିଯାଇଥିବା କାର୍ଯ୍ୟ ସକାଶେ ଅନୁତାପ କରିବେ। ଅଯଥା ଆଶଙ୍କା କରି ଏଣୁତେଣୁ ଚିନ୍ତାକରି ବିବ୍ରତ ହୁଅନ୍ତୁ ନାହିଁ। ସଙ୍ଗୀତ, ଚଳଚ୍ଚିତ୍ର, ସାହିତ୍ୟସଭା, ସାମ୍ବାଦିକତା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିପାରେ।

**ମକର** ଅନ୍ୟମାନଙ୍କ ସାହାଯ୍ୟ ଲାଭକରି ମନୋବଳ ବୃଦ୍ଧି ପାଇବା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରିବେ। ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମ ସୁବିଧାରେ ସମ୍ପନ୍ନ ହେବ। ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଥବା କଳା, ସାହିତ୍ୟରେ ସୁନାମ ଅର୍ଜନ କରିବେ।

**କୁମ୍ଭ** ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ମାନସିକ ଅବସାଦ ବୃଦ୍ଧି ପାଇବା ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ହଠାତ୍ ନିଜର ପ୍ରିୟ ବନ୍ଧୁଟିର କୌଣସି ଘଟଣା ମନକୁ ବିବ୍ରତ କରିପାରେ। ଜମିଜମା, ଯାନବାହନ, ବାଣିଜ୍ୟ, ବ୍ୟବସାୟ ସମସ୍ୟା କ୍ରମଶଃ ଜଟିଳ ହେବାର ଆଶଙ୍କା ଦେଖାଦେବ। ଧନିଷ୍ଠା ନକ୍ଷତ୍ର ସଭାସମିତିକୁ ଆହୂତ ହୋଇପାରନ୍ତି।

**ମୀନ** ଆଜିର କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। ବିବାଦୀୟ ସ୍ଥିତିରେ ପରିବାରରେ ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି। କଠିନ ଶ୍ରମ ଓ ଅନିଦ୍ରା ଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

ଆଜି ଜୁଲାଇ ୨୭ ତାରିଖ, ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ. ଅବଦୁଲ୍ କଲାମ୍‌ଙ୍କ ତିରୋଧାନ ଦିବସ, ଶ୍ରାବଣ କୃଷ୍ଣ ସପ୍ତମୀ, ଶନିବାର, ଦିବା ଘ.୦୧।୦୦ ପର୍ଯ୍ୟନ୍ତ ରାଶିନକ୍ଷତ୍ର-ରେବତୀ/ମୀନ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୫ ଗତେ ଘ.୦୧।୧୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୮।୩୮ ଗତେ ଘ.୧୦।୧୫ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଆଳୁ ଅଭାବ: ଦର ...

ଅପେକ୍ଷା କରିଥିବା ଡ୍ରାଇଭରମାନଙ୍କୁ ପଚାରିବାରୁ ସେମାନେ କହିଛନ୍ତି, ଆଳୁ ବୋଝେଇ ଟ୍ରକ୍ ଶୁଣିଲେ ପୋଲିସ ଏଠାରେ ଅଟକାଇ ରଖୁଛି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଟ୍ରକ୍ ଅଟକାଇବାକୁ ନିର୍ଦ୍ଦେଶ ଥିବା ଓ ଓଡ଼ିଶା ନ ଛାଡ଼ିଦେବାକୁ କୁହାଯାଉଥିବା ଟ୍ରକ୍ ଡ୍ରାଇଭରମାନେ କହିଛନ୍ତି। ଇତିମଧ୍ୟରେ ପଶ୍ଚିମବଙ୍ଗ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆଳୁ ବୋଝେଇ ଟ୍ରକ୍ ସବୁ ଓଡ଼ିଶାକୁ ନ ଛାଡ଼ି ଫେରାଇ ନିଆଯାଇଛି। ଏଭଳି ସ୍ଥିତିରେ ଯୋଗାଣ ମନ୍ତ୍ରୀ ପ୍ରଥମେ କହିଥିଲେ, ବଜାରକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଶୁକ୍ରବାର ସେ ବଜାରରୁ ଆଳୁ କେଜି ୨୭ ଟଙ୍କାରେ କିଣିଛନ୍ତି। ଅଫିସରମାନଙ୍କୁ ନେଇ ବିଭିନ୍ନ ଗୋଦାମରେ ଛାପା ମାରିଛନ୍ତି। ସେଠାରେ କିଣା ମୂଲ୍ୟ ୨୭ ଟଙ୍କା ରହିଛି ବୋଲି ଜାଣିବାକୁ ପାଇବା ପରେ ଖୁଚୁରା ବଜାରରେ କେଜି ପିଛା ଦର କେତେ ରହିବା ଆବଶ୍ୟକ ବୋଲି ବ୍ୟବସାୟୀମାନଙ୍କୁ ପଚାରିଥିଲେ। ଖୁଚୁରା ବଜାରରେ ଆଳୁ କେଜି ୩୨ ଟଙ୍କା ହେବା କଥା ବୋଲି ଗୋଦାମ ବ୍ୟବସାୟୀମାନେ କହିଥିଲେ। ଏହି ପରିପ୍ରେକ୍ଷୀରେ ଖୁଚୁରା ବେପାରୀମାନଙ୍କୁ ମନ୍ତ୍ରୀ ଅନୁରୋଧ କରିଛନ୍ତି ୩୨ ଟଙ୍କାରୁ ଅଧିକ ମୂଲ୍ୟରେ ବିକନ୍ତୁ ନାହିଁ ନଚେତ୍ କାର୍ଯ୍ୟାନୁଷ୍ଠାନ ହେବ। ଜାଣିକି ଆଳୁର ମୂଲ୍ୟ ବଢ଼ାଇ ଖାଉଟିଙ୍କ ଉପରେ ଚାପ ନ ପକାଇବାକୁ ମନ୍ତ୍ରୀ କହିଛନ୍ତି।

ରାଜ୍ୟ ବ୍ୟବସାୟୀ ମହାସଂଘର ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି, ଯାହା ସବୁ ଆଳୁ ବଜାରରେ ଉପଲବ୍ଧ ଥିଲା ତାହା ସରି ଆସିଲାଣି। ବଜାରରେ ମଧ୍ୟ ଆଳୁ ଉଚ୍ଚା ରେଟ୍ ହୋଇଚାଲିଛି। ରାଜ୍ୟ ସରକାରଙ୍କୁ ଅନୁରୋଧ, ସେମାନେ ପଶ୍ଚିମବଙ୍ଗ କର୍ତ୍ତୃପକ୍ଷଙ୍କ ସହ ଏ ବିଷୟରେ ବିଶଦ ଆଲୋଚନାକରି ସମସ୍ୟାର କିପରି ତୁରନ୍ତ ସମାଧାନ କରାଯାଇପାରିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଏହାସହ ଆଗରୁ ଯେପରି ସବୁବେଳେ ଆଳୁ ଆସିପାରୁଥିଲା ସେମିତି କିଭଳି ଆସିବ ସେଥିପ୍ରତି ଧ୍ୟାନ ଦେବାକୁ ସରକାରଙ୍କୁ ପଣ୍ଡା କହିଛନ୍ତି। ମିଳୁଥିବା ସୂଚନା ମୁତାବକ, ପଶ୍ଚିମବଙ୍ଗରେ ୪ରୁ ୫ ଦିନ ହେଲା ବ୍ୟବସାୟୀ ମହାସଂଘ ପକ୍ଷରୁ ଆନ୍ଦୋଳନ ଚାଲିଥିବା କାରଣରୁ ଆଳୁ ବୋଝେଇ ଟ୍ରକ୍ ଓଡ଼ିଶାକୁ ଦେବା ଲାଗି ସ୍ଥାନୀୟ ସରକାର ଚାହିଁ ନ ଥିଲେ। ହେଲେ ଏବେ ସେଠାକାର ବ୍ୟବସାୟୀ ସଂଘ ଆନ୍ଦୋଳନ ପ୍ରତ୍ୟାହାର କରିସାରିଥିବାରୁ ଆଗକୁ ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ ପୁଣି କହିଛନ୍ତି, ପଶ୍ଚିମବଙ୍ଗ ଅଧିକାରୀଙ୍କ ସହ ସରକାର ଆଲୋଚନା କରିଛନ୍ତି। ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ ସେମାନଙ୍କ ରାଜ୍ୟରେ ଆନ୍ଦୋଳନ ଥିଲା, ଏବେ ତାହା ବନ୍ଦ ରହିଛି। ଏବେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇସାରିଛି। ୨ ଦିନ ମଧ୍ୟରେ ଆଳୁ ସମସ୍ୟାର ସମାଧାନ ହୋଇଯିବ। ନଚେତ୍ ଉତ୍ତର ପ୍ରଦେଶ ସରକାରଙ୍କ ସହ କଥାବାର୍ତ୍ତା ଚାଲିଛି, ଆବଶ୍ୟକ ହେଲେ ସେଠାରୁ ଆଳୁ ଅଣାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିପରି ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ କହିଛନ୍ତି, ପଶ୍ଚିମବଙ୍ଗ ଏବଂ ଓଡ଼ିଶା ମଧ୍ୟରେ ବାଲେଶ୍ୱର ହେଉଛି ଏକ ସୀମାନ୍ତ ଜିଲା। ପଶ୍ଚିମବଙ୍ଗରୁ ଆଳୁ ଏଠାକୁ ଆସିଥାଏ। ଅନେକ ସାମଗ୍ରୀ ମଧ୍ୟ ଓଡ଼ିଶାରୁ ପଶ୍ଚିମବଙ୍ଗକୁ ରପ୍ତାନି ହୋଇଥାଏ। ଉଭୟ ରାଜ୍ୟ ମଧ୍ୟରେ ସୁସମ୍ପର୍କ ରଖି ବ୍ୟବସାୟ ଚାଲିଥାଏ। ବର୍ତ୍ତମାନ ଖବର ମିଳିଛି ପଶ୍ଚିମବଙ୍ଗ ସରକାର ଜାଣିଶୁଣି ଓଡ଼ିଶାକୁ ଆଳୁ ବୋଝେଇ ଟ୍ରକ୍ ଆସିବାକୁ ଦେଉନାହାନ୍ତି। ଏ ନେଇ ବାଲେଶ୍ୱର ଜିଲାପାଳଙ୍କୁ ରିପୋର୍ଟ ମାଗିଛନ୍ତି। ପଶ୍ଚିମବଙ୍ଗ ସରକାରଙ୍କୁ ମଧ୍ୟ ଅନୁରୋଧ ଉଭୟ ରାଜ୍ୟ ମଧ୍ୟରେ ଚାଲିଥିବା ବ୍ୟବସାୟିକ ସମ୍ପର୍କ କାଟିବାରେ କୌଣସି ଦ୍ୱନ୍ଦ୍ୱ ସୃଷ୍ଟି ନ କରନ୍ତୁ ବୋଲି ସେ କହିଛନ୍ତି।

### 'ଆଳୁ ବୋଝେଇ ଟ୍ରକ୍ ଓଡ଼ିଶା ଆସିବା ଦିଗରେ ସାହାଯ୍ୟ କରନ୍ତୁ'

#### ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ବିରୋଧୀ ଦଳ ନେତାଙ୍କ ଚିଠି

ଭୁବନେଶ୍ୱର, ୨୬।୭(ସୁନିତ୍ ମିଶ୍ର) ରାଜ୍ୟରେ ଦେଖାଦେଇଥିବା ଆଳୁ ଦର ବୃଦ୍ଧି ନେଇ ରାଜ୍ୟରେ ଖାଉଟିମାନଙ୍କ ଚିନ୍ତା ବଢ଼ିଚାଲିଛି। ଏଭଳି ସ୍ଥିତିରେ ରାଜ୍ୟ ସରକାର ବର୍ତ୍ତମାନ ପଶ୍ଚିମବଙ୍ଗରୁ ଆସିବାକୁ ଥିବା ଆଳୁ ଉପରେ ନିର୍ଭରଶୀଳ ଅଛନ୍ତି। ହେଲେ ଓଡ଼ିଶା-ପଶ୍ଚିମବଙ୍ଗ ସୀମାରେ ଆଳୁ ବୋଝେଇ ଟ୍ରକ୍ ଆସିବାକୁ ଥିବାବେଳେ କୌଣସି ସମସ୍ୟା କାରଣରୁ ତାହା ସମ୍ଭବ ହୋଇପାରୁନାହିଁ। ଫଳରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୁକ୍ରବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଚିଠି ଲେଖି ଏ ଦିଗରେ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଛନ୍ତି। ନବୀନ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ଆପଣ ଜାଣନ୍ତି ଆଳୁ ଆମ ଲୋକମାନଙ୍କ ଏକ ଅତ୍ୟାବଶ୍ୟକ ସାମଗ୍ରୀ। ବର୍ଷା ଯୋଗୁ ଓଡ଼ିଶା ବଜାରକୁ କମ୍ ପରିମାଣର ଆଳୁ ଆସୁଛି ; ଯେଉଁଥିଲାଗି ଲୋକମାନଙ୍କୁ କୃତ୍ରିମ ଦର ବୃଦ୍ଧିର ସମ୍ମୁଖୀନ କରିବାକୁ ପଡୁଛି। ଗଣମାଧ୍ୟମରୁ ଜାଣିବାକୁ ମିଳିଲା ପ୍ରାୟ ୫୦ ଆଳୁ ବୋଝେଇ ଟ୍ରକ୍ ପଶ୍ଚିମବଙ୍ଗ-ଓଡ଼ିଶା ସୀମାନ୍ତରେ ଅଟକି ରହିଛି। ପୂର୍ବରୁ ଏଭଳି ସମସ୍ୟା ଉପୁଜିଥିବା ସମୟରେ ରାଜ୍ୟ ଲୋକଙ୍କ ପ୍ରତି ଆପଣଙ୍କ ଭଲପାଇବା ଏବଂ ସ୍ନେହ ଦେଖିବାକୁ ମିଳିଛି। ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଲୋକଙ୍କ ମଧ୍ୟରେ ସବୁବେଳେ ସାଂସ୍କୃତିକ ଏକତା ରହିଆସିଛି। ଆମେ ସମସ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭକ୍ତ। ତେଣୁ ଆପଣ ଏହି ଅସୁବିଧାର ତର୍ଜମାକରି ଆଳୁ ବୋଝେଇ ଟ୍ରକ୍ କିପରି ଭଲ ଭାବେ ଆସିପାରିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଓଡ଼ିଶା ଲୋକଙ୍କ ସ୍ୱାର୍ଥ ପାଇଁ ଆପଣଙ୍କ ସାହାଯ୍ୟ କାମନା କରୁଥିବା ନବୀନ ତାଙ୍କ ଚିଠିରେ ଲେଖିଛନ୍ତି।

### ଓଡ଼ିଶା ସୀମାନ୍ତରୁ ...

ପଶ୍ଚିମ ମେଦିନୀପୁର ଦାନ୍ତୁନଠାରେ ଶତାଧିକ ଆଳୁ ଟ୍ରକ୍ ଓଡ଼ିଶା ମୁହାଁ ହୋଇଥିବାବେଳେ ଶୁକ୍ରବାର ପଶ୍ଚିମବଙ୍ଗ ପ୍ରଶାସନ ପୋଲିସ ଲଗାଇ ସମସ୍ତ ଆଳୁ ଗାଡ଼ିକୁ ଫେରାଇ ନେଇଛି। ପଶ୍ଚିମବଙ୍ଗର ବାଇପାଟଣା, ଦାନ୍ତୁନ, ବେଲଦା, ନାରାୟଣଗଡ, ନୟାଗ୍ରାମ, ଖଡ଼ିକା, ମୋହନପୁର, ଦୀଘା, ଜାମଶୋଳ, ଚିରକୁଣ୍ଡା, କୁରୁଳିଆ, ମାଟିବେରୁଆଁ, ମକରମପୁର ଟୋଲ ପ୍ଲାଜା ଇତ୍ୟାଦି ସ୍ଥାନରେ ପଶ୍ଚିମବଙ୍ଗ ସରକାରଙ୍କ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଅନେକ ଆଳୁ ଗାଡ଼ିକୁ ଫେରାଇ ନେଇଛି। ପଶ୍ଚିମବଙ୍ଗରେ ଆଳୁ ବ୍ୟବସାୟୀଙ୍କ ୪ ଦିନିଆ ଧର୍ମଘଟ ଯୋଗୁ ଏହି ସମସ୍ୟା ଉପୁଜିଛି। ପଶ୍ଚିମବଙ୍ଗରେ ଆଳୁର ମୂଲ୍ୟ ବୃଦ୍ଧି ନେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବ୍ୟବସାୟୀଙ୍କ ଉପରେ ରୋକ୍ ଲଗାଇବା ସହିତ ମହଜୁଦକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଓ ହାଟବଜାରରେ ଟାସ୍କଫୋର୍ସ ଲଗାଇ ନିଜ ରାଜ୍ୟରେ କମ୍ ମୂଲ୍ୟରେ ଖାଉଟିଙ୍କୁ ଆଳୁ ଯୋଗାଇବା ନେଇ ଆଳୁ ବ୍ୟବସାୟୀମାନେ ଖପ୍ପା ହୋଇ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧର୍ମଘଟ କରିଆସୁଥିଲେ। ଓଡ଼ିଶାର ଆଳୁ ବ୍ୟବସାୟୀ ପଶ୍ଚିମବଙ୍ଗ ଉପରେ ନିର୍ଭର କରୁଥିବାରୁ ଧର୍ମଘଟ ଯୋଗୁ ଓଡ଼ିଶାରେ ଆଳୁ ସଙ୍କଟ ଦେଖାଦେଇଛି। ଅନ୍ୟପକ୍ଷରେ କେତେଜଣ ଅସାଧୁ ବ୍ୟବସାୟୀ ବିଭିନ୍ନ ଉପାୟରେ ପଶ୍ଚିମବଙ୍ଗରୁ ଟ୍ରାକ୍ଟର, ଭୁଟୁଭୁଟି, ପିକ୍‌ଅପ୍ ଭ୍ୟାନ୍‌ରେ ଓଡ଼ିଶାକୁ ଆଳୁ ଆଣୁଛନ୍ତି। ଏ ବାବଦରେ ସେଠାକାର ପୋଲିସ ବ୍ୟାପକ ହାତଗୁଞ୍ଜା ନେଉଥିବାରୁ ଆଳୁ ଦାମ୍ କମୁ ନ ଥିବା ଜଳେଶ୍ୱର ଅଞ୍ଚଳର ବ୍ୟବସାୟୀ ଶ୍ୟାମସୁନ୍ଦର ବେହେରା, ଅଭିଲାଷ ପାତ୍ର, ରବିନାରାୟଣ ମିଶ୍ର, ମହିନ୍ଦ୍ର ପ୍ରଧାନ, ବଂଶୀଧର ଘୋଷ, ହରିଶଙ୍କର ଗିରି ଓ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ କହିଛନ୍ତି।

ସୂଚନାନୁଯାୟୀ, ଓଡ଼ିଶାରେ ଖାଉଟିଙ୍କୁ ଆଳୁର ଚାହିଦା ମେଣ୍ଟାଇବା ନିମନ୍ତେ ପୂର୍ବ ସରକାର ୨୦୧୪ମସିହାରେ ଆଳୁମିଶନ ଗଠନ କରିଥିଲେ ମଧ୍ୟ ତାହା ସଫଳ ହୋଇନାହିଁ। ପରିସଂଖ୍ୟାନ ଅନୁଯାୟୀ ୨୦୧୫-୧୬ରୁ ଅଦ୍ୟାବଧି ଆଳୁର ଲକ୍ଷ୍ୟଧାର୍ଯ୍ୟର ଉତ୍ପାଦନ ବର୍ଷକୁ ବର୍ଷ ବିଭିନ୍ନ କାରଣରୁ କମୁଥିବା ବେଳେ ଆଳୁଚାଷୀ ମୁହଁ ମୋଡୁଛନ୍ତି। ଓଡ଼ିଶାରେ ଶୀତଳଭଣ୍ଡାର ଅଭାବ ସହ ଠିକ୍ ସମୟରେ ଚାଷୀଙ୍କୁ ଉନ୍ନତମାନର ଆଳୁ ବିହନ ଯୋଗାଇ ନ ଦେବା, ଉତ୍ପାଦିତ ଆଳୁକୁ ସରକାରୀ ବ୍ୟବସ୍ଥାରେ କ୍ରୟ ନ କରିବା, ଆଳୁ ଚାଷ ନିମନ୍ତେ ପ୍ରୋତ୍ସାହନ ନ ଦେବା ମୁଖ୍ୟକାରଣ ଭାବେ ଉଭା ହୋଇଛି। ଓଡ଼ିଶାରେ ବର୍ଷକୁ ଆଳୁର ଆବଶ୍ୟକତା ମେଣ୍ଟାଇବା ନିମନ୍ତେ ୧୩ଲକ୍ଷ ମେଟ୍ରିକ ଟନ୍ ଦରକାର ଥିବା ବେଳେ ମାତ୍ର ୩ଲକ୍ଷ ମେଟ୍ରିକ ଟନ୍ ଆଳୁ ଉତ୍ପାଦିତ ହେଉଛି। ବାକି ୪ଗୁଣ ଅଭାବ ରହିଛି । ଚଳିତବର୍ଷ ବାଲେଶ୍ୱର ଜିଲାରେ ଭୋଗରାଇ, ଜଳେଶ୍ୱର ଓ ବସ୍ତା ବ୍ଲକରେ ୧୬୬୦ହେକ୍ଟର ଜମିରେ ଆଳୁଚାଷ ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବେଳେ ମାତ୍ର ୪୦କୁଇଣ୍ଟାଲ ଆଳୁବିହନ ଯୋଗାଇ ଦିଆଯାଇଥିବା ବେଳେ ଆଶାଜନକ ଆଳୁ ଉତ୍ପନ୍ନ ହୋଇନାହିଁ ବୋଲି ଜିଲା ଉପଉଦ୍ୟାନ କୃଷି ନିର୍ଦ୍ଦେଶକ ତପନ କୁମାର ମହାନ୍ତି ସୂଚନା ଦେଇଛନ୍ତି। ପଶ୍ଚିମବଙ୍ଗ ସରକାର ଆଳୁ ଟ୍ରକ୍ ଛାଡ଼ିବା ପାଇଁ ଜଳେଶ୍ୱର ଅଞ୍ଚଳର ଜନ ସାଧାରଣ ଦାବି କରିଥିବା ବେଳେ ଉଭୟ ରାଜ୍ୟର ସରକାର ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ସିପିଏମ ଲୋକାଲ କମିଟି ସମ୍ପାଦକ ଦିଲୀପ ଗିରି କହିଛନ୍ତି।

### ଫ୍ରାନ୍ସ ରେଳ ନେଟ୍‌ୱର୍କ ...

ଜିନ୍-ପିଏରେ ଫାରାଣ୍ଡୋଉ କହିଛନ୍ତି, ଫରାସୀମାନଙ୍କୁ ଗମ୍ଭୀର ଭାବେ କ୍ଷତି ପହଞ୍ଚାଇବା ପାଇଁ ଏହା ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର, ଯହିଁରେ ଅନେକ ବ୍ୟକ୍ତି ସାମିଲ ଥାଇପାରନ୍ତି।ଏସ୍‌ଏନ୍‌ସିଏଫ୍‌ରଜଣେଅଧିକାରୀକହିଛନ୍ତି, ଘଟଣା ପରେ ଆଥ୍‌ଲେଟମାନଙ୍କୁ ଓଲିମ୍ପିକ୍‌କୁ ନେଇ ଆସୁଥିବା ଦୁଇଟି ଟ୍ରେନ୍‌ର ଚଳାଚଳକୁ ବାତିଲ କରାଯାଇଛି। ଅନ୍ୟ ଏକ ଯାତ୍ରୀବାହୀ ଟ୍ରେନ୍‌ର ଚଳାଚଳ ମଧ୍ୟ ରଦ୍ଦ କରାଯାଇଛି। କମ୍ପାନୀ ଯାତ୍ରୀମାନଙ୍କୁ ଟିକେଟ ମୂଲ୍ୟ ଫେରସ୍ତ କରିଦେଇଛି। ସେଇନେ ନଦୀକୂଳରେ ଆୟୋଜିତ ଅଲିମ୍ପିକ୍ ଗେମ୍ସ ଦେଖିବା ପାଇଁ ୩ ଲକ୍ଷରୁ ଅଧିକ ଦର୍ଶକ ଆସୁଥିବାବେଳେ ସେମାନଙ୍କ ସୁରକ୍ଷା ସକାଶେ ୪୫,୦୦୦ ପୋଲିସ, ୧୦,୦୦୦ ସୈନ୍ୟ ଓ ୨,୦୦୦ ଘରୋଇ ସୁରକ୍ଷା ଏଜେଣ୍ଟଙ୍କୁ ମୁତୟନ କରାଯାଇଛି। ଆକାଶମାର୍ଗରୁ ସନ୍ଦେହଜନକ ଗତିବିଧି ଉପରେ ଡ୍ରୋନ୍‌ର କଡ଼ା ନଜର ରହିଛି।

### ଅପମାନ ସହି ନ ...

ମହିଳା ଜଣଙ୍କ ଅସନ୍ତୋଷ ବ୍ୟକ୍ତ କରିବା ସହ ଗ୍ରାମର କେତେଜଣ ଲୋକଙ୍କ ପ୍ରରୋଚନାରେ ଚନ୍ଦନ ଏବଂ ତାଙ୍କ ବାପାଙ୍କ ବିରୋଧରେ ଗାଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଗ୍ରାମର କେତେଜଣ ଲୋକ ଚନ୍ଦନଙ୍କୁ ଦେଖିଲେ 'ତୋ ନାମରେ ମାମଲା ହେଲା, ତୋର ଭବିଷ୍ୟତ ଗଲା। ତୁ ପାଠ ପଢ଼ିଲେ ବି ଆଉ ଚାକିରି କରିପାରିବୁ ନାହିଁ। ତୋ କ୍ୟାରିୟର ବରବାଦ ହୋଇଗଲା' ବୋଲି କହି ଟାହିଟାପରା କରୁଥିଲେ। ଏ ସମ୍ପର୍କରେ ଚନ୍ଦନ ବାପାଙ୍କୁ ସବୁକଥା କହିଥିଲେ। ବ୍ୟସ୍ତ ହୁଅନା, କିଛି ହେବ ନାହିଁ ବୋଲି ବାପା ଚନ୍ଦନଙ୍କୁ ବୁଝାଇଥିଲେ। କିନ୍ତୁ ଚନ୍ଦନ ମାନସିକ ଦୁଶ୍ଚିନ୍ତା ଭିତରେ ରହୁଥିଲେ। ଶୁକ୍ରବାର ସେ ଏକ ଦୋକାନରୁ ମୂଷାମରା ବିଷ କିଣି ବାଟରେ ଖାଇଦେଇଥିଲେ। ଘରେ ପହଞ୍ଚିବା ପରେ ବାନ୍ତି କରିଥିଲେ। ବାପା କ'ଣ ହେଲା ବୋଲି ପଚାରିବାରୁ ସେ ଲୋକମାନଙ୍କ ଅପମାନ ସହ୍ୟ କରି ନ ପାରି ବିଷ ପିଇ ଦେଇଥିବା କହିଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଗୋବରା ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ଭଞ୍ଜନଗର ମେଡିକାଲକୁ ଆଣିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଚନ୍ଦନଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

DSPL-52

# ଡେଙ୍ଗୁ ନିରାକରଣ ସଚେତନତା ମାସ ଜୁଲାଇ ୨୦୨୪



ଡେଙ୍ଗୁ ରୋଗର ଲକ୍ଷଣ ଓ ପ୍ରତିକାର

ଜ୍ୱର ସହିତ ଦେହ ହାତ ଘୋଳା ବିନ୍ଧା, ଗଣ୍ଠି ଦରଜ, ଦେହରେ ଲାଲ ଲାଲ୍ ହୋଇ ଫଳିଯିବା ଆଦି ଡେଙ୍ଗୁ ରୋଗର ଲକ୍ଷଣ ହୋଇପାରେ । ଏପରି ଲକ୍ଷଣ ଦେଖାଦେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟ କର୍ମୀ କିମ୍ବା ଡ଼ାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।

ଏଡିସ୍ ମଶା ବଂଶ ବୃଦ୍ଧି କରିବା ସ୍ଥାନ



ମନେ ରଖନ୍ତୁ:
ଘର ଭିତର ଓ ଚତୁଃପାର୍ଶ୍ୱ ପରିଷ୍କାର ରଖନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

ସରକାରୀ ଡାକ୍ତରଖାନାରେ ଡେଙ୍ଗୁ ରୋଗୀଙ୍କ ପାଇଁ ପରୀକ୍ଷା ଓ ଚିକିତ୍ସା ବିନାଦେୟରେ ଉପଲବ୍ଧ ।

OIPR-10003/13/0046/2425
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା




# ଚତୁର୍ଥ ଲଘୁଚାପରୁ ବନ୍ୟା ଆଶଙ୍କା

ଭୁବନେଶ୍ୱର,୨୬।୭ (ଅନୁରାଧା ମହାରଣା)

ଲଘୁଚାପ ପ୍ରଭାବରେ ଓଡ଼ିଶାରେ ତୁହାକୁ ତୁହା ବର୍ଷା ଲାଗିରହିଥିବାବେଳେ ପ୍ରାୟ ସବୁ ଜିଲାରେ ସ୍ଥିତି ବିଗିଡ଼ିବାରେ ଲାଗିଛି। ବର୍ଷା ଯୋଗୁ ବିଲବାଡ଼ି ଜଳାର୍ଣ୍ଣବ ହେବା ସହ ନଦୀନାଳରେ ଜଳସ୍ତର ବଢ଼ୁଛି। ଏପରି ସ୍ଥିତିରେ ଶୁକ୍ରବାର ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହୋଇଛି। ମାସକରେ ୪ଟି ଲଘୁଚାପ ଯୋଗୁ ଓଡ଼ିଶା ସମେତ ପଡୋଶୀ ରାଜ୍ୟରେ ମଧ୍ୟ ବର୍ଷା ହେଉଛି। ଉପରମୁଣ୍ଡରେ ପ୍ରବଳ ବର୍ଷା ଜାରି ରହିଥିବାରୁ ରାଜ୍ୟର ଜଳଭଣ୍ଡାରଗୁଡ଼ିକ ଉଛୁଳିବାରେ ଲାଗିଛି। ଆସନ୍ତା ୨୮ ତାରିଖରେ ହୀରାକୁଦ ଜଳଭଣ୍ଡାରରୁ ପ୍ରଥମ ବନ୍ୟାଜଳ ନିଷ୍କାସନ ହେବ। ଏଥିସହ ରାଜ୍ୟରେ ଆହୁରି ୫ଦିନ ବର୍ଷା ହେବାକୁ ଥିବାରୁ ମହାନଦୀ ସମେତ ବିଭିନ୍ନ ନଦୀରେ ବନ୍ୟା ଆସିବା ଆଶଙ୍କା ସୃଷ୍ଟି ହୋଇଛି।

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନାନୁସାରେ, ଶୁକ୍ରବାର ବାଂଲାଦେଶ ନିକଟବର୍ତ୍ତୀ ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ରମେ ପଶ୍ଚିମ-ଉତ୍ତର ଓ ପଶ୍ଚିମ ଦିଗରେ ଗତି କରୁଛି। ଆସନ୍ତା ୨ ଦିନ ମଧ୍ୟରେ ଲଘୁଚାପ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ଅତିକ୍ରମ କରିବ। ଲଘୁଚାପ ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ବିଶେଷକରି ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ହେବ। ଏବେ ନଦୀଗୁଡ଼ିକ ଫୁଲୁଥିବା ବେଳେ ଆଗାମୀ ଦିନରେ ବନ୍ୟା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ପ୍ରଥମେ ନଦୀକୂଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା ରହିଛି। ସେହିପରି ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ମଧ୍ୟ ପ୍ରବଳ ବର୍ଷାର ସମ୍ଭାବନା ରହିଥିବାରୁ ସେଠାକାର ନଦୀରେ ମଧ୍ୟ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ଆଶଙ୍କା କରିଛି।

ଶନିବାର ରାଜ୍ୟର ଅଧିକାଂଶ ଜିଲାରେ ବର୍ଷା ହେବାକୁ ଥିବାବେଳେ କେତେକ ଜିଲାରେ ୭ରୁ ୨୦ ସେ.ମି. ପର୍ଯ୍ୟନ୍ତ ବର୍ଷା ହୋଇପାରେ। କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଆଦି ଜିଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଢେଙ୍କାନାଳ, ଭଦ୍ରକ, ଅନୁଗୋଳ, ସମ୍ବଲପୁର, ବରଗଡ଼, ଦେବଗଡ଼, ପୁରୀ, ଖୋର୍ଦ୍ଧା, ସୁନ୍ଦରଗଡ଼, ନୟାଗଡ଼, ବୌଦ୍ଧ, ସୋନପୁର, ବଲାଙ୍ଗୀର, ନୂଆପଡ଼ା, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ଯାଜପୁର ଓ ଝାରସୁଗୁଡ଼ାକୁ ମଧ୍ୟ ସତର୍କ କରିଛି ପାଣିପାଗ କେନ୍ଦ୍ର।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

# ଖୁବ୍‌ଶୀଘ୍ର ପୂରଣ ହେବ ୧୬ ହଜାର ୫୧୯

## ଖାଲିପଡ଼ିଛି ୧୭ ହଜାର ଶିକ୍ଷକ ପଦବୀ

ଭୁବନେଶ୍ୱର,୨୬।୭(ଅନିଲ ଦାସ)

ରାଜ୍ୟରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋଟ ୧୭ ହଜାର ୭୬୧ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଖୁବ୍‌ଶୀଘ୍ର ୧୬ ହଜାର ୫୧୯ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକ ପଦ ପୂରଣ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଷ୍ପତ୍ତି ନେଇଛନ୍ତି। ଶୁକ୍ରବାର ବିଧାନସଭା ପ୍ରଶ୍ନକାଳରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହା କହିଛନ୍ତି।

ମୂଳ ପ୍ରଶ୍ନ ନଂ. ୯୧ରେ ପ୍ରଶ୍ନକର୍ତ୍ତା ଭାଜପା ସଭ୍ୟ ପଦ୍ମଲୋଚନ ପଣ୍ଡା ପଚାରିଥିଲେ ବାଲେଶ୍ୱର ଶିକ୍ଷାଜିଲା ଅଧୀନସ୍ଥ ସିମୁଳିଆ ଓ ଖଇରା ବ୍ଲକରେ କେତୋଟି ପ୍ରାଥମିକ ଓ କେତୋଟି ଉଚ୍ଚ ପ୍ରାଥମିକ ଅନୁଦାନପ୍ରାପ୍ତ ସ୍କୁଲ ଅଛି। ସେଠାରେ ସରକାରୀ ନିୟମ ଅନୁଯାୟୀ କେତେକ ଶିକ୍ଷକ ରହିବା କଥା। କେତେ ଅଛନ୍ତି।

ରାଜ୍ୟରେ ୬୧୦ ବର୍ଗର ହାଇସ୍କୁଲ ଅଛି, ସେଗୁଡ଼ିକ ଅନୁଦାନପ୍ରାପ୍ତ ସ୍କୁଲ। ପ୍ରତି ପଞ୍ଚାୟତରେ ଥିବା ସ୍କୁଲଗୁଡ଼ିକ ଶିକ୍ଷକ ଅଭାବରୁ ବନ୍ଦ ହୋଇଯାଉଛି। ସେଗୁଡ଼ିକ କିପରି ଅପଗ୍ରେଡ୍ କରି ବଞ୍ଚାଇ ରଖାଯାଇପାରିବ। ସେଥିପ୍ରତି ସରକାର କି ପଦକ୍ଷେପ ନେଉଛନ୍ତି ବୋଲି ବିଜେଡି ସଭ୍ୟ ବଦ୍ରି ପାତ୍ର ପଚାରିଥିଲେ। କଂଗ୍ରେସ ସଭ୍ୟ ସୋଫିଆ ଫିର୍ଦ୍ଦୋସ ନିଜ ନିର୍ବାଚନମଣ୍ଡଳୀରେ ଥିବା କେତେକ ସ୍କୁଲରେ ପିଲାଙ୍କ ବସିବା ପାଇଁ ବେଞ୍ଚ ଡେସ୍କ ଓ ଖେଳପଡ଼ିଆ ନ ଥିବା ନେଇ ଅତିରିକ୍ତ ପ୍ରଶ୍ନରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଭାଜପା ସଭ୍ୟ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ସନାତନ ବିଜୁଳି, ବିଜେଡି ସଭ୍ୟ ସୁନୀଲ ମହାନ୍ତି, ଯୋଗେଶ ସିଂ, ଭାଜପା ସଭ୍ୟ ପ୍ରଶାନ୍ତ ଜଗଦ୍ଦେବ ଏବଂ କଂଗ୍ରେସ ସଭ୍ୟ ରାମଚନ୍ଦ୍ର କାଡାମ ନିଜ ନିଜ ନିର୍ବାଚନମଣ୍ଡଳୀରେ ଥିବା ସରକାରୀ ସ୍କୁଲଗୁଡ଼ିକର ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ ଉତ୍ତରରେ କହିଛନ୍ତି ଯେ, ବିଭିନ୍ନ ସ୍କୁଲର ନିଜସ୍ୱ ଜମି ନ ଥିବା କଥା ସରକାର ଅବଗତ ଅଛନ୍ତି। ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀ ଏ ଦିଗରେ ଆଲୋଚନା କରିଛନ୍ତି। ଆଗାମୀ ଦିନରେ ଏ ନେଇ ପଦକ୍ଷେପ ନିଆଯିବ। ପୂର୍ଣ୍ଣ ଅନୁଦାନପ୍ରାପ୍ତ ସ୍କୁଲଗୁଡ଼ିକରେ ଶିକ୍ଷକ ଅଭାବ ପୂରଣ କରାଯିବ। ଯେଉଁଠି ଅଧିକ ଶିକ୍ଷକ ଅଛନ୍ତି ଅନ୍ୟ ସ୍କୁଲରେ ସେମାନଙ୍କୁ ଆଡ୍‌ଜଷ୍ଟ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ୪ ଦିନିଆ ଦିଲ୍ଲୀ ଗସ୍ତ

ଭୁବନେଶ୍ୱର,୨୬।୭(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ସନ୍ଧ୍ୟାରେ ୪ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ମୁଖ୍ୟମନ୍ତ୍ରୀ ଶନିବାର ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନୀତି ଆୟୋଗ ବୈଠକରେ ଯୋଗଦେବେ। ମୁଖ୍ୟମନ୍ତ୍ରୀଙ୍କ ସହ ମୁଖ୍ୟ ଶାସନ ସଚିବ ମଧ୍ୟ ନୀତି ଆୟୋଗ ବୈଠକରେ ଯୋଗଦେବେ। ଏଥିସହ ରାଜ୍ୟର ବିଭିନ୍ନ ପ୍ରସଙ୍ଗକୁ ନେଇ ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରିବା କାର୍ଯ୍ୟକ୍ରମ ରହିଛି। ଆସନ୍ତା ୨୯ ତାରିଖରେ ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀରୁ ଫେରିବେ ବୋଲି ଜଣାପଡ଼ିଛି।

ସିକ୍ୟୁରିଟି ଗାର୍ଡ ଆବଶ୍ୟକ
SECURITY GUARD REQUIRED
ଭୁବନେଶ୍ୱର ପାଇଁ ।
ରହିବା, ଖାଇବା ସୁବିଧା ଅଛି।
Contact: 8917662664
7008723791

ସ୍ପାରେ କାମ କରିବା ପାଇଁ ଝିଅ ଓ ସ୍ତ୍ରୀଲୋକ ଆବଶ୍ୟକ
ରହିବା, ଖାଇବାର ସୁବିଧା ଅଛି।
ଦରମା– ୧୫,୦୦୦/–।
ଯୋଗାଯୋଗ:
7077262523
8598937906

Requirement for Gas Plants Male/ Female, 8th to Graduate, ITI. Diploma, Accountant, Supervisor, Fireman, Junior Technician, Diesel Planning Officer, Data-entry, Electrician, Wireman, Fitter, Welder, Plumber, Driver, Guard. Salary 27k to 74k + all facility send c.v :- requermentongc11@gmail.com
9821890984 / 9654766802 (Whats app)

ସ୍ପଟ୍ ସାମ୍ବାଦିକ ନିଯୁକ୍ତି କର୍ମଶାଳା
"ଓଡ଼ିଶା ମିରର୍" ସମ୍ବାଦପତ୍ର ଓ ଡିଜିଟାଲ ଟିଭି ପାଇଁ ଜିଲ୍ଲା ପ୍ରତିନିଧି, ବ୍ଲକ୍ ପ୍ରତିନିଧି, ପୌରାଞ୍ଚଳ ପ୍ରତିନିଧି, ବ୍ୟୁରୋ ଚିଫ୍ ଆବଶ୍ୟକ। କର୍ମଶାଳାରେ ଯୋଗଦେବା ପାଇଁ ନିମ୍ନଲିଖିତ ଇମେଲ କିମ୍ବା ହ୍ୱାଟ୍ସଆପ ନମ୍ବରରେ ସବିଶେଷ ତଥ୍ୟ ପଠାନ୍ତୁ।
odishamirror@gmail.com
or 8458099707 (whatsapp)

ଭୁବନେଶ୍ୱରରେ ଘର କାମ ଓ ରୋଷେଇ ଜାଣିଥିବା ମହିଳା ସହାୟିକା ଆବଶ୍ୟକ।
ଯୋଗାଯୋଗ – 9078563251

WANTED
ଭୁବନେଶ୍ୱରରେ ଘରୋଇ Car ଚଲାଇବା ପାଇଁ ଶୃଙ୍ଖଳିତ ଡ୍ରାଇଭର ଏବଂ ମାଳି କାମ ପାଇଁ ଅଭିଜ୍ଞ ଲୋକ ଆବଶ୍ୟକ।
Contact - 9861326975

WALK-IN-INTERVIEW
We are hiring Technicians and Riggers for Telecom Tower Operation under Technocon Services
Dated: - 27th July to 3rd Aug 2024
❖at Reliance Jio Centre Gandhi chowk, *Jeypore, Koraput
❖at Reliance Jio office Angan Complex, Khaliguda, *Rayagada.
Qualification for Technician:- ITI/ Diploma with min. 2yrs. of experience/ Freshers may applied.
For Rigger: - 10+2/ ITI
Salary: - As per company standards and Negotiable
Contacts:- 7381020291 / 6289500133

# ରାୟଗଡ଼ା ରେଳ ଡିଭିଜନ ନିର୍ମାଣ ପାଇଁ ୭୦ କୋଟି ଅନୁମୋଦନ

ରାୟଗଡ଼ା,୨୬।୭ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ାରେ ରେଳ ଡିଭିଜନ ନିର୍ମାଣ ପାଇଁ ୭୦ କୋଟି ଟଙ୍କା ଅନୁମୋଦନ କରିଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ରେଳମନ୍ତ୍ରୀ ବୈଷ୍ଣବ ନୂଆଦିଲ୍ଲୀରେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝିଙ୍କ ଉପସ୍ଥିତିରେ ଜାତୀୟ ଗଣମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ଖୁବ୍‌ଶୀଘ୍ର ଟେଣ୍ଡର କରାଯାଇ କାମ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି।

ଚଳିତ ରେଳ ବଜେଟରେ ରାୟଗଡ଼ାରେ ରେଳ ଡିଭିଜନ କାର୍ଯ୍ୟକ୍ଷମ ନେଇ କୌଣସି ଅନୁଦାନ ମିଳି ନ ଥିଲା। ଶୁକ୍ରବାର ଏ ସଂକ୍ରାନ୍ତରେ ରେଳମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିବା ପରେ ରାୟଗଡ଼ା ରେଳ ଡିଭିଜନ ନିର୍ମାଣ ପାଇଁ ଅନୁଦାନ ଘୋଷଣା କରାଯାଇଛି। ବଜେଟ ଅନୁମୋଦନ ପାଇଁ ଏମ୍‌ପି ମାଝି ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ଅଞ୍ଚଳର ବହୁଦିନରୁ ଆକାଂକ୍ଷିତ ରାୟଗଡ଼ା ରେଳ ଡିଭିଜନ ସ୍ୱପ୍ନ ସାକାର ହେବ ବୋଲି କହିଛନ୍ତି।



ପ୍ରକାଶ ଥାଉକି, ୨୦୧୯ ନିର୍ବାଚନ ପୂର୍ବରୁ ତତ୍କାଳୀନ ରେଳମନ୍ତ୍ରୀ ପୀୟୂଷ ଗୋୟଲ ରାୟଗଡ଼ାରେ ରେଳ ଡିଭିଜନ ନିର୍ମାଣ ନେଇ ଘୋଷଣା କରିଥିଲେ। ହେଲେ ତା'ପରଠାରୁ ରେଳ ଡିଭିଜନ ନିର୍ମାଣ ଆଗକୁ ବଢ଼ିପାରି ନ ଥିଲା। ରେଳ ଡିଭିଜନ ନିର୍ମାଣ ପାଇଁ ୩୮୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ ଥିବାବେଳେ ୨୦୨୦ ବଜେଟରେ କୌଣସି ଅନୁଦାନ ମିଳି ନ ଥିଲା। ୨୦୨୨ ବଜେଟ ଅଧିବେଶନରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକାଙ୍କ ପ୍ରଶ୍ନ ପରେ ମାତ୍ର ୩ କୋଟି ଟଙ୍କା ଅନୁମୋଦନ ହୋଇଥିଲା। ତା'ପରଠାରୁ ଆଉ ଟଙ୍କାଟିଏ ମଧ୍ୟ ଅନୁମୋଦନ ହୋଇ ନ ଥିଲା। ତେବେ ଘୋଷଣା ହେବାର ୫ ବର୍ଷ ପରେ ରେଳ ଡିଭିଜନ ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ହେଉଛି ଏବଂ କେବେ କାର୍ଯ୍ୟକ୍ଷମ ହେବ ତାକୁ ନେଇ ଅପେକ୍ଷାରେ ସ୍ଥାନୀୟ ଅଞ୍ଚଳବାସୀ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକା ଗାଈର ଗୋବର**
**ଏକା ଗୋଠର ଗାଈ**
**ଏକା ଭାଡ଼ିର ପାରା।**

ଗୋଟେ ଗାଈର ଗୋବରରେ ଭିନ୍ନତା ନଥାଏ। ସେହିପରି ଗୋଟିଏ ଗୋଠରେ ଥିବା ଗାଈ ଏବଂ ଭାଡ଼ିରେ ରହୁଥିବା ପାରାମାନେ ସମାନ ପ୍ରକୃତିର ହୋଇଥାନ୍ତି। ସମ ପରିବେଶରେ ବାସ କରୁଥିବା ବ୍ୟକ୍ତିଙ୍କ ଚାଲିଚଳନ, ରଙ୍ଗଢଙ୍ଗ ତଥା ସଭା ସବୁ ସମାନ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଏଇ ମନ ଯେବେ ହୁଅଇ ପ୍ରସନ୍ନ**
**ଦିଅଇ ଅଭୟ ବର**
**ଏଇ ମନ ଯେବେ ନ ହେଲା ପ୍ରସନ୍ନ**
**କରି କରେ ଛାରଖାର।**

ମନର ବିଭିନ୍ନ ଭୂମିକା। ସୁଖ ଦୁଃଖ, ହସ କାନ୍ଦ ମନ ଉପରେ ଗଭୀର ରେଖାପାତ ସୃଷ୍ଟି କରିଥାଏ। ମନ ଶାନ୍ତ ଥିଲେ ସବୁ ସୁଖକର ଲାଗେ। ଅଶାନ୍ତ ବା ବିରସ ହେଲେ ସବୁ ଖୁସି ନିମିଷକେ ଉଭେଇଯାଏ। ମନ ହିଁ ଆନନ୍ଦର ନିୟନ୍ତ୍ରଣକାରୀ। ମନ ଖରାପ ହେଲେ ସବୁ କିଛି ପୋଡ଼ିଜଳି ପାଉଁଶ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

Admission 2024
BERHAMPUR UNIVERSITY (Bhanja Bihar)
- 225 Acres of Lush Green Campus
- Just a Short Drive from Stunning Gopalpur Sea Beach
- Two Centre for Excellence with State of Art Labs
- Innovation & Incubation Centre
- Sole University in Odisha offers a PG course in Marine Science
- Seamless Connectivity & Top- Notch Security
- Cutting Edge Smart Class Rooms
- Hostel Facilities for both Boys & Girls



Visit Now
www.buodisha.edu.in

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| କ୍ର. ସଂ. | ପଦବୀ | ଖାଲି ପଦବୀ |
|---|---|---|
| | ବିଜ୍ଞାପନ ସଂ.: CRPD/SCO/2024-25/09 | |
| 1 | ରିସର୍ଚ୍ଚ ଟିମ୍ (ପ୍ରଡକ୍ଟ ଲିଡ୍) | 2 |
| 2 | କେନ୍ଦ୍ରୀୟ ଅନୁସନ୍ଧାନ ଦଳ (ସହାୟତା) | 2 |
| 3 | ପ୍ରକଳ୍ପ ବିକାଶ ପରିଚାଳକ (ପ୍ରଯୁକ୍ତିବିଦ୍ୟା) | 1 |
| 4 | ପ୍ରକଳ୍ପ ବିକାଶ ପରିଚାଳକ (ବ୍ୟବସାୟ) | 2 |
| 5 | ସମ୍ପର୍କ ପରିଚାଳକ | 273 |
| 6 | ଭିପି-ୱେଲ୍‌ଥ | 643 |
| 7 | ସମ୍ପର୍କ ପରିଚାଳକ - ଟିମ୍ ଲିଡ୍ | 32 |
| 8 | ଆଞ୍ଚଳିକ ମୁଖ୍ୟ | 6 |
| 9 | ବିନିଯୋଗ ବିଶେଷଜ୍ଞ | 30 |
| 10 | ବିନିଯୋଗ ଅଧିକାରୀ | 49 |

*(ବ୍ୟାକଲଗ୍ ଖାଲି ପଦବୀ ସହିତ)

ଉପରୋକ୍ତ ପୋଷ୍ଟଗୁଡିକର ବିବରଣୀ ସବିଶେଷ ବିଜ୍ଞାପନ ନଂ. CRPD/SCO/2024-25/09 ତାରିଖ 19.07.2024 ରେ ଉପଲବ୍ଧ । ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ୍ ଇତ୍ୟାଦି), ଖାଲି ପଦବୀ ବିବରଣୀ, ଆବଶ୍ୟକ ଫି ଏବଂ ଅନ୍ୟାନ୍ୟ ବିବରଣୀ ଏବଂ ଅନଲାଇନ୍ ଆବେଦନ ଲିଙ୍କ୍ ପାଇଁ ବ୍ୟାଙ୍କର ୱେବସାଇଟ୍ https://bank.sbi/web/careers କୁ ଲଗ୍ ଅନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 19.07.2024 ରୁ 08.08.2024 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 19.07.2024
ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)

ଅନ୍ୟମାନଙ୍କଠାରୁ ଯାହା ଆସେ -ତାହାଦ୍ୱାରା ବିକ୍ଷୁବ୍ଧ ନ ହୋଇ- ଯେତେବେଳେ ଆମ୍ଭେମାନେ କେବଳ ଭଗବାନଙ୍କ କୋଳରେ ସ୍ଥିର ହୋଇ ରହୁ- ସେତେବେଳେ ଆରେ ତାଙ୍କର ଅଦ୍ଭୁତ କ୍ଷମତାକୁ ଦେଖିପାରୁ। ଅନୁଭବ ମଧ୍ୟ କରିପାରୁ। ତାଙ୍କ ପ୍ରତି ଆମର ପ୍ରେମରେ ହିଁ ରହିଛି ଆମର ନିରାପତ୍ତା। -ଶ୍ରୀମା



# ଇସ୍ତଫା ପଛର କାରଣ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଗଣେ ଆଇଏଏସ୍ ପ୍ରୋବେସନରଙ୍କ ନକଲି ସାର୍ଟିଫିକେଟ୍‌କୁ ନେଇ ହୋଇଥିବା ଘୋଟାଲା ପରେ ୟୁପିଏସ୍‌ସି ଅଧ୍ୟକ୍ଷ ଡ. ମନୋଜ ସୋନି ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି ବୋଲି ଗୁଜବ ସୃଷ୍ଟି ହୋଇଛି। କିନ୍ତୁ ସୋନି ପ୍ରାୟ ଏକମାସ ପୂର୍ବରୁ ଇସ୍ତଫା ଦେଇଥିବା ବିଷୟ ସାଧାରଣରେ ଏବଂ ବାବୁ କରିଡରରେ ଆଲୋଚନା ହେଉଛି। ଏହା ଯଦି ସତ, ତେବେ ବୁଝିବାକୁ ହେବ ଯେ, ପୂଜା ଖେଡ୍‌କର ଏବଂ ଅନ୍ୟମାନଙ୍କ ନକଲି ସାର୍ଟିଫିକେଟ୍ ହେରଫେର ସହ ସୋନିଙ୍କ ପଦତ୍ୟାଗର ସିଧା ସମ୍ପର୍କ ନ ଥିଲା। ତେବେ ଏହା ପଛରେ ଆଉ କିଛି କାରଣ ଅଛି କି? ସେ ଯାହା ହେଉ, ସୋନିଙ୍କ ଘର ଗୁଜରାଟରେ ଏବଂ ସେ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଅତି ନିକଟତର ବୋଲି କୁହାଯାଉଛି। ତାଙ୍କ ବିଭାଗରେ ଥିବା ବ୍ୟକ୍ତିମାନେ କହନ୍ତି, ସେ ପ୍ରାୟତଃ ତାଙ୍କ ନିଷ୍ପତ୍ତି ଓ ମନ୍ତବ୍ୟରେ ଦୃଢ଼ ରହନ୍ତି, ଏପରିକି ସରକାରଙ୍କ ବିରୋଧରେ ତାହା ଯାଉଥିଲେ ବି ପରିବର୍ତ୍ତନ କରନ୍ତି ନାହିଁ। ଆଶ୍ଚର୍ଯ୍ୟର କଥା ଯେ, ଇସ୍ତଫା ଦେବା ଭଳି ପ୍ରମୁଖ ଖବର ବାହାରକୁ ଆସିବାକୁ ଅଧିକ ସମୟ ଲାଗିଲା। ବୋଧହୁଏ ପ୍ରଶାସନ ବିଷୟଗୁଡ଼ିକ ଉପରେ କଡ଼ା ନିୟନ୍ତ୍ରଣ ରଖିଥିବାରୁ ଏଭଳି ହେଲା କିମ୍ବା ସରକାର ଗଠନ ଏବଂ ସଂସଦ ଅଧିବେଶନରେ ଗଣମାଧ୍ୟମ ଅତ୍ୟଧିକ ବ୍ୟସ୍ତତା କାରଣରୁ ଏହା ହୋଇଥାଇପାରେ। ସେ ପଦରୁ ଇସ୍ତଫା ଦେବା ପଛର କାରଣ ଯାହା ହେଉନା କାହିଁକି, ଏହି ପୂରା ଅଧ୍ୟାୟ ଏକ ବଢ଼ୁଥିବା ଦୁର୍ନୀତିର ସଙ୍କେତ ଦେଉଛି। ସୋନିଙ୍କ ଇସ୍ତଫାକୁ ନେଇ ଅଧିକ ଘଟଣା ସାମ୍ନାକୁ ଆସୁଛି, ଯାହା ହୁଏତ ବ୍ୟବସ୍ଥାରେ କିଛି ବଡ଼ ସ୍ୱଚ୍ଛତା ଆଣିବାକୁ ପ୍ରେରିତ କରିପାରେ।

### ପ୍ରଭାବଶାଳୀ କୂଟନୀତିଜ୍ଞ

ଭାରତର ପୂର୍ବତନ ବୈଦେଶିକ ସଚିବ ବିନୟ ମୋହନ କ୍ୱାତ୍ରା ବର୍ତ୍ତମାନ ଆମେରିକାରେ ଭାରତୀୟ ରାଷ୍ଟ୍ରଦୂତ ଭାବରେ ନୂଆ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜାନୁଆରୀରୁ ତାରନଜିତ୍ ସାନ୍ଧୁ ଅବସର ନେବା ପରେ ଏହି ପଦବୀ ଖାଲି ଥିଲା। ତେଣୁ ଭାରତ-ଆମେରିକା ସମ୍ପର୍କକୁ ଏକ ସ୍ଥିର ପଥରେ ରଖିବା ପାଇଁ କ୍ୱାତ୍ରାଙ୍କ ନିଯୁକ୍ତି ଏକ ସମୟ ଉପଯୋଗୀ ପଦକ୍ଷେପ। ଆନ୍ତର୍ଜାତୀୟ ସମ୍ପର୍କ ବିଷୟରେ କ୍ୱାତ୍ରାଙ୍କ ଜ୍ଞାନ ଏବଂ ତାଙ୍କର ପ୍ରଭାବୀ କୂଟନୈତିକ କାର୍ଯ୍ୟ ପାଇଁ ସେ ଏହି ପଦବୀ ନିମନ୍ତେ ଉପଯୁକ୍ତ ବୋଲି ପର୍ଯ୍ୟବେକ୍ଷକମାନେ କହନ୍ତି। ସେ ଚାଇନା, ଆମେରିକା, ଫ୍ରାନ୍ସ ଏବଂ ମୋଦିଙ୍କ କାର୍ଯ୍ୟାଳୟରେ କାମ କରି ଅନେକ କିଛି ଦେଖିଛନ୍ତି ଓ ଅନୁଭବ କରିଛନ୍ତି। ବିଶ୍ୱ ରାଜନୀତିର ଜଟିଳତାକୁ ପରିଚାଳନା କରିବା ଏବଂ ଦୁଇ ଗଣତାନ୍ତ୍ରିକ ରାଷ୍ଟ୍ର ମଧ୍ୟରେ ସମ୍ପର୍କ ଦୃଢ଼ କରିବାରେ ତାଙ୍କର ପୃଷ୍ଠଭୂମି ତାଙ୍କୁ ଭଲ ଭାବରେ ପ୍ରସ୍ତୁତ କରିଛି। ଆମେରିକାରେ ନିର୍ବାଚନ ହେବାକୁ ଯାଉଥିବାରୁ କ୍ୱାତ୍ରାଙ୍କ ଦାୟିତ୍ୱ ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ତାଙ୍କର ଲକ୍ଷ୍ୟ ହେଉଛି ଆମେରିକା ପ୍ରଶାସନର କୌଣସି ପରିବର୍ତ୍ତନକୁ ଖାତିର ନ କରି ଭାରତ-ଆମେରିକା ସମ୍ପର୍କରେ ସ୍ଥିରତା ଏବଂ ନିଶ୍ଚିତତା ପ୍ରଦାନ କରିବା। ତାଙ୍କର ପ୍ରାଥମିକତା ହେଉଛି ପରବର୍ତ୍ତୀ ପ୍ରଶାସନରେ ଭାରତ ସମ୍ବନ୍ଧୀୟ ନୀତି ଗଠନ କରିପାରୁଥିବା ପ୍ରମୁଖ ଅଧିକାରୀଙ୍କ ସହ ଯୋଗାଯୋଗ କରିବା । ମୋଟ ଉପରେ ୱାଶିଂଟନ ଡିସିରେ ତାଙ୍କର ଉପସ୍ଥିତି, ଏବକାର ଭାରତ-ଆମେରିକା ସମ୍ପର୍କର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟକୁ ଚିହ୍ନିତ କରିବାକୁ ଯାଉଛି।

### ଭିନ୍ନ ପଦକ୍ଷେପ

ଏକ ଆଶ୍ଚର୍ଯ୍ୟଜନକ ପଦକ୍ଷେପ କ୍ରମେ କେରଳ ସରକାର ତାଙ୍କର ବୈଦେଶିକ ସଚିବ ଭାବେ କାର୍ଯ୍ୟରତ ଶ୍ରମ ଏବଂ ଦକ୍ଷତା ସଚିବ ତଥା ବରିଷ୍ଠ ଆଇଏଏସ୍ ଅଧିକାରୀ କେ. ବାସୁକିଙ୍କୁ ନିଯୁକ୍ତ କରିଛନ୍ତି। ପଦବୀର ଔପଚାରିକ ଟାଇଟଲ ସେକ୍ରେଟାରି ଇନ୍ ଚାର୍ଜ ଅଫ୍ ମ୍ୟାଟର୍ସ କନସର୍ନିଂ ଏକ୍ସଟର୍ନାଲ କୋଅପରେଶନ ରଖାଯାଇଛି। ଏହି ପଦକ୍ଷେପକୁ ନେଇ ଅନେକେ ଆଶ୍ଚର୍ଯ୍ୟ ହୋଇଛନ୍ତି ଓ ଏହା ଉପରେ ତୀବ୍ର ସମାଲୋଚନା ପ୍ରକାଶ ପାଇଛି। ବୈଦେଶିକ ବ୍ୟାପାର ସାଧାରଣତଃ କେନ୍ଦ୍ର ସରକାରଙ୍କ ଅଧୀନ ହୋଇଥିବାରୁ ଭାଜପା ଏହି ନିଯୁକ୍ତିକୁ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ପ୍ରଶାସନର 'ଏକ ସମ୍ପୂର୍ଣ୍ଣ ମାତ୍ରାଧିକ କାର୍ଯ୍ୟ' ବୋଲି କହିଛି। ସରକାରୀ ଆଦେଶ ଅନୁଯାୟୀ, ବାସୁକି ବର୍ତ୍ତମାନ ବୈଦେଶିକ ସହଯୋଗ ସହ ଜଡ଼ିତ ସମସ୍ତ କାର୍ଯ୍ୟର ତଦାରଖ କରିବେ ଏବଂ ଯେପର୍ଯ୍ୟନ୍ତ ଅନ୍ୟ ବ୍ୟବସ୍ଥା ନ ହୋଇଛି ସେ ପର୍ଯ୍ୟନ୍ତ ସାଧାରଣ ପ୍ରଶାସନ (ରାଜନୈତିକ) ବିଭାଗ ସହ ମିଶି କାର୍ଯ୍ୟ କରିବେ। ଏହାସହ ନୂଆଦିଲ୍ଲୀର କେରଳ ହାଉସ୍‌ର ରେସିଡେଣ୍ଟ କମିଶନର ତାଙ୍କୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ(ଏମ୍ଇଏ) ଏବଂ ବିଦେଶରେ ଥିବା ଭାରତୀୟ ଦୂତାବାସ ସହ ଯୋଗାଯୋଗ କରିବାରେ ସହାୟତା କରିବେ। ସମାଲୋଚକମାନେ ବାସୁକିଙ୍କ ନୂତନ ଦାୟିତ୍ୱର ବୈଧତା ଉପରେ ପ୍ରଶ୍ନ କରିଛନ୍ତି, ଏହା ଏମ୍ଇଏର ଅଧିକାର କ୍ଷେତ୍ରରେ ହସ୍ତକ୍ଷେପ କରୁଛି ବୋଲି ମତ ଦେଇଛନ୍ତି। କେହି କେହି ଏହି ନିଯୁକ୍ତିକୁ ଅସାମ୍ବିଧାନିକ ବୋଲି କହିବାକୁ ପଛାଇନାହାନ୍ତି। ଏପରିକି ସେମାନେ ସୂଚାଇ ଦେଇଛନ୍ତି ଯେ ବିଜୟନ କେରଳ ମଧ୍ୟରେ ଏକ ପୃଥକ୍ ରାଷ୍ଟ୍ର ଗଠନ କରିବାକୁ ଚେଷ୍ଟା କରୁଛନ୍ତି। ତେବେ କେତେଜଣ ପର୍ଯ୍ୟବେକ୍ଷକ ଏକମତ ହୋଇଛନ୍ତି ଯେ ଏହି ପଦକ୍ଷେପ ସମ୍ପୂର୍ଣ୍ଣ ଭିନ୍ନ। ବିବାଦ ସତ୍ତ୍ୱେ କେରଳ ସରକାର ଏହି ଅସାମ୍ବିଧାନିକ ନିଷ୍ପତ୍ତି ସହିତ ଆଗକୁ ବଢୁଥିବା ଜଣାପଡ଼ିଛି। ଏହି ପଦକ୍ଷେପ ରାଜ୍ୟର ବୈଦେଶିକ ସମ୍ପର୍କକୁ ମଜଭୁତ କରିବ ନା କେବଳ ରାଜନୈତିକ ଉତ୍ତେଜନାକୁ ବୃଦ୍ଧି କରିବ ତାହା ସମୟ ହିଁ କହିବ।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 8 | |
| | 6 | | 4 | 3 | | | | |
| | | | 1 | | | 2 | | 5 |
| 9 | | 4 | | 2 | | | | |
| | 8 | | | | | | | |
| 6 | | 5 | | 7 | | | | |
| 4 | | | | | 7 | | 5 | 6 |
| 5 | | | | | | | | 8 |
| 7 | | | | | | 1 | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 7 | 2 | 3 | 9 | 8 | 1 | 5 |
| 8 | 1 | 9 | 5 | 7 | 6 | 3 | 4 | 2 |
| 5 | 3 | 2 | 4 | 8 | 1 | 9 | 7 | 6 |
| 7 | 5 | 4 | 3 | 9 | 2 | 6 | 8 | 1 |
| 9 | 8 | 3 | 6 | 1 | 4 | 5 | 2 | 7 |
| 2 | 6 | 1 | 8 | 5 | 7 | 4 | 9 | 3 |
| 1 | 9 | 6 | 7 | 4 | 3 | 2 | 5 | 8 |
| 4 | 2 | 8 | 1 | 6 | 5 | 7 | 3 | 9 |
| 3 | 7 | 5 | 9 | 2 | 8 | 1 | 6 | 4 |

ଗତକାଲିର ଉତ୍ତର

# ବଜେଟରେ ସାଧାରଣ ଜନତା



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଜୁଲାଇ ୨୩ ତାରିଖରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବଜେଟ ଉପସ୍ଥାପନ କରିଥିଲେ। ପୂର୍ବଥର ଭଳି ବଜେଟ ଏଥର ଦେଶର ସାଧାରଣ ଜନତା ବିଶେଷ କରି କୃଷକ, ଶ୍ରମିକ, ଯୁବକ, ମହିଳା ଏପରିକି ମଧ୍ୟବିତ୍ତ ଶ୍ରେଣୀକୁ ନିରାଶ କରିଛି। ବଜେଟରେ ଦେଶର ଅର୍ଥନୈତିକ ବିକାଶ କିମ୍ବା ରୋଜଗାର ସୃଷ୍ଟି ନେଇ ସରକାରଙ୍କ ରାଜନୈତିକ ଇଚ୍ଛାଶକ୍ତିର କୌଣସି ଝଲକ ଦେଖିବାକୁ ମିଳିଲାନି। ଏଥିରେ କୃଷକମାନଙ୍କ ପାଇଁ ନା କିଛି ଘୋଷଣା ରହିଛି ନା ଯୁବତୀଯୁବକମାନଙ୍କ ପାଇଁ ରହିଛି କିଛି ଆଶା । ସରକାର ସାଧାରଣ ଜନତାଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ବାବଦରେ ବ୍ୟୟବରାଦ ବୃଦ୍ଧି କରି ନଥିବା ବେଳେ କୃଷକ ଓ ଗରିବ ଲୋକଙ୍କ ପାଇଁ ଦିଆଯାଉଥିବା ସାର ଓ ଖାଦ୍ୟ ସବ୍‌ସିଡିକୁ ହ୍ରାସ କରିଛନ୍ତି। ପରିତାପର ବିଷୟ, ଦେଶର ରାଜକୋଷୀୟ ନିଅଣ୍ଟକୁ କମାଇବା ପାଇଁ ସରକାର ବଜେଟରେ ସୁପର ମୁନାଫା କମାଇଥିବା କର୍ପୋରେଟ୍‌ମାନଙ୍କ ଉପରେ କୌଣସି ଅତିରିକ୍ତ ଟିକସ ପକାଇ ନାହାନ୍ତି। ବରଂ ଓଲଟା ରୋଜଗାର ବୃଦ୍ଧିକୁ ପ୍ରୋତ୍ସାହନ ଦେବା ନାଁରେ କର୍ପୋରେଟଙ୍କ ପାଇଁ ବିପୁଳ ପରିମାଣର ଆର୍ଥିକ ରିହାତି ଘୋଷଣା କରି ସେମାନଙ୍କ ମୁନାଫାକୁ ବଢ଼ାଇବାକୁ ଚେଷ୍ଟା କରିଛନ୍ତି।

କୃଷିରେ ବର୍ଦ୍ଧିତ ଉତ୍ପାଦନ ଖର୍ଚ୍ଚ, ଫସଲର ଉପଯୁକ୍ତ ମୂଲ୍ୟ ନ ମିଳିବା ଏବଂ ସର୍ବୋପରି ବର୍ଦ୍ଧିତ ଋଣଭାର ଲାଗି କୃଷକମାନଙ୍କ ଆୟ କମିବାରେ ଲାଗିଛି। ସରକାର ପୂର୍ବରୁ କୃଷକଙ୍କ ଆୟକୁ ଦୁଇ ଗୁଣ କରିବାକୁ ଘୋଷଣା କରିଥିଲେ ମଧ୍ୟ ତାହା ଏଯାଏ ଦେଖିବାକୁ ମିଳିଲାନି। ଚଳିତ ବଜେଟରେ ସରକାର ଦେଶର କୃଷି ଓ କୃଷକଙ୍କ ସଙ୍କଟକୁ ଦୂର କରିବା ଦିଗରେ କୌଣସି ଆର୍ଥିକ ସହାୟତା ଘୋଷଣା କରିବା ଦେଖାଗଲାନି। ଏପରିକି କୃଷି ସହାୟତା ନାଁରେ ଛଅ ବର୍ଷ ତଳେ ଆରମ୍ଭ ହୋଇଥିବା ପିଏମ୍ କିଷାନ୍ ଯୋଜନାରେ ଦିଆଯାଉଥିବା ବାର୍ଷିକ ୬ ହଜାର ଟଙ୍କାକୁ ବୃଦ୍ଧି କରାଗଲାନି। କୃଷକମାନଙ୍କ ଦାବି ମୁତାବକ ଏମ୍ଏସ୍‌ପିକୁ ଆଇନଗତ ମାନ୍ୟତା ଦେବାକୁ ସରକାର ଚାହିଁନାହାନ୍ତି। ଉତ୍ପାଦନ ଖର୍ଚ୍ଚକୁ କମାଇବାକୁ କୃଷି ଯନ୍ତ୍ରପାତି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଜିନିଷରେ କୃଷକମାନେ ଦେଉଥିବା ଅତ୍ୟଧିକ ଜିଏସ୍‌ଟି (୧୮-୨୮%)କୁ ହ୍ରାସ କରିବାକୁ ତ ବଜେଟରେ ସରକାର ଘୋଷଣା କରିନାହାନ୍ତି, ଓଲଟା ସାର ଓ ଖାଦ୍ୟରେ ଦିଆଯାଉଥିବା ସବ୍‌ସିଡି କମାଇବା ଫଳରେ କୃଷିକାର୍ଯ୍ୟକୁ ଅଧିକ ଖର୍ଚ୍ଚବହୁଳ କରିଛନ୍ତି।

ଗତ ଦଶବର୍ଷ ମଧ୍ୟରେ ଋଣଭାର ସମେତ ବିଭିନ୍ନ କାରଣରୁ ଦୈନିକ ହାରାହାରି ୩୦ରୁ ଊର୍ଦ୍ଧ୍ୱ କୃଷକ ଆତ୍ମହତ୍ୟା କରୁଥିବା ବେଳେ ସରକାର ବଜେଟରେ ସେମାନଙ୍କ ଋଣଛାଡ଼ ନେଇ ନୀରବ ରହିଛନ୍ତି। ଅଥଚ ଗତ ଦଶବର୍ଷ ମଧ୍ୟରେ ଦେଶର



ବଡ଼ କର୍ପୋରେଟ୍‌ମାନଙ୍କ ୧୬ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଋଣକୁ ଛାଡ଼ କରି ଦିଆଯାଇଛି। କୃଷି ପାଇଁ ସରକାରଙ୍କ ବଡ଼ ବଡ଼ ପ୍ରତିଶ୍ରୁତି ସତ୍ତ୍ୱେ ଚଳିତ ବଜେଟରେ ସେ ବାବଦରେ ବ୍ୟୟବରାଦ ଦୁର୍ଭାଗ୍ୟଜନକ। ଦେଶର ଜନସଂଖ୍ୟାର ୪୫%ରୁ ଅଧିକ କୃଷି ଉପରେ ନିର୍ଭରଶୀଳ ଥିବା ବେଳେ ସରକାର ବଜେଟର ମାତ୍ର ୩.୫% କୃଷି ବାବଦରେ ବରାଦ କରିଛନ୍ତି। ଏପରିକି ୨୦୧୯-୨୦ର ବଜେଟ ତୁଳନାରେ ଚଳିତ ବଜେଟରେ କୃଷିରେ ୫.୪୪% କମ୍ ବରାଦ ହୋଇଛି। ୨୦୨୩-୨୪ରେ ୧,୧୬,୭୮୮ କୋଟି ବ୍ୟୟବରାଦ ହୋଇଥିବା ବେଳେ ଚଳିତ ବଜେଟରେ ୧,୨୨,୫୨୮ କୋଟି ବରାଦ ହୋଇଛି। କେବଳ ସେତିକି ହିଁ ନୁହେଁ ବିଭିନ୍ନ କାରଣରୁ ୨୦୨୨-୨୩ ତୁଳନାରେ ୨୦୨୩-୨୪ରେ କୃଷିରେ ବୃଦ୍ଧିର ହାର ୪.୭% ରୁ ୧.୪% କୁ କମିଥିବା ବେଳେ ବଜେଟରେ କିନ୍ତୁ ବ୍ୟୟବରାଦ ବଢ଼ିନି। ବଜେଟରେ କୃଷକମାନଙ୍କୁ ଦିଆଯାଉଥିବା ସାରରେ ସବ୍‌ସିଡିର ପରିମାଣକୁ ହ୍ରାସ କରାଯାଇଛି। ସାର ସବ୍‌ସିଡି ବାବଦରେ ବ୍ୟୟ ଗତବର୍ଷ ୧,୮୮,୯୪୯ କୋଟି ଥିବା ବେଳେ ଚଳିତ ବର୍ଷ ତାହା ୧,୬୪,୧୮୦ କୋଟିକୁ ହ୍ରାସ ପାଇଛି। ସାର ସବ୍‌ସିଡିରେ ଏହି ୨୪,୮୯୪ କୋଟି ଟଙ୍କା ହ୍ରାସର ପ୍ରଭାବ ସିଧାସଳଖ ଦେଶର କୃଷକମାନଙ୍କ ଉପରେ ପଡ଼ିବ। ସେମାନଙ୍କ ଫସଲର ଉତ୍ପାଦନ ଖର୍ଚ୍ଚକୁ ଅକାରଣରେ ବଢ଼ାଇବ।

ବଜେଟରେ ଖାଦ୍ୟ ବାବଦରେ ଦିଆଯାଉଥିବା ସବ୍‌ସିଡିରେ ୭୦୮୨ କୋଟି ହ୍ରାସ କରି ସରକାର ଦେଶର କୋଟି କୋଟି ଗରିବ ଲୋକଙ୍କ ଖାଦ୍ୟ ସୁରକ୍ଷା ଉପରେ ସିଧାସଳଖ ପ୍ରହାର କରିଛନ୍ତି। ଗତ ବଜେଟରେ ତାହା ୨,୨୧,୯୨୪ କୋଟି ଥିବା ବେଳେ ଚଳିତ ବଜେଟରେ ତାକୁ ୨,୧୭,୦୧୯ କୋଟି ଟଙ୍କାକୁ ହ୍ରାସ କରାଯାଇଛି। ଖାଦ୍ୟ ସବ୍‌ସିଡିରେ ଏହି ହ୍ରାସର ପ୍ରଭାବ ଉଭୟ କୃଷି ଓ ଖାଦ୍ୟ ସୁରକ୍ଷା ଉପରେ ପଡ଼ିବାକୁ ଯାଉଛି। ଦେଶର ଅଧିକରୁ ଅଧିକ ଗରିବ ଲୋକ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ହେବେ ଏବଂ ସରକାର କୃଷକମାନଙ୍କ ଉତ୍ପାଦିତ ଫସଲକୁ କମ୍ କିଣିବେ। ଦେଶରେ କ୍ଷୁଧାର ସ୍ଥିତି କେତେ ଉଦ୍‌ବେଗଜନକ ତାହା ବିଶ୍ୱ କ୍ଷୁଧା ସୂଚକାଙ୍କର ରିପୋର୍ଟରେ ବାରମ୍ବାର ପ୍ରତିଫଳିତ ହୋଇଛି। ଏହା ବ୍ୟତୀତ ଦେଶର ଅଶୀ କୋଟିରୁ ଅଧିକ ଲୋକ ମାସିକ ପାଞ୍ଚ କିଲୋ ମାଗଣା ଚାଉଳରେ ବଞ୍ଚି ରହିବା ଦେଶର ଖାଦ୍ୟ ସୁରକ୍ଷାର ସ୍ଥିତିକୁ ପ୍ରମାଣିତ କରୁଛି। ଏଭଳି ପରିସ୍ଥିତିରେ ସରକାର ଖାଦ୍ୟ ସୁରକ୍ଷା ବାବଦରେ ଅଧିକ ବ୍ୟୟବରାଦ କରିବା ପରିବର୍ତ୍ତେ ଖାଦ୍ୟ ସବ୍‌ସିଡିକୁ ହ୍ରାସ କରି ଦେଶର କୋଟି କୋଟି ଗରିବ ଲୋକଙ୍କୁ ଯେ କ୍ଷୁଧା ଭିତରକୁ ଠେଲି ଦେଉଛନ୍ତି, ଏହା ବଜେଟରୁ ସ୍ପଷ୍ଟ ହୋଇଯାଇଛି।

ବଜେଟରେ କୃଷି ଓ ଗ୍ରାମ୍ୟ ଉନ୍ନୟନ ବାବଦରେ ବ୍ୟୟବରାଦ ଜିଡିପିର ଶତାଂଶ ହିସାବରେ ସ୍ଥିର ରହିଛି। ଗ୍ରାମାଞ୍ଚଳରେ ଲୋକଙ୍କୁ ରୋଜଗାର ଦେଉଥିବା ଏକମାତ୍ର ସରକାରୀ ଯୋଜନା ମନରେଗା ପୁଣିଥରେ ସରକାରୀ ଅବହେଳାର ଶିକାର ହୋଇଛି। ଗତବର୍ଷ ତୁଳନାରେ ମନରେଗା ବାବଦରେ ସରକାର କମ୍ ବ୍ୟୟବରାଦ କରିଛନ୍ତି।

୧୪୦ କୋଟି ଜନସଂଖ୍ୟାର ଦେଶରେ ସରକାର ବଜେଟରେ ସ୍ୱାସ୍ଥ୍ୟସେବା ବାବଦରେ ମାତ୍ର ୮୯,୦୦୦ କୋଟି ବ୍ୟୟବରାଦ କରିଥିବା ବେଳେ ଶିକ୍ଷା ବାବଦରେ ମାତ୍ର ୧.୨୬ ଲକ୍ଷ କୋଟି ବ୍ୟୟବରାଦ କରିଛନ୍ତି। ଭାରତକୁ ବିକଶିତ ଦେଶରେ ପରିଣତ କରିବାକୁ ଲକ୍ଷ୍ୟ ରଖିଥିବା ସରକାର ସ୍ୱାସ୍ଥ୍ୟସେବା ଓ ଶିକ୍ଷା କ୍ଷେତ୍ରରେ ବ୍ୟୟ କରିବାରେ ବିଶ୍ୱର ସମସ୍ତ ବିକଶିତ ଦେଶଠାରୁ ଯେ ଅନେକ ପଛରେ ରହିଛନ୍ତି, ଚଳିତ ବଜେଟରୁ ଏହା ପ୍ରମାଣିତ ହୋଇଛି।

ଦେଶରେ ବେକାରି ହାର ଗତ ଚାରି ଦଶନ୍ଧି ମଧ୍ୟରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ବାର୍ଷିକ ଦୁଇ କୋଟି ରୋଜଗାରର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ସରକାର ଗତ ଦଶବର୍ଷ ଶାସନକାଳରେ ଏ ଦିଗରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଚଳିତ ବଜେଟରେ ଦେଶରେ ରୋଜଗାର ସୃଷ୍ଟି ଦିଗରେ କୌଣସି ଠୋସ୍ ଘୋଷଣା ନକରି ସରକାର ଦେଶର ଯୁବତୀ ଯୁବକଙ୍କୁ ନିରାଶ କରିଛନ୍ତି। ଅର୍ଥନୀତିରେ ଚାହିଦା ତିଆରି କରିବାକୁ ପଦକ୍ଷେପ ନିଆଯିବା ବଦଳରେ କେବଳ ଯୋଗାଣ ବଢ଼େଇବାକୁ ପଦକ୍ଷେପ ନିଆଯାଇଛି। କାରଣ ଚାହିଦା ନ ବଢ଼ିଲେ ଉତ୍ପାଦନରେ ବୃଦ୍ଧି ଘଟିବନି ଏବଂ ଉତ୍ପାଦନରେ ବୃଦ୍ଧି ନ ଘଟିଲେ ନୂତନ ରୋଜଗାର ସୃଷ୍ଟି ହେବନି। ବରଂ ଏହାର ବିପରୀତ ସରକାର କମ୍ପାନୀମାନଙ୍କୁ ଇନ୍‌ସେଣ୍ଟିଭ୍ ନାଁରେ ଆର୍ଥିକ ସହାୟତା ଦେଇ ରୋଜଗାର ବଢ଼େଇବାକୁ ଲକ୍ଷ୍ୟ ରଖିଛନ୍ତି।

ସରକାର ନୂଆ ରୋଜଗାର ଦେବା କଥା ତ କହିନାହାନ୍ତି ବରଂ ଯୋଜନାରେ ସରକାର ନୂଆରେ ଚାକିରି ପାଉଥିବା ପ୍ରତ୍ୟେକ ବ୍ୟକ୍ତିର ଇପିଏଫ୍ ବାବଦରେ ତା'ର ନିଯୁକ୍ତିଦାତା କମ୍ପାନୀକୁ ମାସିକ ୩ହଜାର ଟଙ୍କା ଲେଖାଏଁ ଦୁଇ ବର୍ଷରେ ୭୨ ହଜାର ଟଙ୍କା ପ୍ରଦାନ କରିବେ। ଏହାଦ୍ୱାରା କେତେ ନୂଆ ରୋଜଗାର ସୃଷ୍ଟି ହେବ ତାହା ଦୂରର କଥା କିନ୍ତୁ ରୋଜଗାର ସୃଷ୍ଟି ନାଁରେ ଏହାଦ୍ୱାରା ବଡ଼ କମ୍ପାନୀଙ୍କୁ ସବ୍‌ସିଡି ଦେଇ ସରକାର ସେମାନଙ୍କ ମୁନାଫାକୁ ଆହୁରି ବଢ଼ାଇବାକୁ ଚାହୁଁଛନ୍ତି, ଏଥିରେ ସନ୍ଦେହ ନାହିଁ।

ଦେଶର ବୃଦ୍ଧ, ବୃଦ୍ଧା, ବିଧବା ଓ ଭିନ୍ନକ୍ଷମ ଲୋକଙ୍କୁ ମିଳୁଥିବା ମାସିକ ସାମାଜିକ ସୁରକ୍ଷା ପେନସନ୍‌ରେ ଏଥର କୌଣସି ବୃଦ୍ଧି ହୋଇନାହିଁ। ଦେଶରେ ସାଂସଦ, ବିଧାୟକ ଓ ସରକାରୀ କର୍ମଚାରୀଙ୍କ ଦରମାରେ ବହୁଗୁଣ ବୃଦ୍ଧି ହୋଇଥିବା ବେଳେ ତଥା ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରଦାମ୍ ଅନେକ ଗୁଣ ବଢ଼ିଥିବା ସତ୍ତ୍ୱେ ସରକାର ଉପରୋକ୍ତ ପେନସନ୍ ରାଶିରେ ଟଙ୍କାଟିଏ ବୃଦ୍ଧି କରିନାହାନ୍ତି।

ମୋ: ୯୪୩୭୧୬୬୩୯୧

# ବିଷମିଶା ରଙ୍ଗିନ ଖାଦ୍ୟ



ଡା. ପ୍ରଫୁଲ୍ଲ କୁମାର ଦାସ

ବର୍ଷାଦିନେ ଲଗାଣ ବର୍ଷା ଭିତରେ ଗରମ କୋବି ମାଞ୍ଚୁରିଆନ, ରଙ୍ଗିନ ମିଠା, କଟନକ୍ୟାଣ୍ଡି ଆଉ ସ୍କୁଲ ଯାଉଥିବା ପିଲାଙ୍କ ପାଇଁ ବରଫ ଗୋଲା ହେଉ ବା ରଙ୍ଗିନ ଚୁସ୍‌କି, ଏହା ସବୁ ନିଶ୍ଚିନ୍ତ ଲୋଭନୀୟ, ଆକର୍ଷଣୀୟ ଓ ପାଗ ଦେଖା ପାଟି ଟକଳା ଜିନିଷ। ଗୋଟିଏ କଥା ଚିନ୍ତା କରନ୍ତୁ ଆଉ ମନେପକାନ୍ତୁ, ଆମ୍ଭେମାନେ ପ୍ରଥମେ ଆଖିରେ ଖାଇଥାଉ ପରେ ଏହା ପାଟିକୁ ଯାଇଥାଏ। ଖାଦ୍ୟଟି ରୁଚିକର, ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟପ୍ରଦ ହୋଇଥାଏ କି ନ ହୋଇଥାଏ ଏହା ତ ପରର କଥା, କିନ୍ତୁ ଦେଖିବାକୁ ଆକର୍ଷଣୀୟ ହୋଇଥିଲେ ନଜର ଛାଁ ଟାଣିହୋଇଯାଏ। ବଜାରରେ ବୁଲିଲା ବେଳେ ଲକ୍ଷ୍ୟ ରଖିଥିବେ ଚିକିମିକିଆ ଆଲୁଅ ତଳେ ସଜାହୋଇ ଯେଉଁ ଖାଇବା ଜିନିଷଗୁଡ଼ିକ ଥାଏ ତାହା କେବଳ ପିଲାମାନଙ୍କୁ ନୁହେଁ ବୟସ୍କ ଲୋକଙ୍କ ଆଖିରୁ ନଜର ଖସାଇପାରି ନ ଥାଏ ଏବଂ ସ୍ୱତଃ ଆମେ ଦୋକାନ ପାଖକୁ ଚାଲିଯାଇଥାଉ। ଆମ ନିତିଦିନିଆ ଖାଦ୍ୟ ତାଲିକାରେ ଲାଲ୍ ଲାଲ୍ ଚିକେନ ତରକାରି ହେଉ ବା ବିଭିନ୍ନ ରଙ୍ଗର ଜିଲାପି, କେକ୍ ହେଉ ବା ଚିକେନ କବାବ୍ ଦେଖିବାକୁ ତ ଅତ୍ୟନ୍ତ ଆକର୍ଷଣୀୟ। ଏହା ପାଟିକୁ ବଢ଼ିଆ ତୃପ୍ତିର ମଜା ଦେଇଥାଏ। କିନ୍ତୁ ଏହି ଭେଳିକି ଖାଦ୍ୟ ସବୁକୁ ରଙ୍ଗିନ କରିବା ପଛରେ ଯେଉଁ ଆର୍ଟିଫିସିଆଲ ବା କୃତ୍ରିମ ଖାଦ୍ୟରଙ୍ଗ ଥାଏ ସେଗୁଡ଼ିକ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଘାତକ, ବିପଦଜନକ।

ଆସନ୍ତୁ,ପ୍ରଥମେ ପିଲାଙ୍କ ଖାଦ୍ୟରୁ ଆରମ୍ଭ କରିବା। ପିଲାମାନଙ୍କର ସବୁଠାରୁ ଲୋଭନୀୟ ହେଉଛି କଟନକ୍ୟାଣ୍ଡି। କେହି କେହି ଏହାକୁ ବୁଢ଼ିଆ କି ବାଲ୍, କେହି କେହି ବମ୍ବେ ଲଡୁ, କେହି କେହି ବିଭିନ୍ନ ସ୍ଥାନୀୟ ନାମରେ ନାମିତ କରିଥାନ୍ତି। ଏସବୁ ଭିତରେ ଥିବା ବିଷାକ୍ତ ରଙ୍ଗ ପିଲାମାନଙ୍କ ପାଇଁ ଅତ୍ୟନ୍ତ ଘାତକ। ଅନୁସନ୍ଧାନରୁ ଜଣାପଡ଼ିଛି, ପିଲାଙ୍କ ଏହି ପ୍ରିୟ କଟନକ୍ୟାଣ୍ଡିରେ ରୋଡାମାଇନ-ବି ନାମକ ଏକ ବିଷାକ୍ତ ତତ୍ତ୍ୱ ରହିଛି। ଏହାର ବିକ୍ରି ଉପରେ ତାମିଲନାଡୁ ଓ ପଣ୍ଡିଚେରୀ ସରକାର ନିଷେଧାଦେଶ ଜାରି କରିଛନ୍ତି। କଟନକ୍ୟାଣ୍ଡିରେ ବ୍ୟବହାର ହେଉଥିବା ରୋଡାମାଇନ-ବି ଗୋଲାପୀ ରଙ୍ଗକୁ ଅତ୍ୟନ୍ତ ଆକର୍ଷଣୀୟ କରିଥାଏ ଏବଂ ଏହା ଶୀଘ୍ର ପାଣିରେ ମିଳାଇଯାଏ ଓ ଶସ୍ତା ମାନର। ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ଏହାକୁ ଖାଦ୍ୟ ପଦାର୍ଥରେ ମିଶାଇବା ଉପରେ କଟକଣା ଲଗାଇଛନ୍ତି। ଏହାକୁ ଖାଦ୍ୟରେ ବ୍ୟବହାର କରିବା ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ ଆକ୍ଟ-୨୦୦୬ ଅନୁସାରେ ଅପରାଧ।

ବର୍ଷାଳିଆ, ଥଣ୍ଡାଳିଆ ପାଗ ବା ଘରକୁ ଅତିଥି ଚର୍ଚ୍ଚା କ୍ଷେତ୍ରରେ କୋବି ମାଞ୍ଚୁରିଆନକୁ ଭାରି ପସନ୍ଦ କରିଥାଉ। ଏହା ଏକ ଇଣ୍ଡିଆନ ଓ ଚାଇନିଜ ଫ୍ୟୁଜନ ଡିସ୍। କର୍ନଫ୍ଲୋର, ମଇଦା, ବନ୍ଧାକୋବି ସସ୍‌କୁ ମିଶାଇ ଏହି ଚମତ୍କାର ପାଟି ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରାଯାଏ। ରାସ୍ତାକଡ଼ ଠେଲାଗାଡ଼ି ଓ ରେସ୍ତୋରାଁରେ ଏହାର ଭାରି ଚାହିଦା। ନୁଡୁଲ୍ସ ଓ ଫ୍ରାଏଡରାଇସ ସହ ମେନୁ ତାଲିକାରେ ଏହା ଥାଏ। କିନ୍ତୁ ଏହି ମାଞ୍ଚୁରିଆନକୁ ରଙ୍ଗ କରିବା ପାଇଁ ଯେଉଁ ଫୁଡ୍ କଲର ରହିଛି ଏଥିରେ ରୋଡାମାଇନ-ବି ଓ କାର୍ମୋଇସିନ ପରି ରାସାୟନିକ ରଙ୍ଗ ଥିବାରୁ ଏହା କର୍କଟ ରୋଗର ବଡ଼ କାରକ। ଏହାର ବିକ୍ରି ଉପରେ ନିକଟରେ କର୍ନାଟକ ଓ ଗୋଆ ସରକାର ନିଷେଧାଦେଶ ଜାରି କରିଛନ୍ତି। ଏଥିରେ କ୍ୟାଲୋରି, ସୋଡିୟମ



ଓ ଫ୍ୟାଟ୍‌ର ମାତ୍ରା ଅଧିକ ଥିବାରୁ ଏହା ଲିଭର, ମୋଟାପଣ ଓ ଉଚ୍ଚ ରକ୍ତଚାପର କାରକ ପାଲଟିଥାଏ।

ସେହିପରି ମିଠାରେ ଯେଉଁ ରଙ୍ଗ ମିଶ୍ରିତ ହୋଇଥାଏ ସେଗୁଡ଼ିକ ଭିତରେ ହଳଦିଆ ରଙ୍ଗ ପାଇଁ ମେଟାନିଲ ୟେଲୋ ରଙ୍ଗ, ସବୁଜ ରଙ୍ଗ ପାଇଁ ମ୍ୟାଲାକାଇନ ଗ୍ରୀନ୍, ଲାଲ ରଙ୍ଗ ପାଇଁ ସୁଡାନାଇଟ୍‌ର ରାସାୟନିକ ମାତ୍ରା ବ୍ୟବହାର କରାଯାଏ। ଏହି ସିନ୍ଥେଟିକ୍ ଫୁଡ୍ କଲର ମିଠାକୁ ଆକର୍ଷଣୀୟ ଓ ରଙ୍ଗିନ କରୁଥିଲେ ବି ସ୍ୱାସ୍ଥ୍ୟ ପାଇଁ ସ୍ଲୋ ପଏଜନ। ଏହା ପେଟ ସଂକ୍ରମଣ ସହ ଲିଭର ଓ କିଡ୍‌ନୀକୁ ଖରାପ କରିଦିଏ।

ରୋଡାମାଇନ-ବି ବିଷୟରେ ଜାଣନ୍ତୁ। ଏହାର ମୂଲ୍ୟ ଅତ୍ୟନ୍ତ ଶସ୍ତା ହୋଇଥିବାରୁ ଚମଡ଼ା, କାଗଜ ଓ ପ୍ରସାଧନ, ବସ୍ତ୍ରଶିଳ୍ପରେ ରଙ୍ଗ ଭାବେ ବ୍ୟବହାର ନିମିତ୍ତ କେବଳ ଅନୁମତି ରହିଛି। ଖାଦ୍ୟ ବ୍ୟବସ୍ଥାରେ ଏହାକୁ ବ୍ୟବହାର ପାଇଁ ନିଷେଧାଦେଶ ରହିଥିଲେ ମଧ୍ୟ ଖାଦ୍ୟ ପ୍ରସ୍ତୁତକାରୀ ଓ ଦୋକାନୀ ଏହାକୁ ବ୍ୟବହାରକରି ଆପଣଙ୍କ ଶରୀରରେ ଲିଭର ଓ କ୍ୟାନ୍‌ସରର କାରକ ସାଜିଥାନ୍ତି। ସେହିପରି ମେଡିସିନ ଓ କସ୍‌ମେଟିକ୍ ଶିଳ୍ପ ପାଇଁ ଅନୁମତି ଥିବା ସନ୍‌ସେଟ୍ ୟେଲୋକୁ ଖାଦ୍ୟ ପ୍ରସ୍ତୁତିରେ ମିଶାଯାଉଥିବାରୁ ଏହା ଆଜ୍‌ମା ଓ ସ୍କିନ୍ ଆଲର୍ଜି ପାଇଁ ଦାୟୀ। ଏହା ବ୍ୟତୀତ କାର୍ମୋଇସିନ୍ ଫୁଡ୍ କଲର ଦେଖିବାକୁ ପୂରାପୂରି ଲାଲ ରଙ୍ଗ, ଯାହାକୁ ଆଇଏଆର୍‌ସି କ୍ୟାଟେଗୋରି ଥ୍ରି କାର୍ସିନୋଜୋନ୍‌ରେ ଶ୍ରେଣୀଭୁକ୍ତ କରିଛି। କିନ୍ତୁ ଅନୁମତି ନ ଥାଇ ମଧ୍ୟ ଖାଦ୍ୟ ପ୍ରସ୍ତୁତିରେ ମିଶୁଥିବାରୁ ଏହା ଲିଭର, କିଡ୍‌ନୀ, ସ୍କିନ୍ ଓ ଶ୍ୱାସଜନିତ ସମସ୍ୟାର କାରଣ ପାଲଟିଥାଏ। ଖାଦ୍ୟ, ମିଠାକୁ ହଳଦିଆ ରଙ୍ଗ ପାଇଁ ବେଶ୍ ଆକର୍ଷଣୀୟ କରୁଥିବା ସିନ୍ଥେଟିକ୍ ଫୁଡ୍ କଲର ଟାର୍ଟାଜିନ୍ ବାସ୍ତବରେ ଖାଦ୍ୟ ପ୍ରସ୍ତୁତି ପାଇଁ ଅନୁମୋଦିତ ନୁହେଁ। କିନ୍ତୁ ଏହି କେମିକାଲ ଖାଦ୍ୟରେ ମିଶୁଥିବାରୁ ଏହା ଶରୀରର ହର୍‌ମୋନ, ଥାଇରଏଡ୍ ଗ୍ରନ୍ଥି, ଆନଜିଓଡିମା, ଏକ୍‌ଜିମା, ବ୍ରୋଙ୍କାଇଟିସ୍ ଓ ମୁଣ୍ଡବିନ୍ଧାର କାରଣ ହୋଇଥାଏ। ତେବେ ସବୁଠାରୁ ଜୀବନ ଘାତକ ହୋଇଥାଏ ଡ୍ରାଏ ଆଇସ୍। ବଜାରରେ ଏବେ ଏହା ଏକ ଖାଦ୍ୟ ବା ମୃଦୁ ପାନୀୟ ଯାହା ଭିତରୁ ଏକ ଧଳା ଧୂଆଁ ଉଠିଥାଏ। ଏହି ଡ୍ରାଏ ଆଇସ୍ ବା ଶୁଖିଲା ବରଫ ହେଉଛି ବାସ୍ତବରେ କାର୍ବନ ଡାଇଅକ୍ସାଇଡ୍‌ର ଏକ ଭିନ୍ନ ରୂପ ଯାହା କଠିନ ସ୍ତରରେ ଥାଏ। ବରଫ ପାଟିକୁ ଗଲେ ତରଳିଯାଏ, କିନ୍ତୁ ଏହା ତରଳିଲେ ସିଧା କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ ନିର୍ଗତ କରୁଥିବାରୁ ଧୂଆଁ ଭାବେ ବାହାରକୁ ଦିଶେ। ଏହା ଫୁସ୍‌ଫୁସ୍ ପାଇଁ କ୍ଷତିକାରକ ଓ ପେଟ ଯନ୍ତ୍ରଣା, ବାନ୍ତି ସହ ଏହି ଧୂଆଁ ହଜମ ପ୍ରକ୍ରିୟାକୁ ପ୍ରଭାବିତ କରି ସ୍ୱାସ୍ଥ୍ୟକୁ ଖୁବ୍ କମ୍ ସମୟ ଭିତରେ ବିଗାଡ଼ିଦେବାର କ୍ଷମତା ରଖିଛି।

ନିକଟରେ ବିଦେଶରେ ଭାରତୀୟ ମସଲାକୁ ନେଇ ବିବାଦ ଜୋର ଧରିଛି। ଭାରତର କେତୋଟି ପ୍ରମୁଖ କମ୍ପାନୀର ମସଲାରେ ଏଥିଲିନ ଅକ୍ସାଇଡ୍ ନାମକ ରାସାୟନିକ ପଦାର୍ଥ ମିଶିଥିବା ଅଭିଯୋଗ ପରେ ଏ ନେଇ ସରକାରୀ ସ୍ତରରେ ଖୋଳତାଡ଼ ମଧ୍ୟ ଆରମ୍ଭ ହୋଇଯାଇଛି। ଏପରି ଅନେକ ରଙ୍ଗିନ ଖାଇବାର ବିଷଜାଲ ଯାହାକୁ ଆମେ ସଚେତନ ହୋଇ ମଧ୍ୟ ଜାଣିକି ବି ବ୍ୟବହାର କରୁଛେ ଓ ନିଶ୍ଚିନ୍ତ ସ୍ୱାସ୍ଥ୍ୟ ବିଗାଡ଼ିବା ବ୍ୟବସ୍ଥାକୁ ନିମନ୍ତ୍ରଣ କରୁଛେ କହିଲେ ଅତ୍ୟୁକ୍ତି ହେବନାହିଁ।

**କନସଲଟାଣ୍ଟ ରେଡିଓଲୋଜିଷ୍ଟ,**
**ଏମ୍ଆର୍ଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ,**
**ମୋ:୯୪୩୭୦୨୩୪୪୩**

## ଏଇ ଭାରତରେ

ଜୀବିକା ପାଇଁ ମାଛ ଧରୁଥିବାବେଳେ ଗଛ ଲଗାଇ ଜୈବ ବିବିଧତାର ସୁରକ୍ଷା କରୁଛନ୍ତି କେରଳର କଣ୍ଡଲ ରଞ୍ଜନ। କନ୍ନୁର ଜିଲାରେ କଣ୍ଡଲଙ୍କ ଘର। କଣ୍ଡଲର ଅର୍ଥ ହେଉଛି ମ୍ୟାନଗ୍ରୋଭ। ତାଙ୍କ ନାମକରଣ ଏଭଳି କରାଯାଇଛି ସତ, କିନ୍ତୁ ତାଙ୍କ କାମ ତାହାର ଯଥାର୍ଥତା ପ୍ରତିପାଦନ କରୁଛି। କାରଣ ସେ ପାଖାୟାଙ୍ଗଡି ନଦୀ ତଟରେ ମ୍ୟାନଗ୍ରୋଭର ସୁରକ୍ଷାରେ ଲାଗିଛନ୍ତି। ସେ ନଦୀ ତଟ ଅଞ୍ଚଳରେ ମ୍ୟାନଗ୍ରୋଭ ଗଛ ଲଗାଉଛନ୍ତି। ଏବେ ସୁଦ୍ଧା ସେ ଦେଢ଼ ଲକ୍ଷ ଗଛ ଲଗାଇ ସାରିଲେଣି। କେବଳ ଏତିକି ନୁହେଁ, ସେ ତାଙ୍କ ଘରେ ଏକ ନର୍ସରି କରିଛନ୍ତି, ଯେଉଁଠି ବିଭିନ୍ନ କିସମ ୨୫,୦୦୦ ଚାରାଗଛ ଅଛି। ସେ ନଦୀରେ ମାଛମରିବା ସମୟରେ ମ୍ୟାନଗ୍ରୋଭ କ୍ଷୟ ହୋଇଯାଉଥିବା ଲକ୍ଷ୍ୟ କରିଥିଲେ। ବିଶେଷକରି ଏହା ମଣିଷକୃତ ବୋଲି ଅନୁଭବ କରିବା ପରେ ଏହାର ସୁରକ୍ଷା ଲାଗି ସେ ନିଷ୍ପତ୍ତି ନେଇଥିଲେ। ମ୍ୟାନଗ୍ରୋଭର ସୁରକ୍ଷା ହେଲେ ଜୈବ ବିବିଧତାର ସୁରକ୍ଷା ହୋଇପାରିବ ବୋଲି କହନ୍ତି ରଞ୍ଜନ।

## ୫୦ ବର୍ଷ ତଳର ଧରିତ୍ରୀ

୨୭ ଜୁଲାଇ ୧୯୭୫

- ବିଶିଷ୍ଟ ସମାଜସେବୀ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ୯୧ ବର୍ଷ ବୟସରେ ପରଲୋକ।
- ଦଳବିରୋଧୀ କାର୍ଯ୍ୟକଳାପ ଅଭିଯୋଗରେ ବିଧାନସଭା ସଦସ୍ୟ ତ୍ରିଲୋଚନ କାନୁନ୍‌ଗୋ କଂଗ୍ରେସ ବ୍ୟବସ୍ଥାପକ ସଭ୍ୟ ପଦରୁ ସସ୍‌ପେଣ୍ଡ।
- ସମସ୍ତିପୁର ବୋମା ବିସ୍ଫୋରଣ ତଥା ସ୍ୱର୍ଗତ ରେଲ୍‌ୱେ ମନ୍ତ୍ରୀ ଏଲ୍.ଏନ୍. ମିଶ୍ରଙ୍କ ହତ୍ୟାକାଣ୍ଡର ପ୍ରଧାନ ଆସାମୀ ଗିରଫ।
- ସୋଭିଏତ୍ ୟୁନିୟନର କସମସ-୭୫୨ ନାମକ ଏକ କୃତ୍ରିମ ଉପଗ୍ରହ ମହାକାଶକୁ ଉତ୍‌କ୍ଷେପଣ।

## ଚିରନ୍ତନୀ

ଭୁଲିଯାଏଁ ମୋର ସ୍ୱପନ-ରାଇଜେ
ବିପୁଳ ସୁଖ ଶୋଚନା
ଦିବସ ନିଶାର ବିରାମ ବିହୀନ
ଉଜାଗର ଅରଚନା
ମୋର ନୟନର ଅଞ୍ଜନ ସମା
ଶୋଉ ଏ ପତାରେ ଆଗୋ ଉତ୍ତମା !
-(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ପୋର୍ଟ୍ସ ହଷ୍ଟେଲ ନିର୍ମାଣ ହେଉ

ମହାଶୟ,

କ୍ରୀଡ଼ାର ବିକାଶ ସରକାରଙ୍କ ନୈତିକ କର୍ତ୍ତବ୍ୟ। ଏଥିପାଇଁ ରାଜ୍ୟର ସବୁ ଜିଲ୍ଲାରେ ସ୍ପୋର୍ଟ୍ସ ହଷ୍ଟେଲ ନିର୍ମାଣ କରାଯାଉ। ଗ୍ରାମ ତଥା ପଞ୍ଚାୟତସ୍ତରରେ ପ୍ରତିଭା ଚୟନ କରି ସେଠାରେ ରଖାଯାଉ। ଯୁବ ପ୍ରତିଭାଙ୍କ କ୍ରୀଡ଼ା ଦକ୍ଷତା ବୃଦ୍ଧି ପ୍ରତି ଦୃଷ୍ଟି ଦିଆଗଲେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଆମ ରାଜ୍ୟରୁ ଅଧିକ ଖେଳାଳି ଭାଗନେବାର ସୁଯୋଗ ପାଇବେ। ଏ କ୍ଷେତ୍ରରେ ବିଭାଗୀୟ ମନ୍ତ୍ରୀ ତଥା ବିଭାଗର ଗୁରୁଦାୟିତ୍ୱ ରହିଛି। ଯେଉଁ ଜିଲ୍ଲାରେ ସ୍ପୋର୍ଟ୍ସ ହଷ୍ଟେଲ ନାହିଁ ସେଥିପ୍ରତି ଗୁରୁତ୍ୱ ଦିଆଯାଉ। ଏଥିପାଇଁ ଅଧିକ ଅର୍ଥ ବରାଦ କରାଯିବା ଦରକାର।

**-ରମେଶ ଚନ୍ଦ୍ର ବେହେରା, ଆୟଡପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସେପ୍ଟେମ୍ବର ୨୧ରେ ଶ୍ରୀଲଙ୍କା ରାଷ୍ଟ୍ରପତି ନିର୍ବାଚନ**

ଶ୍ରୀଲଙ୍କା ରାଷ୍ଟ୍ରପତି ନିର୍ବାଚନ ସେପ୍ଟେମ୍ବର ୨୧ରେ ଅନୁଷ୍ଠିତ ହେବ। ସେଠାର ନିର୍ବାଚନ କମିଶନ ଶୁକ୍ରବାର ଏହା ଘୋଷଣା କରିବା ପରେ କିଛି ମାସ ହେଲା ଜାରି ରହିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ୨୦୨୨ରେ ଶ୍ରୀଲଙ୍କା ଅର୍ଥନୀତି ଦେବାଳିଆ ହୋଇଥିଲା। ଏହା ପରେ ପ୍ରଥମ ଥର ପାଇଁ ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି।



ଫ୍ରାନ୍ସରେ ରେଳ ନେଟ୍‌ୱର୍କ ଉପରେ ଆକ୍ରମଣ ପରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଯୋଗୁ ଗେର୍ ଡୁ ନର୍ଡ ଷ୍ଟେଶନରେ ଯାତ୍ରୀମାନେ ଫସି ରହିଛନ୍ତି।

# ଏନ୍‌ଇଇଟି ପ୍ରଶ୍ନପତ୍ର ଲିକ୍: ପୋଖରୀରୁ ମିଳିଲା ବସ୍ତାଏ ମୋବାଇଲ ଫୋନ୍

**ରାଞ୍ଚି, ୨୬।୭**

ଏନ୍‌ଇଇଟି-ୟୁଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍‌ର ତଦନ୍ତ କରୁଥିବା ସିବିଆଇ ଶୁକ୍ରବାର ଝାଡ଼ଖଣ୍ଡ ଧାନବାଦ ଜିଲା ସଦର ମହକୁମାଠାରୁ ୨୦ କିଲୋମିଟର ଦୂର ସୁଗମଡିହସ୍ଥିତ ଏକ ପୋଖରୀରୁ ବସ୍ତାଏ ମୋବାଇଲ ଫୋନ୍ ଉଦ୍ଧାର କରିଛି। ଅଭିଯୁକ୍ତ ପୱନ କୁମାରଙ୍କ ସୂଚନାକ୍ରମେ ସିବିଆଇ ଟିମ୍ ଶୁକ୍ରବାର ସକାଳେ ଧାନବାଦରେ ପହଞ୍ଚି ପୋଖରୀରେ ଖୋଜାଖୋଜି କରିଥିଲା। ସେଠାରୁ ବସ୍ତାଏ ମୋବାଇଲ ଫୋନ୍ ସମେତ କେତେକ କାଗଜପତ୍ର ମିଳିଛି। ପ୍ରଶ୍ନପତ୍ର ଲିକ୍ ମାମଲାରେ ଝାଡ଼ଖଣ୍ଡରୁ ବର୍ତ୍ତମାନ ସୁଦ୍ଧା ୧୩ ଜଣଙ୍କୁ ଗିରଫ କରାଗଲାଣି। ସେମାନଙ୍କ ମଧ୍ୟରେ ଓଏସିସ୍ ସ୍କୁଲ୍ ପ୍ରିନ୍ସିପାଲ ଏହସନୁଲ ହକ୍, ଭାଇସ୍ ପ୍ରିନ୍ସପାଲ ଇମତିଆଜ ଆଲମ, ଖବରଦାତା ଜମାଲୁଦ୍ଦିନ, ଗେଷ୍ଟହାଉସ୍ ମାଲିକ ରାଜକୁମାର ସିଂ, ଏମ୍‌ବିବିଏସ୍ ଛାତ୍ରୀ ସୁରଭି କୁମାରୀ, ଛାତ୍ର ଅମନ କୁମାର ଏବଂ ବଣ୍ଟି ପ୍ରମୁଖ ରହିଛନ୍ତି।

## ବାଦଲଫଟା ବର୍ଷା: ୧୦୫ ତୀର୍ଥଯାତ୍ରୀଙ୍କୁ ଏୟାରଲିଫ୍ଟ

**ଡେରାଡୁନ୍, ୨୬।୭**

ଉତ୍ତରାଖଣ୍ଡର ଉତ୍ତରକାଶୀରେ ଗୁରୁବାର ରାତିରେ ବାଦଲଫଟା ବର୍ଷା ଫଳରେ ଅଚାନକ ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି କରିଛି। ଯମୁନା ନଦୀରେ ଜଳସ୍ତର ବୃଦ୍ଧି ପାଇ ଜାନକିଚଟ୍ଟିସ୍ଥିତ ପାର୍କିଂ ସ୍ଥଳରେ ପହଞ୍ଚିଛି। ଯମୁନୋତ୍ରୀ ଧାମକୁ ସୁରକ୍ଷା ଦେଉଥିବା ବନ୍ଧ ଭୁଶୁଡ଼ିପଡ଼ିଛି। ବାଦଲଫଟା ବର୍ଷା ଯୋଗୁ ଭୂସ୍ଖଳନ ଘଟି ମଧ୍ୟମହେଶ୍ୱର ରୁଟ୍ ଅବରୋଧ ହୋଇଥିବାରୁ ୧୦୫ ଜଣ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକ ଫସିରହିଥିଲେ। ସେମାନଙ୍କୁ ହେଲିକପ୍ଟର ଯୋଗେ ଉଦ୍ଧାର କରାଯାଇଛି।

# ଉପହାର ନିଲାମ କରିବ ରାଷ୍ଟ୍ରପତି ଭବନ

**ନୂଆଦିଲ୍ଲୀ, ୨୬।୭**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପୂର୍ବତନ ରାଷ୍ଟ୍ରପତିମାନେ ବିଭିନ୍ନ ଅବସରରେ ପାଇଥିବା ଉପହାରଗୁଡ଼ିକ ମଧ୍ୟରୁ କେତେକକୁ ଏକ ୱେବ୍ ପୋର୍ଟାଲ 'ଇ-ଉପହାର' ଜରିଆରେ ନିଲାମ କରାଯିବ। ରାଷ୍ଟ୍ରପତି ଭବନ ପକ୍ଷରୁ ଶୁକ୍ରବାର ପ୍ରକାଶିତ ଏକ ବିବୃତିରେ ଏହି ସୂଚନା ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୫୦ ବିରଳ ଉପହାରର ନିଲାମି ହେବ। ଏଥିପାଇଁ ଅଗଷ୍ଟ ୫ରୁ ୨୬ ପର୍ଯ୍ୟନ୍ତ ବିଡ଼ିଂ କରାଯିବ। ନିଲାମିରୁ ମିଳିବାକୁ ଥିବା ଅର୍ଥ ଅଭାବୀ ପିଲାଙ୍କୁ ଦାନ କରାଯିବ ବୋଲି ବିବୃତିରେ କୁହାଯାଇଛି।

# ହାରିସ୍ ଚାଇଲ୍ଡଲେସ୍ କ୍ୟାଟ୍: ଭାନ୍ସ

**ଜବାବ ଦେଲେ ସାବତ ଝିଅ**



ଜେ.ଡି, ଭାନ୍ସ



କମଳା ହାରିସ୍



ଏଲା ଏମ୍‌ହୋଫ୍

**ୱାଶିଂଟନ୍, ୨୬।୭**

ରିପବ୍ଲିକାନ୍ ପାର୍ଟିର ଉପରାଷ୍ଟ୍ରପତି ପ୍ରାର୍ଥୀ ଜେ.ଡି, ଭାନ୍ସଙ୍କ ୨୦୨୧ର ଏକ ମନ୍ତବ୍ୟକୁ ନେଇ ଆମେରିକାରେ ବିବାଦ ସୃଷ୍ଟି ହୋଇଛି। ଭାନ୍ସ ସେତେବେଳେ ଫକ୍ସ ନ୍ୟୁଜ୍‌କୁ ସାକ୍ଷାତ୍‌କାର ଦେଇ ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କ ଉଦ୍ଦେଶ୍ୟରେ କହିଥିଲେ, ଦେଶକୁ ଶାସନ କରିବା ପାଇଁ ନିଃସନ୍ତାନ ମହିଳା ସେତେଟା ସମର୍ଥ ନୁହନ୍ତି। ଆମେରିକାରେ ଏମିତି ଅନେକ 'ଚାଇଲ୍ଡଲେସ୍ କ୍ୟାଟ୍ ଲେଡିଜ୍' ଅଛନ୍ତି। ଡେମୋକ୍ରାଟ୍ସଙ୍କ ସମ୍ପୂର୍ଣ୍ଣ ଭବିଷ୍ୟତ ନିଃସନ୍ତାନମାନଙ୍କ ଦ୍ୱାରା ନିୟନ୍ତ୍ରିତ ବୋଲି ଭାନ୍ସ କହିଥିଲେ। ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାନ୍ସଙ୍କୁ ୨୦୨୪ ନଭେମ୍ବରରେ ହେବାକୁ ଥିବା ନିର୍ବାଚନ ପାଇଁ ନିଜ ରନିଂ ମେଟ୍ ବାଛିବା ପରେ ସେହି ଭିଡିଓ କ୍ଲିପ୍ ଭାଇରାଲ ହେବାରେ ଲାଗିଛି।

କମଳା ହାରିସ୍ ୨୦୧୪ରେ ଡୋଉଗ୍ ଏମ୍‌ହୋଫ୍‌ଙ୍କୁ ବିବାହ କରିଥିଲେ। ହାରିସ୍‌ଙ୍କ ନିଜ ପିଲାପିଲି ନାହାନ୍ତି। ସ୍ୱାମୀ ଓ ତାଙ୍କ ସ୍ତ୍ରୀ କେର୍ଷ୍ଟିନ୍ ଏମ୍‌ହୋଫ୍‌ଙ୍କ ପୁଅଙ୍କ ନାମ କୋଲେ ଏବଂ ଝିଅ ହେଉଛନ୍ତି ଏଲା। ହାରିସ୍‌ଙ୍କୁ ଉଭୟେ ସ୍ନେହରେ 'ମୋମାଲା' ଡାକନ୍ତି। ଭାନ୍ସଙ୍କ ମନ୍ତବ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ହାରିସ୍‌ଙ୍କ ୨୫ ବର୍ଷୀୟା ସାବତ ଝିଅ ଏଲା ଇନ୍‌ଷ୍ଟାଗ୍ରାମରେ ଏହାର ଜବାବ ଦେଇଛନ୍ତି। ଆମେ ଭଉଣୀ ଭାଇ ଥାଉ ଥାଉ ଆମ ମା' କେମିତି ନିଃସନ୍ତାନ ହେଲେ ବୋଲି ଏଲା ପ୍ରଶ୍ନ କରିଛନ୍ତି। କେର୍ଷ୍ଟିନ୍ କହିଛନ୍ତି, ମୋ ଝିଅ ଓ ପୁଅଙ୍କୁ ପିଲାବେଳରୁ ହାରିସ୍ ଆମ ସହ ମିଶି ଲାଳନପାଳନ କରିଆସିଛନ୍ତି। ତାଙ୍କ ପ୍ରତି ମୁଁ କୃତଜ୍ଞ।

## ରାଷ୍ଟ୍ରପତି ପ୍ରାର୍ଥିତ୍ୱକୁ ଓବାମା ଦମ୍ପତିଙ୍କ ସମର୍ଥନ



ଆମେରିକା ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କ ଡେମୋକ୍ରାଟିକ୍ ପ୍ରାର୍ଥିତ୍ୱକୁ ଶୁକ୍ରବାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା ଓ ତାଙ୍କ ସ୍ତ୍ରୀ ମିଶେଲ ଓବାମା ସମର୍ଥନ କରିଛନ୍ତି। ଓବାମା ଦମ୍ପତି ଓ ହାରିସ୍‌ଙ୍କ ମଧ୍ୟରେ ହୋଇଥିବା ୧ ମିନିଟ୍‌ର ଏକ ଫୋନ୍ ବାର୍ତ୍ତାଳାପରୁ ଏହି ବିଷୟ ସ୍ପଷ୍ଟ ହୋଇଛି। ଭାରତୀୟ-ଆଫ୍ରିକୀୟ ବଂଶୋଦ୍ଭବ ହାରିସ୍‌ଙ୍କୁ ଓବାମା ଫୋନ୍ କରି କହିଥିଲେ, ମିଶେଲ ଓ ମୁଁ ଆପଣଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ କରି ଗର୍ବିତ। ଆପଣଙ୍କୁ ନିର୍ବାଚିତ କରି ଓଭାଲ ଅଫିସକୁ ପଠାଇବା ପାଇଁ ଯାହା ଆବଶ୍ୟକ, ସବୁ କରିବୁ। ପୂର୍ବତନ ଫାଷ୍ଟ ଲେଡି ମିଶେଲ କହିଥିଲେ, ଆପଣଙ୍କ ନିର୍ବାଚନ ଐତିହାସିକ ହେବାକୁ ଯାଉଛି। ହାରିସ୍ ସ୍ମିତହାସ୍ୟ ସହ ସମର୍ଥନ ପାଇଁ ଉଭୟଙ୍କୁ କୃତଜ୍ଞତା ଜଣାଇଥିଲେ। ହାରିସ୍‌ଙ୍କ କ୍ୟାମ୍ପେନ୍ ଅଫିସ ପକ୍ଷରୁ ଏହାର ଭିଡିଓ ଜାରି କରାଯାଇଛି। ପ୍ରକାଶ ଯେ, ୨୦୦୦ ନିର୍ବାଚନ ବେଳେ ଓବାମା ତାଙ୍କ ପୂର୍ବତନ ଉପରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ସମର୍ଥନ କରିଥିଲେ। ଏହା ପରେ ବାଇଡେନ୍‌ଙ୍କୁ ଚାନ୍ଦା ଦେବା ପାଇଁ ବହୁ ବ୍ୟବସାୟୀ ଓ ସମର୍ଥକ ଆଗେଇ ଆସିଥିଲେ।

## ହୃଦ୍‌ଘାତ ପୂର୍ବରୁ ୨୦ ଶିଶୁଙ୍କ ଜୀବନ ବଞ୍ଚାଇଲେ ସ୍କୁଲ ଭ୍ୟାନ୍ ଡ୍ରାଇଭର



**ତିରୁପୁର, ୨୬।୭**

ତାମିଲନାଡୁର ଜଣେ ୪୯ ବର୍ଷୀୟ ସ୍କୁଲ୍ ଭ୍ୟାନ୍ ଡ୍ରାଇଭରଙ୍କୁ ହୃଦ୍‌ଘାତ ହେବାରୁ ସେ ଭ୍ୟାନ୍ ଭିତରେ ଢଳିପଡ଼ିଥିଲେ। ତେବେ ଏହାର ମୁହୂର୍ତ୍ତକ ପୂର୍ବରୁ ସେ ଗାଡ଼ିକୁ ସୁରକ୍ଷିତ ଭାବରେ ରାସ୍ତା ପାର୍ଶ୍ୱରେ ଅଟକାଇ ଦେଇଥିବାରୁ ସେଥିରେ ଥିବା ୨୦ ଜଣ ଶିଶୁଙ୍କ ଜୀବନ ବଞ୍ଚିଯାଇଛି। ତାମିଲନାଡୁର ତିରୁପୁର ଜିଲାରେ ଏହି ଘଟଣା ଘଟିଛି। ଗତ ବୁଧବାର ସେ ସ୍କୁଲ୍‌ରୁ ପିଲାମାନଙ୍କୁ ସେମାନଙ୍କ ଘରେ ଛାଡ଼ିବାକୁ ନେଉଥିବାବେଳେ ଭ୍ୟାନ୍‌ରେ ଢଳିପଡ଼ିଥଲେ। ଡ୍ରାଇଭର ସେମାଲାଇୟାପନଙ୍କୁ ସଙ୍ଗେ ସଙ୍ଗେ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡ୍ରାଇଭରଙ୍କ ବୀରତ୍ୱପୂର୍ଣ୍ଣ କାର୍ଯ୍ୟକୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ପ୍ରଶଂସା କରିବା ସହ ତାଙ୍କ ପରିବାର ପାଇଁ ୫ ଲକ୍ଷ ଟଙ୍କା ସହାୟତା ଘୋଷଣା କରିଛନ୍ତି।

## ଆସାମର ମୋଇଦାମ୍ସକୁ ବିଶ୍ୱ ଐତିହ୍ୟ ମାନ୍ୟତା



**ନୂଆଦିଲ୍ଲୀ, ୨୬।୭**

ପୂର୍ବ ଆସାମର ପଟକାଇ ପର୍ବତ ପାଦଦେଶରେ ଥିବା ଅହୋମ୍ ସାମ୍ରାଜ୍ୟ ବେଳର ସମାଧି (ମୋଇଦାମ୍ସ)କୁ ଶୁକ୍ରବାର ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳର ମାନ୍ୟତା ମିଳିଛି। ୱାର୍ଲ୍ଡ ହେରିଟେଜ୍ କମିଟିର ୪୬ତମ ଅଧିବେଶନରେ ଏହି ମାନ୍ୟତା ପ୍ରଦାନ ନିଷ୍ପତ୍ତି ନିଆଯାଇଛି। ଆସାମରେ ତ୍ରୟୋଦଶରୁ ଉନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଅହୋମ୍ ବଂଶର ଶାସନ ବେଳେ ରାଜା, ରାଣୀ ଓ ସାମନ୍ତମାନଙ୍କୁ ଦିଆଯାଉଥିବା ସମାଧିକୁ ମୋଇଦାମ୍ସ (ଆତ୍ମା ପାଇଁ ଘର) କୁହାଯାଉଥିଲା। ଏହି ସମାଧିରେ ଅହୋମମାନଙ୍କ ବିଦେଶୀ ସଂସ୍କୃତି ଓ ସ୍ଥାପତ୍ୟର ନିଦର୍ଶନ ରହିଛି। ଏହାକୁ ଭାରତୀୟ ପିରାମିଡ୍ ମଧ୍ୟ କୁହାଯାଏ। ଚରାଇଦେଓସ୍ଥିତ ମୋଇଦାମ୍ସକୁ ବିଶ୍ୱ ଐତିହ୍ୟ ମାନ୍ୟତା ମିଳିବା ଭାରତ ପାଇଁ ଗର୍ବର ବିଷୟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ୍ସ'ରେ ଲେଖିଛନ୍ତି।

No.T-44

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନ ଜାରି ରହିଛି। ଏଥି ନିମନ୍ତେ, ତାରିଖ ୨୯।୦୭।୨୦୨୪ (ସୋମବାର)ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0012/2425

**IN THE DEBTS RECOVERY TRIBUNAL: CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 633/2023**

**Utkal Grameen Bank** ...Applicant
Vs.
**Smt. Santoshini Pradhan & others** ...Defendants

1. **Smt. Santoshini Pradhan,** aged about 33 yrs., W/o- Late Kashinath Pradhan,
2. **Miss Sujata Pradhan,** aged about 15 yrs.,
3. **Miss Suruchi Pradhan,** aged about 11 yrs.,
   Both D/o- Late Kashinath Pradhan, but being minors are represented by their next friend mother guardian Santoshini Pradhan.
4. **Smt. Jamini Pradhan,** aged about 65 yrs., W/o- Late Narayan Pradhan, Deft Nos. 1 to 4 residing At/PO: Tora, Dist.: Bargarh-768040.
5. **Sri Kirtichandra Pradhan,** aged about 71 yrs., S/o- Late Lokanath Pradhan, At: Talapadar, Via: Bijipur, PO/PS: Bijipur, Dist.: Bargarh-768034.
6. **Sri Premraj Pradhan,** age not known but major, S/o- Late Lokanath Pradhan, At: Talapadar, Via: Bijipur, PO/PS: Bijipur, Dist.: Bargarh-768034.
7. **Sri Biswamitra Pradhan,** age not known but major, S/o- Late Lokanath Pradhan, At: Talapadar, Via: Bijipur, PO/PS: Bijipur, Dist.: Bargarh-768034.
8. **Smt. Draupadi Pradhan,** age not known but major, W/o- Premananda Pradhan, At: Chhabira, PO: Chhuapalli, PS/Dist.: Mahasamund, Chhatisgarh.
9. **Smt. Arghyabati Sahu,** age not known but major, W/o- Niranjan Sahu, At/PO: Bharsuja, Dist.: Bolangir-767061.
10. **Sri Thakura Nanda,** age not known but major, S/o- Khirodra Nanda, At/PO: Tora, PS/Dist.: Bargarh-768040.
11. **Sri Ratnakar Sahu,** age not known but major, S/o- Raseswar Sahu, At/PO: Talpadar, PS: Bijepur, Dist.: Bargarh-768034.
12. **Sri Sumanta Kumar Sahu,** age not known but major, S/o- Raseswar Sahu, At/PO: Talpadar, PS: Bijepur, Dist.: Bargarh-768034.

**SUMMONS BY PAPER PUBLICATION FOR SHOWING CAUSE AS TO WHY RELIEFS PRAYED FOR SHOULD NOT BE GRANTED**

Take notice that the applicant has instituted **OA No. 633/23** in the Debts Recovery Tribunal, Cuttack for recovery of **Rs.26,47,184.00** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this Tribunal in person or through advocates or authorized agents and show cause on **03.09.2024 at 10.30 AM** positively as to why the reliefs prayed for should not be granted.

Take notice that in case of your default the original application shall be heard and disposed off exparte in your absence.

Given under hand and seal of this Tribunal on this **05th day of month July of 2024.**

**By orders of this Tribunal**
**Sd/- (NIKHILA RANJAN PATI)**
**Registrar**
**Debts Recovery Tribunal**

**OFFICE OF THE PANCHAYAT SAMITI, CHANDAHANDI**
**Bid Identification No. BDO/EDU/CHD/01/2425**

**No. 1661** **Date: 25.07.2024**

1 The Block Development Officer, Chandahandi on behalf of the Governor of Odisha invites Single Cover percentage rate bids for construction of works detailed in the table from "D" and "C" Class contractors as mentioned under Col. No. 7 with the State Government and contractors of equivalent Grade/Class registered with Central Government/M.E.S./Railways for execution of Civil Works on production of definite proof from the appropriate authority. The bidders may submit bids for any or all of the following works.

| Sl. No. | Name of the Work | Value of the Work (Rs.) | Concerned T.I.A. | Security Amount (Rs.) (Online) | Cost of Bid Documents (Rs.) (Online) | Class of Bidder | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Additional Classroom at Govt. P.S., Salebidi | 974207.25 | B.D.O., Chandahandi | Rs.10,000/- | Rs.6,000/- | "D" & "C" Class | 6 (Six Calendar Months) |
| 2 | Construction of Additional Classroom at Govt. P.S., Malisahi | 974207.25 | B.D.O., Chandahandi | Rs.10,000/- | Rs.6,000/- | "D" & "C" Class | 6 (Six Calendar Months) |
| 3 | Construction of Additional Classroom at Govt. P.S., Kodobhatta | 974207.25 | B.D.O., Chandahandi | Rs.10,000/- | Rs.6,000/- | "D" & "C" Class | 6 (Six Calendar Months) |
| 4 | Construction of Additional Classroom at Govt. P.S., Kuamba | 974207.25 | B.D.O., Chandahandi | Rs.10,000/- | Rs.6,000/- | "D" & "C" Class | 6 (Six Calendar Months) |
| 5 | Construction of Additional Classroom at Govt. P.S., Phatamunda | 974207.25 | B.D.O., Chandahandi | Rs.10,000/- | Rs.6,000/- | "D" & "C" Class | 6 (Six Calendar Months) |
| 6 | Construction of Additional Classroom at U.P. School, Chandahandi | 974207.25 | B.D.O., Chandahandi | Rs.10,000/- | Rs.6,000/- | "D" & "C" Class | 6 (Six Calendar Months) |
| 7 | Construction of Additional Classroom at U.P. School, Chandahandi | 974207.25 | B.D.O., Chandahandi | Rs.10,000/- | Rs.6,000/- | "D" & "C" Class | 6 (Six Calendar Months) |

Sd./- Block Development Officer, Chandahandi

**ओड़िशा केन्द्रीय विश्वविद्यालय, कोरापुट**
(केन्द्रीय विश्वविद्यालय अधिनियम 2009 के अंतर्गत स्थापित)
**CENTRAL UNIVERSITY OF ODISHA, KORAPUT**
(Established Under the Central Universities Act, 2009)
NAD Post Office, Sunabeda, Dist. - Koraput, Odisha - 763 004

**Advertisement For Admission in PG Programmes**

**Advertisement No. 02/2024** **Date: 25.07.2024**

The Central University of Odisha inviting online application for admission into PG Programmes **(M.Sc. in Botany and M.Sc. in Zoology)** for the Academic Year 2024-25.
The starting date of receiving online application : **29.07.2024**
The end date of receiving online application : **16.08.2024**
For more details, please visit our website: **www.cuo.ac.in**

Sd/-
Controller of Examinations

**ଭାରତୀୟ ମାନକ ବ୍ୟୁରୋ**
**ଉପଭୋକ୍ତା ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ**
**(ଉପଭୋକ୍ତା ବ୍ୟାପାର ବିଭାଗ), ଭାରତ ସରକାର**
**ମାନକ ଭବନ, ୯ ବାହାଦୁର ଶାହ ଜାଫର ମାର୍ଗ,**
**ନୂଆଦିଲ୍ଲୀ-୧୧୦୦୦୨**

**ସାଙ୍କେତିକ ବିଜ୍ଞାପନ**

**ବୈଜ୍ଞାନିକ-ବି ପଦବୀ ପାଇଁ ନିଯୁକ୍ତି**
**ବିଜ୍ଞାପନ ନଂ.-୦୨ (ଏସ୍‌ସିବି)/୨୦୨୪/ଏଚ୍‌ଆର୍‌ଡି**

ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍), ଉପଭୋକ୍ତା ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ପ୍ରଶାସନିକ ନିୟନ୍ତ୍ରଣ ଅଧୀନସ୍ଥ ଏକ ବୈଧାନିକ ନିକାୟ, ଭାରତର ଜାତୀୟ ମାନକ ନିକାୟ ଅଟେ ଏବଂ ଏହା ଦେଶରେ ମାନକୀକରଣ, ଉତ୍ପାଦ ଏବଂ ପ୍ରଣାଳୀ ପ୍ରମାଣୀକରଣ, ସୁନା/ରୁପା ଗହଣାର ହଲମାର୍କିଂ, ଲାବୋରୋଟୋରୀ ପରୀକ୍ଷଣ ଇତ୍ୟାଦି କାର୍ଯ୍ୟ ପାଇଁ ଦାୟୀ ଅଟେ। ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ମାନକୀକରଣ ଏବଂ ପ୍ରମାଣନ କରିବା ବିଆଇଏସ୍‌ର ଦାୟିତ୍ୱ ଅଟେ।

ବିଆଇଏସ୍ ବିନିର୍ଦ୍ଦିଷ୍ଟ ଶୃଙ୍ଖଳା ଏବଂ ବର୍ଗରେ ବୈଜ୍ଞାନିକ-'ବି' ପଦବୀ ପାଇଁ ମେଧାବୀ, ଯୁବ ତଥା କର୍ମଚଞ୍ଚଳ ବ୍ୟକ୍ତିବିଶେଷଙ୍କ ପାଇଁ ଉତ୍କୃଷ୍ଟ କ୍ୟାରିୟର୍ ସୁଯୋଗ ଯୋଗାଇଥାଏ। ଏହି ପଦବୀଗୁଡ଼ିକ ସପ୍ତମ କେନ୍ଦ୍ରୀୟ ବେତନ ଆୟୋଗ ଅନୁଯାୟୀ ବେତନ ସ୍ତର ୧୦ର ପରିସରଭୁକ୍ତ। ତା' ସହିତ ପ୍ରଯୁଜ୍ୟ ହୋଇଥିବା ଅନୁଯାୟୀ ଭତ୍ତା ମଧ୍ୟ ପ୍ରଦାନ କରାଯାଇଥାଏ। ସମ୍ପ୍ରତି, ଯୋଗ ଦେବା ସମୟରେ ଦିଲ୍ଲୀରେ ସର୍ବମୋଟ ପାରିଶ୍ରମିକର ପରିମାଣ ହେଉଛି ପ୍ରାୟ ₹୧,୧୧,୭୮୦/-।

୧. **ପଦବୀଗୁଡ଼ିକର ସଂଖ୍ୟା:** ବିଭିନ୍ନ ଶୃଙ୍ଖଳାରେ ମୋଟ ଖାଲି ପଦବୀଗୁଡ଼ିକର ସଂଖ୍ୟା ହେଉଛି **୧୫**, ଯାହାର ବିବରଣୀ ତଳେ ଦିଆଗଲା:

| ଶୃଙ୍ଖଳା | ଖାଲି ପଦବୀଗୁଡ଼ିକ ସଂଖ୍ୟା (ବ୍ୟାକଲଗ୍ ଖାଲିପଦବୀ ସମେତ) | | | | | | ମାନଦଣ୍ଡ ଭିନ୍ନକ୍ଷମତାଧାରୀ ବ୍ୟକ୍ତିଙ୍କ ପାଇଁ ସମାନ୍ତରାଳ ସଂରକ୍ଷଣ (ବ୍ୟାକ୍‌ଲଗ୍ ଖାଲିପଦବୀ ସମେତ) |
|---|---|---|---|---|---|---|---|
| | ମୋଟ | ୟୁଆର୍ | ଓବିସି | ଏସ୍‌ସି | ଏସ୍‌ଟି | ଇଡବ୍ଲ୍ୟୁଏସ୍ | |
| କେମିଷ୍ଟ୍ରି | ୦୨ | ୦୧ | ୦୧ | - | - | - | - |
| ସିଭିଲ ଇଞ୍ଜିନିୟରିଂ | ୦୬ | ୦୨ | ୦୨ | ୦୧ | - | ୦୧ | ୦୧ ଆଇଡି ଏବଂ ଏମ୍‌ଆଇ/ଏମ୍‌ଡି* |
| ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ | ୦୭ | ୦୨ | ୦୨ | ୦୨ | - | ୦୧ | ୦୧ ଆଇଡି ଏବଂ ଏମ୍‌ଆଇ/ଏମ୍‌ଡି |
| ମୋଟ | ୧୫ | ୦୫ | ୦୫ | ୦୩ | - | ୦୨ | ୦୨ |

*ଆଇଡି ଏବଂ ଏମ୍‌ଆଇ/ଏମ୍‌ଡି ବର୍ଗ ପାଇଁ ସମାନ୍ତରାଳ ସଂରକ୍ଷଣ ସ୍ଥିର କରାଯାଇଛି। ହେଲେ, ଯଦି ଆଇଡି ଏବଂ ଏମ୍‌ଆଇ/ଏମ୍‌ଡି ବର୍ଗରେ ଉପଯୁକ୍ତ ପ୍ରାର୍ଥୀ ଉପଲବ୍ଧ ନ ହୁଅନ୍ତି, ତେବେ ଭିନ୍ନକ୍ଷମତାର ଭିଆଇ/ଏଚ୍‌ଆଇ ବର୍ଗ ମଧ୍ୟରେ ପ୍ରତିବଦଳ କରାଯାଇ ସିଟ୍‌ଗୁଡ଼ିକୁ ପୂରଣ କରାଯିବ।

**ସଂକ୍ଷେପଣ: ୟୁଆର୍** – *ଅସଂରକ୍ଷିତ;* **ଓବିସି** – *ଅନ୍ୟାନ୍ୟ ପଛୁଆ ବର୍ଗ;* **ଏସ୍‌ସି** – *ଅନୁସୂଚିତ ଜାତି;* **ଏସ୍‌ଟି** – *ଅନୁସୂଚିତ ଜନଜାତି;* **ଇଡବ୍ଲ୍ୟୁଏସ୍** – *ଆର୍ଥିକ ଭାବେ ଦୁର୍ବଳ ବର୍ଗ;* **ପିଡବ୍ଲ୍ୟୁବିଡି** – *ମାନଦଣ୍ଡ ଭିନ୍ନକ୍ଷମତାଧାରୀ ବ୍ୟକ୍ତି;* **ଆଇଡି ଏବଂ ଏମ୍‌ଆଇ** – *ଅଟିଜମ୍/ବୌଦ୍ଧିକ ଭିନ୍ନକ୍ଷମତା/ନିର୍ଦ୍ଦିଷ୍ଟ ଶିକ୍ଷଣଗତ ଭିନ୍ନକ୍ଷମତା/ମାନସିକ ଅସୁସ୍ଥତା;* **ଏମ୍‌ଡି** – *ଏକାଧିକ ଭିନ୍ନକ୍ଷମତା;* **ଭିଆଇ** – *ଦୃଷ୍ଟି ଅକ୍ଷମତା;* **ଏଚ୍‌ଆଇ** – *ଶ୍ରବଣ ଅକ୍ଷମତା*

୨. **ଅତ୍ୟାବଶ୍ୟକ ଯୋଗ୍ୟତା:**

| ଶୃଙ୍ଖଳା | ଅତ୍ୟାବଶ୍ୟକ ଯୋଗ୍ୟତା | ପ୍ରାସଙ୍ଗିକ ଗେଟ୍ ପେପର୍ ଏବଂ ତାହାର କୋଡ୍ |
|---|---|---|
| ସିଭିଲ ଇଞ୍ଜିନିୟରିଂ | ୧) ଇଞ୍ଜିନିୟରିଂ କିମ୍ବା ଟେକ୍ନୋଲୋଜିରେ ସ୍ନାତକ ଡିଗ୍ରୀ କିମ୍ବା ସମତୁଲ୍ୟ; ସର୍ବମୋଟ ମାର୍କ ଷାଠିଏ ପ୍ରତିଶତରୁ କମ୍ ହୋଇ ନ ଥିବା ଆବଶ୍ୟକ [ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ପାଇଁ ପଚାଶ ପ୍ରତିଶତ] ୨) ୨୦୨୨/୨୦୨୩/୨୦୨୪ର ବୈଧ ଗେଟ୍* ସ୍କୋର୍ ରହିଥିବା। ଗେଟ୍ ସ୍କୋର୍ **ତା୧୬।୦୮।୨୦୨୪ରିଖ** (ଆବେଦନର ଶେଷ ତାରିଖ)ରେ ବୈଧ ହୋଇଥିବା ଜରୁରୀ। | ସିଭିଲ ଇଞ୍ଜିନିୟରିଂ (ସିଇ) |
| ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ | | ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ (ଇଇ) |
| କେମିଷ୍ଟ୍ରି | ୧) ପ୍ରାକୃତିକ ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ କିମ୍ବା ସମତୁଲ୍ୟ [କେବଳ କେମିଷ୍ଟ୍ରି ଶୃଙ୍ଖଳାରେ]; ସର୍ବମୋଟ ମାର୍କ ଷାଠିଏ ପ୍ରତିଶତରୁ କମ୍ ହୋଇ ନ ଥିବା ଆବଶ୍ୟକ [ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ପାଇଁ ପଚାଶ ପ୍ରତିଶତ] ୨) ୨୦୨୨/୨୦୨୩/୨୦୨୪ର ବୈଧ ଗେଟ୍* ସ୍କୋର୍ ରହିଥିବା। ଗେଟ୍ ସ୍କୋର୍ **ତା୧୬।୦୮।୨୦୨୪ରିଖ** (ଆବେଦନର ଶେଷ ତାରିଖ)ରେ ବୈଧ ହୋଇଥିବା ଜରୁରୀ। | କେମିଷ୍ଟ୍ରି (ସିୱାଇ) |

*ଗେଟ୍ - ଗ୍ରାଜୁଏଟ୍ ଆପ୍ଟିଚ୍ୟୁଡ୍ ଟେଷ୍ଟ ଇନ୍ ଇଞ୍ଜିନିୟରିଂ

୩. **ବୟସ ସୀମା:** ପ୍ରାର୍ଥୀମାନଙ୍କ ଯୋଗ୍ୟତା ପାଇଁ ସର୍ବାଧିକ ବୟସ ସୀମା ହେଉଛି ଆବେଦନ ସମାପ୍ତି ତାରିଖରେ ୩୦ ବର୍ଷ। ଏସ୍‌ସି, ଏସ୍‌ଟି, ଓବିସି, ମାନଦଣ୍ଡ ଭିନ୍ନକ୍ଷମତାଧାରୀ ପ୍ରାର୍ଥୀ, ପୂର୍ବତନ ସୈନିକ ଏବଂ ବିଆଇଏସ୍‌ର ବିଭାଗୀୟ ପ୍ରାର୍ଥୀମାନଙ୍କ ପାଇଁ ପ୍ରଯୁଜ୍ୟ ନିୟମାବଳୀ ଅନୁଯାୟୀ ବୟସ ସୀମାରେ କୋହଳ କରାଯିବ।

୪. ସବିଶେଷ ବିଜ୍ଞାପନ ବିଆଇଏସ୍ ୱେବ୍‌ସାଇଟ୍: **www.bis.gov.in** ରେ ଉପଲବ୍ଧ। ପ୍ରାର୍ଥୀମାନଙ୍କୁ **ତା୨୭।୦୭।୨୦୨୪ରିଖ** ପରଠାରୁ **ତା୧୬।୦୮।୨୦୨୪ରିଖ** (ଶେଷ ତାରିଖ) ପର୍ଯ୍ୟନ୍ତ ବିଆଇଏସ୍ ୱେବ୍‌ସାଇଟ୍ ମାଧ୍ୟମରେ **ଅନ୍‌ଲାଇନ୍‌**ରେ ଆବେଦନ କରିବାକୁ ହେବ। ଆବେଦନ ଦାଖଲ ପାଇଁ ଅନ୍ୟ କୌଣସି ମାଧ୍ୟମ/ପଦ୍ଧତିକୁ କୌଣସି ପରିସ୍ଥିତିରେ ମଧ୍ୟ ଗ୍ରହଣ କରାଯିବ ନାହିଁ।

୫. **ଆବେଦନ ଦେୟ:** ଶୂନ୍ୟ।

କୌଣସି କାରଣ ନ ଦର୍ଶାଇ ପ୍ରକ୍ରିୟାକୁ ସଂଶୋଧନ/ପୁନଃ ନିର୍ଦ୍ଧାରିତ/ବାତିଲ/ମୁଲତବୀ କରିବାର ଅଧିକାର ବିଆଇଏସ୍ ନିକଟରେ ସଂରକ୍ଷିତ। ବିଆଇଏସ୍‌ର ନିଷ୍ପତ୍ତି ଚୂଡ଼ାନ୍ତ ହେବ ଏବଂ ଏ ସଂକ୍ରାନ୍ତରେ କୌଣସି ଅପିଲକୁ ପ୍ରଶ୍ରୟ ଦିଆଯିବ ନାହିଁ।

ତାରିଖ: ୨୭।୦୭।୨୦୨୪
ସ୍ଥାନ: ନୂଆଦିଲ୍ଲୀ

ସ୍ୱା./- ମୁଖ୍ୟ (ଏଚ୍‌ଆର୍‌ଡି)
ଭାରତୀୟ ମାନକ ବ୍ୟୁରୋ

CBC 08103/12/0007/2425

# ଖୋଳତାଡ଼ ଆରମ୍ଭକଲା ପ୍ରଶାସନ



## ପୁରୀ ବେଳାଭୂମିକୁ ପ୍ଲଟିଂ କରି ବିକ୍ରି ଯୋଜନା ପ୍ରସଙ୍ଗ

- ତଦନ୍ତ ରିପୋର୍ଟ ପରେ କାର୍ଯ୍ୟାନୁଷ୍ଠାନ: ଜିଲାପାଳ
- ବେଆଇନ କାର୍ଯ୍ୟ ପଛରେ ଜମି ମାଫିଆଙ୍କ ହାତ

ପୁରୀ,୨୬।୭(ଅଜିତ୍ କୁମାର ମହାନ୍ତି)

ପୁରୀ ବେଳାଭୂମିକୁ ପ୍ଲଟିଂ କରି ବିକ୍ରି ଯୋଜନା ସମ୍ପର୍କରେ ଜଣାପଡ଼ିବା ପରେ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପରିକି ପ୍ରଶାସନର ନିଦ ଭାଙ୍ଗିଛି। ଏଭଳି ବେଆଇନ କାର୍ଯ୍ୟକଳାପ ପଛରେ ବଡ଼ ବଡ଼ ଜମି ମାଫିଆଙ୍କ ହାତ ରହିଥିବା ଏବଂ ସିଆର୍‌ଜେଡ୍ ଆଇନକୁ ଉଲ୍ଲଂଘନ କରାଯାଇଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ଷ୍ଟର୍ଲିନ୍ ଛକ ବେଳାଭୂମିରେ ଚାଲିଥିବା ଏଭଳି ନିର୍ମାଣ ବିରୋଧରେ ସିଆର୍‌ଜେଡ୍ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ଅବଗତ କରାଇଛନ୍ତି। ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ଘଟଣାସ୍ଥଳକୁ ଯାଇ ଏକ ଟିମ୍ ଖୋଳତାଡ଼ ଆରମ୍ଭ କରିଛି। ଏ ସଂକ୍ରାନ୍ତ ତଦନ୍ତ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି।

ଜମିମାଫିଆମାନେ ପୁରୀ ବେଳାଭୂମି ଭଳି ପ୍ରକୃତିର ବିରଳ ପରିବେଶକୁ ନଷ୍ଟ କରିବାକୁ ଲାଗିପଡ଼ିଛନ୍ତି। ସେମାନେ ବେଆଇନ ଭାବେ ବେଳାଭୂମିରେ ଖୁଣ୍ଟି ପୋତି ଜବର ଦଖଲ ସହ ପ୍ଲଟ ବିକ୍ରି ପାଇଁ ଯୋଜନା କରୁଛନ୍ତି। ଷ୍ଟର୍ଲିନ ଛକ ବେଳାଭୂମିରେ ଶତାଧିକ ହଳଦିଆ ଖୁଣ୍ଟି ପୋତି ପ୍ଲଟିଂ କରାଯାଉଥିବା ସାଧାରଣରେ ଅଭିଯୋଗ ହେଉଛି। ଏଭଳି ବେଆଇନ୍ ଜବରଦଖଲକୁ ତୁରନ୍ତ ହଟାଇବା ସହ ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି। କେନ୍ଦ୍ର ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ୨୦୧୯ ଗେଜେଟ୍ ନୋଟିଫିକେଶନରେ ସ୍ପଷ୍ଟ ଉଲ୍ଲେଖ ରହିଛି, ସମୁଦ୍ର ଜଳରାଶି ତଥା ଏହାର ଜୈବିକ ବିବିଧତାର ସୁରକ୍ଷା ପାଇଁ ସିଆର୍‌ଜେଡ୍ ନିୟମ ଲାଗୁ କରାଯାଇଛି। ଚାରିଭାଗରେ ବିଭକ୍ତ ସିଆରଜେଡ୍ ଭିତରୁ ସମୁଦ୍ର ଜଳରାଶିକୁ ଲାଗି ରହିଥିବା କୂଳବର୍ତ୍ତୀ ଅଞ୍ଚଳ ସିଆର୍‌ଡେଜ୍-୧ ଓ ସିଆର୍‌ଜେଡ୍-୨ରେ ଆସୁଛି। ଏଥିରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ, ସିଆର୍‌ଜେଡ୍ ଆଇନ ଅଧୀନ ପରିବେଶ ଆଇନ-୧୯୮୬ର ସେକ୍ସନ୍-୩ ଆଧାରରେ ବେଳାଭୂମିରେ ଖନନ ଓ ନିର୍ମାଣ ଦଣ୍ଡନୀୟ ଅପରାଧ। କଂକ୍ରିଟ୍ ନିର୍ମାଣ କୌଣସି ପରିସ୍ଥିତିରେ ହୋଇପାରିବନି। ମାତ୍ର ନିୟମକୁ ଜଳାଞ୍ଜଳି ଦେଇ ବେଆଇନ ଭାବେ ବେଳାଭୂମିରେ ପ୍ଲଟିଂ କରାଯାଇଛି। ସାମାଜିକ କର୍ମୀ ଚକ୍ରଧର ମହାପାତ୍ର କହିଛନ୍ତି, ବର୍ତ୍ତମାନ ପୁରୀରେ ଜମି ମାଫିଆମାନଙ୍କ ଆଧିପତ୍ୟ ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ସିପସରୁବାଲି ଓ ଷଣ୍ଢପୁର ମୌଜାର ବେନାମୀ ଜମିକୁ ନୋଟାରି ଆଫିଡେଭିଟ୍ କରି ଦଲାଲମାନେ ବିକ୍ରୟ କରି ଚାଲିଛନ୍ତି। ଏନେଇ ସରକାର ଜାଣୁନାହାନ୍ତି। ଯେତେବେଳେ ଜାଣୁଛନ୍ତି, କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ବେଆଇନ ଭାବେ ବେଳାଭୂମିରେ ପ୍ଲଟିଂ ସହ ଘର ନିର୍ମାଣ କରାଯାଉଛି। ଏ ବାବଦରେ ଲୋକଙ୍କଠାରୁ କୋଟି କୋଟି ଟଙ୍କା ନିଆଯାଉଛି। ପୁରୀ ଏକ ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ। ତେଣୁ ଏଠାରେ ଏପରି ବେଆଇନ କାର୍ଯ୍ୟକୁ ବନ୍ଦ କରାଯିବା ଆବଶ୍ୟକ। ସରକାର, ଜିଲା ପ୍ରଶାସନ ଏବଂ ପିକେଡିଏ କର୍ତ୍ତୃପକ୍ଷ ଏହା ଉପରେ ନଜର ରଖିବା ଉଚିତ। ଉକ୍ତ ନିର୍ମାଣ ବନ୍ଦ ନ ହେଲେ ଆଗକୁ ଏହିପରି ଅନେକ ବେଆଇନ ନିର୍ମାଣ ହେବ, ଯାହା ପରିବେଶ ପାଇଁ କ୍ଷତିକାରକ ପାଲଟିବ। ଅନ୍ୟପକ୍ଷରେ ଏନେଇ ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ସୂଚନା ପାଇବା ପରେ ସିଆର୍‌ଜେଡ୍ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଶୁକ୍ରବାର ଏକ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଛି। ଜିଲାପାଳ ସ୍ୱାଇଁ କହିଛନ୍ତି, ତଦନ୍ତ ଲାଗି ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉପଜିଲାପାଳ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ରିପୋର୍ଟ ଦେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନୋଟାରି ଆଫିଡେଭିଟ୍ ମାଧ୍ୟମରେ ବିକ୍ରି ହେଉଥିବା କୌଣସି ବେଆଇନ ଜାଗାକୁ ନ କିଣିବାକୁ ସେ ଅପିଲ କରିଛନ୍ତି। ସେହିପରି ଉପଜିଲାପାଳ ଗୋପୀନାଥ କୁଅଁର କହିଛନ୍ତି, ଯେଉଁ ସ୍ଥାନରେ ଖୁଣ୍ଟ ପୋତାଯାଇ ପ୍ଲଟିଂ ହେଉଛି ତାହା ବେଆଇନ। ସରକାରୀ ଜମିରେ ଏହା ହୋଇଛି। ପ୍ରଶାସନ ପକ୍ଷରୁ ଏ ସଂକ୍ରାନ୍ତରେ ମାମଲା ରୁଜୁ ହେବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବେଆଇନ ନିର୍ମାଣକୁ ଉଚ୍ଛେଦ କରାଯିବ।

# ଡିସେମ୍ବର ସୁଦ୍ଧା ଉତ୍କଳ ବିଶ୍ୱବିଦ୍ୟାଳୟ ଗ୍ରାମୀଣ କ୍ୟାମ୍ପସ ନିର୍ମାଣ ଶେଷ ହେବ

ଭୁବନେଶ୍ୱର,୨୬।୭(ଅନିଲ ଦାସ)

ଯାଜପୁର ଜିଲା ସିହା ଗ୍ରାମ ନିକଟରେ ନିର୍ମାଣାଧୀନ ଉତ୍କଳ ବିଶ୍ୱବିଦ୍ୟାଳୟର ଗ୍ରାମୀଣ କ୍ୟାମ୍ପସ ନିର୍ମାଣ କାର୍ଯ୍ୟ ୨୦୨୪ ଡିସେମ୍ବର ସୁଦ୍ଧା ଶେଷ ହେବ। ସରକାର ଏହି କ୍ୟାମ୍ପସର ଭିତ୍ତିଭୂମି ବିକାଶ ପାଇଁ ୧୦୧.୦୪ କୋଟି ଟଙ୍କା ଅନୁମୋଦନ କରିଥିଲେ। ସେଥିରୁ ୭୦.୮୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଛାତ୍ରୀ ନିବାସ, ଏକାଡେମିକ ବ୍ଲକ, ପ୍ରଶାସନିକ ଭବନ ନିର୍ମାଣ କାର୍ଯ୍ୟ ୭୦ ପ୍ରତିଶତ ଶେଷ ହୋଇଛି। ଗ୍ରାମୀଣ ଛାତ୍ରୀଛାତ୍ରଙ୍କୁ ବୈଷୟିକ ଶିକ୍ଷା ସୁବିଧାରେ ପହଞ୍ଚାଇବାକୁ ଏହି କ୍ୟାମ୍ପସ ପ୍ରତିଷ୍ଠା କରିବାକୁ ୨୦୧୫ରେ ଘୋଷଣା କରାଯାଇଥିଲା। ୨୦୧୭ ଜୁଲାଇ ୩୧ ତାରିଖରେ ସିହା ଗ୍ରାମଠାରେ ୬୬.୩ ଏକର ଜମି ପ୍ରଦାନ କରାଯାଇଥିଲା। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଶୁକ୍ରବାର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ବେଳେ ଏହି ସୂଚନା ଦେଇଛନ୍ତି।

ପ୍ରଶ୍ନ ନମ୍ବର ୯୨ରେ ମୂଳ ପ୍ରଶ୍ନକର୍ତ୍ତା ଭାଜପା ସଭ୍ୟ ଅମର ନାୟକ ଉତ୍କଳ ବିଶ୍ୱ ବିଦ୍ୟାଳୟର ଗ୍ରାମୀଣ କ୍ୟାମ୍ପସ ନିର୍ମାଣ କାର୍ଯ୍ୟ କେଉଁ ସ୍ଥିତିରେ ରହିଛି। ଏହା କେବେ ସୁଦ୍ଧା ପୂର୍ଣ୍ଣାଙ୍ଗ ହେବ। ଏଥିରେ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି। ଏହାର ତଦନ୍ତ କରିବେ କି ବୋଲି ପ୍ରଶ୍ନ କରିଥିଲେ।

ମନ୍ତ୍ରୀ କହିଛନ୍ତି ଯେ, ୨୦୧୮-୧୯ରୁ ଏଠାରେ ବିଏସ୍‌ସି ନର୍ସିଙ୍ଗ୍‌ର ତିନୋଟି ବିଷୟରେ ସ୍ନାତକୋତ୍ତର ପାଠ୍ୟକ୍ରମ ଚାଲିଛି। ୨୦୨୨ ଡିସେମ୍ବର ୧୫ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିମ୍ନମାନର କାମ ନେଇ ସେ ସମୟର ସ୍ଥାନୀୟ ସରପଞ୍ଚ ଚିଠି ଲେଖିଥିଲେ। ସେଥିପାଇଁ ନିର୍ମାଣକାରୀ ସଂସ୍ଥାକୁ ତାଗିଦ୍ କରାଯାଇଥିଲା। ତା' ପରଠାରୁ ଆଉ ଅଭିଯୋଗ ଆସିନି। କାମ ଠିକ୍ ଭାବେ ଓ ଠିକ୍ ସମୟରେ ସାରିବାକୁ ବାରମ୍ବାର ତାଗିଦ୍ କରାଯାଉଛି। ଯଦି ନିମ୍ନମାନ କାମର ଅଭିଯୋଗ ପ୍ରମାଣିତ ହୁଏ, ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ମାଲବାହୀ ଟ୍ରେନ୍‌ର ୨ ୱାଗନ ଲାଇନଚ୍ୟୁତ



## ତଦନ୍ତ କରିବ ସ୍ୱତନ୍ତ୍ର କମିଟି

ଭୁବନେଶ୍ୱର,୨୬।୭(ଅନୁରାଧା ମହାରଣା)

ଭୁବନେଶ୍ୱର ରେଳ ଷ୍ଟେଶନ ନିକଟରେ ଏକ ମାଲବାହୀ ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଟ୍ରେନଟି ଡାଉନ୍ ଲାଇନ୍ ଦେଇ ଅନୁଗୋଳ ଅଭିମୁଖେ ଯାଉଥିବାବେଳେ ବାଣୀବିହାର ଓ ମାଷ୍ଟରକ୍ୟାଣ୍ଟିନ ଷ୍ଟେଶନ ମଧ୍ୟବର୍ତ୍ତୀ ସ୍ଥାନରେ ଟ୍ରେନ୍‌ଟି ଲାଇନ୍‌ଚ୍ୟୁତ ହୋଇଥିଲା। ଟ୍ରେନ୍‌ର ୨ଟି ୱାଗନ ଟ୍ରାକ୍‌ରୁ ଖସି ଯିବା ସହ ଅନ୍ୟ ୱାଗନଠାରୁ ଅଲଗା ହୋଇଯାଇଥିଲା। ଗୋଟିଏ ୱାଗନ ଟ୍ରାକ୍‌ରୁ ଖସି ଯିବା ପରେ କିଛି ବାଟ ଘୋଷାରି ହୋଇ ଏକ ପୋଲ୍‌ରେ ଧକ୍କା ଲାଗିଥିଲା ଓ ଅନ୍ୟ ଏକ ୱାଗନ୍ ଅଲଗା ହୋଇ କିଛି ଦୂରକୁ ମାଡିଯାଇଥିବା ଦେଖିବାକୁ ମିଳିଛି। ସକାଳ ପ୍ରାୟ ୮ଟା ୪୦ରେ ଏହି ଦୁର୍ଘଟଣା ଘଟିଥିବାବେଳେ କେବଳ ଉକ୍ତ ଦୁଇ ୱାଗନ ଓ ବିଦ୍ୟୁତ୍ ଖୁଣ୍ଟ ଅଳ୍ପ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି। ତେବେ ଷ୍ଟେଶନ ନିକଟ ହୋଇଥିବାରୁ ସେହି ରୁଟ୍‌ରେ ଯିବାକୁ ଥିବା ଅନ୍ୟ ଟ୍ରେନ୍‌କୁ ଅଟକାଯାଇଥିଲା। ଏଥିସହ ତୁରନ୍ତ ସେଠାରେ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିଯୋଗୁ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଅପରାହ୍ନ ସାଢ଼େ ୧ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟ ଜାରି ରହିଥିଲା। ପରେ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଥିଲେ ମଧ୍ୟ ଅପରାହ୍ନ ୪ଟା ସୁଦ୍ଧା ସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇଥିଲା। ତେବେ କେଉଁ କାରଣରୁ ଏହି ଦୁର୍ଘଟଣା ଘଟିଲା ସେନେଇ ରେଳପଥ ପକ୍ଷରୁ ତଦନ୍ତ କରାଯିବ। ଏଥିପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇ ଦୁର୍ଘଟଣାର ବିଭିନ୍ନ ଦିଗକୁ ଯାଞ୍ଚ କରାଯିବ। ଏହା ବୈଷୟିକ ତ୍ରୁଟି ନା ମାନବୀୟ ତ୍ରୁଟି ଜଣାପଡ଼ିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

ପୂର୍ବତଟ ରେଳ ବିଭାଗର ଡିଭିଜନାଲ ରେଳ ପରିଚାଳକ ଏଚ୍‌ଏସ୍ ବଜୱା କହିଛନ୍ତି, ଏଥିରେ କୌଣସି ବ୍ୟକ୍ତି ମୃତାହତ ହୋଇ ନ ଥିବାବେଳେ ଉଭୟ ୱାଗନର ପୁନରୁଦ୍ଧାର କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯାଇଥିଲା। ଟ୍ରେନ୍‌ର ବେଗ ଧୀର ଥିବାରୁ କୌଣସି କ୍ଷୟକ୍ଷତି ହୋଇ ନ ଥିଲା। ଭୁବନେଶ୍ୱର ଷ୍ଟେଶନ ନିକଟରେ ଏହି ଦୁର୍ଘଟଣା ଘଟିଥିବାରୁ ତୁରନ୍ତ ଟ୍ରାଫିକ ପରିଚାଳନା ସହ ଅନ୍ୟାନ୍ୟ କାର୍ଯ୍ୟ କରିବାରେ କର୍ମଚାରୀମାନେ ସକ୍ଷମ ହୋଇଥିଲେ।

# ବଢ଼ିପାରେ ମଧ୍ୟାହ୍ନଭୋଜନ ମୁଣ୍ଡ ପିଛା ଖର୍ଚ୍ଚ

ଭୁବନେଶ୍ୱର,୨୬।୭(ଅନିଲ ଦାସ)

ସ୍କୁଲରେ ଛାତ୍ରୀଛାତ୍ରମାନଙ୍କୁ ଦିଆଯାଉଥିବା ମଧ୍ୟାହ୍ନଭୋଜନ ମୁଣ୍ଡପିଛା ମୂଲ୍ୟ ବଢ଼ିପାରେ। ଏ ନେଇ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ବିଜେଡି ସଭ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଶୁକ୍ରବାର ବିଧାନସଭାରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ସୂଚନା ଦେଇଛନ୍ତି। ରଣେନ୍ଦ୍ର ପଚାରିଛନ୍ତି ଯେ, ବର୍ତ୍ତମାନ ମଧ୍ୟାହ୍ନଭୋଜନରେ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ୫ ଟଙ୍କା ୯୦ ପଇସା ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ପାଇଁ ୮ ଟଙ୍କା ୮୨ ପଇସା ଦିଆଯାଉଛି। ହେଲେ ଦର ଆକାଶ ଛୁଆଁ ହୋଇଥିବା ବେଳେ, ସରକାର ଏହାକୁ ବୃଦ୍ଧି କରିବାକୁ କିଛି ପଦକ୍ଷେପ ନେବେ କି। ମନ୍ତ୍ରୀ କହିଛନ୍ତି ଯେ, ବର୍ତ୍ତମାନ ବଜାରରେ ଖାଉଟି ସାମଗ୍ରୀର ମୂଲ୍ୟବୃଦ୍ଧି ଯୋଗୁ ମୁଣ୍ଡପିଛା ମୂଲ୍ୟ ବୃଦ୍ଧି ନିମନ୍ତେ ପ୍ରସ୍ତାବ ରାଜ୍ୟ ସରକାରଙ୍କ ନିକଟରେ ବିଚାରାଧୀନ ଅଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ୬୦:୪୦ ଅନୁପାତରେ ପରିଚାଳିତ ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟର ପ୍ରତ୍ୟେକ ସରକାରୀ ଓ ଅନୁଦାନପ୍ରାପ୍ତ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନରତ ୪୪,୫୦,୦୦୦ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ପ୍ରଦାନ କରାଯାଉଅଛି। ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ମୁଣ୍ଡପିଛା ମୂଲ୍ୟ କେନ୍ଦ୍ର ସରକାର ନିର୍ଦ୍ଧାରଣ କରିଥାନ୍ତି। ଏଥିସହିତ ରାଜ୍ୟ ସରକାର ନିର୍ଦ୍ଧାରିତ ଅଂଶ ପ୍ରଦାନ କରିଥାନ୍ତି। ଏତଦ୍‌ବ୍ୟତୀତ ରାଜ୍ୟ ସରକାର ନିଜସ୍ୱ ଯୋଜନାରୁ ଅତିରିକ୍ତ ମୁଣ୍ଡପିଛା ଖର୍ଚ୍ଚ ଛାତ୍ରୀଛାତ୍ରମାନଙ୍କୁ ପ୍ରଦାନ କରିଥାନ୍ତି।

## ବିଧାନସଭା ପରାମର୍ଶଦାତା କମିଟି ଗଠିତ

# ବାଚସ୍ପତି ହେଲେ କମିଟିର ଅଧ୍ୟକ୍ଷ

ଭୁବନେଶ୍ୱର,୨୬।୭(ସୁନିତ୍ ମିଶ୍ର)

ବିଧାନସଭା ଗୃହ କାର୍ଯ୍ୟ ସୁରୁଖୁରୁରେ ଚଳାଇବା ଲାଗି ଗୃହ କାର୍ଯ୍ୟ ପରାମର୍ଶଦାତା କମିଟି ଶୁକ୍ରବାର ଗଠନ କରାଯାଇଛି। ଏହି କମିଟିରେ ବାଚସ୍ପତି ସୁରମା ପାଢ଼ୀ ଅଧ୍ୟକ୍ଷ ଅଛନ୍ତି। ସେହିପରି ଏହି କମିଟିରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପର୍ବତନ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ପ୍ରମୁଖ ସଦସ୍ୟ ଭାବେ ସ୍ଥାନ ପାଇଛନ୍ତି।

# ଏକ ଟ୍ରାକ୍‌ରେ ଏକାଧିକ ଟ୍ରେନ୍

## ସ୍ପଷ୍ଟୀକରଣ ରଖିଲା ପୂର୍ବତଟ ରେଳପଥ

ଭୁବନେଶ୍ୱର,୨୬।୭
(ଅନୁରାଧା ମହାରଣା)



ସକାଳେ ଭୁବନେଶ୍ୱର ରେଳ ଷ୍ଟେଶନ ନିକଟରେ ଏକ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ୍ ହେବା ଘଟଣା ଯାତ୍ରୀଙ୍କ ଯାତାୟତକୁ ପ୍ରଭାବିତ କରିଥିବା ବେଳେ ସନ୍ଧ୍ୟାରେ ଲିଙ୍ଗରାଜ ରୋଡ୍ ପାସେଞ୍ଜର ହଲ୍‌ଟରୁ ଉତ୍ତୋଳନ ହୋଇଥିବା ଏକ ଭିଡିଓ ଲୋକଙ୍କୁ ଆତଙ୍କିତ କରିଥିଲା। ଗୋଟିଏ ଟ୍ରାକରେ ୪ଟି ଟ୍ରେନ୍ ଆସିଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଘୁରିବୁଲିଥିଲା। ତେବେ ପୂର୍ବତଟ ରେଳପଥ ଘଟଣା ସମ୍ପର୍କରେ ସ୍ପଷ୍ଟୀକରଣ ରଖିବା ପରେ ଲୋକ ଆଶ୍ୱସ୍ତ ହୋଇଥିଲେ। ପୂର୍ବତଟ ରେଳପଥ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଏହି ସେକ୍ସନଟି ଅଟୋ ସେକ୍ସନ ଅଟେ। ଏପରି କ୍ଷେତ୍ରରେ ଅନେକ ଟ୍ରେନ୍ ଗୋଟିଏ ଲାଇନରେ ରହିପାରିବ। ଏହା ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ଷମ ପ୍ରୋଟୋକଲ ଅନୁଯାୟୀ ସୁରକ୍ଷା କ୍ଷେତ୍ରରେ କୌଣସି ସମସ୍ୟା ନାହିଁ। ଏହି ଟେକ୍ନୋଲୋଜି ସେକ୍ସନ କ୍ଷମତା ଓ କାର୍ଯ୍ୟକ୍ଷମ ଦକ୍ଷତା ଏବଂ ନିରାପତ୍ତା ବୃଦ୍ଧି ପାଇଁ ବ୍ୟବହୃତ ହୁଏ। ଏହା ଏକ ସାଧାରଣ ଅପରେସନ ଏବଂ ପ୍ରତିଦିନ ଅଟୋ ସିଗ୍ନାଲ ସେକ୍ସନରେ ଅନେକ ହଜାର ଟ୍ରେନ ଚାଲୁଛି। ତେବେ ଗଣମାଧ୍ୟମ ଖବର ସତ୍ୟାସତ୍ୟ ଯାଞ୍ଚ କରି ଏପରି ସମ୍ବେଦନଶୀଳ ଭିଡିଓ ପୋଷ୍ଟ କରିବା ପାଇଁ କର୍ତ୍ତୃପକ୍ଷ ନିବେଦନ କରିଛନ୍ତି। ଏପରି ଅର୍ଦ୍ଧସତ୍ୟ ଭିଡିଓ ଲୋକଙ୍କ ମଧ୍ୟରେ ଭୟ ସଞ୍ଚାର କରୁଥିବା ଦର୍ଶାଯାଇଛି।

# ୫ ବର୍ଷରେ ୧୧,୮୫,୨୮୧.୪୦ କୋଟିର ୫୧୨ ଶିଳ୍ପକୁ ଅନୁମୋଦନ

ଭୁବନେଶ୍ୱର,୨୬।୭(ଅନିଲ ଦାସ)

ରାଜ୍ୟରେ ଗତ ୫ ବର୍ଷ ମଧ୍ୟରେ ରାଜ୍ୟସ୍ତରୀୟ ସିଙ୍ଗଲୱିଣ୍ଡୋ ଅଥରିଟି ମାଧ୍ୟମରେ ଶିଳ୍ପର ବିଭିନ୍ନ କ୍ଷେତ୍ରରେ ୧୧,୮୫,୨୮୧.୪୦ କୋଟିର ୫୧୨ଟି ବୃହତ୍ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଛି। ଏହି ଶିଳ୍ପ ଗୁଡ଼ିକରେ ୫ ଲକ୍ଷ ୭୧ ହଜାର ୩୦୩ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆକଳନ କରାଯାଉଛି। ଶୁକ୍ରବାର ବିଧାନସଭା ପ୍ରଶ୍ନକାଳରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହି ସୂଚନା ଦେଇଛନ୍ତି। ଭାଜପା ବିଧାୟକ ଇରାଶିଷ ଆଚାର୍ଯ୍ୟ ପଚାରିଥିଲେ ଯେ, ଗତ ୫ ବର୍ଷ ଭିତରେ ଓଡ଼ିଶାକୁ କେତେ ଶିଳ୍ପ କାରଖାନା ଏବଂ କମ୍ପାନୀ ଆସିଛନ୍ତି। ସେମାନଙ୍କୁ କ'ଣ ସବୁ ପ୍ରୋତ୍ସାହନ ଏବଂ ଅନ୍ୟାନ୍ୟ ବ୍ୟବସ୍ଥା ଦିଆଯାଇଛି।

ଜବାବରେ ମନ୍ତ୍ରୀ କହିଛନ୍ତି ଯେ, ଅନୁମୋଦିତ ଶିଳ୍ପ ପ୍ରକଳ୍ପ ମଧ୍ୟରୁ ଅଦ୍ୟାବଧି ଶିଳ୍ପର ବିଭିନ୍ନ କ୍ଷେତ୍ରରେ ୩୦ଟି ବୃହତ୍ ପ୍ରକଳ୍ପ ସ୍ଥାପନ ହେଇ ଆଂଶିକ ତଥା ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛନ୍ତି। ଏହି ଶିଳ୍ପଗୁଡ଼ିକ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ୧୯,୫୨୮.୬୬ କୋଟି ଟଙ୍କାର ପୁଞ୍ଜିନିବେଶ ସହିତ ୨୦ ହଜାର ୨୫୧ଟି ନିଯୁକ୍ତି ସୃଷ୍ଟି ହୋଇପାରିବ। ଏହାଛଡ଼ା ୨୩୫ଟି ଶିଳ୍ପ ସଂସ୍ଥାକୁ ବିଭିନ୍ନ ଶିଳ୍ପ ପାଇଁ ବିଭିନ୍ନ ସୁବିଧାରେ ୬୮୪୭.୬୮୧ ଏକର ସରକାରୀ ଜମି ଓ ୧୮୦୪.୯୫୪ ଏକର ବେସରକାରୀ ଜମି ଆବଣ୍ଟନ କରାଯାଇଛି। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି, ଭାଜପା ସଭ୍ୟ ଆକାଶ ଦାସ ନାୟକ ଏବଂ କଂଗ୍ରେସ ସଭ୍ୟ ସି.ଏସ. ରାଜନ ଏକ୍କା ନିଜ ଅଞ୍ଚଳରେ ହୋଇଥିବା ଶିଳ୍ପରେ ଜମି ଆବଣ୍ଟନ ଓ ନିଯୁକ୍ତି କଥା ପଚାରିଥିଲେ।

# କୃଷି ବିଭାଗରେ ସରକାରୀ କାର୍ଯ୍ୟ ଓଡ଼ିଆ ଭାଷାରେ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୬।୭(ଶର୍ମିଷ୍ଠା ପାଣିଗ୍ରାହୀ)

କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ସମସ୍ତ କାର୍ଯ୍ୟ ଓଡ଼ିଆ ଭାଷାରେ କରାଯିବ। ବିଭାଗୀୟ ନିର୍ଦ୍ଦେଶାଳୟ ସହ ଅଧସ୍ତନ କାର୍ଯ୍ୟାଳୟଗୁଡିକରେ ସମସ୍ତ ସରକାରୀ କାର୍ଯ୍ୟ ଓଡ଼ିଆ ଭାଷାରେ ସମ୍ପାଦନ କରାଯିବ। ଏନେଇ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀ ଶୁକ୍ରବାର ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ଏଥିସହ ନିର୍ଦ୍ଦେଶାଳୟ ଅଧୀନରେ ଥିବା ଅଧସ୍ତନ କାର୍ଯ୍ୟାଳୟଗୁଡିକୁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରିବାକୁ ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ସରକାରୀ ସ୍ତରରେ ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାରକୁ ସହଜ, ସରଳ ଓ ସୁଗମ କରିବା ନିମନ୍ତେ ଉପଯୁକ୍ତ ଜ୍ଞାନକୌଶଳ ପ୍ରୟୋଗର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ଦିଗରେ ବିଭାଗୀୟ ଅଧିକାରୀମାନେ ଯତ୍ନବାନ୍ ହେବା ସହିତ ଏହାର ଅନୁପାଳନ ସମ୍ବନ୍ଧରେ ବିଭାଗକୁ ନିୟମିତ ଅବଗତ କରିବାକୁ ଡ. ପାଢୀ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି।

# ମତ୍ସ୍ୟ ଅଧିକାରୀଙ୍କ ଅଫିସ୍ ସିଲିଂ ଖସିଲା



ସୁବର୍ଣ୍ଣପୁର ଜିଲା ମତ୍ସ୍ୟ ଅଧିକାରୀଙ୍କ ଅଫିସର ସିଲିଂ ଖସିପଡ଼ିଛି।

## ଅଳ୍ପକେ ବର୍ତ୍ତିଲେ କର୍ମଚାରୀ

ସୋନପୁର,୨୬।୭(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ମତ୍ସ୍ୟ ଅଧିକାରୀଙ୍କ ଅଫିସର କମ୍ପ୍ୟୁଟର ରୁମ୍‌ରୁ ଶୁକ୍ରବାର ସିଲିଂ ଖସି ପଡ଼ିଥିଲା। ମଧ୍ୟାହ୍ନରେ ଏହି ଘଟଣା ଘଟିଥିଲା। ତେବେ ସିଲିଂ ଖସିବାର ଅଳ୍ପ କେଇ ମିନିଟ୍ ପୂର୍ବରୁ କାର୍ଯ୍ୟରତ କର୍ମଚାରୀମାନେ ବାହାରକୁ ଚାଲି ଯାଇଥିଲେ। ଫଳରେ କର୍ମଚାରୀମାନେ ଅଳ୍ପକେ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି।

ସୂଚନା ଅନୁଯାୟୀ ସୁବର୍ଣ୍ଣପୁର ସରକାରୀ ଫିଶ୍ ଫାର୍ମର ପ୍ରଶିକ୍ଷଣ କେନ୍ଦ୍ରରେ ଜିଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ଅଛି। ଜିଲା ଗଠନ ହେବାର ୩୧ ବର୍ଷ ବିତି ଯାଇଥିଲେ ମଧ୍ୟ ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ବାସଭବନ ନିର୍ମାଣ ହୋଇନି। ଏଭଳି ସ୍ଥିତିରେ ପ୍ରଶିକ୍ଷଣ କେନ୍ଦ୍ରର ପୁରୁଣା କୋଠାକୁ ମରାମତି କରାଯାଇ କାମ ଚଳାଯାଉଛି। ୨୦୨୧-୨୨ରେ ପୂର୍ତ୍ତ ବିଭାଗ ପକ୍ଷରୁ ଏହି କୋଠାର ଛାତ ଗ୍ରିଡିଂ କରାଯିବା ସହ ପିଚୁ ପଟି ପକାଯାଇଥିଲା। ତେବେ ଛାତରେ ସୋଲାର ସିଷ୍ଟମ ସ୍ଥାପନ ହୋଇଥିବାରୁ ମରାମତି ପରେ ମଧ୍ୟ ଉକ୍ତ ସ୍ଥାନରୁ ପାଣି ଝରିଥିଲା। ସିଲିଂ ଓଦା ହୋଇ ଅସୁରକ୍ଷିତ ଅବସ୍ଥାରେ ଥିଲା। ଲଗାଣ ବର୍ଷାରେ ଛାତରୁ ପାଣି ଝରିବା ଯୋଗୁ ଶୁକ୍ରବାର ହଠାତ୍ ସିଲିଂ ଖସି ପଡିଥିଲା। ଖବରପାଇ ପୂର୍ତ୍ତ ବିଭାଗର ଇଞ୍ଜିନିୟର ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅଫିସ ଛାତକୁ ମରାମତି ସହ ନୂତନ ଅଫିସ ନିର୍ମାଣ ସକାଶେ ସରକାର ଅନୁଦାନ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ନାଚ ଶିଖାଉଥିବା ବେଳେ ଟଳି ପଡ଼ିଲେ ନେପା ସାର୍

ବନ୍ତ,୨୬।୭(ହରିନାରାୟଣ ମହାନ୍ତି)

ଏମିତି ବି ମୃତ୍ୟୁ ଆସେ। ଆଖଡ଼ାଶାଳାରେ ନାଚ ଶିଖାଉଥିବା ବେଳେ ହଠାତ୍ ଟଳିପଡ଼ିଲେ। ସେଠାରେ ଥିବା ଅନ୍ୟ କଳାକାରମାନେ ହଠାତ୍ କିଛି ବୁଝି ନ ପାରି ଯନ୍ତ୍ରଣାରେ ଛଟପଟ ହେଉଥିବା ନୃତ୍ୟ ନିର୍ଦ୍ଦେଶକଙ୍କୁ ଡାକ୍ତରଖାନା ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବାରୁ କଳାକାରଙ୍କ ମହଲରେ ଶୋକର ଛାୟା ଖେଳିଯାଇଥିଲା। ଏଭଳି ମୃତ୍ୟୁକୁ ସେମାନେ ସହଜରେ ଗ୍ରହଣ କରିପାରି ନ ଥିଲେ।

ଉକ୍ତ ନୃତ୍ୟ ନିର୍ଦ୍ଦେଶକ ହେଲେ ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ବନ୍ତ ପଞ୍ଚାୟତ ଗଭରପୁର ଗ୍ରାମର ପୀତବାସ



ପୀତବାସ ନାୟକ

ନାୟକ(୫୨)। ସେ ଯାତ୍ରା ଜଗତରେ ନେପା ସାର୍ ଭାବେ ପରିଚିତ। ଶୁକ୍ରବାର ସକାଳେ ଆଖୁଆପଦାସ୍ଥିତ ଆଖଡ଼ାଶାଳାରେ ଯାତ୍ରା ଯାଜ୍ଞସେନୀରେ 'ଆଖିର ଦୋଷ ନା ଲୁହର ଦୋଷ' ନାଟକରେ ନୃତ୍ୟ ନିର୍ଦ୍ଦେଶନା ଦେଉଥିବା ବେଳେ ପଡ଼ିଯାଇଥିଲେ। ସେଠାରେ ଥିବା ଅନ୍ୟ କଳାକାରମାନେ ତାଙ୍କୁ ଯାଜପୁର ରୋଡ୍‌ସ୍ଥିତ ଡାକ୍ତରଖାନାକୁ ନେଇଥିଲେ। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର କହିଥିଲେ। ତାଙ୍କ ମରଶରୀର ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଛି। ପୀତବାସ ନାଟ୍ୟକାର ଡ. ସୁଧାଂଶୁ ଶେଖର ନାୟକଙ୍କ ଦାଦାଙ୍କ ପୁଅ। ସେ ଦୀର୍ଘବର୍ଷ ଧରି ବିଭିନ୍ନ ଅପେରା ପାର୍ଟି ଓ ଅନୁଷ୍ଠାନରେ ନୃତ୍ୟ ନିର୍ଦ୍ଦେଶନା ଦେଇଆସୁଥିଲେ। ଓଡ଼ିଶା ଯାତ୍ରା ଜଗତ ଜଣେ ବିଶିଷ୍ଟ ନୃତ୍ୟ ନିର୍ଦ୍ଦେଶକଙ୍କୁ ହରାଇଲା ବୋଲି ନାଟ୍ୟକାର ସୁଧାଂଶୁ କହିଛନ୍ତି।

## ସଂକ୍ଷେପରେ

### ୧୦ ଟନ୍ ଗୋମାଂସ ଜବତ, ୨ ଗିରଫ

**ଖୁଣ୍ଟୁଣୀ, ୨୬।୭(ସଚ୍ଚିଦାନନ୍ଦ ପଣ୍ଡା)**

କଟକ ଜିଲା ଖୁଣ୍ଟୁଣୀ ଥାନା ଅଧୀନ ଗଣେଶ ବଜାର ନିକଟରୁ ଶୁକ୍ରବାର ଭୋର ସମୟରେ ଗୋମାଂସ ବୋଝେଇ ଏକ ଟ୍ରକ୍ ଜବତ କରାଯାଇଛି। ଗୋମାଂସ ଚାଲାଣ ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମହାରାଷ୍ଟ୍ର ନନ୍ଦେଡ଼ ଥାନା ମୁଡ୍‌ଖେଣ୍ଡର ବଳରାମ କାଦାମ ଓ ନନ୍ଦେଡ଼ର କୁନାଲ ନରବାଡେ। ଉକ୍ତ ଟ୍ରକ୍‌ରୁ ୧୦ ଟନ୍ ଗୋମାଂସ ଜବତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ତିଗିରିଆ କରଡ଼ାପଲ୍ଲୀ ଅଞ୍ଚଳରୁ ଗୋମାଂସ ବୋଝେଇ ଟ୍ରକ୍(ଏମ୍‌ଏଚ୍୨୬ବିଇ-୯୪୬୦) ଗୋମାଂସ ବୋଝେଇ ହୋଇ ଆସୁଥିବା ଖୁଣ୍ଟୁଣୀ ଅଞ୍ଚଳର କେତେଜଣ ଯୁବକ ଖବର ପାଇଥିଲେ। ଫଳରେ ସେମାନେ ଗଣେଶ ବଜାରଠାରେ ଜଗି ରହିଥିଲେ। ଟ୍ରକ୍ ସେଠାରେ ପହଞ୍ଚିବା ପରେ ସେମାନେ ଅଟକାଇ ଦେଖିବାରୁ ସେଥିରେ ଗୋମାଂସ ଥିବା ଜଣାପଡିଥିଲା। ଘଟଣାସ୍ଥଳରୁ ଟ୍ରକ୍ ଚାଳକ ଓ ଅନ୍ୟ ଜଣେ ସହଯୋଗୀଙ୍କୁ ଯୁବକମାନେ କାବୁ କରି ପୋଲିସ ଜିମା ଦେଇଥିଲେ। ଜବତ ମାଂସକୁ ରାଣୀବଣିଆ ନିକଟ ସଂରକ୍ଷିତ ଜଙ୍ଗଲରେ ପୋତି ଦିଆଯାଇଥିବା ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି। ଏନେଇ ଥାନାରେ ଏକ ମାମଲା(ନଂ. ୧୬୧/୨୪) ରୁଜୁ ହୋଇଛି।

### ଶହୀଦ ରାଜକିଶୋର ସାହୁଙ୍କୁ ଶ୍ରଦ୍ଧାଞ୍ଜଳି

**ଚୌଦ୍ୱାର,୨୬।୭(ଆଶୁତୋଷ ଦାସ)**

କାର୍‌ଗିଲ ବିଜୟ ଦିବସ ଅବସରରେ କାର୍‌ଗିଲରେ ଶହୀଦ୍ ହୋଇଥିବା ଚୌଦ୍ୱାର ଅଞ୍ଚଳର ରାଜକିଶୋର ସାହୁଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଚୌଦ୍ୱାର କଲେଜ ଇତିହାସ ବିଭାଗ, ଜାତୀୟ ସେବା ଯୋଜନା ଓ ଏନ୍‌ସିସି ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷା ରଶ୍ମି ରାଉତରାୟ ପୌରପାଳିକା ୧୭ନଂ. ୱାର୍ଡ ନୂଆସାହିଠାରେ ଥିବା ରାଜକିଶୋରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅବସରପ୍ରାପ୍ତ ବାୟୁସେନା କର୍ମଚାରୀ ବନବିହାରୀ ସାହୁ, ଅଧାପକ ଦେବାଶିଷ ଷଡଙ୍ଗୀ ଅତିଥି ଭାବେ ଯୋଗଦେଇ ରାଜକିଶୋରଙ୍କ ସ୍ମୃତିଚାରଣ କରିଥିଲେ। ଅଧାପିକା କ୍ଷୀରାବ୍ଧି ଚୌଧୁରୀ, ବସନ୍ତ କୁମାର ବିଶ୍ୱାଳ, ଚନ୍ଦ୍ରଶେଖର ପଣ୍ଡା, ପ୍ରଶାସନିକ ଅଧିକାରୀ ଶରତ ଚନ୍ଦ୍ର ମଲ୍ଲିକ, ଡ. ମମତା ସାହୁ ଉପସ୍ଥିତ ଥିଲେ। ଜାତୀୟ ସେବା ଯୋଜନା ଅଧିକାରିଣୀ ବନିତା ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ସେହିପରି ଚୌଦ୍ୱାର ଭାଜପା ମଣ୍ଡଳ ପକ୍ଷରୁ କାର୍‌ଗିଲ ବିଜୟ ଦିବସ ପାଳିତ ହୋଇଥିଲା। ଜିଲା ଉପସଭାପତି ପ୍ରଶାନ୍ତ କୁମାର ହୋତା, ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ସନ୍ତୋଷ ସାହୁ, ଅଜିତ୍ କୁମାର ସୁବୁଦ୍ଧିରାୟ, ହଂସ ଚରଣ ସାହୁଙ୍କ ସମେତ ବହୁ ଭାଜପା କର୍ମୀ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସେହିପରି ଭାଜପା ଓବିସି ମୋର୍ଚ୍ଚା ପକ୍ଷରୁ ରାଜ୍ୟ ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ବିନା ଲାଇସେନ୍ସରେ ଚାଲିଛି ଔଷଧ ଦୋକାନ

**କଟକ,୨୬।୭(ଶିଳ୍ପା ପ୍ରିୟଦର୍ଶିନୀ)**

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ (ଏସ୍‌ସିବି) ପରିସରରେ ବିନା ଲାଇସେନ୍ସରେ ଔଷଧ ଦୋକାନ ଚାଲିଛି। ଫଳରେ ଏଠାରେ ବିକ୍ରି ହେଉଥିବା ଔଷଧର ମାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୨୦୧୫ ଫେବୃଆରୀରେ ଏକ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ସେଥିରେ ଉଲ୍ଲେଖ କରାଯାଇଥିଲା ସରକାରୀ ଡାକ୍ତରଖାନା ପରିସରରେ ଥିବା ଘରୋଇ ଔଷଧ ଦୋକାନର ଲାଇସେନ୍ସ ନବୀକରଣ କରାଯିବନାହିଁ। ଏହି ନିର୍ଦ୍ଦେଶନାମା ଅନୁଯାୟୀ ଏସ୍‌ସିବି ମେଡିକାଲ ପରିସରରେ ଥିବା ଘରୋଇ ଔଷଧ ଦୋକାନର ଲାଇସେନ୍ସ

**ଏସ୍‌ସିବି ମେଡିକାଲ**




ନବୀକରଣ କରାଯାଇନାହିଁ। ଫଳରେ ବିନା ଲାଇସେନ୍ସରେ ଏଠାରେ ଦୀର୍ଘବର୍ଷ ହେବ ଔଷଧ ବିକ୍ରି କରାଯାଉଛି। ଯାହାକି ରୋଗୀଙ୍କ ଜୀବନ ପ୍ରତି ବିପଦ ରହିଛି।

ଏସ୍‌ସିବି ମେଡିକାଲର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲ ପରିସର ରାଣୀହାଟ ପଟ ଗେଟ୍ ଓ ମଙ୍ଗଳାବାଗ ପଟ ଗେଟ୍ ନିକଟରେ ୨ଟି ଔଷଧ ଦୋକାନ ରହିଛି। ସେଥିମଧ୍ୟରୁ ମଙ୍ଗଳାବାଗ ପଟ ଔଷଧ ଦୋକାନର ଲାଇସେନ୍ସ ଅବଧି ୧୯୯୪ ଓ ରାଣୀହାଟ ପଟ ଗେଟ୍ ନିକଟ ଔଷଧ ଦୋକାନର ଲାଇସେନ୍ସ ୨୦୦୭ରୁ ଶେଷ ହୋଇଯାଇଛି। ଫଳରେ ଏହି ଦୋକାନ ବନ୍ଦ କରିବାକୁ ଗତ ଏପ୍ରିଲରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷଙ୍କୁ ଚିଠି କରାଯାଇଥିଲା। ଏପରି କି ୧୫ଦିନ ମଧ୍ୟରେ ଦୋକାନ ହଟାଇବାକୁ ସ୍ୱାସ୍ଥ୍ୟ ସଚିବ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଅବ୍ୟବସ୍ଥାକୁ ଦୃଷ୍ଟିରେ ରଖି ମେଡିକାଲ କର୍ତ୍ତୃପକ୍ଷ ଉକ୍ତ ଦୁଇଟି ଔଷଧ ଦୋକାନ ଜୁଲାଇ ୬ ସୁଦ୍ଧା ହଟାଇବାକୁ ଦୋକାନ ମାଲିକଙ୍କୁ ନୋଟିସ୍ ଦେଇଥିଲେ। ହେଲେ ଦୋକାନ ମାଲିକ ହାଇକୋର୍ଟରୁ ରହିତାଦେଶ ଆଣି ଦୋକାନ ଚାଲୁ ରଖିଛନ୍ତି। ଡ୍ରଗ୍ସ ବିଭାଗର ଜଣେ ଅଧିକାରୀ କହିଛନ୍ତି, ବିନା ଲାଇସେନ୍ସରେ ଚାଲୁଥିବା ଉକ୍ତ ଦୋକାନରେ ପୂର୍ବରୁ ଅନେକ ଥର ଚଢ଼ାଉ କରାଯାଇଛି। ୨ ବର୍ଷ ପୂର୍ବେ ଏନେଇ ମାମଲା ରୁଜୁ ହୋଇଥିଲା। କିନ୍ତୁ ଏହି ସମସ୍ତ ଉପରେ ଏବେ ରହିତାଦେଶ ଜାରି ରହିଛି। ସେହିପରି ଏସ୍‌ସିବି ମେଡିକାଲର ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତ କହିଛନ୍ତି, ଔଷଧ ଦୋକାନ ମାଲିକ ହାଇକୋର୍ଟରୁ ରହିତାଦେଶ ଆଣିଥିବାରୁ ଦୋକାନ ଉଚ୍ଛେଦ କରାଯାଇନାହିଁ। ଆସନ୍ତା ମାସରେ ହାଇକୋର୍ଟରେ ଏ ସମ୍ପର୍କିତ ଶୁଣାଣି ରହିଛି। ହାଇକୋର୍ଟ ଯାହା ନିଷ୍ପତ୍ତି ନେବେ ସେହି ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ।



କଟକ ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ବିଜ୍ଞାନ ପ୍ରଦର୍ଶନୀକୁ ଛାତ୍ରୀମାନେ ଦେଖୁଛନ୍ତି।

## 'ଗୋଦାବରୀଶ ଥିଲେ ନିଷ୍ଠାପର ସମାଜ ସଂସ୍କାରକ'

**କଟକ,୨୬।୭ (କାର୍ତ୍ତିକ ସାହୁ)**

ଓଡ଼ିଆ ସାହିତ୍ୟର ପ୍ରଥମ ଗାଥା କବିତାର ଜନକ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ କଟକ ଲେଖକ ସହଯୋଗ ସମିତି ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଗୋଦାବରୀଶ ଥିଲେ ନିଷ୍ଠାପର ସମାଜ ସଂସ୍କାରକ। ସେ ଆଧୁନିକ ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ। ଏଥିସହ ଜଣେ ଯଶସ୍ୱୀ କବି, କାହାଣୀକାର, ଔପନ୍ୟାସିକ, ନାଟ୍ୟକାର, ଆଦର୍ଶ ଶିକ୍ଷକ, ଶିକ୍ଷାବିତ୍, ନିର୍ଭିକ ସାମ୍ବାଦିକ, ସ୍ୱାଧୀନତା ସଂଗ୍ରାମୀ ଓ ରାଜନୀତିଜ୍ଞ ଭାବରେ ସେ ସୁପରିଚିତ। ଓଡ଼ିଆ ବାଣୀଭଣ୍ଡାରକୁ ତାଙ୍କର ଅବଦାନ ଅତୁଳନୀୟ ବୋଲି ବକ୍ତାମାନେ ମତପ୍ରକାଶ କରିଛନ୍ତି। ଅନୁଷ୍ଠାନର ସଭାପତି ଡା. ରବି ରଞ୍ଜନ ସାହୁଙ୍କ ଅଧକ୍ଷତାରେ ଖାନଗରସ୍ଥିତ ସମିତି ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ରଘୁନାଥ ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଡ. ଅଜୟ ମିଶ୍ର, ମୁଖ୍ୟବକ୍ତା ଅଧାପିକା ତ୍ରିବେଣୀ ଭୋଳ ଓ ସମ୍ମାନିତ ଅତିଥି ସାହିତ୍ୟିକ ଭାଗବତ ଶୁକ୍ଳ ଗୋଦାବରୀଶଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସଚ୍ଚିଦାନନ୍ଦ କର, ସନ୍ଧ୍ୟା ମହାପାତ୍ର, ନମିତା ମହାନ୍ତି, ଡ. ହେମନ୍ତ ପରିଡ଼ା, ସନ୍ଧ୍ୟା ଶତପଥୀ, ସମରେନ୍ଦ୍ର ଘୋଷ, ଅରୁଣ ଅଗ୍ରୱାଲ, ନଜରୁଲ ଇସ୍‌ଲାମ, ବିମଳ ଦାଶ, ଗୋପାଳ ଚନ୍ଦ୍ର ମିଶ୍ର, ରାଜକୁମାର ପୃଷ୍ଟି, ନିବାସ ଚନ୍ଦ୍ର ମିଶ୍ର, ବୈଷ୍ଣବ ପରିଡ଼ା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଶ୍ୱିନୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରମିକ ଆନ୍ଦୋଳନର ଅନ୍ୟତମ ମହାନାୟକ ଥିଲେ ରାଜେନ୍ଦ୍ର




କଟକ ସାରଳା ଭବନରେ ଅନୁଷ୍ଠିତ ଶ୍ରମିକ ନେତା ରାଜେନ୍ଦ୍ର ସିଂହଙ୍କ ସ୍ମୃତିସଭାରେ ଉପସ୍ଥିତ ଅତିଥିବୃନ୍ଦ।

**କଟକ,୨୬।୭ (କାର୍ତ୍ତିକ ସାହୁ)**

ରାଜେନ୍ଦ୍ର ପ୍ରସାଦ ସିଂ ସ୍ମୃତି ସଂସଦ ପକ୍ଷରୁ ପୂର୍ବତନ ବିଧାୟକ ତଥା ଶ୍ରମିକ ନେତା ରାଜେନ୍ଦ୍ର ସିଂହଙ୍କ ସ୍ମୃତିସଭା ଶୁକ୍ରବାର କଟକ ସାରଳା ଭବନରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ତଥା ଭାରତର ଶ୍ରମିକ ଆନ୍ଦୋଳନରେ ଅନ୍ୟତମ ମହାନାୟକ ଥିଲେ ରାଜେନ୍ଦ୍ର ପ୍ରସାଦ ସିଂହ। ରାଜନୈତିକ, ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ। ରାଜେନ୍ଦ୍ର ଏକାଧାରରେ ଶ୍ରମିକ ନେତା, ଜନନେତା, ଜଣେ ବଳିଷ୍ଠ ବିଧାୟକ ଭାବେ ସବୁଦିନ ମନେ ରହିବେ ବୋଲି ବିଶିଷ୍ଟ ଶ୍ରମିକ ନେତାମାନେ ମତବ୍ୟକ୍ତ କରିଛନ୍ତି। ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ ବରିଷ୍ଠ ଶ୍ରମିକ ନେତା କୃଷ୍ଣଚନ୍ଦ୍ର ପାତ୍ର, ସିଏମ୍‌ସି ମେୟର ସୁବାସ ସିଂ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପ୍ରଫୁଲ୍ଲ ମଲ୍ଲିକ, ଶଶୀଭୂଷଣ ବେହେରା, ସିପିଏମ୍ ନେତା ଜନାର୍ଦ୍ଦନ ପତି, ଏଆଇଟିୟୁସି ନେତା ବିଜୟ ଜେନା, ବିଏମ୍‌ଏସ୍ ନେତା ବସନ୍ତ କୁମାର ସାହୁ, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, କଂଗ୍ରେସ ନେତା ସୁଦର୍ଶନ ଦାସ, ଚିତ୍ତରଞ୍ଜନ ମହାନ୍ତି, କଟକ ଶାନ୍ତି କମିଟି ସମ୍ପାଦକ ଭିକାରୀ ଦାସ, କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ ପ୍ରମୁଖ ଶ୍ରଦ୍ଧାଳି ଅର୍ପଣ କରିଥିଲେ। ଓଡ଼ିଶାର ବିଶିଷ୍ଟ ଶ୍ରମିକ ନେତା ଗୋକୁଳ ଚନ୍ଦ୍ର ମେହେର, କଟକ ମେହେନ୍ତର ସଂଘ ନେତା ଦେବରାଜ ମୁଖୀ ଏବଂ କଟକ ଜିଲାରେ ଗତ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା କୃତୀ ଛାତ୍ର ଶାନ୍ତନୁ କୁମାର ସାହୁ, ଶୁଭଙ୍କର ମହାନ୍ତି ଓ ରୋହନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜୟ ବେହେରା, ଆଶିଷ ସାହୁ, ଶେଷଦେବ ପାତ୍ର, ଧର୍ମେଶ ନାୟକ, ଦେବାଶିଷ ନାୟକ ପ୍ରଶାନ୍ତ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦକ କିଶୋର ଜେନା ଧନ୍ୟବାଦ ଦେଇଥିଲେ। ହରିବନ୍ଧୁ ନାୟକ, ଜନସନ ମହାପାତ୍ର, ଅନୋଜ ଛାଟୋଇ, ଆସିଫ ଅମିନ, ସୌମ୍ୟଦୀପ ଘୋଷ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବାଇକ ଜବତ, ୨ ଗିରଫ

**କଟକ,୨୬।୭ (କାର୍ତ୍ତିକ ସାହୁ)**

ବାଇକ୍ ଚୋରି ଅଭିଯୋଗରେ ମଧୁପାଟଣା ପୋଲିସ ବାଲିସାହି ବସ୍ତିରୁ ୨ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଛି। ସେମାନେ ହେଲେ ବାଲିସାହି ବସ୍ତିର ବିକି ବେହେରା ଓ ସେକ୍ ଅମନ। ସେମାନଙ୍କ ନିକଟରୁ ଦୁଇଟି ଚୋରା ବାଇକ ଜବତ ହୋଇଛି। ସୂଚନା ଅନୁସାରେ, ଗତ ଜୁଲାଇ ୨୦ରେ ଖପୁରିଆ ଜଗନ୍ନାଥ ରୋଡ ଅଞ୍ଚଳର କେ. ବିକାଶ ରାଓଙ୍କର ଏକ ବାଇକ ଚୋରି ହୋଇଥିଲା। ଏନେଇ ସେ ମଧୁପାଟଣା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ବିକି ଓ ଅମନ ପଟରୁ ସମ୍ରାଟ ସିନେମା ହଲ୍ ଆଡ଼କୁ ଏକ ବାଇକ୍‌ରେ ଗୁରୁବାର ଯାଉଥିବା ପୋଲିସ ସୂଚନା ପାଇଥିଲା। ସେମାନଙ୍କ ଗତିବିଧି ନଜର କରି ଥାନା ସାମାନାରୁ ଉଭୟଙ୍କୁ ଗିରଫ କରିଥିଲା। ଉକ୍ତ ଗାଡ଼ି ବି ଚୋରା ଗାଡ଼ି ବୋଲି ଜଣାପଡ଼ିଥିଲା। ବିକାଶଙ୍କ ଗାଡ଼ିକୁ କାଠଯୋଡ଼ି କୂଳ ଅଭିରାମ ମଠ ନିକଟ ଏକ ବୁଦାରେ ଲୁଚାଇ ରଖିଥିବା ସେମାନେ କହିଥିଲେ। ପୋଲିସ ସେଠାରେ ଚଢ଼ଉ କରି ଉକ୍ତ ଗାଡ଼ି ଜବତ କରିଥିଲା।

## ଅବସରର ୪ ବର୍ଷ ପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଖାରଜ

**କଟକ,୨୬।୭ (କାର୍ତ୍ତିକ ସାହୁ)**

ସରକାରଙ୍କ ପେନ୍‌ସନ୍ ନିୟମ ଅନୁସାରେ ଅବସର ନେବାର ୪ ବର୍ଷ ପରେ ସମ୍ପୃକ୍ତ କର୍ମଚାରୀଙ୍କ ନାମରେ କୌଣସି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ। ବିଚାରପତି ବିରଜା ପ୍ରସନ୍ନ ଶତପଥୀ ଏଭଳି ଏକ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କ ବିଭାଗୀୟ କାର୍ଯ୍ୟାନୁଷ୍ଠାନକୁ ଖାରଜ କରିବାକୁ ଶୁକ୍ରବାର ଆଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ଆବେଦନକାରୀ ନଳିନୀକାନ୍ତ ମହାପାତ୍ର ଚିତ୍ରକୋଣ୍ଡା ପ୍ରକଳ୍ପରେ ଜଳସମ୍ପଦ ବିଭାଗର ନିର୍ବାହୀ ଯନ୍ତ୍ରୀ ଥିଲେ। ୨୦୦୧ ଅକ୍ଟୋବର ୨୨ରୁ ୨୦୦୬ ମେ' ୨୫ ତାରିଖ ମଧ୍ୟରେ କରାଯାଇଥିବା ଉକ୍ତ ପ୍ରକଳ୍ପ କାର୍ଯ୍ୟରେ ଅନିୟମିତତା ହୋଇଥିବା ଦର୍ଶାଇ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ୨୦୧୮ ଜୁଲାଇ ୨୬ରେ ଏହି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଅପରପକ୍ଷରେ ମହାପାତ୍ର ୨୦୧୧ ମେ' ୩୧ରେ ଜଳ ସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ଭାବେ ସରକାରୀ ଚାକିରିରୁ ଅବସର ଗ୍ରହଣ କରିସାରିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରାଜୀବ ରଥ ମାମଲା ପରିଚାଳନା କରୁଥିଲେ।

## ପ୍ରକଳ୍ପ ତାଲିକାରେ ବିଦ୍ୟୁତ୍ ବିଲ୍ ପାଇଁ ବ୍ୟୟବରାଦ ନାହିଁ

**କଟକ ସଦର,୨୬।୭(ସୁଶାନ୍ତ କୁମାର ଜେନା)**

୨୦୨୪-୨୫ ଆର୍ଥିକ ବର୍ଷ ପାଇଁ କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତର ପ୍ରକଳ୍ପ ତାଲିକା ପ୍ରସ୍ତୁତ କରାଯାଇ କଟକ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ପଠାଯାଇଛି। ଉକ୍ତ ତାଲିକାରେ ଗ୍ରାମର ଗଳିକନ୍ଦିରେ ଲାଗିଥିବା ଉଜ୍ଜ୍ୱଳ ଆଲୋକର ବିଲ୍ ପଇଠ ପାଇଁ ବ୍ୟୟବରାଦ ରଖାଯାଇନାହିଁ। କେବଳ କିଶୋର ନଗର ପଞ୍ଚାୟତକୁ ବାଦ୍ ଦେଲେ ଅନ୍ୟ ୨୨ଟି ପଞ୍ଚାୟତ ଉପରେ ଟାଟା ପାୱାରର ସାଢ଼େ ୩ କୋଟି ଟଙ୍କା ବିଦ୍ୟୁତ୍ ବିଲ୍ ବାକି ରହିଛି। ପଞ୍ଚଦଶ ଅର୍ଥ କମିଶନଙ୍କ ଅନୁଦାନର ଏହି ଖର୍ଚ୍ଚ ଭରଣା କରାଯିବାର ବ୍ୟବସ୍ଥା ଥିବା ସତ୍ତ୍ୱେ ଏଥିପ୍ରତି ସରପଞ୍ଚମାନେ ଦୃଷ୍ଟି ଦେଇନାହାନ୍ତି। ପଞ୍ଚାୟତ ପାଣ୍ଠି, ବିଧାୟକ ଓ ଏମ୍‌ପିଙ୍କ ପାଣ୍ଠିରେ ୫ ବର୍ଷ ହେବ ଉଜ୍ଜ୍ୱଳ ଆଲୋକ ଗ୍ରାମ ଛକ ଓ ବିଦ୍ୟୁତ୍ ଖୁଣ୍ଟଗୁଡିକରେ ଲାଗିଥିବା ଦେଖାଯାଉଛି। ଲାଇଟ୍ ବାବଦ ବିଲ୍ ସ୍ଥାନୀୟ ପଞ୍ଚାୟତ ଭରଣା କରିବା ପାଇଁ ଆଗୁଆ ସରପଞ୍ଚମାନେ ବିଦ୍ୟୁତ୍ ବିଭାଗକୁ ଲିଖିତ ପ୍ରତିଶ୍ରୁତି ଦେଇସାରିଛନ୍ତି। ଏ ସମ୍ପର୍କରେ କଟକ ସଦର ବିଡିଓ ରୁମାନା ଜାଫ୍ରୀ ଓ ସରପଞ୍ଚମାନେ ପ୍ରତିକ୍ରିୟା ଦେବା ପାଇଁ ଅନିଚ୍ଛା ପ୍ରକାଶ କରିଛନ୍ତି। ଅପରପକ୍ଷରେ ଖରାପ ହୋଇଥିବା ଲାଇଟ୍ ମରାମତି ପାଇଁ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପଞ୍ଚାୟତ ସମିତି ପାଣ୍ଠିରୁ ମଞ୍ଜୁରି କରାଯାଇଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି।

## 'ଯୁବ ଆଇନଜୀବୀ ମହାନ୍ ବ୍ୟକ୍ତିଙ୍କୁ ଅନୁସରଣ କରନ୍ତୁ'




ହାଇକୋର୍ଟ ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଭାରେ ହାଇକୋର୍ଟ ବିଚାରପତି ଶିବ ଶଙ୍କର ମିଶ୍ର ଉଦ୍‌ବୋଧନ ଦେଉଛନ୍ତି।

**କଟକ,୨୬।୭ (କାର୍ତ୍ତିକ ସାହୁ)**

**ଓଡ଼ିଶା ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତିଙ୍କ ଶ୍ରାଦ୍ଧ ଦିବସ**

ଓଡ଼ିଶା ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ଜଷ୍ଟିସ ବୀର କିଶୋର ରାୟଙ୍କ ୬୭ତମ ଶ୍ରାଦ୍ଧ ଦିବସ ହାଇକୋର୍ଟ ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ଶୁକ୍ରବାର ପାଳିତ ହୋଇଯାଇଛି। ଜଷ୍ଟିସ ବୀର କିଶୋର ରାୟ ସ୍ମୃତି ସଂସଦର ଉପସଭାପତି ସନାତନ ଦାସଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ବିଚାରପତି ଶିବ ଶଙ୍କର ମିଶ୍ର ଯୋଗଦେଇ ଜଷ୍ଟିସ ରାୟଙ୍କ ଗୁଣାବଳୀ ବର୍ଣ୍ଣନା କରିଥିଲେ। ଓଡ଼ିଶା ହାଇକୋର୍ଟ ୭୭ତମ ପ୍ରତିଷ୍ଠା ଦିବସ ପାଳନ କରୁଥିବାବେଳେ ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତିଙ୍କ ଶ୍ରାଦ୍ଧଦିବସ ପାଳନ ହେଉଥିବାରୁ ସେ ଖୁସି ବ୍ୟକ୍ତ କରିଥିଲେ। ଯୁବ ଆଇନଜୀବୀମାନେ ଏହି ମହାନ୍ ବ୍ୟକ୍ତିଙ୍କୁ ଅନୁସରଣ କଲେ ଭଲ ଆଇନଜୀବୀ ଭାବେ ପ୍ରତିଷ୍ଠିତ ହୋଇପାରିବେ ବୋଲି ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ହାଇକୋର୍ଟ ବିଚାରପତି ଜଷ୍ଟିସ ଏମ୍.ଏସ୍. ରମଣ, ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ବିଜୟ କୁମାର ଦାସ, ସରକାରୀ ଓକିଲ ଜ୍ୟୋତିପ୍ରକାଶ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଜଷ୍ଟିସ ରାୟଙ୍କର ଆଇନ କ୍ଷେତ୍ରରେ ଅବଦାନ ଅତୁଳନୀୟ ବୋଲି କହିଥିଲେ। ସ୍ମୃତି ସଂସଦ ସମ୍ପାଦକ ବିଜୟ କୁମାର ରଗଡ଼ ସ୍ୱାଗତ ଭାଷଣ ଓ ବାର୍ କାଉନସିଲ୍‌ର ସଭ୍ୟ ଲକ୍ଷ୍ମୀନାରାୟଣ ପଟେଲ ଧନ୍ୟବାଦ ଦେଇଥିଲେ। ଜଷ୍ଟିସ ରାୟଙ୍କ ଶ୍ରାଦ୍ଧ ଦିବସରେ ସ୍ମୃତିସଂସଦ ତରଫରୁ ମହାନଦୀର ଗଡ଼ଗଡ଼ିଆ ଘାଟରେ ତିଳତର୍ପଣ କରାଯାଇଥିଲା। ପୂର୍ବାହ୍ନ ୧୦ଟାରେ ହାଇକୋର୍ଟ ପରିସରରେ ଜଷ୍ଟିସ ରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଚାରପତି ଏମ୍.ଏସ୍. ସାହୁ, ବିଚାରପତି ଆଦିତ୍ୟ କୁମାର ମହାପାତ୍ର, ବରିଷ୍ଠ ଆଇନଜୀବୀ ମନୋରଞ୍ଜନ ମହାନ୍ତି, ସୁବୀର ପାଳିତଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ : ବାଲେଶ୍ୱର**
ମାଣିଖମ, ଓଟି ରୋଡ଼, ପୋଲିସ୍ ଲାଇନ, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧, ଇ-ମେଲ୍: crld.robalasore@unionbankofindia.bank, ମୋ.: ୮୯୨୮୯୧୭୪୧୧

**ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ଧାରା ୮(୬) ଏବଂ ୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ନୋଟିସ୍

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ "ଗଠନାତ୍ମକ / ସାଙ୍କେତିକ / ଭୌତିକ ଦଖଲ" ନେଇ "ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୧୪.୦୮.୨୦୨୪ରିଖରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ମଧ ନିମ୍ନରେ ପ୍ରଦାନ କରାଗଲା ।

**ଯାଜପୁର ରୋଡ ଶାଖା-୨, ଜିଲ୍ଲା: ଯାଜପୁର, ମୋ: ୮୬୦୧୭୧୪୬୬୬, ଇ-ମେଲ୍: ubin0802751@unionbankofindia.bank**

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| **ଋଣଗ୍ରହୀତା: ମେସର୍ସ ବାବା ଚନ୍ଦ୍ରଶେଖର ରାଇସ୍ ମିଲ, ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ନିରଞ୍ଜନ ସାମଲ,** ପିତା: ୰ ନବ କିଶୋର ସାମଲ / ଅଂଶୀଦାରମାନେ: **୧) ଶ୍ରୀମତୀ ସରସ୍ୱତୀ ସାମଲ,** ସ୍ୱାମୀ: ନିରଞ୍ଜନ ସାମଲ, **୨) ଶ୍ରୀ ସଂଗ୍ରାମ କେଶରୀ ସାମଲ,** ପିତା: ନିରଞ୍ଜନ ସାମଲ, **୩) ଶ୍ରୀ ନିରାକାର ସାମଲ,** ପିତା: ନିରଞ୍ଜନ ସାମଲ, ସମସ୍ତଙ୍କ ଠିକଣା- ସା: ପଥରପଦା, ପୋ.: ପାଣିକୋଇଲି, ଥାନା: କୋରେଇ, ଜିଲ୍ଲା: ଯାଜପୁର, **୪) ଶ୍ରୀମତୀ ସାଗରିକା ସାମଲ,** ସା: ସୁଜନପୁର, ଯାଜପୁର | ତା.୨୬.୦୭.୨୦୨୪ରିଖ ସୁଦ୍ଧା ଟ.୬,୩୭,୬୮,୬୭୯/- ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ଦେୟ |

**ସମ୍ପତ୍ତିର ବିବରଣୀ-୧: କ) ଶ୍ରୀ ନିରଞ୍ଜନ ସାମଲ,** ପିତା: ୰ ନବ କିଶୋର ସାମଲଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର **୧)** ପ୍ଲଟ୍ ନଂ.: ୭୬, ଖାତା ନଂ.: ୬୮/୮, ମୌଜା: ସାନବରୁଣେଇପଦା, ସାରଦ-୨, ଜିଲ୍ଲା: ଯାଜପୁର, କ୍ଷେତ୍ର: ଏକର୦.୫୯୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୬୩ ଏବଂ ନିରଞ୍ଜନ ସାମଲ, ଦକ୍ଷିଣ: ନିରଞ୍ଜନ ସାମଲ, ପୂର୍ବ: ନିରଞ୍ଜନ ସାମଲ, ପଶ୍ଚିମ: ପ୍ଲଟ୍ ନଂ.: ୭୪, **୨)** ପ୍ଲଟ୍ ନଂ.: ୮୩, ଖାତା ନଂ.: ୧, ମୌଜା: ସାନବରୁଣେଇପଦା, ସାରଦ-୨, ଜିଲ୍ଲା: ଯାଜପୁର, କ୍ଷେତ୍ର: ଏକର୦.୧୩୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୩୦ ଏବଂ ବୈରାଗୀ ସାହୁ, ଦକ୍ଷିଣ: ପ୍ଲଟ୍ ନଂ.: ୮୪, ପୂର୍ବ: ପ୍ଲଟ୍ ନଂ.: ୧୧୯, ପଶ୍ଚିମ: ପ୍ଲଟ୍ ନଂ.: ୮୪, **୩)** ପ୍ଲଟ୍ ନଂ.: ୮୦, ଖାତା ନଂ.: ୬୮/୪, ମୌଜା: ସାନବରୁଣେଇପଦା, ସାରଦ-୨, ଜିଲ୍ଲା: ଯାଜପୁର, କ୍ଷେତ୍ର: ଏକର୦.୫୮୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିରଞ୍ଜନ ସାମଲ, ଦକ୍ଷିଣ: ନିରଞ୍ଜନ ସାମଲ, ପୂର୍ବ: ପ୍ଲଟ୍ ନଂ.: ୭୯, ୧୨୦ ଏବଂ ୧୨୨, ପଶ୍ଚିମ: ଶିବ ଚରଣ ସାହୁ, **୪)** ପ୍ଲଟ୍ ନଂ.: ୮୮, ଖାତା ନଂ.: ୬୮/୧୮, ମୌଜା: ସାନବରୁଣେଇପଦା, ସାରଦ-୨, ଜିଲ୍ଲା: ଯାଜପୁର, କ୍ଷେତ୍ର: ଏକର୦.୧୭୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ମନ୍ଦର ବାରିକ, ଦକ୍ଷିଣ: ଗଣେଶ ପ୍ରଧାନ, ପୂର୍ବ: ନିରଞ୍ଜନ ସାମଲ, ପଶ୍ଚିମ: ନନ୍ଦ ମାଝୀ, **୫)** ପ୍ଲଟ୍ ନଂ.: ୬୩, ଖାତା ନଂ.: ୬୮/୧୦, ମୌଜା: ସାନବରୁଣେଇପଦା, ସାରଦ-୨, ଜିଲ୍ଲା: ଯାଜପୁର, କ୍ଷେତ୍ର: ଏକର୦.୧୭୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୬୨, ଦକ୍ଷିଣ: ନିରଞ୍ଜନ ସାମଲ, ପୂର୍ବ: ନିରଞ୍ଜନ ସାମଲ, ପଶ୍ଚିମ: ପ୍ଲଟ୍ ନଂ.: ୬୪ ଏବଂ ୭୫, **୬)** ପ୍ଲଟ୍ ନଂ.: ୮୯, ଖାତା ନଂ.: ୬୮/୧୦, ମୌଜା: ସାନବରୁଣେଇପଦା, ସାରଦ-୨, ଜିଲ୍ଲା: ଯାଜପୁର, କ୍ଷେତ୍ର: ଏକର୦.୨୫୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୯୦, ଦକ୍ଷିଣ: ପ୍ଲଟ୍ ନଂ.: ୮୭, ପୂର୍ବ: ପ୍ଲଟ୍ ନଂ.: ୯୭, ପଶ୍ଚିମ: ପ୍ଲଟ୍ ନଂ.: ୮୮, **୭)** ପ୍ଲଟ୍ ନଂ.: ୬୮, ଖାତା ନଂ.: ୬୮/୬, ମୌଜା: ସାନବରୁଣେଇପଦା, ସାରଦ-୨, ଜିଲ୍ଲା: ଯାଜପୁର, କ୍ଷେତ୍ର: ଏକର୦.୩୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ଲକ୍ଷ୍ମୀଧର ବେହେରା ଏବଂ ରଙ୍କ ମାଝୀ, ଦକ୍ଷିଣ: ମଧୁ ସାହୁ ଏବଂ ଧୁଣ୍ଡି ବାରିକ, ପୂର୍ବ: ନିରଞ୍ଜନ ସାମଲ, ପଶ୍ଚିମ: ଧୁଣ୍ଡି ବାରିକ, **୮)** ପ୍ଲଟ୍ ନଂ.: ୭୪, ଖାତା ନଂ.: ୬୮/୬, ମୌଜା: ସାନବରୁଣେଇପଦା, ସାରଦ-୨, ଜିଲ୍ଲା: ଯାଜପୁର, କ୍ଷେତ୍ର: ଏକର୦.୧୧୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ଲକ୍ଷ୍ମୀଧର ବେହେରା ଏବଂ ରଙ୍କ ମାଝୀ, ଦକ୍ଷିଣ: ମଧୁ ସାହୁ ଏବଂ ଧୁଣ୍ଡି ବାରିକ, ପୂର୍ବ: ନିରଞ୍ଜନ ସାମଲ, ପଶ୍ଚିମ: ଧୁଣ୍ଡି ବାରିକ, **୯)** ପ୍ଲଟ୍ ନଂ.: ୧୧୯, ଖାତା ନଂ.: ୩୬, ମୌଜା: ସାନବରୁଣେଇପଦା, ସାରଦ-୨, ଜିଲ୍ଲା: ଯାଜପୁର, କ୍ଷେତ୍ର: ଏକର୦.୭୩୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୦୭ ଏବଂ ୧୦୮, ଦକ୍ଷିଣ: ପ୍ଲଟ୍ ନଂ.: ୧୨୧ ଏବଂ ନିରଞ୍ଜନ ସାମଲ, ପୂର୍ବ: ପ୍ଲଟ୍ ନଂ.: ୧୦୯ ଏବଂ ନିରଞ୍ଜନ ସାମଲ, ପଶ୍ଚିମ: ନିରଞ୍ଜନ ସାମଲ, **୧୦)** ପ୍ଲଟ୍ ନଂ.: ୬୪, ଖାତା ନଂ.: ୧୧, ମୌଜା: ସାନବରୁଣେଇପଦା, ସାରଦ-୨, ଜିଲ୍ଲା: ଯାଜପୁର, କ୍ଷେତ୍ର: ଏକର୦.୨୨୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ନନ୍ଦ ଦାସ, ଦକ୍ଷିଣ: ମଣି ମାଝୀ, ପୂର୍ବ: ମଣି ମାଝୀ, ପଶ୍ଚିମ: ସୁର ଦାସ, **୧୧)** ପ୍ଲଟ୍ ନଂ.: ୮୨, ଖାତା ନଂ.: ୬୦, ମୌଜା: ସାନବରୁଣେଇପଦା, ସାରଦ-୨, ଜିଲ୍ଲା: ଯାଜପୁର, କ୍ଷେତ୍ର: ଏକର୦.୪୩୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୮୮ ଗୋପାଳ ପରିଡା ଏବଂ ପୁନି ବାରିକ, ଦକ୍ଷିଣ: ପ୍ଲଟ୍ ନଂ.: ୮୦, ପୂର୍ବ: ପ୍ଲଟ୍ ନଂ.: ୮୭ ଏବଂ ୮୧, ପଶ୍ଚିମ: ପ୍ଲଟ୍ ନଂ.: ୬୨ ଏବଂ ୬୩, **୧୨)** ପ୍ଲଟ୍ ନଂ.: ୮୬, ଖାତା ନଂ.: ୬୦, ମୌଜା: ସାନବରୁଣେଇପଦା, ସାରଦ-୨, ଜିଲ୍ଲା: ଯାଜପୁର, କ୍ଷେତ୍ର: ଏକର୦.୩୫୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୮୮, ଗୋପାଳ ପରିଡା ଏବଂ ପୁନି ବାରିକ, ଦକ୍ଷିଣ: ପ୍ଲଟ୍ ନଂ.: ୮୦, ପୂର୍ବ: ପ୍ଲଟ୍ ନଂ.: ୮୭ ଏବଂ ୮୧, ପଶ୍ଚିମ: ପ୍ଲଟ୍ ନଂ.: ୬୨ ଏବଂ ୬୩, **୧୩)** ପ୍ଲଟ୍ ନଂ.: ୬୯, ଖାତା ନଂ.: ୨୦, ମୌଜା: ସାନବରୁଣେଇପଦା, ସାରଦ-୨, ଜିଲ୍ଲା: ଯାଜପୁର, କ୍ଷେତ୍ର: ଏକର୦.୪୦୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିରଞ୍ଜନ ସାମଲ, ଦକ୍ଷିଣ: ମଧୁସୂଦନ ସାହୁ, ପୂର୍ବ: ପ୍ଲଟ୍ ନଂ.: ୭୩ ଏବଂ ୭୪, ପଶ୍ଚିମ: ପ୍ଲଟ୍ ନଂ.: ୩୫, **୧୪)** ପ୍ଲଟ୍ ନଂ.: ୮୧, ଖାତା ନଂ.: ୨୦, ମୌଜା: ସାନବରୁଣେଇପଦା, ସାରଦ-୨, ଜିଲ୍ଲା: ଯାଜପୁର, କ୍ଷେତ୍ର: ଏକର୦.୨୦୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୮୩ ଏବଂ ନିରଞ୍ଜନ ସାମଲ, ଦକ୍ଷିଣ: ପ୍ଲଟ୍ ନଂ.: ୮୦ ଏବଂ ନିରଞ୍ଜନ ସାମଲ, ପୂର୍ବ: ପ୍ଲଟ୍ ନଂ.: ୧୧୯ ଏବଂ ୧୨୦, ପଶ୍ଚିମ: ପ୍ଲଟ୍ ନଂ.: ୩୨ ଏବଂ ନିରଞ୍ଜନ ସାମଲ, **୧୫)** ପ୍ଲଟ୍ ନଂ.: ୧୨୩୯, ଖାତା ନଂ.: ୧୦୦୩/୫୦, ମୌଜା: କରଦା, ସାରଦ-୨, ଜିଲ୍ଲା: ଯାଜପୁର, କ୍ଷେତ୍ର: ଏକର୦.୧୭୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ସାନବରୁଣେଇପଦା ମୌଜାର ସୀମା ଏବଂ ନିରଞ୍ଜନ ସାମଲ, ଦକ୍ଷିଣ: ନିରଞ୍ଜନ ସାମଲ, ପୂର୍ବ: ନିରଞ୍ଜନ ସାମଲ, ପଶ୍ଚିମ: ପ୍ଲଟ୍ ନଂ.: ୧୨୪୦, **୧୬)** ପ୍ଲଟ୍ ନଂ.: ୧୨୩୮, ଖାତା ନଂ.: ୧୦୦୩/୪୯, ମୌଜା: କରଦା, ସାରଦ-୨, ଜିଲ୍ଲା: ଯାଜପୁର, କ୍ଷେତ୍ର: ଏକର୦.୧୯୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୧୨୩୬, ପଶ୍ଚିମ: ପ୍ଲଟ୍ ନଂ.: ୧୨୩୯, **ସମୁଦାୟ କ୍ଷେତ୍ର: ଏକର ୪.୯୯ ଡିସିମିଲି, ଖ) ଶ୍ରୀ ନିରଞ୍ଜନ ସାମଲ, ଶ୍ରୀମତୀ ସରସ୍ୱତୀ ସାମଲ, ଶ୍ରୀ ନିରାକାର ସାମଲ, ଶ୍ରୀ ସଂଗ୍ରାମ କେଶରୀ ସାମଲ, ଶ୍ରୀମତୀ ସାଗରିକା ସାମଲ**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର **୧)** ପ୍ଲଟ୍ ନଂ.: ୧୨୩୨, ଖାତା ନଂ.: ୧୦୦୩/୧୧, ମୌଜା: କରଦା, ସାରଦ-୨, ଜିଲ୍ଲା: ଯାଜପୁର, କ୍ଷେତ୍ର: ଏକର୦.୧୫୦ଡିସିମିଲି, **୨)** ପ୍ଲଟ୍ ନଂ.: ୧୨୩୭, ଖାତା ନଂ.: ୧୦୦୩/୧୨, ମୌଜା: କରଦା, ସାରଦ-୨, ଜିଲ୍ଲା: ଯାଜପୁର, କ୍ଷେତ୍ର: ଏକର୦.୫୪୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ବାବାଜୀ ବେହେରା, ଦକ୍ଷିଣ: ନିରଞ୍ଜନ ସାମଲ, ପୂର୍ବ: କାଳନ୍ଦୀ ମିଶ୍ର, ପଶ୍ଚିମ: ରଘୁନାଥ ମାଝୀ, **୩)** ପ୍ଲଟ୍ ନଂ.: ୧୨୩୨/୪୭୧୯, ଖାତା ନଂ.: ୧୦୦୩/୩୨, ମୌଜା: କରଦା, ସାରଦ-୨, ଜିଲ୍ଲା: ଯାଜପୁର, କ୍ଷେତ୍ର: ଏକର୦.୧୩୬ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ଚୈତନ ବେହେରା, ଦକ୍ଷିଣ: ରୋଡ୍ ସାଇଡ୍ ଡିଚ୍, ପୂର୍ବ: କାଳନ୍ଦୀ ମିଶ୍ର, ପଶ୍ଚିମ: ମଧୁ ସାହୁ, **୪)** ପ୍ଲଟ୍ ନଂ.: ୭୮, ଖାତା ନଂ.: ୬୮/୩, ମୌଜା: ସାନବରୁଣେଇପଦା, ସାରଦ-୨, ଜିଲ୍ଲା: ଯାଜପୁର, କ୍ଷେତ୍ର: ଏକର୦.୦୭୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୭୯, ପଶ୍ଚିମ: ନିରଞ୍ଜନ ସାମଲ ଏବଂ ଅନ୍ୟମାନେ, **୫)** ପ୍ଲଟ୍ ନଂ.: ୭୭, ଖାତା ନଂ.: ୪୯, ମୌଜା: ସାନବରୁଣେଇପଦା, ସାରଦ-୨, ଜିଲ୍ଲା: ଯାଜପୁର, କ୍ଷେତ୍ର: ଏକର୦.୧୭୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ରଙ୍କ ବେହେରା, ଦକ୍ଷିଣ: କରଦା ମୌଜାର ସୀମା ଏବଂ ପାଣ୍ଡୁ ମାଝୀ, ପୂର୍ବ: ବାବାଜୀ ବେହେରା, ପଶ୍ଚିମ: ମଧୁ ସାହୁ, **ସମୁଦାୟ କ୍ଷେତ୍ର: ଏକର ୧.୪୯୬ ଡିସିମିଲି**

**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୩,୧୦,୪୬,୬୮୦.୨୦ / ଅମାନତ ଜମା: ଟ.୧,୩୧,୦୪,୬୬୮.୦୨**

ପ୍ରତ୍ୟେକ ସମ୍ପତ୍ତି ପାଇଁ ବିଡ୍ ବୃଦ୍ଧି ରାଶି : ସଂପୃକ୍ତ ସଂରକ୍ଷିତ ମୂଲ୍ୟର ୧%

ଇ-ନିଲାମ ତାରିଖ ଏବଂ ସମୟ: ୧୪.୦୮.୨୦୨୪ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ଣ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବସାଇଟ୍ : https://ebkray.in

ଅମାନତ ରାଶି ଦାଖଲର ଅନ୍ତିମ ତାରିଖ : ଇ-ନିଲାମ ଆରମ୍ଭ ପୂର୍ବରୁ

ପଞ୍ଜିକରଣ, ଲଗଇନ୍ ଏବଂ ନିଲାମର ନିୟମାବଳୀ ନିମନ୍ତେ ୱେବସାଇଟ୍ : https://ebkray.in ଦେଖନ୍ତୁ ।

ବିକ୍ରୟର ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଲିଙ୍କ୍ https://www.unionbankofindia.co.in/english/tendelviewallauction.aspx କୁ ଦେଖନ୍ତୁ।

ଆଗ୍ରହୀ ନିଲାମଧାରୀମାନଙ୍କୁ ଅନୁରୋଧ କି, ସେମାନେ ଇ-ନିଲାମ ତାରିଖର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ତା.୧୩.୦୮.୨୦୨୪ରିଖ ସୁଦ୍ଧା ଅମାନତ ରାଶି ଜମା କରିବେ ଏବଂ ସଫଳ ନିଲାମଧାରୀଙ୍କୁ ନିଲାମ ସୁନିଶ୍ଚିତ ହେବା ସୂଚନା ପ୍ରାପ୍ତିର ୨୪ ଘଣ୍ଟା ମଧ୍ୟରେ ଅମାନତ ରାଶିକୁ ମିଶାଇ ନିଲାମ ରାଶିର ୨୫% ଜମା କରିବାକୁ ପଡିବ।

ସ୍ଥାନ: ବାଲେଶ୍ୱର
ତାରିଖ: ୨୬.୦୭.୨୦୨୪

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



ଉଦ୍‌ଘାଟନୀ ଉତ୍ସବରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁ ଓ ଆଇଓସି ସଭାପତି ଥୋମାସ ବାକ୍।

## ବସ୍‌ରେ ଆସିଲେ ଖେଳାଳି

ପ୍ୟାରିସ୍ ଅଲିମ୍ପିକ୍ସ ଉଦ୍‌ଘାଟନୀ ସମାରୋହ ପୂର୍ବରୁ ଟ୍ରେନ୍ ଚଳାଚଳ ବ୍ୟବସ୍ଥାରେ ସମସ୍ୟା କାରଣରୁ ଖେଳାଳି ମାନଙ୍କୁ ବସ୍‌ରେ ଯାତ୍ରା କରିବାକୁ ପଡିଛି। ବେଲଜିୟମ ସୀମାରେ ଥିବା ଲିଲିରେ ବେଲଜିୟମ ବାସ୍କେଟବଲ ଦଳର ଖେଳାଳି ରହିଥିଲେ। ପ୍ୟାରିସ୍‌ରୁ ୧୩୮ ମାଇଲ୍ ବା ୨୨୨ କି.ମି. ଦୂରରେ ରହିଥିବା ବେଳେ ଟ୍ରେନ୍‌ରେ ଫେରିବାର କାର୍ଯ୍ୟକ୍ରମ ରହିଥିଲା। ଏପରିକି ଏହି ଦଳର ଅଧିନାୟିକା ଏମା ମେସେମାନ୍ ଅଲିମ୍ପିକ୍ସ ଦଳର ପତାକା ବାହକ ରହିଛନ୍ତି। ବସ୍ ଯାତ୍ରା ଅତ୍ୟନ୍ତ ଆମୋଦ ଦାୟକ ଥିଲା ବୋଲି ପ୍ୟାରିସ୍‌ରେ ପହଞ୍ଚିବା ପରେ ବେଲଜିୟମ ଖେଳାଳି ମତ ଦେଇଥିଲେ। ଏହା ବ୍ୟତୀତ ଗ୍ରୀସ୍‌ର ତାରକା ଖେଳାଳି ଜିଆନିସ ଆଣ୍ଟେକୋକୁନ୍‌ମପୋ ମଧ୍ୟ ବସ୍‌ରେ ଆସିଥିଲେ। ଜର୍ମାନୀର ଏକାଧିକ ପୁରୁଷ ଦଳର ଖେଳାଳି ବସ୍ ଜରିଆରେ ଯାତ୍ରା କରିଥିଲେ।



ଉଦ୍‌ଘାଟନୀ ଉତ୍ସବରେ ଫ୍ରାନ୍ସ ଜାତୀୟ ପତାକାର ରଙ୍ଗ ଧୂଆଁ ମାଧ୍ୟମରେ ତରଙ୍ଗାୟିତ।



ଟାଇଟାନିକ ଷ୍ଟାଇଲ୍‌ରେ ବ୍ରିଟେନ ଦଳର ପତାକା ବାହକ।

# ଝଲସିଲା ସେନ୍ ନଦୀ

ଆରମ୍ଭ ହୋଇଛି ପ୍ୟାରିସ୍ ଅଲିମ୍ପିକ୍ସ। ବିଭିନ୍ନ ରଙ୍ଗର ଆଲୋକମାଳାରେ ଝଲସି ଉଠିଛି ଐତିହାସିକ ସେନ୍ ନଦୀ। ପାଖାପାଖି ୯୦ ବୋଟ୍‌ରେ ୬, ୫୦୦ରୁ ଅଧିକ ଆଥ୍‌ଲେଟଙ୍କ ପରେଡ୍ ସହ ପ୍ରଥମଥରପାଇଁ ନଦୀ ମଧ୍ୟରେ ଅନୁଷ୍ଠିତ ହୋଇଛି ଅଲିମ୍ପିକ୍ସର ଉଦ୍‌ଘାଟନୀ ଉତ୍ସବ।

## ପ୍ୟାରିସ୍ ଅଲିମ୍ପିକ୍ସ ଉଦ୍‌ଘାଟିତ

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ ଭବ୍ୟ ଉଦ୍‌ଘାଟନୀ ସମାରୋହ ଶୁକ୍ରବାର ସେନ୍ ନଦୀ ଉପରେ ଅନୁଷ୍ଠିତ ହୋଇ ଯାଇଛି। କ୍ରୀଡା ମହାକୁମ୍ଭ ଅଲିମ୍ପିକ୍ସର ୩୩ ତମ ସଂସ୍କରଣରେ ସମଗ୍ର ବିଶ୍ୱର ୬୫୦୦ରୁ ଅଧିକ ଆଥଲେଟ ୯୦ଟି ବୋଟରେ ଏହି କାର୍ଯ୍ୟକ୍ରମଅଂଶଗ୍ରହଣ କରିଥିଲେ। ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମ୍ୟାକରଁ, ଅର୍ନ୍ତଜାତୀୟ ଅଲିମ୍ପିକ୍ସ କମିଟି ସଭାପତି ଥୋମାସ୍ ବାକ୍ ଅତିଥି ଷ୍ଟାଣ୍ଡରେ ଉପସ୍ଥିତ ଥିଲେ। ସେହିପରି ଏକ ପ୍ରି ରେକର୍ଡେଡ୍ ଭିଡିଓରେ ଫୁଟବଲ କିମ୍ବଦନ୍ତୀ ଜିନେଡାଇନ୍ ଜିଡାନ୍ ଫ୍ରାନ୍ସ ସଡକରେ ଦୌଡୁ ଥିବାର ଦେଖିବାକୁ ମିଳିଥିଲା। ଏହି ପ୍ରୋଲଗ୍ ପରେ ପ୍ୟାରେଡ୍ ଅଫ୍ ନେଶନ୍ସ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରସିଦ୍ଧ ଥିଏଟର ନିର୍ଦ୍ଦେଶକ ଥୋମାସ ଜଲି ଏହି ମୁକ୍ତାକାଶ କାର୍ଯ୍ୟକ୍ରମରେ ସିନ୍ ନଦୀକୁ ମଞ୍ଚ ଭାବରେ ବ୍ୟବହାର କରଥିଲେ। ସୂର୍ଯ୍ୟାସ୍ତ ସମୟରେ ଉଦ୍‌ଘାଟନୀ ସମାରୋହରେ ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ସେ ଫ୍ରାନ୍ସବାସୀଙ୍କ ଇତିହାସ ସମ୍ପର୍କରେ ବିଶ୍ୱକୁ ସୂଚାଇଥିଲେ। ଫ୍ରାନ୍ସର କଳା, ଐତିହ୍ୟ ଓ ସଂସ୍କୃତିର ଝଲକ ଏହି ଉଦ୍‌ଘାଟନୀ ସମାରୋହରେ ଦେଖିବାକୁ ମିଳିଥିଲା। ଫରାସୀ ବିପ୍ଳବ, ଅଲିମ୍ପିକ୍ସ ପଦକର ନିର୍ମାଣ, ଏଲଜିବିଟିକ୍ୟୁ+ର ସମର୍ଥନରେ ବିଭିନ୍ନ ନୃତ୍ୟ ଓ ସଙ୍ଗୀତ ପ୍ରଦର୍ଶନ ଦେଖିବାକୁ ମିଳିଥିଲା।

ଅକିରା ନାମକ ଏକ ପ୍ରୋ ଲଗ୍‌ରେ ଜିଡାନ୍ ଅଲିମ୍ପିକ୍ସ ମଶାଲ ଧରି ଦୌଡୁଥିବାର ଦେଖିବାକୁ ମିଳିଥିଲା। ଅଲିମ୍ପିକ୍ସ ମସାଲ ଷ୍ଟେଡ ଡି ଫ୍ରାନ୍ସରେ ପହଞ୍ଚିଥିବା ବେଳେ ସେଠାରୁ କିଭଳି ସେନ୍ ନଦୀରେ ପହଞ୍ଚିବ ତାହା ଶୁଟ୍ କରାଯାଇଥିଲା। ୩ ଜଣ ଶିଶୁଙ୍କ ସହ ସେ ମଶାଲ ପଠାଇବା ପରେ ପ୍ୟାରେଡ ଆରମ୍ଭ ହୋଇଥିଲା। ପ୍ୟାରେଡ୍ ଅଫ୍ ନେଶନ୍ସରେ ଅଲିମ୍ପିକ୍ସର ଉତ୍ପତି ସ୍ଥଳ ଗ୍ରୀସ୍ ସର୍ବପ୍ରଥମେ ପ୍ରବେଶ କରିଥିଲା। ପରେ ୩୭ ଜଣ ରିଫ୍ୟୁଜି ଆଥଲେଟ ଏକ ଡଙ୍ଗାରେ ପ୍ରବେଶ କରିଥିଲେ। ବାର୍ବାଡୋସ୍ ପ୍ରବେଶ କରିବା ପରେ ଭାରତୀୟ ଦଳ ପ୍ରବେଶ କରିଥିଲା। ୭୮ ଜଣ ଭାରତୀୟ ଖେଳାଳି ଓ ୧୨ ଜଣ ଅଫିସିଆଲ ମଧ୍ୟ ଏହି ଉଦ୍‌ଘାଟନୀ ସମାରୋହର ଅଂଶ ଗ୍ରହଣ କରିଥିଲେ। ସଟଲର ପି.ଭି. ସିନ୍ଧୁ ଓ ଭେଟେରାନ୍ ଟି.ଟି. ଖେଳାଳି ଅଚନ୍ତା ଶରଥ କମଲ ଭାରତୀୟ ପତାକା ବାହକ ରହିଥିଲେ। ଅନେକ ଖେଳାଳିଙ୍କ ଶନିବାର ଇଭେଣ୍ଟ ରହିଥିବା ବେଳେ ଟ୍ରାକ୍ ଆଣ୍ଡ ଫିଲ୍ଡ ଓ ରେସ୍‌ଲିଂ ଦଳ ଏଯାଏ ପ୍ୟାରିସ୍‌ରେ ପହଞ୍ଚି ନାହାନ୍ତି। ଆର୍ଚର ଦୀପିକା କୁମାରୀ, ବକ୍ସର ଲଭଲିନା ବୋର୍ଗୋହେନ୍, ମନିକା ବାତ୍ରା ଓ ରୋହନ ବୋପାନ୍ନା ପ୍ରମୁଖ ଏଥିରେ ଭାଗ ନେଇଥିଲେ।

୬ କି.ମି. ବ୍ୟାପୀ ଉଦ୍‌ଘାଟନୀ ସମାରୋହରେ ଲେଡି ଗାଗା, ଆୟା ନାକାମୁରା ଓ ଅପେରା ଗାୟିକା ମାରିନା ଭିଓଟ୍ଟି ସଙ୍ଗୀତ ପରିବେଷଣ କରିଥିଲେ। ଲେଡି ଗାଗା ଫ୍ରେଞ୍ଚ କ୍ଲାସିକ୍ ମନ୍ ଟ୍ରସେନ ଫ୍ଲୁମ୍‌ସ ଗୀତ ଗାଇବା ସହ ନୃତ୍ୟ କରିଥିଲେ। ଅନ୍ୟ ପକ୍ଷରେ ଅପେରା ସିଙ୍ଗର ମାରିନା ଗୋଜିରା ବ୍ୟାଣ୍ଡ ସହ ପ୍ରଦର୍ଶନ କରିଥିଲେ। ଫରାସୀ ବିପ୍ଳବ ସମୟରେ ରାଜା ଓ ରାଣୀଙ୍କୁ କିଭଳି ଦଣ୍ଡିତ କରାଯାଇଥିଲା ତାହା ଏହି ଗୀତ ମାଧ୍ୟମରେ ଦେଖିବାକୁ ମିଳିଥିଲା। ସ୍ଥାନୀୟ କଳାକାର ଆୟା ନାକାମୁରା ଦୁଇଟି ଗୀତରେ ସଙ୍ଗୀତ ଓ ନୃତ୍ୟ କରିଥିଲେ। ନାକାମୁରା ଫ୍ରେଞ୍ଚ ରିପବ୍ଲିକାନ୍ ଗାର୍ଡ ଅର୍କେଷ୍ଟ୍ରା ସହ ପ୍ରଦର୍ଶନ କରିଥିଲେ। ସେ ପ୍ରଥମେ ପୁକି ଓ ପରେ ଜା ଜା ଗୀତରେ ପ୍ରଦର୍ଶନ କରିଥିଲେ। ସର୍ବଶେଷରେ ଫ୍ରାନ୍ସ ଦଳ ପ୍ରବେଶ କରିଥିଲା। ଫ୍ଲୋରେନ୍ ମାନୋଡୋଉ ଓ ମେଲିନା ରବର୍ଟ ମିଚନ୍ ଫ୍ରାନ୍ସ ଦଳର ପତାକା ବାହକ ରହିଥିଲେ। ଶେଷରେ କାନାଡିଆନ୍ ସିଙ୍ଗର ସେଲିନ୍ ଡଅନ୍ ଇମାଜିନ୍ ଗୀତ ଗାଇଥିଲେ। ପ୍ୟାରେଡ୍ ଅଫ୍ ନେଶନ୍ସ ଆଇଫେଲ ଟାୱାରରେ ପହଞ୍ଚିବା ପରେ ଅଲିମ୍ପିକ୍ ପତାକା ଉତ୍ତୋଳନ କରାଯାଇଥିଲା।

### ଫେରିଗଲେ ନାଇଜେରିଆ ଖେଳାଳି

ନାଇଜେରିଆ ଦଳର ଖେଳାଳି ଓ ଅଫିସିଆଲ୍ସ ମାନେ ପ୍ୟାରେଡ ଅଫ୍ ନେଶନ୍ସରେ ଅଂଶଗ୍ରହଣ ନ କରି ଗେମ୍ସ ଭିଲେଜକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ନାଇଜେରିଆ ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ୍ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଡଙ୍ଗାରେ ବସିବାକୁ ଯାଉଥିବା ବେଳେ ଜଣେ ଅଫିସିଆଲ ରୋକିଥିଲେ। ଉକ୍ତ ଡଙ୍ଗାରେ ଆବଶ୍ୟକତାରୁ ଅଧିକ ବ୍ୟକ୍ତି ଥିବାର କାରଣ ଦର୍ଶାଇଥିଲେ ଅଫିସିଆଲ। ଏଣ୍ଟ୍ରି ସୁଯୋଗ ନ ମିଳିବା ପରେ ନାଇଜେରିଆ ଦଳର ଖେଳାଳି ମାନେ ଗେମ୍ସ ଭିଲେଜକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

## ବିଦାହେଲେ କାନାଡାର ମୁଖ୍ୟକୋଚ୍

### ଡ୍ରୋନ୍ ଉଡ଼ାଇବା ମାମଲା

ପ୍ୟାରିସ୍,୨୬।୭(ପି.ଟି.)

ନ୍ୟୁଜିଲାଣ୍ଡ ଖେଳାଳିଙ୍କ ଅଭ୍ୟାସ ସମୟରେ ଡ୍ରୋନ୍ ଉଡ଼ାଯାଇଥିବା ଘଟଣାକୁ ନେଇ କାନାଡା ଅଲିମ୍ପିକ୍ସ କମିଟି ପକ୍ଷରୁ ଏହାର ମୁଖ୍ୟ କୋଚ୍‌ଙ୍କୁ ବିଦା କରାଯାଇଛି। ପୂର୍ବରୁ ଜଣେ ସହକାରୀ କୋଚ୍ ଓ ଆନାଲିଷ୍ଟଙ୍କୁ ବିଦା କରାଯାଇଥିଲା। ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟିର ଇଣ୍ଟେଗ୍ରିଟି ୟୁନିଟ୍ ନିକଟରେ ନ୍ୟୁଜିଲାଣ୍ଡ ଫୁଟବଲ ଦଳ ଅଭିଯୋଗ କରିବା ପରେ ପ୍ରଥମେ ସହକାରୀ କୋଚ୍ ଓ ଆନାଲିଷ୍ଟ ବିଦା ହୋଇଥିଲେ। ପରେ ଶୁକ୍ରବାର ମୁଖ୍ୟ କୋଚ୍ ବେଭ୍ ପ୍ରିଷ୍ଟମ୍ୟାନଙ୍କୁ ବିଦା କରାଯାଇଛି। ସହକାରୀ କୋଚ୍ ଜସ୍ମିନ୍ ମାଣ୍ଡେର ଓ ଆନାଲିଷ୍ଟ ଯୋଶେଫ୍ ଲୋମ୍ବାର୍ଡି ବୁଧବାର ଦଳ ଛାଡ଼ିଥିଲେ। କର୍ତ୍ତବ୍ୟରେ ଅବହେଳା କାରଣ ଦର୍ଶାଇ ବେଭ୍ ପ୍ରିଷ୍ଟମ୍ୟାନ୍‌ଙ୍କୁ ଅଲିମ୍ପିକ୍ସ ଶେଷ ଯାଏ ବାଦ୍ ଦିଆଯାଇଛି।

ଗତ ସପ୍ତାହରେ ନ୍ୟୁଜିଲାଣ୍ଡ ମହିଳା ଦଳ ଅଭ୍ୟାସ କରୁଥିବା ସମୟରେ ଏକ ଡ୍ରୋନ୍ ଉଡୁଥିବା ଦେଖିବାକୁ ମିଳିଥିଲା। କାନାଡା ଦଳର ସପୋର୍ଟ ଷ୍ଟାଫ୍ ଏହି ଡ୍ରୋନ୍ ପରିଚାଳନା କରୁଥିଲେ। ଗୁରୁବାର ଡିଫେଣ୍ଡିଂ ଚାମ୍ପିୟନ କାନାଡା ଓ ନ୍ୟୁଜିଲାଣ୍ଡ ମଧ୍ୟରେ ମହିଳା ବିଶ୍ୱକପର ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ଏହି ଡ୍ରୋନ୍ ଘଟଣା ଗତ ସପ୍ତାହରେ ହୋଇଥିବା ନେଇ ବୁଧବାର ଅଭିଯୋଗ କରିଛି ନ୍ୟୁଜିଲାଣ୍ଡ। ଏହି ଘଟଣା ସମ୍ପର୍କରେ ପୋଲିସ ନିକଟରେ ଅଭିଯୋଗ କରାଯିବା ପରେ ଡ୍ରୋନର ପରିଚାଳକ କାନାଡା ଟିମ୍‌ର ସପୋର୍ଟ ଷ୍ଟାଫ୍ ବୋଲି ଜଣାପଡ଼ିଥିଲା। ପରେ ଇଣ୍ଟେଗ୍ରିଟି ୟୁନିଟ ନିକଟରେ ଏକ ଅଭିଯୋଗ ଦାଖଲ କରିଥିଲା ନ୍ୟୁଜିଲାଣ୍ଡ ଅଲିମ୍ପିକ୍ସ କମିଟି। ଘଟଣାକୁ ନେଇ ଆମ୍ଭେ ଅତ୍ୟନ୍ତ ଦୁଃଖିତ ଓ ନ୍ୟୁଜିଲାଣ୍ଡ ଅଲିମ୍ପିକ୍ସ କମିଟି ନିକଟରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛୁ। ତେବେ କାନାଡା ଦଳ ନାମରେ ଏଭଳି ଅଭିଯୋଗ ପ୍ରଥମ ଥର ଆସିନାହିଁ। ୨୦୨୧ରେ ଟରଣ୍ଟୋରେ ମଧ୍ୟ ସମାନ ଘଟଣା ଦେଖିବାକୁ ମିଳିଥିଲା। ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଅଭ୍ୟାସ ସମୟରେ ଡ୍ରୋନ୍ ଉଡ଼ିବା କାରଣରୁ ହଣ୍ଡୁରାସ୍ ଦଳ ଏହାର ଅଭ୍ୟାସ ଅଧାରୁ ବନ୍ଦ କରିଥିଲା।



ଉଦ୍‌ଘାଟନୀ ଉତ୍ସବ ଝଲକ।



କଳାକାରଙ୍କ ନୃତ୍ୟ ପରିବେଷଣ।



ଲେଡି ଗାଗାଙ୍କ ସଙ୍ଗୀତ ପରିବେଷଣ।

## ସଂକ୍ଷେପରେ

### ଯୁବକଙ୍କ ଗଳିତ ମୃତଦେହ ଜବତ

ଯାଁଳା,୨୬।୭ (ବୁଲା ବାରିକ୍)

ଇନ୍‌ଫୋସିଟି ଥାନା ଅଧୀନ ଗଙ୍ଗପଡ଼ା ନୂଆ ପୋଖରୀ ନିକଟ ଏକ ଜଙ୍ଗଲିଆ ପଡ଼ିଆରୁ ଶୁକ୍ରବାର ଇନ୍‌ଫୋସିଟି ପୋଲିସ ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ କରିଛି। ସ୍ଥାନୀୟ ଅଞ୍ଚଳର କେତେଜଣ ପିଲା ଡାବା ପଛପଟେ ଥିବା ଜଙ୍ଗଲିଆ ସ୍ଥାନରୁ କାଠ ସଂଗ୍ରହ କରୁଥିବାବେଳେ ଏକ ଆମ୍ବ ଗଛରେ ରଶିରେ ଜଣେ ଯୁବକଙ୍କ ମୃତଦେହ ଝୁଲୁଥିବା ଦେଖିଥିଲେ। ଗ୍ରାମବାସୀଙ୍କଠାରୁ ଖବରପାଇ ଇନ୍‌ଫୋସିଟି ଥାନା ପୋଲିସ ପହଞ୍ଚି ଗଳିତ ମୃତଦେହ ଜବତ କରିଥିଲା। ମୃତକଙ୍କ ପରିଚୟ ମିଳିପାରି ନାହିଁ। ବୟସ ପ୍ରାୟ ୩୫ରୁ ୪୦ ବର୍ଷ ହେବ। ସେ ଫିକା ନୀଳ ରଙ୍ଗର ଏକ ଟି-ଶାର୍ଟ ଓ ଏକ ଗାମୁଛା ପିନ୍ଧିଥିଲେ। ମୃତ ଯୁବକଙ୍କ ଆଣ୍ଠୁ ତଳେ ଲାଗି ଯାଇଥିବାବେଳେ କାଖ ତଳେ ରଶି ଯାଇଥିବାରୁ କେହି ହତ୍ୟା କରିବା ପରେ ଗଛରେ ଟାଙ୍ଗିଦେଇଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଆଜିଠାରୁ ୪ଦିନିଆ ବ୍ରାଣ୍ଡେଡ ସେଲ

ଭୁବନେଶ୍ୱର,୨୬।୭

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭୁବନେଶ୍ୱରର ଆଇଟିସି ହୋଟେଲରେ ଏକ ୪ ଦିନିଆ ବ୍ରାଣ୍ଡେଡ ସେଲ ଶନିବାରଠାରୁ ଆରମ୍ଭ ହେଉଛି। ଏହି ସେଲ ୨୦୨୪ ଜୁଲାଇ ୨୭ରୁ ୩୦ ପର୍ଯ୍ୟନ୍ତ ଭୁବନେଶ୍ୱରର ଆଇଟିସି ୱେଲକମ ହୋଟେଲ ଡୁମୁଡୁମାଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ଫ୍ୟାକ୍ଟ୍ରିରୁ ସିଧାସଳଖ ଆସିଥିବା ବ୍ରାଣ୍ଡେଡ ଗାର୍ମେଣ୍ଟସ ଏବଂ ଜୋତା ସାଙ୍ଗକୁ ଅନ୍ୟାନ୍ୟ ସାମଗ୍ରୀ ଉପଲବ୍ଧ ବୋଲି ଆୟୋଜକଙ୍କ ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇଛି। ଏହି ସେଲ ସକାଳ ୧୦ ଘଣ୍ଟାରୁ ରାତ୍ର ୯ଘଣ୍ଟା ପର୍ଯ୍ୟନ୍ତ ଗ୍ରାହକଙ୍କ ପାଇଁ ଖୋଲା ରହିବ ବୋଲି ଜଣାପଡ଼ିଛି।

### ବଳାତ୍କାରୀ ଅଟୋ ଡ୍ରାଇଭରଙ୍କୁ ୨୦ ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର,୨୬।୭(ସତ୍ୟଜିତ୍ ରାଉତ)

ଖୋର୍ଦ୍ଧା ସଦର ଥାନାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ଦୁଇ ବର୍ଷ ପରେ ଶୁକ୍ରବାର ଭୁବନେଶ୍ୱର ଏଡିଜେ କମ୍ ସ୍ପେଶାଲ ଜଜ୍ (ପୋକ୍ସୋ)ଙ୍କ କୋର୍ଟରେ ପ୍ରକାଶ ପାଇଛି। ଏହି ମାମଲାରେ ଅଭିଯୁକ୍ତ ଥିବା ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ନନ୍ଦପୁର ଗାଁର ଶ୍ରୀମନ୍ତ ରଣା (୪୨)ଙ୍କୁ ବିଚାରପତି ପ୍ରଦୀପ କୁମାର ବେହେରା ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲଦଣ୍ଡାଦେଶ ଦେଇଛନ୍ତି। ବିଚାରପତି ୧୨ଜଣଙ୍କ ସାକ୍ଷ୍ୟ ଓ ୯୧ଟି ଦସ୍ତାବିଜ୍ ଆଧାରରେ ରାୟ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ବରିଷ୍ଠ ସରକାରୀ ଓକିଲ ସୁବ୍ରତ ପ୍ରିୟଦର୍ଶୀ ମାମଲା ପରିଚାଳନା କରୁଥିଲେ। ମାମଲାର ବିବରଣୀ ଅନୁଯାୟୀ, ପୀଡ଼ିତା ନାବାଳିକା ଜଣକ ୨୦୨୨ରେ ଯୁକ୍ତ୨ ଦ୍ୱିତୀୟ ବର୍ଷରେ ପଢ଼ୁଥିଲେ। ଅଭିଯୁକ୍ତ ଶ୍ରୀମନ୍ତଙ୍କ ଅଟୋରେ ସେ ନିୟମିତ କଲେଜ ଯାଉଥିଲେ। ଏହି ସମୟରେ ନାବାଳିକାଙ୍କୁ ଶ୍ରୀମନ୍ତ ଫସାଇ ଦେଇଥିଲେ। ସେ ତାଙ୍କୁ ଖୋର୍ଦ୍ଧା ଅଞ୍ଚଳର ବିଭିନ୍ନ ହୋଟେଲକୁ ନେଇ ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ନାବାଳିକା ଜଣକ ଗର୍ଭବତୀ ମଧ୍ୟ ହୋଇଯାଇଥିଲେ। ପରିବାର ଲୋକେ ଏହା ଜାଣିବା ପରେ ପୀଡ଼ିତା ନାବାଳିକା ଜଣକ ୨୦୨୨ ଫେବୃଆରୀ ୧୬ରେ ଖୋର୍ଦ୍ଧା ସଦର ଥାନାରେ ଏତଲା ଦେଇଥିଲେ। ପୋଲିସ ପୋକ୍ସୋ ଆକ୍ଟ, ଆଇଟି ଆକ୍ଟ ଓ ଆଇପିସିର ବିଭିନ୍ନ ଦଫାରେ ମାମଲା (ନଂ.୧୯୯/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ବନ୍ୟଜନ୍ତୁ-ମଣିଷ ସଂଘର୍ଷ

# ୫ବର୍ଷରେ ରାଜ୍ୟରେ ୭୮୫ ଜଣଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୬।୭ (ବନ୍ଦନା ସେଠୀ)

ଓଡ଼ିଶାରେ ମଣିଷ-ବନ୍ୟଜନ୍ତୁଙ୍କ ମଧ୍ୟରେ ତୀବ୍ର ସଂଘର୍ଷ ଦେଖିବାକୁ ମିଳୁଛି। ଏହି ସଂଘର୍ଷରେ ମଣିଷଙ୍କ ଜୀବନ ଯିବାଠାରୁ ଆରମ୍ଭ କରି ଆହତ, ଘର, ଫସଲ ନଷ୍ଟ ହେବା ସହ ପ୍ରାଣୀ ସମ୍ପଦର କ୍ଷତି ହୋଇଛି। ତଥ୍ୟ ଅନୁଯାୟୀ, ଗତ ୫ବର୍ଷରେ ରାଜ୍ୟରେ ବନ୍ୟଜନ୍ତୁଙ୍କ ଆକ୍ରମଣରେ ୭୮୫ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ୧୮ଶହ ୬୬ ଲୋକ ଆହତ ହୋଇଥିବାବେଳେ ୧ହଜାର ୩୫ ପୋଷାଜୀବ, ୧୦ହଜାର ୨୫୯

### ରାସାୟନିକ ପ୍ରତିବନ୍ଧକ କୌଶଳ ମାଧ୍ୟମରେ ବନ୍ୟଜନ୍ତୁ ଦ୍ୱନ୍ଦ୍ୱ ଦୂର କରିବାକୁ ତାଲିମ୍ ଆରମ୍ଭ

ଘରନଷ୍ଟ ସହିତ ୨ଲକ୍ଷ ୪୩ହଜାର ୭୩୩ଟି ଫସଲ ନଷ୍ଟ ମାମଲା ସାମ୍ନାକୁ ଆସିଛି। ଏହାକୁ ଦୃଷ୍ଟିରେ ରଖି ମାନବ-ବନ୍ୟପ୍ରାଣୀ ବିବାଦ ପରିସ୍ଥିତିର ସମ୍ମୁଖୀନ ହେଉଥିବା ଉଦୀୟମାନ ପ୍ରାଣୀ ଚିକିତ୍ସକ ଏବଂ ଜଙ୍ଗଲ ଅଧିକାରୀଙ୍କୁ ନେଇ 'ରାସାୟନିକ ପ୍ରତିବନ୍ଧକ କୌଶଳ ମାଧ୍ୟମରେ ବନ୍ୟଜନ୍ତୁ ଦ୍ୱନ୍ଦ୍ୱ ଦୂର କରିବା' ଉପରେ ଏକ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି ତାଲିମ୍ କାର୍ଯ୍ୟକ୍ରମ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଦକ୍ଷିଣ ଆଫ୍ରିକାର ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ, ଡେରାଡୁନ ଆଣ୍ଡ୍ ୱାଇଲ୍ଡ ଲାଇଫ୍ ଫାର୍ମାସ୍ୟୁଟିକାଲ୍ସ ସହଯୋଗରେ ଓଡ଼ିଶା ବନ ବିଭାଗ ପକ୍ଷରୁ ଏହି ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଓଡ଼ିଶାର ପିସିସିଏଫ୍ ତଥା ଏଚ୍‌ଓଏଫ୍‌ଏଫ୍ ଦେବୀଦତ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପିସିସିଏଫ୍ ଆଣ୍ଡ୍ ସିଡବ୍ଲ୍ୟୁଏଲ୍‌ଡବ୍ଲ୍ୟୁ ସୁଶାନ୍ତ ନନ୍ଦ, ୱାଇଲ୍ଡ ଲାଇଫ୍ ଫାର୍ମାସ୍ୟୁଟିକାଲ୍ସର ମ୍ୟାନେଜିଂ ଡାଇରେକ୍ଟର ଡ. କୋବସ୍ ରାଠ୍, ଆନେସ୍ଥେସିଓଲୋଜି ଆଣ୍ଡ୍ ୱାଇଲ୍ଡ ଆନିମାଲ୍ ମେଡିସିନର ଚିଫ୍ କ୍ଲିନିକାଲ ଅଫିସର ଡା. ଆଲେକ୍‌ଜାଣ୍ଡାର ସେମ୍‌ଜୋନୋଭ୍, ସିସିଏଫ୍ (ୱାଇଲ୍ଡଲାଇଫ୍) ଆଣ୍ଡ୍ ନନ୍ଦନକାନନର ଡାଇରେକ୍ଟର ଡ. ମନୋଜ ଭି ନାୟାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ଇଟା ବୋଝେଇ ମିନି ଟ୍ରକ୍ ଓଲଟି ଜଣେ ମୃତ, ୪ଗୁରୁତର



ବାରଙ୍ଗ,୨୬।୭ (ଲିଙ୍ଗରାଜ ରାଉତ)

ଚନ୍ଦକା- ପିତାପଲ୍ଲୀ ରାସ୍ତାର ମେଣ୍ଢାଶାଳ ବଜାର ପୂର୍ବରୁ ପଞ୍ଚବଟି ହୋଟେଲଠାରେ ଶୁକ୍ରବାର ଦ୍ୱିପ୍ରହରରେ ଏକ ମିନି ଟ୍ରକ୍ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଛି। ଫଳରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ଚାଳକ ସହ ୩ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ଚାଳକଙ୍କ ଅବସ୍ଥା ଗୁରୁତର ହେଉଥିବାରୁ ତାଙ୍କୁ ଚିକିତ୍ସା ପାଇଁ ରାଜଧାନୀ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ମିନି ଟ୍ରକ୍‌କୁ ଜବତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପ୍ରକାଶ ଯେ, ଗୋଠପାଟଣା ଗ୍ରାମରୁ ଏକ ମିନି ଟ୍ରକ୍ (ଓଡି୦୨-ସିଏଚ-୧୬୬୫) ଇଟା ନେଇ ଛତାବର ଆସୁଥିଲା। ଦ୍ରୁତଗତିରେ ଆସୁଥିବାବେଳେ ମିନି ଟ୍ରକ୍‌ର ଡାହଣ ପଟ ପଛ ଚକ ଫାଟିଯିବାରୁ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ସେହି ସମୟରେ ଇଟା ଉପରେ ବସିଥିବା ବାପି ନାୟକ ନାମକ ଶ୍ରମିକ ଡେଇଁ ପଡ଼ିବାରୁ ଗାଡ଼ି ତଳେ ଚାପିହୋଇ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଇଟା ଉପରେ ବସିଥିବା ମୟୂରଭଞ୍ଜର ଅନ୍ୟ ୩ ଜଣ ଶ୍ରମିକ ଛିଟିକି ହୋଇ ରାସ୍ତା ଉପରେ ପଡ଼ିଥିଲେ। ଗାଡ଼ିଟି ଓଲଟିବାରୁ ବୋଝେଇ ହୋଇଥିବା ଇଟା ସବୁ ରାସ୍ତା ଉପରେ ବିଛାଡ଼ି ହୋଇପଡ଼ିଥିଲା। ଖବରପାଇ ମେଣ୍ଢାଶାଳ ଫାଣ୍ଡି ପୋଲିସ ପହଞ୍ଚି ପିସିଆର୍ ଯୋଗେ ଆହତଙ୍କୁ ଚିକିତ୍ସା ପାଇଁ ମେଣ୍ଢାଶାଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଟାଙ୍ଗି ଥାନା ଅଧୀନ କୁହୁଡି ଅଞ୍ଚଳର ଅନିଲ ନାୟକ ନାମକ ଚାଳକଙ୍କ ଅବସ୍ଥା ଗୁରୁତର ଥିବା ସହ ତାଙ୍କ ଅଣ୍ଟାରେ ଶକ୍ତ ଆଘାତ ଲାଗିଥିବାରୁ ଚିକିତ୍ସା ପାଇଁ ତାଙ୍କୁ ରାଜଧାନୀ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ବିଧାନସଭା ସମ୍ମୁଖରେ ଏଆଇଏସ୍‌ଏଫ୍‌ର ବିକ୍ଷୋଭ




ଭୁବନେଶ୍ୱର, ୨୬।୭(ଅନୁରାଧା ମହାରଣା)

### ଏନ୍‌ଟିଏ ଉଚ୍ଛେଦ, ଜାତୀୟ ଶିକ୍ଷାନୀତି ୨୦୨୦ ପ୍ରତ୍ୟାହାର ଦାବି

ବିଭିନ୍ନ ଦାବି ନେଇ ଅଖିଳ ଭାରତ ଛାତ୍ର ସଂଘ(ଏଆଇଏସ୍‌ଏଫ୍) ଶୁକ୍ରବାର ବିଧାନସଭା ସମ୍ମୁଖରେ ବିକ୍ଷୋଭ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛି। ଦାବିଗୁଡ଼ିକ ମଧ୍ୟରେ ନିଟ୍ ଉଚ୍ଛେଦ ପାଇଁ ବିଧାନସଭାରେ ପ୍ରସ୍ତାବ ପାରିତ କରିବା, ଏନ୍‌ଟିଏ ଉଚ୍ଛେଦ, ଜାତୀୟ ଶିକ୍ଷାନୀତି-୨୦୨୦ ପ୍ରତ୍ୟାହାର, ଶିକ୍ଷାନୁଷ୍ଠାନରେ ଖାଲିଥିବା ପଦବୀ ପୂରଣ ଓ ଛାତ୍ର ସଂସଦ ନିର୍ବାଚନ ଆଦି ପ୍ରସଙ୍ଗ ରହିଛି। ଚଳିତବର୍ଷ ନିଟ୍ ପରୀକ୍ଷାରେ ହୋଇଥିବା ବ୍ୟାପକ ଅନିୟମିତତାର ଘଟଣା ସାମ୍ନାକୁ ଆସିଛି। ଫଳରେ ଗ୍ରାମାଞ୍ଚଳ ଓ ଗରିବ ପରିବାରର ପିଲା ଡାକ୍ତରୀ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। କୋଚିଂ ସେଣ୍ଟରର ପ୍ରାବଲ୍ୟ ବୃଦ୍ଧି ପାଉଛି ବୋଲି ସଂଘ ଅଭିଯୋଗ କରିଛି। ତାମିଲନାଡୁ, ପଶ୍ଚିମବଙ୍ଗ ଓ କର୍ଣାଟକ ଭଳି ଓଡ଼ିଶା ବିଧାନସଭାରେ ନିଟ୍ ଉଚ୍ଛେଦ ସହ ପୂର୍ବଭଳି ରାଜ୍ୟସ୍ତରୀୟ ଡାକ୍ତରୀ ପ୍ରବେଶିକା ପରୀକ୍ଷା କରାଯିବା ପାଇଁ ପ୍ରସ୍ତାବ ପାରିତ କରିବାକୁ ଦାବି କରାଯାଇଛି। ସଂଘର ଅଭିଯୋଗ ଅନୁସାରେ ୭ ବର୍ଷରେ ଏନ୍‌ଟିଏ ପରିଚାଳିତ ପ୍ରାୟ ୭୦ଟି ପରୀକ୍ଷାରେ କ୍ରମାଗତ ଦୁର୍ନୀତି ହୋଇଛି। ତେଣୁ ଏନ୍‌ଟିଏକୁ ଉଚ୍ଛେଦ କରି ପରୀକ୍ଷା ବ୍ୟବସ୍ଥାର ବିକେନ୍ଦ୍ରୀକରଣ କରାଯିବା ପାଇଁ ସଂଘ ଦାବି ରଖିଛି। ଏହାସହ ଶିକ୍ଷାର ଘରୋଇକରଣ, ବିକେନ୍ଦ୍ରୀକରଣ, ବ୍ୟବସାୟୀକରଣ ଓ ସାମ୍ପ୍ରଦାୟିକରଣ ପାଇଁ ଜାତୀୟ ଶିକ୍ଷାନୀତି-୨୦୨୦ ଉଦ୍ଦିଷ୍ଟ ବୋଲି ବିକ୍ଷୋଭକାରୀ ଦର୍ଶାଇଛନ୍ତି। ଏହାକୁ ପ୍ରତ୍ୟାହାର କରି ଏକ ସାର୍ବଜନୀନ, ବିଜ୍ଞାନସମ୍ମତ ଓ ଗୁଣବତ୍ତା ସମ୍ପନ୍ନ ଶିକ୍ଷାନୀତି ପ୍ରଣୟନ ପାଇଁ ଦାବି କରାଯାଇଛି। ଛାତ୍ର ସଂଘର ରାଜ୍ୟ ସଭାପତି ସଂଘମିତ୍ରା ଜେନାଙ୍କ ନେତୃତ୍ୱରେ ଏକ ୫ ଜଣିଆ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ଦାବି ପୂରଣ ନ ହେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ ପାଇଁ ଛାତ୍ରୀଛାତ୍ର ଚେତାବନୀ ଦେଇଛନ୍ତି।

### ରାସ୍ତା ପାର୍ଶ୍ୱକୁ ଓଲଟିଲା ଟୁରିଷ୍ଟ ବସ୍

ବ୍ରହ୍ମଗିରି,୨୬।୭(ସ୍ୱାଧୀନ ଚମ୍ପତିରାୟ)

ପୁରୀ ସଦର ଥାନା ଅନ୍ତର୍ଗତ ହଳଦିଆ ଛକ ନିକଟରେ ଶୁକ୍ରବାର ଏକ ଟୁରିଷ୍ଟ ବସ୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟିପଡ଼ିଛି। ତେବେ ସମସ୍ତ ପର୍ଯ୍ୟଟକ ସୁରକ୍ଷିତ ଭାବେ ରକ୍ଷା ପାଇଯାଇଛନ୍ତି। ସୂଚନା ଅନୁଯାୟୀ, ସାତପଡ଼ାରୁ ପର୍ଯ୍ୟଟକମାନଙ୍କୁ ଚିଲିକା ବୁଲାଇବା ପରେ ବିମଳା ନାମକ ଏକ ବସ୍ (ନଂ. ଓଡି ୦୨ ବି.ଆର୍ ୭୫୩୧) ପୁରୀ ଫେରୁଥିବା ବେଳେ ବ୍ରହ୍ମଗିରି-ପୁରୀ ରାସ୍ତାର ହଳଦିଆ ଛକ ନିକଟରେ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଏହି ବସ୍‌ରେ ୩୫ଜଣ ପର୍ଯ୍ୟଟକ ଥିଲେ। ବସ୍ ଚାଳକ ଓ ହେଲ୍‌ପର୍ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାବେଳେ ସ୍ଥାନୀୟ ଲୋକେ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ପର୍ଯ୍ୟଟକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ପର୍ଯ୍ୟଟକମାନେ ମଧ୍ୟପ୍ରଦେଶ ଜବଲପୁର ଅଞ୍ଚଳର ବୋଲି ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ଅଧିକାଂଶ ଛୋଟ ପିଲା ଓ ମହିଳା ଥିବା ଦେଖିବାକୁ ମିଳିଛି। ବ୍ରହ୍ମଗିରି ପୋଲିସ ଓ ପୁରୀ ସଦର ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ସମ୍ପୃକ୍ତ ପର୍ଯ୍ୟଟକମାନେ ରହୁଥିବା ହୋଟେଲର ମାଲିକ ଏ ସମ୍ପର୍କରେ ଖବର ପାଇ ପୁରୀରୁ ଏକ ବସ୍ ପଠାଇ ହୋଟେଲକୁ ଆଣିବା ବ୍ୟବସ୍ଥା କରିଥିଲେ। ଦୁର୍ଘଟଣାଗ୍ରସ୍ତ ବସ୍‌ରେ ପର୍ଯ୍ୟଟକମାନଙ୍କ ଆସବାବପତ୍ର ରହିଥିବା ଜଣାପଡ଼ିଛି।

## କାନାରା ବ୍ୟାଙ୍କରୁ ଲୁଟ୍ ଉଦ୍ୟମ

ବାରଙ୍ଗ,୨୬।୭(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅନ୍ତର୍ଗତ ନରାଜ ମାର୍ଥାପୁରଠାରେ ଥିବା କାନାରା ବ୍ୟାଙ୍କରୁ ଗୁରୁବାର ବିଳମ୍ବିତ ରାତିରେ ଲୁଟ ଉଦ୍ୟମ ହୋଇଥିବାର ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ପାଇବା ପରେ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଗୁରୁବାର ରାତି ୧ଟା ୧୫ମିନିଟ୍‌ରେ ମୁହଁରେ ଗାମୁଛା ବାନ୍ଧି ଆସିଥିବା ୨ଜଣ ଦୁର୍ବୃତ୍ତ ବ୍ୟାଙ୍କର ଝରକା ଭାଙ୍ଗି ଭିତରକୁ ପଶିଥିଲେ। ଶୁକ୍ରବାର ବ୍ୟାଙ୍କ ଖୋଲିବାବେଳେ ଝରକା ଭଙ୍ଗା ଯାଇଥିବା ସହ କାଗଜପତ୍ର ସବୁ ଏଣେତେଣେ ପଡ଼ିଥିବା ବ୍ୟାଙ୍କ କର୍ମଚାରୀ ଦେଖିବାକୁ ପାଇଥିଲେ। କର୍ମଚାରୀଙ୍କଠାରୁ ସୂଚନା ପାଇ ବ୍ୟାଙ୍କ ମ୍ୟାନେଜର ବାରଙ୍ଗ ଥାନାକୁ ଜଣାଇଥିଲେ। ପରେ ପୋଲିସ ସନ୍ଧାନୀ କୁକୁର ସହ ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଘଟଣାସ୍ଥଳରୁ ଏକ ଶାବଳକୁ ଜବତ କରିଛି। ଦୁର୍ବୃତ୍ତ ସୁରକ୍ଷା ପାଇଁ ଥିବା ୨ଟି ବନ୍ଧୁକରୁ ଗୋଟିଏ ବନ୍ଧୁକ ଓ ଏକ ଟାବଲେଟ ନେଇଯାଇଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ବ୍ୟାଙ୍କରେ ଲାଗିଥିବା ସିସିଟିଭି ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ପୂର୍ଣ୍ଣାଙ୍ଗ ଭାଷା ଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନରେ ନୀଳମଣି ବିଦ୍ୟାରତ୍ନଙ୍କ ଭୂମିକା ଅତୁଳନୀୟ

ଭୁବନେଶ୍ୱର,୨୬।୭ (ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା ଆନ୍ଦୋଳନର ମହାନ ପ୍ରବକ୍ତା, ସମ୍ବଲପୁର ହିତୈଷିଣୀର ସମ୍ପାଦକ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଶ୍ରାଦ୍ଧ ଶତବାର୍ଷିକୀ ସଂସ୍କୃତି ବିଭାଗ ପକ୍ଷରୁ ଜୟଦେବ ବିହାରସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ମାଟିର ବୈଦେଶ୍ୱରଠାରେ ଜନ୍ମିତ ବିଦ୍ୟାରତ୍ନ ଶିକ୍ଷକତା କରୁଥିବାବେଳେ ବାମଣ୍ଡାର ଗୁଣଗ୍ରାହୀ ମହାରାଜା ବାସୁଦେବ ସୁଢଳଦେବଙ୍କ ଆହ୍ୱାନରେ ବାମଣ୍ଡାରେ ଅବସ୍ଥାନ କରି ସମ୍ବଲପୁର ହିତୈଷିଣୀ ଖବର କାଗଜର ସମ୍ପାଦନା ଦାୟିତ୍ୱ ନିର୍ବାହ କରିଥିଲେ। ଉତ୍କଳ ସମ୍ମିଳନୀ ସହିତ ନିଜକୁ ଜଡ଼ିତ କରିବା ସହ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରୀକରଣ କରି ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ସେ ଓଡ଼ିଶାର ବିଭିନ୍ନ ମହାରାଜାଙ୍କ ଆହ୍ୱାନରେ ତାଙ୍କ ଗଡ଼ଜାତରେ ଅବସ୍ଥାନ କରି ସମ୍ବାଦପତ୍ର ପ୍ରକାଶନ ଓ ସାହିତ୍ୟ ରଚନାରେ ମନୋନିବେଶ କରିଥିଲେ। ପୂର୍ଣ୍ଣାଙ୍ଗ ଭାଷା ଭିତ୍ତିକ ଓଡ଼ିଶା ପ୍ରଦେଶ




ଗଠନରେ ତାଙ୍କ ଭୂମିକା ଅତୁଳନୀୟ ବୋଲି ଅତିଥିମାନେ କହିଥିଲେ। ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀକାନ୍ତ ବେହେରା ସଂଯୋଜନା କରିଥିବାବେଳେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସନ୍ତୋଷ ସେଠୀ, ଶକ୍ତିରଞ୍ଜନ ସାମନ୍ତରାୟ, ଜ୍ୟୋତିରଞ୍ଜନ ରାଉତ, ତାପସ କୁମାର ସାହୁ, ସାମାଜିକ କର୍ମୀ ବିଜୟ କୁମାର ପରିଡ଼ା, ରଣଜିତ୍ ସାମନ୍ତରାୟ, ଅଶ୍ୱିନୀ ପଟ୍ଟନାୟକ, ପଣ୍ଡିତ ସର୍ବେଶ୍ୱର ଦାଶ ପ୍ରମୁଖ ଯୋଗଦେଇଥିଲେ।

### ରାସ୍ତାରେ ବୁଲୁଛି ହାତୀ

ନିରାକାରପୁର,୨୬।୭ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଓଲସିଂହ ପଞ୍ଚାୟତ ଡମଣଭୂମୀ ଆଦିବାସୀ ସାହିରେ ଗୁରୁବାର ଗୋଟେ ହାତୀ ଆକ୍ରମଣରେ ମା', ପୁଅଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ୧୦ ଘଣ୍ଟା ବିତି ନ ଥିବାବେଳେ ଶୁକ୍ରବାର ଉକ୍ତ ଅଞ୍ଚଳରେ ହାତୀ ଆସି ରାସ୍ତା ଏବଂ ଗ୍ରାମରେ ଖୋଲମ ଖୋଲା ବୁଲୁଥିବା ଦେଖିବାକୁ ମିଳୁଛି। ଏହାକୁ ଦେଖି ଅଞ୍ଚଳବାସୀ ଭୟ ଓ ଆଶଙ୍କରେ ଯାତାୟତ କରିବା ସହିତ ସନ୍ଧ୍ୟାରେ ରାସ୍ତା ଘାଟ ଏକ ପ୍ରକାର ଶୂନ୍ୟ ହୋଇ ପଡ଼ିଥିଲା। ଖବରପାଇ ଗଜ ସାଥିମାନେ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଘେଉଡ଼ାଇବା ପାଇଁ ଚେଷ୍ଟା କରିଛନ୍ତି।

## ଶିକ୍ଷା ସପ୍ତାହରେ ଦକ୍ଷତା, ଡିଜିଟାଲ ପ୍ରୋତ୍ସାହନ ଦିବସ ପାଳିତ

ଭୁବନେଶ୍ୱର, ୨୬।୭(ଅନୁରାଧା ମହାରଣା)

ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷା ମନ୍ତ୍ରାଳୟର ନିର୍ଦ୍ଦେଶକ୍ରମେ ସମସ୍ତ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ 'ଶିକ୍ଷା ସପ୍ତାହ' ପାଳନ କରାଯାଉଛି। ଶୁକ୍ରବାର ପଞ୍ଚମ ଦିବସଟିକୁ 'ଦକ୍ଷତା ଓ ଡିଜିଟାଲ ପ୍ରୋତ୍ସାହନ ଦିବସ' ଭାବେ ପାଳନ କରାଯାଇଛି। ଦକ୍ଷତା ବିକାଶ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଇଛି। ଜାତୀୟ ଶିକ୍ଷାନୀତି-୨୦୨୦ରେ ଦକ୍ଷତା ବିକାଶ ଶିକ୍ଷାକୁ ମୁଖ୍ୟ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରୟାସ କରାଯାଇଛି। ତେବେ ଦକ୍ଷତା ବିକାଶକୁ ପ୍ରୋତ୍ସାହନ ଦେବା ପାଇଁ ବିଦ୍ୟାଳୟସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନରେ କର୍ମଶାଳାର ଆୟୋଜନ, ଐତିହାସିକ ସ୍ଥାନ ପରିଦର୍ଶନ, ପରିବେଶ ସଚେତନତା କାର୍ଯ୍ୟକ୍ରମ, କୋଡିଂ, ମିଡିଆ ଓ ମନୋରଞ୍ଜନ, ବାଉଁଶକଳା, ମାଟି ପରୀକ୍ଷଣ, ପ୍ରାଥମିକ ଚିକିତ୍ସା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହାସହ ବିଭିନ୍ନ ବିଦ୍ୟାଳୟରେ ଦକ୍ଷତା ବିକାଶ ସମ୍ବନ୍ଧୀୟ ୱେବିନାର ମଧ୍ୟ ଆୟୋଜନ କରାଯାଇଥିଲା।

## କାର୍‌ଗିଲ ବିଜୟ ଉତ୍ସବ, ପୁସ୍ତକ ପ୍ରଦର୍ଶନୀ

ଭୁବନେଶ୍ୱର,୨୬।୭ (ଶର୍ମିଷ୍ଠା ପାଣିଗ୍ରାହୀ)

ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ୨୫ତମ କାର୍‌ଗିଲ ବିଜୟ ଉତ୍ସବ ଶୁକ୍ରବାର ପାଳିତ ହୋଇଛି। ଏହି ଅବସରରେ କାର୍‌ଗିଲ ବିଜୟ ଉପରେ ପାଠାଗାରରେ ଉପଲବ୍ଧ ପୁସ୍ତକଗୁଡ଼ିକର ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ ଅଧ୍ୟକ୍ଷତା କରି ଭାରତୀୟ ସୈନିକମାନଙ୍କ ଅସୀମ ତ୍ୟାଗ ଓ ବୀରତ୍ୱର ଗାଥା ବର୍ଣ୍ଣନା କରିଥିଲେ। ରାଜା ରାମ ମୋହନ ରାୟ ଲାଇବ୍ରେରୀ ଫାଉଣ୍ଡେଶନର ମହାନିର୍ଦ୍ଦେଶକ ପ୍ରଫେସର ବି. ଡି. ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପ୍ରୟାସ ବୋଲି କହିଥିଲେ। ରାଜ୍ୟ ଗ୍ରନ୍ଥାଗାରର କର୍ମଚାରୀ ଓ ପାଠିକାପାଠକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



କାର୍‌ଗିଲ୍ ବିଜୟ ଦିବସ ପାଳନ ଅବସରରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ରାମ ମନ୍ଦିର ସମ୍ମୁଖରେ ସମୂହ ଦୀପଦାନ କରାଯାଉଛି।

# ସୁବାହକ ଯୋଜନାକୁ ତେଲଙ୍ଗାନା, ପଞ୍ଜାବ ପରିବହନ ପ୍ରତିନିଧିମଣ୍ଡଳୀର ପ୍ରଶଂସା

ଭୁବନେଶ୍ୱର, ୨୬।୭(ସୁନିତ୍ ମିଶ୍ର)

ତେଲଙ୍ଗାନା ଓ ପଞ୍ଜାବର ପରିବହନ ବିଭାଗ ପ୍ରତିନିଧି ମଣ୍ଡଳୀ ଗତ ୨ ଦିନ ଧରି ଓଡ଼ିଶାର ପରିବହନ ସେବା କ୍ଷେତ୍ରର ବିଭିନ୍ନ ଦିଗ ଓ କାର୍ଯ୍ୟ ପ୍ରଣାଳୀ ବାବଦରେ ରାଜ୍ୟ ପରିବହନ ବିଭାଗର ବରିଷ୍ଠ ଅଧିକାରୀଙ୍କଠାରୁ ବିସ୍ତୃତ ଭାବେ ଅବଗତ ହୋଇଛନ୍ତି । ପରିବହନ ସେବା କ୍ଷେତ୍ରରେ ଓଡ଼ିଶାର ବ୍ୟବସ୍ଥା ସେମାନଙ୍କୁ ଖୁବ୍ ପ୍ରଭାବିତ କରିଛି । ସେମାନେ ନିଜ ରାଜ୍ୟରେ ଏଭଳି କାର୍ଯ୍ୟକ୍ରମ ଲାଗୁ କରିବାକୁ ପ୍ରସ୍ତାବ ଦେବେ ବୋଲି ମତ ଦେଇଛନ୍ତି । ପ୍ରତିନିଧି ମଣ୍ଡଳୀ ଯାଜପୁର ଜିଲା ଛତିଆସ୍ଥିତ ସରକାରୀ ଓ ଘରୋଇ ସହଭାଗିତାରେ ପ୍ରତିଷ୍ଠିତ ଭାରିଯାନ ଚାଳନା ପ୍ରଶିକ୍ଷଣ କେନ୍ଦ୍ର ପରିଦର୍ଶନ କରିଥିଲେ । ସେଠାରେ ନିଃଶୁଳ୍କ ତାଲିମ ପ୍ରଦାନ କ୍ରମେ ଭାରିଯାନ ଚାଳକଙ୍କ ଦକ୍ଷତା ବୃଦ୍ଧି କରି ସୁବାହକର ମାନ୍ୟତା ପ୍ରଦାନ କରାଯାଇଥାଏ । ଏହି କେନ୍ଦ୍ର ସାରା ଦେଶରେ ଏକ ମଡେଲ ଭାବରେ ପରିଚିତ ହୋଇଛି। ଏହାର କ୍ୟାମ୍ପସ୍, ପ୍ରଶିକ୍ଷଣ ପାଇଁ ଆଧୁନିକ ଉପକରଣ, ଶିକ୍ଷାର୍ଥୀଙ୍କ ଗାଡ଼ି ଚାଳନା ଦକ୍ଷତା ଓ ବ୍ୟକ୍ତିତ୍ୱ ବିକାଶ ପାଇଁ ବିଭିନ୍ନ ବ୍ୟବସ୍ଥା ଦେଖି ପ୍ରତିନିଧି ମଣ୍ଡଳୀ ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ଅବସରରେ ସେମାନେ ପ୍ରତିଷ୍ଠାନର ପ୍ରଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ସହ ଭାବ ବିନିମୟ କରି ପୂରା ବ୍ୟବସ୍ଥାକୁ ବୁଝିଛନ୍ତି। ପରେ ସେମାନେ ଚଣ୍ଡିଖୋଲସ୍ଥିତ ସ୍ୱୟଂକ୍ରିୟ ଯାନ ଚାଳନା ପରୀକ୍ଷଣ କେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ ମାନବୀୟ ହସ୍ତକ୍ଷେପକୁ ଏଡ଼ାଇ ଡ୍ରାଇଭିଂ ଲାଇସେନ୍ସ ପ୍ରସ୍ତୁତିରେ ସ୍ୱଚ୍ଛତା ଆଣିବାକୁ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ହେଉଛି। ପ୍ରତିନିଧି ମଣ୍ଡଳୀଙ୍କ ସହ ଯୁଗ୍ମ ପରିବହନ କମିଶନର ପ୍ରଦୀପ କୁମାର ମହାନ୍ତି, ଚଣ୍ଡିଖୋଲ ଆର୍‌ଟିଓ ସମିତ କୁମାର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱରରେ ଥିବା ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ରକୁ ଆସି ରାଜ୍ୟରେ ସଫଳତାର ସହ କାର୍ଯ୍ୟକ୍ଷମ ହୋଇଥିବା ଇଣ୍ଟେଲିଜେଣ୍ଟ ଏନ୍‌ଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଏମ୍‌ଏସ୍) ଓ ଭେହିକିଲ୍ ଲୋକେଶନ ଟ୍ରାକିଂ ଡିଭାଇସ୍(ଭିଏଲ୍‌ଟିଡି) ସମ୍ପର୍କରେ ବୁଝିଛନ୍ତି। ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁରଙ୍କ ଉପସ୍ଥିତିରେ ଉଭୟ ରାଜ୍ୟର ବରିଷ୍ଠ ପ୍ରତିନିଧିମାନଙ୍କ ସହ ଆର୍‌ଟିଓ-୧, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ୨ ମୃତ, ଜଣେ ଆହତ

ବାଣପୁର,୨୬।୭(ଦିଲୀପ ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁର ଥାନା ୧୬ ନଂ. ଜାତୀୟ ରାଜପଥ ବିଷ୍ଣୁଚିହ୍ନ ଛକ ନିକଟରେ ଶୁକ୍ରବାର ଏକ ଗାଡ଼ି ଧକ୍କାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଆଉ ଜଣେ ଆହତ ହୋଇ ବାଣପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ ବିହାର ଅଞ୍ଚଳର ଆଶୁତୋଷ କୁମାର ଓ ଅଭିଷେକ କୁମାର। ସୂଚନା ମୁତାବକ ଆଶୁତୋଷ ଓ ଅଭିଷେକ କାମ କରିବା ନିମନ୍ତେ ବିହାରରୁ ଓଡ଼ିଶାର ପାରଳାଖେମୁଣ୍ଡି ଆସିଥିଲେ। ସେମାନେ ଶୁକ୍ରବାର ସକାଳୁ ବିହାର ଅଭିମୁଖେ ଏକ ସ୍କର୍ପିଓ ଗାଡ଼ିରେ ବାହାରିଥିଲେ। ରାସ୍ତାରେ ପାସ୍ ବସିବାକୁ କିଛି ସମୟ ଗାଡ଼ି ଅଟକିଥିଲା। ସେହି ସମୟରେ ହଠାତ୍ ଏକ ଗାଡ଼ି ଆସି ସ୍କର୍ପିଓକୁ ଧକ୍କା ଦେବାରୁ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟଜଣେ ଆହତ ହୋଇଥିଲେ। ଏନେଇ ପୋଲିସକୁ ଖବର ଦେବାରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଦେଶୀ ମଦ, ଭାଙ୍ଗ ଜବତ, ୪ ଅଭିଯୁକ୍ତ ଗିରଫ

ବେଗୁନିଆ,୨୬।୭(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ଅବକାରୀ ଚଢ଼ାଉ କରି ୩୪ ଲିଟର ଦେଶୀ ମଦ ଓ ୨ କେଜି ୫ ଶହ ଗ୍ରାମ ଭାଙ୍ଗ ଜବତ କରିବା ସହ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ବେଗୁନିଆ ଥାନା ଅଧୀନ ପିଚୁକୁଳି ଗ୍ରାମର ଉତ୍ତମ ନାୟକ, ବାଙ୍କୋଇ ରୁଷିଆ ନାୟକ, ଚଟୁଆ ଗ୍ରାମର ଉର୍ମିଳା ସାହୁ। ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଖୋର୍ଦ୍ଧା ଅବକାରୀ ବିଭାଗ ସଦର ରେଞ୍ଜ ନିରୀକ୍ଷକ ତପସ୍ୱିନୀ ବରାଳ ଓ ବେଗୁନିଆ ଅବକାରୀ ଥାନା ଉପନିରୀକ୍ଷକ ଏନ୍. ଜାଗିନ ରାଓଙ୍କ ମିଳିତ ସହଯୋଗରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଭାରତୀୟ ନାଗରିକ ସୁରକ୍ଷା ସଂହିତା ୫୩(୩) ଅନୁଯାୟୀ ବଡ଼କୁମାରୀ ଗ୍ରାମର ମୋଇନୀ ମାଝୀଙ୍କୁ ନୋଟିସ ଜାରି କରି ଛାଡ଼ି ଦିଆଯାଇଛି।

### ଚୋରା ବାଇକ୍ ଜବତ, ଜଣେ ଅଟକ

ବେଗୁନିଆ,୨୬।୭(ସନ୍ଧ୍ୟାରାଣୀ ମିଶ୍ର)

ବୈଦେଶ୍ୱର ଥାନା ଅଞ୍ଚଳରୁ ଚୋରି ହୋଇଥିବା ଏକ ବାଇକ୍‌କୁ ବେଗୁନିଆ ପୋଲିସ ଶୁକ୍ରବାର ବଡ଼ନୟାପଲ୍ଲୀ ଗ୍ରାମରୁ ଜବତ କରିଛି। ଏହି ଘଟଣାରେ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଅଟକ ବ୍ୟକ୍ତି ଜଣକ ପରିବାର ସହିତ ଗଣ୍ଡଗୋଳ କରି ଭଦ୍ରଲୋକଙ୍କ ଉପସ୍ଥିତିରେ ଘଟଣାର ସମାଧାନ କରିବାକୁ ବସିଥିବାବେଳେ ପୋଲିସ ଖବର ପାଇ ସେଠାରେ ପହଞ୍ଚି ବାଇକ୍‌କୁ ଜବତ କରିଥିଲା। ବୈଦେଶ୍ୱର ଥାନାକୁ ଏ ସଂକ୍ରାନ୍ତରେ ଜଣାଯାଇଥିବା ଥାନା ଅଧିକାରୀ ଜ୍ୟୋତିପ୍ରକାଶ ପଣ୍ଡା କହିଛନ୍ତି। ବୈଦେଶ୍ୱର ପୋଲିସ ଶନିବାର ପହଞ୍ଚିବା ପରେ ଯାହା କାର୍ଯ୍ୟାନୁଷ୍ଠାନ ନିଆଯିବା କଥା ନିଆଯିବ ବୋଲି ସେ କହିଛନ୍ତି।

### ଶିକ୍ଷକ ଶେଷଦେବଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଟାଙ୍ଗୀ(ଖୋର୍ଦ୍ଧା),୨୬।୭(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅଧୀନ କୁମାଣ୍ଡଳସ୍ଥ ଯୁବଜ୍ୟୋତି ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଶେଷଦେବ ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭା ଆରମ୍ଭ ହୋଇଥିଲା। ଛାତ୍ରୀମାନେ ରଚିତ ଏକ ବିଦାୟକାଳୀନ କବିତା ଗାନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଆଶିଷ ପତି ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ ଟାଙ୍ଗୀ ଦୁର୍ଗାଚରଣ ଚିଲିକା ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରସନ୍ନ ଶତପଥୀ, କାଳିଜାଇ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଗଙ୍ଗାଧର ପ୍ରଧାନ, ଅବସରପ୍ରାପ୍ତ ଅତିରିକ୍ତ ବିଡିଓ କାଳୁଚରଣ ସାମନ୍ତରାୟ, ଓଷ୍ଟାର୍ ଚିଲିକା ବ୍ଲକ ସଭାପତି ବିଜୟ ପାତ୍ର, ସମ୍ପାଦକ କୁନା ମହନ୍ତ, ଅଁଳାଡିହ ହାଇସ୍କୁଲ ପ୍ରଧାନଶିକ୍ଷକ ମୃତ୍ୟୁଞ୍ଜୟ ରଥ, ଶିକ୍ଷକ ଗୋପୀନାଥ ପ୍ରଧାନ, ସେବା ନିବୃତ୍ତ ଶିକ୍ଷକ ସଂଘ ସମ୍ପାଦକ ବିରଞ୍ଚି ନାରାୟଣ ପ୍ରସାଦ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଭାତ ହରିଚନ୍ଦନ, ଛାତ୍ର ହାଡିବନ୍ଧୁ, ସୁକେଶ ଓ ଇସ୍ମିତା ମହାନ୍ତି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ବରିଷ୍ଠ ଶିକ୍ଷକ ଉମାକାନ୍ତ ବଡ଼ଜେନା ଧନ୍ୟବାଦ ଦେଇଥିଲେ।

# ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟ ଆଗଉନି

## ଆଇନ ମନ୍ତ୍ରୀ ପ୍ରତିଶ୍ରୁତି ରଖିବାକୁ ଦାବି

ଖୋର୍ଦ୍ଧା,୨୬।୭(ପ୍ରଭାତ ପାଣିଗ୍ରାହୀ)

ବହୁ ପ୍ରତୀକ୍ଷିତ ପ୍ରସ୍ତାବିତ ବରୁଣେଇ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ପଦ୍ମ ଘୁଞ୍ଚିବାରେ ଲାଗିଛି। ଓଡ଼ିଆ ଜାତିର ଅସ୍ମିତା, ଗର୍ବ ଓ ଗୌରବ ତଥା ପାଇକ ବୀରଙ୍କ ଅସୀମ ତ୍ୟାଗ, ବଳିଦାନର ସ୍ମୃତିଚିହ୍ନ ସ୍ୱରୂପ ନିର୍ମାଣ ହେବାକୁ ଥିବା ସ୍ମାରକୀ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦେବ ପ୍ରମୁଖ ପ୍ରତିଶ୍ରୁତି ଦେଇଥିଲେ। ତେବେ ପ୍ରତିଶ୍ରୁତିକୁ ମାସେ ବିତିଲାଣି, ହେଲେ ଏପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ନେଇ ସମୀକ୍ଷା କରାଯାଇନାହିଁ। ଗତ ରଜ ସଂକ୍ରାନ୍ତି ଅବସରରେ ଦିଶାନ୍ତ ପକ୍ଷରୁ ବରୁଣେଇଠାରେ ଆୟୋଜିତ ରଜ ମହୋତ୍ସବରେ ଯୋଗଦେଇ ହରିଚନ୍ଦନ କହିଥିଲେ, ରାଷ୍ଟ୍ରପତି ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ଏହାର ଡିପିଆର ପ୍ଲାନ ଅନୁଧ୍ୟାନ କରିଛି। ଯଥାଶୀଘ୍ର ଯେପରି ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ, ସେ ସଂକ୍ରାନ୍ତରେ ଜିଲା ପ୍ରଶାସନ ସହ ଆଲୋଚନା କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ତେବେ ପ୍ରତିଶ୍ରୁତି ଦେଇ ମନ୍ତ୍ରୀ ଭୁଲିଗଲେ ବୋଲି ସାଧାରଣରେ ଆଲୋଚନା ହେଉଛି। ପାଇକ ବିଦ୍ରୋହର ଅନ୍ତୁଡ଼ିଶାଳ ତଥା ମୂକସାକ୍ଷୀ ଭାବେ ଦଣ୍ଡାୟମାନ ବରୁଣେଇ ପାହାଡ଼ ଉପରେ ଏହି ପାଇକ ସଂଗ୍ରାମର କର୍ଣ୍ଣଧାର ବକ୍ସି ଜଗବନ୍ଧୁଙ୍କ ଶହେ ଫୁଟ୍ ଉଚ୍ଚତାର ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରନ୍ତୁ ଏବଂ ଖୋର୍ଦ୍ଧା ମାଟିର ଏହି ଗୌରବ ଅକ୍ଷୁଣ୍ଣ ରଖନ୍ତୁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ପ୍ରକାଶ ଯେ, ୨୦୧୯ ଡିସେମ୍ବର ୮ରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବରୁଣେଇ ପାଦଦେଶରେ ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ଏ ନେଇ କେନ୍ଦ୍ର ସରକାର ୫୦ ଏକର ଜାଗା ମାଗିଥିବା ବେଳେ ତତ୍କାଳୀନ ରାଜ୍ୟ ସରକାର ୧୦ ଏକର ଜାଗା ଯୋଗାଇ ଦେଇଥିଲେ। ପ୍ରସ୍ତାବିତ ଜମି ଜବରଦଖଲ ମୁକ୍ତ ଏବଂ ପରେ ରାଜ୍ୟ ସରକାର ପ୍ରସ୍ତାବିତ ଜମିର ଫ୍ରି ପ୍ରିମିୟମ ଭାବେ ଯୋଗାଇ ଦେବା ଲାଗି ବିଭିନ୍ନ ସଙ୍ଗଠନ ଦାବି କରିଥିଲେ। ୨୦୨୨ ଜୁଲାଇରେ ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଖୋର୍ଦ୍ଧା ମୌଜାର ବରୁଣେଇ ପାହାଡ଼ ପାଦଦେଶରେ ଏକର ୯.୬୮୫ ଡିସିମିଲ ସରକାରୀ ଜମିକୁ ପାଇକ ବିଦ୍ରୋହ ସ୍ମୃତି ଉଦ୍ଦେଶ୍ୟରେ ପାଇକ ସ୍ମାରକୀ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ବିନା ପ୍ରିମିୟମ, କ୍ୟାପିଟାଲ ଭ୍ୟାଲୁ ଏବଂ ଇନ୍‌ସିଡେଣ୍ଟାଲ ଚାର୍ଜରେ ସଂସ୍କୃତି ମନ୍ତ୍ରାଳୟ ଭାରତ ସରକାରଙ୍କ ସପକ୍ଷରେ ଦେବା ଲାଗି ରାଜ୍ୟ କ୍ୟାବିନେଟର ଅନୁମୋଦନ କ୍ରମେ ଏଥିନିମନ୍ତେ ୩୧କୋଟି ୯୬ଲକ୍ଷ, ୬୨,୯୩୪ ଟଙ୍କା ରାଜସ୍ୱ ଦେୟ ଛାଡ଼ କରିଥିଲେ। ୨୦୨୨ ଡିସେମ୍ବର ୨୬ ତାରିଖରେ ସ୍ଥାନୀୟ ପ୍ରଶାସନ ଉପସ୍ଥିତିରେ ନିର୍ମାଣ ଦାୟିତ୍ୱରେ ଥିବା ଇଣ୍ଡିଆ ଫାଉଣ୍ଡେଶନ ଦ୍ୱାରା ଭୂମିପୂଜା କରାଯାଇ ନିଅଁ ଖୋଳାଯାଇଥିଲା। ତେବେ ଜଙ୍ଗଲ ବିଭାଗ ପକ୍ଷରୁ ଲାଗିଥିବା ଜମିରେ ଗଛ ସମ୍ପ୍ରସାରଣ ନ ହେବା ପର୍ଯ୍ୟନ୍ତ କାମ କରିପାରିବେ ନାହିଁ ବୋଲି ବନଖଣ୍ଡ ଅଧିକାରୀଙ୍କ ତାଗିଦ୍ ଯୋଗୁ ଗତ ଜାନୁୟାରୀ ରୁ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି। ବହୁ ବାଦବିବାଦ ପରେ ଖୋର୍ଦ୍ଧା ଡିଏଫ୍‌ଓ ଗଛ ସମ୍ପ୍ରସାରଣ ଲାଗି ୫୫ଲକ୍ଷ ଟଙ୍କା ପ୍ରଦାନ ଲାଗି କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟକୁ ଚିଠି ଲେଖିଛନ୍ତି। ଏଥିଲାଗି ଟେଣ୍ଡର ସରିଛି। ଖୁବଶୀଘ୍ର ଗଛ ସ୍ଥାନାନ୍ତର କରାଯିବ ବୋଲି ଏସିଏଫ୍ ଗୌରାଙ୍ଗ ବିଶ୍ୱାଳ କହିଛନ୍ତି। ପ୍ରସ୍ତାବିତ ଜମିରେ ଜଙ୍ଗଲ ବିଭାଗର ୧୩ଶହ ଗଛ ରହିଥିବା ବେଳେ ସେଥିରୁ ୭୭୯ ଗଛ ଅନ୍ୟତ୍ର ସ୍ଥାନାନ୍ତର ହେବ। ସେହିପରି ଉକ୍ତ ଜମିରେ ବିଦ୍ୟୁତ ବିଭାଗର ୩୩ ଓ ୧୧ କେଭି ତାର, ଉଚ୍ଚ କ୍ଷମତାସମ୍ପନ୍ନ ଖୁଣ୍ଟ ରହିଛି। ଏହାକୁ ସ୍ଥାନାନ୍ତର ଲାଗି ୩ କୋଟି ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳ ରିପୋର୍ଟ ଜିଲା ପ୍ରଶାସନ ଏବଂ କେନ୍ଦ୍ରକୁ ପଠାଯାଇଥିବା ବିଦ୍ୟୁତ ବିଭାଗ ପକ୍ଷରୁ ସୂଚନା ମିଳିଛି। ୨୦୨୨ ସେପ୍ଟେମ୍ବରରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପାଇକ ସ୍ମାରକୀ ନିର୍ମାଣସ୍ଥଳ ପରିଦର୍ଶନ କରି କାର୍ଯ୍ୟରେ ବିଳମ୍ବ ନେଇ କ୍ଷୋଭ ପ୍ରକାଶ କରିଥିଲେ। ତତ୍କାଳୀନ ରାଜ୍ୟ ସରକାରଙ୍କ ଅବହେଳାକୁ ସେ ଦାୟୀ କରିଥିଲେ। ଏବେ ରାଜ୍ୟରେ ଭାଜପା ସରକାର ରହିଛି। ତେଣୁ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

# ବିଦ୍ୟାଳୟ ବାହ୍ୟ ପରିବେଶରେ ଶିକ୍ଷଣ କାର୍ଯ୍ୟକ୍ରମ



ଛାତ୍ରୀଛାତ୍ର ବିଦ୍ୟାଳୟ ପାଖ ପୋଷ୍ଟ ଅଫିସ ଭ୍ରମଣରେ ଆସି ଶିକ୍ଷା ଗ୍ରହଣ କରୁଛନ୍ତି।

ଟାଙ୍ଗୀ(ଖୋର୍ଦ୍ଧା),୨୬।୭(ରଘୁନାଥ ସାହୁ)

ଶିକ୍ଷା ସପ୍ତାହ ପାଳନର ଶୁକ୍ରବାର ୫ମ ଦିବସରେ ସୁନ୍ଦରପୁର କଲୋନି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ବିଦ୍ୟାଳୟ ପାଖ ପୋଷ୍ଟ ଅଫିସ ଭ୍ରମଣରେ ଯାଇଥିଲେ। ପୋଷ୍ଟ ମାଷ୍ଟର ଚିନ୍ମୟ ଭୋଇ ଆଗ୍ରହ ସହ ପିଲାମାନଙ୍କୁ ସ୍ୱାଗତ କରି ପୋଷ୍ଟ ଅଫିସର କାମ ବିଷୟରେ ବୁଝାଇବା ସହ ଉପଲବ୍ଧ ସାମଗ୍ରୀ ଯଥା ଅନ୍ତର୍ଦ୍ଦେଶୀୟ ପତ୍ର ଏନଭଲପ୍ ରାଖୀ ପଠାଇବାକୁ ପ୍ୟାକେଟ ଡାକ ଟିକେଟ ରେଭିନ୍ୟୁ ଷ୍ଟାମ୍ପ ମନିଅର୍ଡର ଫର୍ମ ପାଶ ବୁକ ଡାକ ବାକ୍ସ ଆଦି ପ୍ରଦର୍ଶନ କରାଇଥିଲେ। ପୋଷ୍ଟ ଅଫିସ ସମ୍ବନ୍ଧରେ ପ୍ରତ୍ୟକ୍ଷ ଶିକ୍ଷା ଗ୍ରହଣ କରି ପିଲାଙ୍କ ଧାରଣାର ବୋଧଗମ୍ୟତା ହୋଇଥିଲା। ପ୍ରଧାନଶିକ୍ଷକ ବୀଣାପାଣି ବେହେରା ପିଲାଙ୍କୁ ଠିକଣା ଏବଂ ବିଭିନ୍ନ ଫର୍ମରେ କିପରି ଠିକ ତଥ୍ୟ ପୂରଣ କରିବାକୁ ହେବ, ସେ ବିଷୟରେ ବୁଝାଇ ନମୁନା ଫର୍ମ ପିଲାଙ୍କୁ ଦେଖାଇଥିଲେ। ପୁରୁଣା ଡାକ ଟିକେଟ ସଂଗ୍ରହ ସଂରକ୍ଷଣ ଏବଂ ତଥ୍ୟ ସଂଗ୍ରହକରି ଭବିଷ୍ୟତରେ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବାକୁ ଆଦର୍ଶ ଶିକ୍ଷକ ଲଳିତ ନାରାୟଣ ମହାପାତ୍ର ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବାହ୍ୟ ପରିବେଶରେ ଶିକ୍ଷଣ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ପ୍ରତ୍ୟକ୍ଷ ଅନୁଭୂତି ମିଳିବା ସହ ଜାଣିବାକୁ ଆଗ୍ରହ ଉପଲବ୍ଧିକୁ ବେଶ୍ ଅନୁଭବ କରି ହେଉଥିଲା। ଛାତ୍ରୀଛାତ୍ରଙ୍କ ପାଇଁ ସମୟ ଦେଇ ସହଯୋଗ କରିଥିବାରୁ ଶିକ୍ଷକ ମହାପାତ୍ର ପୋଷ୍ଟ ମାଷ୍ଟରଙ୍କୁ ଧନ୍ୟବାଦ ଜଣାଇଥିଲେ।

# କ୍ଷତିପୂରଣ ଦାବିରେ ୫ ଘଣ୍ଟା ଜାତୀୟ ରାଜପଥ ଅବରୋଧ


ଟାୟାର ଜାଳି ଉତ୍ତ୍ୟକ୍ତ ଲୋକେ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

ନିରାକାରପୁର/ଟାଙ୍ଗୀ–ଖୋର୍ଦ୍ଧା, ୨୬।୭ (ମାନସ ଚନ୍ଦ୍ର ପଟ୍ଟନାୟକ/ରଘୁନାଥ ସାହୁ)

ହାତୀ ଆକ୍ରମଣରେ ଗୁରୁବାର ସନ୍ଧ୍ୟାରେ ଟାଙ୍ଗୀ ବନାଞ୍ଚଳ ଭୁଷଣ୍ଡପୁର ଫରେଷ୍ଟର ଜଙ୍କିଆ ଥାନା ଅଧୀନ ଓଳସିଂହ ପଞ୍ଚାୟତ ଡମଣଭୁମୀ ଆଦିବାସୀ ସାହିର ମା' ପୁଅଙ୍କ ମୃତ୍ୟୁ ହୋଇଥିବାବେଳେ ନାବାଳକ ଝିଅ ଗୁରୁତର ଆହତ ହୋଇଥିଲେ। ଖବରପାଇ ବନକର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିବାବେଳେ ଉତ୍ତ୍ୟକ୍ତ ଗ୍ରାମବାସୀ ତାଙ୍କୁ ଅଟକ ରଖି କ୍ଷତିପୁରଣ ଦାବିରେ ଟାୟାର ଜାଳି ରାତି ସାଢେ ୯ଟାରୁ ପ୍ରାୟ ୨ଟା ପର୍ଯ୍ୟନ୍ତ ୧୬ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବରପାଇ ସ୍ଥାନୀୟ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଖୋର୍ଦ୍ଧା ଡିଏଫ୍, ଏସିଏଫ୍, ଟାଙ୍ଗୀ ରେଞ୍ଜର, ଭୁଷଣ୍ଡପୁର ଫରେଷ୍ଟରଙ୍କ ସମେତ ସ୍ଥାନୀୟ ପୋଲସ ଘଟଣାସ୍ଥଳରେ ପହଞ୍ଚି ଅବରୋଧ କରିଥିବା ଲୋକଙ୍କୁ ବୁଝାଶୁଝା କରିବା ସହିତ ଅଟକ ରଖିଥିବା ବନକର୍ମଚାରୀଙ୍କୁ ଛାଡ଼ିବାକୁ ବୁଝାଇଥିଲେ। ପରେ ଅବରୋଧ ହଟିଥିଲା। ଶୁକ୍ରବାର ମା', ପୁଅଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରାଯାଇଥିଲା। ଏକ ଶୋକାକୁଳ ପରିବେଶରେ ସ୍ଥାନୀୟ ଶ୍ମଶାନରେ ଉଭୟଙ୍କୁ ଦାହ କରାଯାଇଛି। ଏନେଇ ଭୁଷଣ୍ଡପୁର ଫରେଷ୍ଟର ଦାସଙ୍କୁ ପଚାରିବାରେ, ମୃତକ ମା', ପୁଅଙ୍କୁ ୬୦ ହଜାର ଲେଖାଏ ୧ ଲକ୍ଷ ୨୦ ହଜାର ଟଙ୍କା ଡକ୍ୟୁମେଣ୍ଟ ଅପ୍‌ଲୋଡ ପରେ ଦିଆଯିବ। ଆଉ ଯେଉଁ ୧୦ ଲକ୍ଷେ ୮୦ ହଜାର ରହିଲା ତାକୁ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତକଙ୍କ ଲିଗାଲ ହେୟାରଙ୍କୁ ଦିଆଯିବ। ପରେ ସରକାରୀ ନିୟମ ଅନୁସାରେ ତାହ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

### ଟାଙ୍ଗୀ ପଞ୍ଚାୟତରେ ପରିବେଶ ସ୍ୱଚ୍ଛତା ରଖିବା ପାଇଁ ଶପଥ ଗ୍ରହଣ

ଟାଙ୍ଗୀ(ଖୋର୍ଦ୍ଧା),୨୬।୭ (ରଘୁନାଥ ସାହୁ)

ପରିବେଶ ପରିଷ୍କାର ଓ ପରିଚ୍ଛନ୍ନତା ରଖିବାକୁ ଟାଙ୍ଗୀ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ କିଶୋର ବେହେରା ସମସ୍ତ ୱାର୍ଡ଼ ସଭ୍ୟାସଭ୍ୟ, ନାଏବ ସରପଞ୍ଚ, ମିଶନ ଶକ୍ତି ସଭ୍ୟା, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ସମେତ ଗ୍ରାମବାସୀଙ୍କୁ ଶପଥପାଠ କରାଇଥିଲେ। ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ମିଶନ ଶକ୍ତି ସଭ୍ୟାଙ୍କ ଦ୍ୱାରା ପରିଚାଳିତ ସମସ୍ତ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇ ଗୋଟିଏ ସ୍ଥାନରେ କମ୍ପୋଷ୍ଟ କରାଯିବାର ଯୋଜନା କରାଯାଇଛି। ବାହ୍ୟ ମଳମୁକ୍ତ, ଏକକ ବ୍ୟବହାର ପ୍ଲାଷ୍ଟିକ୍ ବର୍ଜନ, କଠିନ ଓ ତରଳ ବର୍ଜ୍ୟବସ୍ତୁର ସୁପରିଚାଳନା ପାଇଁ ସମସ୍ତେ ସହଯୋଗ କରିବାକୁ ଅନୁରୋଧ କରାଯାଇଥିଲା। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମଦନମୋହନ ସାହୁ, ବାବୁ ବେହେରା, ବସନ୍ତ ମହାନ୍ତି, ରଙ୍କନାଥ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ତ୍ୱରିତ ସେବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ

## ଜିଲାସ୍ତରୀୟ ପେନ୍‌ସନ ଅଦାଲତ

- ୧୮୭ରୁ ୫୩ ଭିଜିଲାନ୍ସ, ଆପରାଧିକ, ଡିପି ମାମଲା
- ସେବାରେ ଅନିୟମିତତାରୁ ୭୪ ବିଚାରାଧୀନ

ଖୋର୍ଦ୍ଧା,୨୬।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାସ୍ତରୀୟ ପେନସନ ଅଦାଲତ ଶୁକ୍ରବାର ଜିଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ଅଧ୍ୟକ୍ଷତା କରି ବିଭିନ୍ନ ବିଭାଗର ପେନସନ ସଂକ୍ରାନ୍ତ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପେନସନ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ମୋଟ ୧୮୭ଟି ପେନସନ ମାମଲାର ସମୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୫୩ଟି ଭିଜିଲାନ୍ସ ଆପରାଧିକ ଓ ଡିପି ମାମଲା ରହିଥିବାବେଳେ ୭୪ଟି ଅନିୟମିତତା କାରଣରୁ ବିଚାରାଧୀନ ରହିଛି। ଅନିୟମିତ ପେନସନକୁ ଠିକ୍ ସମୟରେ ଅନୁମୋଦନ, ଭିଜିଲାନ୍ସ ମାମଲାର ସ୍ଥିତି ଏବଂ ବିଚାରାଧୀନ ଡିପି ମାମଲାଗୁଡ଼ିକ ଶୀଘ୍ର ସମାଧାନ କରିବାକୁ ଅତିରିକ୍ତ ଜିଲାପାଳ ବେଉରା ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ମୁଖ୍ୟ କାର୍ଯ୍ୟାଳୟ ପେନସନଭୋଗୀ ସୁବିଧାକୁ ଠିକ୍ ସମୟରେ ଅନୁମୋଦନ ଏବଂ ଅବସର ନେବା ପୂର୍ବରୁ କର୍ମଚାରୀଙ୍କ ସେବାକୁ ନିୟମିତ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷା ବୈଠକରେ ସମସ୍ତ ବ୍ଲକର ବିଡିଓ, ତହସିଲଦାର, ବ୍ଲକସ୍ତରୀୟ ଶିକ୍ଷାଧିକାରୀ, ଡିଇଓ, ସିଡିଏମ୍‌ଓଙ୍କ ସମେତ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ନିଜ ବିଭାଗର ପେନସନ ସଂକ୍ରାନ୍ତ ସମସ୍ୟା ଜଣାଇଥିଲେ।

# ଗୋରୁ ବୋଝେଇ ଗାଡ଼ି ଜବତ

ଖୋର୍ଦ୍ଧା,୨୬।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାରେ ବେଆଇନ ଗୋଚାଲାଣ ବଢ଼ିଚାଲିଛି। ଖୋର୍ଦ୍ଧା ଦେଇଯାଇଥିବା ୧୬ ଓ ୫୭ ନମ୍ବର ରାଜପଥ ଏମାନଙ୍କ ପାଇଁ ଗଳାବାଟ ସାଜିଛି। ଶୁକ୍ରବାର ଭୋର ୬ଟାରେ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଗାଡ଼ି ଜବତ କରାଯାଇଛି। ଶିଳ୍ପାଞ୍ଚଳ ଥାନା ଅଧୀନ ପିତାପଲ୍ଲୀ ଛକଠାରେ ୧୦ ଗୋରୁଙ୍କୁ ଗୋସେବକ ଉଦ୍ଧାର କରି ପୋଲିସ ଜିମା ଦେଇଥିଲେ। ତେବେ ସେଥିମଧ୍ୟରୁ ଗୋଟିକର ମୃତ୍ୟୁ ଘଟିଥିବାବେଳେ ୯ଟି ଗୋରୁଙ୍କୁ ବୋଲଗଡ଼ ସ୍ଥାନାନ୍ତର କରାଯାଇଛି। ମୃତ ଗାଈକୁ ପୋତାଯାଇଛି। ବେଗୁନିଆରୁ ଭୁବନେଶ୍ୱରକୁ ଏହି ଗୋଚାଲାଣ ହେଉଥିଲା। ପୋଲିସ ଏକ ମାମଲା ରୁଜୁ କରି ଗାଡ଼ି ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖିଛି। ବେଗୁନିଆ ପଟୁ ପିକ୍‌ଅପ୍ ଗାଡ଼ିରେ ଗୋଚାଲାଣ ହେଉଥିବା ଖବର ପାଇ କେତେଜଣ ଗୋସେବକ ପିତାପଲ୍ଲୀ ଛକଠାରେ ଛକି ରହିଥିଲେ। ଏହି ସମୟରେ ଗୋରୁ ବୋଝେଇ ଗାଡ଼ିଟି ପିତାପଲ୍ଲୀ ନିକଟରେ ନିର୍ମାଣାଧୀନ ବାଇପାସ୍ ରାସ୍ତା ଦେଇ ରାଜପଥକୁ ଉଠୁଥିବାବେଳେ ଖବରପାଇ ଗୋସେବକ ଘେରି ଯାଇଥିଲେ। ଡ୍ରାଇଭର ଦ୍ରୁତଗତିରେ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ଆଗରେ ହାଇୱା ଆସିଯିବାରୁ ନିୟନ୍ତ୍ରଣ ହରାଇଥିଲା। ସାମନା ପଟୁ ଏକ ବାଇକ ସହ ଧକ୍କା ଦେଇ ଡିଭାଇଡର ସହ ଗାଡ଼ି ଓ ବାଇକ ଚାପି ହୋଇଯାଇଥିଲା। ଏଥିରେ ଜଣେ ଗୋସେବକ ଆହତ ହୋଇଥିଲେ। ଶିଳ୍ପାଞ୍ଚଳ ଥାନା ପୋଲିସ ପହଞ୍ଚି ଗାଡ଼ି ଓ ବାଇକ ଜବତ କରି ଥାନାକୁ ଆଣିଥିଲା। ଗୋରୁଙ୍କୁ ଗୋଶାଳାକୁ ପଠାଇ ଗୋସେବକଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**ଉଦ୍ଧାର ୧୦ ଗୋରୁ ମଧ୍ୟରୁ ଗୋଟିଏ ମୃତ**




# ପାଉତି ନାହିଁ, ଚାଷୀ ହୀନସ୍ତା

ନିରାକାରପୁର, ୨୬।୭(ମାନସ ଚନ୍ଦ୍ର ପଟ୍ଟନାୟକ)

ମଣ୍ଡିରେ ଧାନ ବିକ୍ରି କରିବା ଉଦ୍ଦେଶ୍ୟରେ ଏବେଠାରୁ ନିକଟସ୍ଥ ସେବା ସମବାୟ ସମିତିରେ ଆରମ୍ଭ ହୋଇଛି ଅନ୍‌ଲାଇନ ପଞ୍ଜୀକରଣ। ଏଥିପାଇଁ ଆଧାର କାର୍ଡ, ବ୍ୟାଙ୍କ ପାସ୍‌ବୁକ, ଭୋଟ ପରିଚୟପତ୍ର, ଜମିପଟା ଓ ପାଉତି ଆବଶ୍ୟକ ରହିଛି। ଏହାଠାରୁ ଅତ୍ୟାବଶ୍ୟକ ହେଉଛି ପାଉତି। ହେଲେ ନିକଟସ୍ଥ ଆର୍‌ଆଇ ଅଫିସରେ ଏହା ମହଜୁଦ ନ ଥିବାରୁ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ବାଧ୍ୟ ଧକତାରେ ୫, ୧୦ଟଙ୍କା ବଦଳରେ ଅଯଥାରେ ଜମି ଅନୁସାରେ ୫୦ରୁ ୧୦୦ଟଙ୍କା ପର୍ଯ୍ୟନ୍ତ ଦେଇ ଅନ୍‌ଲାଇନରେ କାଟିବାକୁ ବାଧ୍ୟ ହେଉଥିବା ସୁଶାନ୍ତ ମହତରାୟ, ଗୌରୀ କୁମାର ମର୍ଦ୍ଦରାଜସିଂ, ସନାତନ ବାରିକ, ହୃଦାନନ୍ଦ ପ୍ରଧାନ, ପ୍ରମୋଦ ପାଇକରାୟ ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି। ଖାଲି ଟାଙ୍ଗୀ ତହସିଲ ଅଞ୍ଚଳ ନୁହେଁ ବରଂ ଏଭଳି ଅବସ୍ଥା ଅନୁରୂପ ଭାବେ ଜିଲା ଉପଖଣ୍ଡରେ ଥିବା ଆର୍‌ଆଇ ଅଫିସ କାର୍ଯ୍ୟାଳୟଗୁଡ଼ିକରେ ମଧ୍ୟ ପରିଲକ୍ଷିତ ହୋଇଛି। ଫଳରେ ହଜାର ହଜାର ସଂଖ୍ୟାରେ ଚାଷୀକୁଳ ତହସିଲ ପ୍ରଶାସନର ଏଭଳି ଅପାରଗତା ପାଇଁ ଏହି ପଞ୍ଜୀକରଣ କରିବାରୁ ବଞ୍ଚିତ ହେବାର ଆଶା ଓ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଖୁବ୍‌ଶୀଘ୍ର ପ୍ରତି ଆର୍‌ଆଇ ଅଫିସ୍‌କୁ ପାଉତି ଯୋଗାଇ ଦେବାକୁ ଚାଷୀ ମହଲରେ ଦାବି ହେଉଛି। ଏନେଇ ଟାଙ୍ଗୀ ତହସିଲଦାର ମିତାଲି ପାତ୍ରଙ୍କୁ ପଚାରିବାରେ, ଆସନ୍ତା ସୋମବାର ପାଉତି ପର୍ଯ୍ୟାପ୍ତ ପରିମାଣରେ ଯୋଗାଇ ଦିଆଯିବ ବୋଲି କହିଥିଲେ।

# ଭାଜପା ପକ୍ଷରୁ କାର୍‌ଗିଲ ବିଜୟ ଦିବସ ପାଳିତ


କାର୍ଗିଲ ବିଜୟ ଦିବସ ଅବସରରେ ଅତିଥିମାନେ।

ଖୋର୍ଦ୍ଧା,୨୬।୭(ପ୍ରଭାତ ପାଣିଗ୍ରାହୀ)

ଭାରତୀୟ ଜନତା ପାର୍ଟି ଖୋର୍ଦ୍ଧା ଶାଖା ପକ୍ଷରୁ ସ୍ଥାନୀୟ ବିଡିଏ କଲ୍ୟାଣ ମଣ୍ଡପରେ ଶୁକ୍ରବାର ୨୫ତମ କାର୍‌ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନଗର ଭାଜପା ସଭାପତି ଦେବବ୍ରତ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ଜିଲା ସଭାପତି ନିକୁଞ୍ଜ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ଦଳେଇ, ଦିଲୀପ ହୋତା, ଜିଲା ବୁଦ୍ଧିଜୀବୀ ସଂଘ ଆବାହକ ଗୁଣନିଧି ମହାପାତ୍ର, ସାଧାରଣ ସମ୍ପାଦକ ପ୍ରତାପ ମହାପାତ୍ର, ମଣ୍ଡଳ ସଭାପତି ପ୍ରଦୀପ୍ତ ପାଣି ପ୍ରମୁଖ ଯୋଗଦେଇ ଉକ୍ତ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ଶୋଭନ ଘୋଷ ଧନ୍ୟବାଦ ଦେଇଥିଲେ।

# ପାନୀୟଜଳ ଯୋଗାଣ ପାଇଁ ବିଡିଓଙ୍କୁ ଘେରିଲେ ମହିଳା

ବୋଲଗଡ଼,୨୬।୭(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅଧୀନ ଦଳେଇସାହି ପଞ୍ଚାୟତ ଦଳେଇସାହି ମୌଜାର ପାଇକସାହି ବାସିନ୍ଦା ଦୀର୍ଘବର୍ଷ ଧରି ପାନୀୟଜଳ ପାଇପାରୁ ନାହାନ୍ତି। ଏହି ସମସ୍ୟା ବାବଦରେ ଅନେକ ଥର ବିଡିଓଙ୍କୁ ଅଭିଯୋଗ ହେବା ପରେ ମଧ୍ୟ ସେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଶୁକ୍ରବାର ଅଞ୍ଚଳର ମହିଳାମାନେ ତାଙ୍କୁ ଘେରିଥିଲେ।

ଗ୍ରାମର ଅନ୍ୟ ସାହିଗୁଡ଼ିକରେ ପାଇପ ମାଧ୍ୟମରେ ଜଳ ଯୋଗାଣ ଚାଲୁ ରହିଥିବାବେଳେ ଏହି ପାଇକ ସାହିରେ ପାଇପ ନଷ୍ଟ ହୋଇଯାଇଥିବା କାରଣରୁ ଜଳ ଯୋଗାଣ ବ୍ୟାହତ ହୋଇଛି। ଏଥିନେଇ ସ୍ଥାନୀୟ ୱାର୍ଡ ମେମ୍ବର ରହମତ ଅଲ୍ଲୀ ଖାଁ ଓ ସାହିବାସିନ୍ଦା ଅନେକ ଥର ସରପଞ୍ଚଙ୍କୁ ଭେଟି ଅସୁବିଧା ଦୂର କରିବାକୁ ନିବେଦନ କରିଥିଲେ ମଧ୍ୟ ସଜାଡ଼ିବାର ପ୍ରତିଶ୍ରୁତି ଦେଇ ସରପଞ୍ଚ ଗତ ବର୍ଷେ ହେବ ସମୟ ଗଡ଼ାଇ ଚାଲିଛନ୍ତି।


ପାନୀୟଜଳ ସମସ୍ୟା ନେଇ ମହିଳାମାନେ ବିଡିଓଙ୍କୁ ଭେଟି ଆଲୋଚନା କରୁଛନ୍ତି।

ଅପରପକ୍ଷେ ସାହି ମଝିରେ ଥିବା ଏକ ଖୋଲା କୂଅରୁ ନିଜର ବ୍ୟବହାର ପାଇଁ ଜଳ ସଂଗ୍ରହ କରୁଥିବାବେଳେ ଅନେକ ଥର ବାଛୁରି, ବିଲେଇ ଆଦି ପ୍ରାଣୀ ପାଣିରେ ପଡ଼ି ମରିଯାଇଥିବା ବେଳେ ଏହି ପାଣି ବ୍ୟବହାର ଅନୁପଯୋଗୀ ହୋଇପଡ଼ିଲାଣି। ତେବେ ପିଇବା ପାଣି ପାଇଁ ହଇରାଣ ହେବା ପରେ ଶୁକ୍ରବାର ସାହିର ହିନ୍ଦୁ ମୁସଲିମ ଉଭୟ ସମ୍ପ୍ରଦାୟର ୪୦ରୁ ଉର୍ଦ୍ଧ୍ୱ ମହିଳା ୱାର୍ଡସଭ୍ୟ ବାବୁ ଖାଁଙ୍କ ସହିତ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ସ୍ୱଚ୍ଛ ପାନୀୟଜଳ ଯୋଗାଣ ଦାବି କରିଥିଲେ। ହେଲେ ସରପଞ୍ଚ ଏହାକୁ କର୍ଣ୍ଣପାତ ନ କରି କାର୍ଯ୍ୟାଳୟ ଛାଡ଼ି ଚାଲି ଯାଇଥିଲେ। ପରେ ମହିଳାମାନେ ଉତ୍‌କ୍ଷିପ୍ତ ହୋଇ ୱାର୍ଡ ସଭ୍ୟ ଓ ସାମାଜିକ କର୍ମୀ କୁନା ଖାଁଙ୍କ ସହିତ ବୋଲଗଡ଼ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓଙ୍କୁ ଘେରାଉ କରି ତୁରନ୍ତ ଜଳଯୋଗାଣ ସମସ୍ୟା ଦୂର କରିବାକୁ ନିବେଦନ କରିଥିଲେ। ଆସନ୍ତା ୧୫ ଦିନ ମଧ୍ୟରେ ଜଳଯୋଗାଣ ନ ହେଲେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ଗାୟତ୍ରୀ ପ୍ରଧାନ, ନୁରଜାହାନ ବିବି, ପ୍ରମିଳା ମହାନ୍ତି, ଲଇଲା ବେଗମ ପ୍ରମୁଖ ଚେତାବନୀ ଦେଇଥିଲେ। ତେବେ ବିଡିଓ ଶରତଚନ୍ଦ୍ର ମଲ୍ଲିକ ଅଭିଯୋଗ ଶୁଣିବା ପରେ ତୁରନ୍ତ ଅସୁବିଧା ଦୂର କରି ପାନୀୟଜଳ ଯୋଗାଣ କରିବାକୁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ।

# 'ସବୁ ନୀତିକୁ ଗୁରୁତ୍ୱ ଦେଉନି ଶ୍ରୀମନ୍ଦିର ପ୍ରଶାସନ'

**ପୁରୀ,୨୬।୭(ଅଜିତ୍ କୁମାର ମହାନ୍ତି)**

- ପୂଜାପଣ୍ଡା ନିଯୋଗ ଆଣିଲା ଅଭିଯୋଗ
- ଆଲୋଚନା ମାଧମରେ ସମସ୍ୟାର ସମାଧାନ କରାଯିବ: ଜିଲାପାଳ

ଶ୍ରୀମନ୍ଦିର ରତ୍ନଭଣ୍ଡାର ତଦାରଖ କମିଟିର ନିଷ୍ପତ୍ତି ଏବଂ ସରକାରଙ୍କ ଅନୁମତି ପରେ ଗତ ୧୪ ତାରିଖରେ ରତ୍ନଭଣ୍ଡାର ଖୋଲାଯାଇଥିଲା। ତେବେ ରତ୍ନଭଣ୍ଡାର ଖୋଲିବା ପୂର୍ବରୁ କମିଟି ନିଷ୍ପତ୍ତି ଅନୁଯାୟୀ ପୁରୀର ଶ୍ରୀଲୋକନାଥଙ୍କ ମନ୍ଦିରରୁ ଶ୍ରୀମନ୍ଦିରକୁ ଆଜ୍ଞାମାଳ ବିଜେ କରାଯାଇଥିଲା। ଏହାକୁ ନେଇ ଶ୍ରୀମନ୍ଦିର ପୂଜାପଣ୍ଡା ନିଯୋଗ ଅସନ୍ତୋଷ ପ୍ରକାଶ କରିବା ସହ ଶ୍ରୀମନ୍ଦିର ପ୍ରଶାସନକୁ ଲିଖିତ ଭାବେ ଅବଗତ କରିଥିଲା। ପରବର୍ତ୍ତୀ ସମୟରେ ଖବରଦାତା ସମ୍ମିଳନୀ ଡାକି ପୂଜାପଣ୍ଡା ନିଯୋଗ ଶ୍ରୀମନ୍ଦିରକୁ ଆଜ୍ଞାମାଳ ଆସିବା ନୀତି ବିରୋଧ ବୋଲି କହିଥିଲା। ଏପରିକି ଗୁରୁବାର ଏକାନ୍ତ ନୀତି ପାଇଁ ପୂଜାପଣ୍ଡା ନିଯୋଗ ପକ୍ଷରୁ ବିଳମ୍ବରେ ଆଜ୍ଞାମାଳ ପ୍ରଦାନ କରାଯାଇ ଥିଲା। ଏହାସତ୍ତ୍ୱେ ନିଯୋଗର ଅଭିଯୋଗ ଉପରେ କୌଣସି ପଦକ୍ଷେପ ନିଆଗଲା ନାହିଁ। ତେଣୁ ପ୍ରତ୍ୟେକ ଦିନର ସମସ୍ତ ନୀତିକାନ୍ତିକୁ ଶ୍ରୀମନ୍ଦିର ପ୍ରଶାସନ ବିଶେଷ ଗୁରୁତ୍ୱ ଦେଉ ନ ଥିବା ଜଣାପଡୁଛି ବୋଲି ଶୁକ୍ରବାର ପୂଜାପଣ୍ଡା ନିଯୋଗ ଅଭିଯୋଗ ଆଣିଛି।

ଶ୍ରୀମଦନମୋହନ ଶ୍ରୀଜଗନ୍ନାଥଙ୍କ ନିକଟରୁ ଆଜ୍ଞାମାଳ ପାଇ ମହାଲକ୍ଷ୍ମୀଙ୍କ ମନ୍ଦିରରେ ବିଜେ ହେବା ପରେ ଏକାନ୍ତ ନୀତି ସମ୍ପନ୍ନ ହୋଇଥାଏ। ଗୁରୁବାର ଶ୍ରୀମନ୍ଦିରରେ ଏକାନ୍ତ ନୀତି ରହିଥିଲା। ଶ୍ରୀମଦନମୋହନ ଭିତରକୁ ବିଜେ ହୋଇଥିଲେ ମଧ୍ୟ ପୂଜାପଣ୍ଡା ନିଯୋଗ ପକ୍ଷରୁ ଆଜ୍ଞାମାଳ ପ୍ରଦାନ କରାଯାଇ ନ ଥିଲା। ଫଳରେ ପ୍ରାୟ କିଛି ସମୟ ନୀତି ବନ୍ଦ ରହିଥିଲା। ଶ୍ରୀମନ୍ଦିର ପ୍ରଶାସନ ଏହା ଜାଣିବା ପରେ ନୀତି ପ୍ରଶାସକ ଏବଂ ଉପମୁଖ୍ୟ ପ୍ରଶାସକ ବା ଜିଲାପାଳ ଫୋନ ଯୋଗେ ନିଯୋଗ ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ପୂଜାପଣ୍ଡାଙ୍କ ପକ୍ଷରୁ ଆଜ୍ଞାମାଳ ଚଳନ୍ତି ପ୍ରତିମାଙ୍କୁ ପ୍ରଦାନ କରାଯାଇଥିଲା ଏବଂ ନୀତି ସମ୍ପାଦନ ହୋଇଥିଲା। ନୀତି ବିଳମ୍ବ ସମ୍ପର୍କରେ ପୂଜାପଣ୍ଡା ନିଯୋଗର ସମ୍ପାଦକ ତଥା ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ପୂଜାପଣ୍ଡା କହିଛନ୍ତି, ନୀତିରେ ବିଳମ୍ବ ହେବା କୌଣସି ବିବାଦ ନୁହେଁ। ଶ୍ରୀମନ୍ଦିରରେ ଅଣପାରମ୍ପରିକ ନୀତି ନିଯୋଗ ପକ୍ଷରୁ ବିରୋଧ କରାଯାଇଥିଲା। ଗତ ୧୪ତାରିଖରେ ରତ୍ନଭଣ୍ଡାର ଖୋଲାଯିବା ପୂର୍ବରୁ ଶ୍ରୀଲୋକନାଥ ମନ୍ଦିରରୁ ଆଜ୍ଞାମାଳ ଆସିଥିଲା, ଯାହାକୁ ପୂଜାପଣ୍ଡା ସାମନ୍ତ ବିରୋଧ କରିଥିଲେ। ଏନେଇ ପ୍ରଶାସନକୁ ଅଭିଯୋଗ କରାଯାଇଥିଲା। ମାତ୍ର ଅଭିଯୋଗକୁ ୧୦ ଦିନରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳିଲାନାହିଁ। ନୀତିକୁ ପ୍ରଶାସନ ଗୁରୁତ୍ୱ ଦେଉ ନ ଥିବା ଜଣାପଡୁଛି। ବର୍ଷକୁ ମହାପ୍ରଭୁଙ୍କ ବିଭିନ୍ନ ନୀତି ନିମନ୍ତେ ୧୩୯ଟି ଆଜ୍ଞାମାଳ ପ୍ରଦାନ କରାଯାଇଥାଏ। ନୀତି ସମ୍ପାଦନ ନିମନ୍ତେ ଚଳନ୍ତି ପ୍ରତିମାମାନଙ୍କୁ ଉକ୍ତ ଆଜ୍ଞାମାଳ ପ୍ରଦାନ କରାଯାଇଥାଏ। ତେବେ ଏଠାରେ ପ୍ରଶ୍ନ ଉଠୁଛି, ପ୍ରଭୁ ଶ୍ରୀଲୋକନାଥଙ୍କ ନିକଟରୁ ଯେଉଁ ଆଜ୍ଞାମାଳ ଆସିଲା ତାହା, କାହା ନିର୍ଦ୍ଦେଶରେ ଆସିଲା ଓ କାହାକୁ ଦିଆଗଲା। ଏନେଇ ନିଯୋଗକୁ ଅନ୍ଧାରରେ ରଖାଯାଇଛି। ଶ୍ରୀଲୋକନାଥଙ୍କଠାରୁ ଆଜ୍ଞାମାଳ ବଡ଼ଦେଉଳକୁ ଆସିବା ବିଧି ନୁହେଁ। ଗୁରୁବାର ମହାପ୍ରଭୁଙ୍କ ପ୍ରଥମ ଏକାନ୍ତ ନୀତି ରହିଥିଲା। ତେବେ ନୀତି ନିମନ୍ତେ ଆଜ୍ଞାମାଳ ପ୍ରଦାନ ନ କରିବାକୁ ନିଯୋଗ ନିଷ୍ପତ୍ତି ନେଇଥିଲା। ପରବର୍ତ୍ତୀ ସମୟରେ ପ୍ରଶାସନର ପ୍ରତିଶ୍ରୁତି ମିଳିବା ପରେ ଆଜ୍ଞାମାଳ ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ଦିନର ନୀତିକୁ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱ ଦେବା ଆବଶ୍ୟକ। ଅନେକ ସମୟରେ ନୀତି ବେଳେ ଶ୍ରୀମନ୍ଦିର ପରିସରରେ ଅଧିକାରୀମାନେ ଉପସ୍ଥିତ ରହୁନାହାନ୍ତି ବୋଲି ପୂଜାପଣ୍ଡା ଅଭିଯୋଗ କରିଛନ୍ତି। ମହାପ୍ରଭୁଙ୍କ ନୀତିରେ କୌଣସି ଅବହେଳା କରାଯିବ ନାହିଁ। ଯଦି ପ୍ରଶାସନ ତୁରନ୍ତ ପୂଜାପଣ୍ଡା ନିଯୋଗ ସହ ଆଲୋଚନା ନ କରେ ତା'ହେଲେ ଆଗାମୀ ଦିନରେ ବୈଠକ କରାଯାଇ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ପୂଜାପଣ୍ଡା କହିଛନ୍ତି। ଅନ୍ୟପକ୍ଷରେ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଶ୍ରୀମନ୍ଦିରର କୌଣସି ନୀତିକାନ୍ତି ପ୍ରଭାବିତ ନ ହେବା ପାଇଁ ଆମେ ବିଭିନ୍ନ ସେବାୟତ ନିଯୋଗ ସହ ଆଲୋଚନା କରୁଛୁ। ପୂଜାପଣ୍ଡା ନିଯୋଗର ଯାହା ବି କ୍ଷୋଭ ବା ଅଭିଯୋଗ ରହିଛି ସେ ନେଇ ନିଯୋଗ ସହ ଆଲୋଚନା କରାଯିବ। ଯେପରି ମହାପ୍ରଭୁଙ୍କ କାର୍ଯ୍ୟରେ କୌଣସି ବାଧା ସୃଷ୍ଟି ନ ହେବ ଓ ସେବାୟତମାନେ ଅସନ୍ତୋଷ ବ୍ୟକ୍ତ ନ କରିବେ ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯିବ ବୋଲି ଜିଲାପାଳ ସ୍ୱାଇଁ କହିଛନ୍ତି।

## ପୁରୀରେ ଇନଫରମେଶନ ସେଣ୍ଟର କ୍ଲିନିକ୍ ଖୋଲିବ ସନ୍‌ସାଇନ୍ ହସ୍ପିଟାଲ୍



ଖବରଦାତା ସମ୍ମିଳନୀରେ ସନ୍‌ସାଇନ୍ ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଉଛି ।

**ପୁରୀ, ୨୬।୭(ଅଜିତ୍ କୁମାର ମହାନ୍ତି)**

ସନ୍‌ସାଇନ୍ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ ଏକ ଅନନ୍ୟ ସେବା ଆରମ୍ଭ କରାଯାଇଛି। ଏ ନେଇ ହସ୍ପିଟାଲ ପକ୍ଷରୁ ପୁରୀ ଭିଆଇପି ରୋଡସ୍ଥିତ ଏକ ହୋଟେଲରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ହସ୍ପିଟାଲ ନିର୍ଦ୍ଦେଶକ ବ୍ରିଗେଡିୟର ପ୍ରଫେସର ଡା. ପି.କେ ସାହୁ, ପରାମର୍ଶଦାତା କାର୍ଡିଓଥୋରାସିକ୍ ଡା. ଶ୍ୱେତାଙ୍କ ଦାସ ଏବଂ ଏଜିଏମ୍ (ଅଭିବୃଦ୍ଧି ଓ ବିକାଶର ସର୍ଜନ କକ୍ଷ) ସନ୍ଦୀପ ପୃଷ୍ଟି ପ୍ରମୁଖ ଯୋଗଦେଇ କହିଥିଲେ, ସନସାଇନ ମେଡିକାଲର ନିରୋଲୋଜି ଓ କାର୍ଡିଓଲୋଜି ବିଭାଗରେ କ'ଣ ସବୁ ସୁବିଧା ରହିଛି ତାହା ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ମୁଖ୍ୟ ଉଦ୍ଦେଶ୍ୟ। ସେହିପରି ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଦତ୍ତ ସ୍ୱାସ୍ଥ୍ୟବୀମା କାର୍ଡରେ କେଉଁ ସୁବିଧା ରହିଛି, ଯେଉଁମାନଙ୍କ ନିକଟରେ କାର୍ଡ କିମ୍ବା ଅର୍ଥ ନାହିଁ ସେମାନେ କିପରି ସୁବିଧା ପାଇପାରିବେ ସେ ନେଇ ସୂଚନା ଦିଆଯାଇଥିଲା। ହାର୍ଟଆଟାକ, ବ୍ରେନ ଷ୍ଟ୍ରୋକ ଭଳି ବିଭିନ୍ନ ରୋଗର ଆଧୁନିକ ଚିକିତ୍ସା ସମ୍ପର୍କରେ ମଧ୍ୟ ସୂଚନା ଦିଆଯାଇଥିଲା। ଆଗାମୀ ଦିନରେ ପୁରୀରେ ଏକ ଇନଫରମେଶନ ସେଣ୍ଟର କ୍ଲିନିକ୍ ଖୋଲାଯିବ। ଏହି ଅବସରରେ ପୁରୀ ପ୍ରେସ କ୍ଲବ୍ ଖବରଦାତାଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର କାର୍ଡ ଲଞ୍ଚ କରାଯାଇଥିଲା। ଏହି କାର୍ଡରେ ସ୍ୱତନ୍ତ୍ର ରିହାତି ସେବା ମିଳିପାରିବ।

## ଫାଣ୍ଡି ସାମ୍ନାରୁ ଚୋରି, ପୋଲିସ ଅସହାୟ

**ଯୋଗେଶ୍ୱରପୁର, ୨୬।୭(ରଶ୍ମିରଞ୍ଜନ ସାହୁ)**

ନୟାହାଟ ଫାଣ୍ଡି ଅଞ୍ଚଳରୁ ଘନ ଘନ ଚୋରି ହେଉଥିବାବେଳେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ୨ ମାସ ମଧ୍ୟରେ ଦୁର୍ବୃତ୍ତମାନେ ବ୍ରାଉନସୁଗାର, ମଦ୍ୟ ପାନ କରି ନୟାହାଟ ବଜାରରୁ ୧୮ରୁ ଅଧିକ ଚୋରି କରିଥିଲେ ମଧ୍ୟ ପୋଲିସ ଅଦ୍ୟାବଧି କାହାରିକୁ ଧରିବାରେ ସଫଳ ହୋଇନାହିଁ। ଫଳରେ ନୟାହାଟ ଅଞ୍ଚଳର ଜନସାଧାରଣ, ବୁଦ୍ଧିଜୀବୀ, ବ୍ୟବସାୟୀ ସଂଘ ପୋଲିସର କାର୍ଯ୍ୟ ପ୍ରତି ସନ୍ଦେହ ସୃଷ୍ଟି କରିଥିବାବେଳେ ଏଠାରୁ କେବେ ଅପାରଗ ପୋଲିସ ବଦଳିବେ ବୋଲି ସାଧାରଣରେ ପ୍ରଶ୍ନ ସୃଷ୍ଟି କରିଛି।

ପ୍ରକାଶ ଯେ, ମଙ୍ଗଳବାର ବିଳମ୍ବିତ ରାତିରେ ଫାଣ୍ଡି ଆଗରେ ଥିବା ଚା ଦୋକାନୀ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଦୋକାନ ତାଲା ଭାଙ୍ଗି ଗ୍ୟାସ ସିଲିଣ୍ଡର କେହି ଦୁର୍ବୃତ୍ତ ନେଇଯାଇଛନ୍ତି। ଏ ସମ୍ପର୍କରେ ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ପୋଲିସ ଜମା ପାଟ୍ରୋଲିଂ କରୁ ନ ଥିବାରୁ ନୟାହାଟ ବ୍ୟବସାୟୀ ସଂଘ ଏଥିରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଯଦି ଏଠାରେ ପୋଲିସ ଚୋରକୁ ଧରିବାରେ ବିଫଳ ହେଉଛି, ତେବେ ଫାଣ୍ଡି କାହିଁକି ରହିଛି ଏବଂ ଚୋର ପୋଲିସ ଆଖିରେ ଆଙ୍ଗୁଠି ଦେଖାଇ ନିଧଡ଼କ ଭାବରେ ଚୋରି କରୁଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନୟାହାଟ ଜନସାଧାରଣ ନିଜକୁ ନିରାପଦ ମଣୁନାହାନ୍ତି। ପୁରୀ ଏସ୍‌ପି ତୁରନ୍ତ ପଦକ୍ଷେପ ନେବାକୁ ନୟାହାଟ ବ୍ୟବସାୟୀ ସଂଘ, ବରିଷ୍ଠ ନାଗରିକ ମଞ୍ଚ, ବୁଦ୍ଧିଜୀବୀ, ଶିକ୍ଷାବିତ୍ ଶାସନରେ ଥିବା ଭାଜପା ପକ୍ଷରୁ ଦାବି ହୋଇଛି।



ପୁରୀର ନନ୍ଦିନୀ ପଟ୍ଟନାୟକ କାର୍ଡବୋର୍ଡରେ ପ୍ୟାରିସ୍ ଅଲିମ୍ପିକ୍ -୨୦୨୪ ଆଥଲେଟିକ୍ସ ଭିଲେଜ୍‌ର କଳାକୃତି ପ୍ରସ୍ତୁତ କରିଛନ୍ତି ।

## ଓଡ଼ିଆ ଚଳଚ୍ଚିତ୍ର 'ଆଜିର ରେବତୀ'ର ଟିଜର ଉନ୍ମୋଚିତ

**ପୁରୀ,୨୬।୭(ଅଜିତ କୁମାର ମହାନ୍ତି)**

'ରେବତୀ ଆମ ସମାଜର ପ୍ରତୀକ। ରେବତୀ ଏକ ଆନ୍ଦୋଳନ। ରେବତୀ ଏକ ବିପ୍ଳବ। ସେ ଶିକ୍ଷା ବିକାଶ ପାଇଁ, ନାରୀ ଜାଗରଣ ପାଇଁ, ସଂସ୍କୃତିର ବିକାଶ ପାଇଁ, ପରିବାର ଓ ପରମ୍ପରାର ସୁରକ୍ଷା ପାଇଁ ସ୍ୱର ଉଠାଏ। ଅସଜଡା ଘରକୁ ସଜାଡିବାକୁ ଓ ଭାଙ୍ଗିଯାଉଥିବା ପରିବାରକୁ ଯୋଡ଼ିଦେବାକୁ ଜୀବନକୁ ବାଜି ଲଗାଇଦିଏ। ଆଜି ଏକ ଶୃଙ୍ଖଳିତ ସମାଜ ଓ ବିକଶିତ ଭାରତବର୍ଷ ପାଇଁ ପ୍ରତି ଘରେ ଲୋଡ଼ା ଜଣେ ଜଣେ ରେବତୀ।' ଏହିଭଳି ଏକ ଭାବନାକୁ ନେଇ କଥାକାର ଡ. ବଦ୍ରି ମିଶ୍ରଙ୍କ କାହାଣୀକୁ ହେଉଥିବା ଚଳଚ୍ଚିତ୍ର 'ଆଜିର ରେବତୀ'ର ଟିଜର ଉନ୍ମୋଚିତ ହୋଇଯାଇଛି। ପ୍ରାୟ ୮୦ ବର୍ଷ ତଳେ ପୁରୀର ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ସୀତା ବିବାହ ପରେ ସୁକୁମାର ଗାଙ୍ଗୁଲିଙ୍କ ପତିତପାବନ, କୁନ୍ତଳା କୁମାରୀ ଆଚାର୍ଯ୍ୟଙ୍କ ଅଦିନ ମେଘ, ଜଗନ୍ନାଥ ପ୍ରସାଦ ଭଗତଙ୍କ ନୀଳମାଧବ ଓ ଗାୟତ୍ରୀ ବସୁମଲ୍ଲିକଙ୍କ କାହାଣୀ କାବେରୀ ଚଳଚ୍ଚିତ୍ର ହୋଇଥିବାବେଳେ ପୁରୀର କାହାଣୀକାର ଡ. ବଦ୍ରି ମିଶ୍ରଙ୍କ କାହାଣୀକୁ ନେଇ ଚଳଚ୍ଚିତ୍ର ଆଜିର ରେବତୀ ଆରମ୍ଭ ହୋଇଛି। ଏହାର ସଂଳାପ ଓ ଚିତ୍ରନାଟ୍ୟ ଲେଖିଛନ୍ତି ପୁରୀର ଶ୍ୟାମାପ୍ରସାଦ ମିଶ୍ର। ଭୁବନେଶ୍ୱରସ୍ଥ ରେଲୱେ ହଲ୍‌ରେ ଆୟୋଜିତ ଉତ୍ସବରେ ଏହି ଚଳଚ୍ଚିତ୍ରର ପ୍ରଯୋଜକ ରମେଶ ବାରିକ୍, ନିର୍ଦ୍ଦେଶକ ଶୁଭ୍ରାଂଶୁ ଦାସ, ସଂଳାପକାର ଶ୍ୟାମାପ୍ରସାଦ ମିଶ୍ର, କାହାଣୀକାର ବଦ୍ରି ମିଶ୍ର, ଚିତ୍ରନାଟ୍ୟ ଲେଖକ ସୁଶାନ୍ତ ମଣି, ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦଙ୍କ ସମେତ ଅର୍ଚ୍ଚିତା ସାହୁ, ଭୂମିକା, ଶିବାନୀ, ଦିବ୍ୟା, ପୁଷ୍ପା ପଣ୍ଡା, ସୁକାନ୍ତ ରଥ, ଶୀତଲ୍, ବୋନି ସେନଗୁପ୍ତ ପ୍ରମୁଖ କଳାକାର ଉପସ୍ଥିତ ଥିଲେ। ଆଗାମୀ ଦୁର୍ଗାପୂଜାରେ ରେବତୀ ମୁକ୍ତିଲାଭ କରିବ ବୋଲି ଘୋଷଣା ହୋଇଛି।

## କମ୍ୟୁନିଟି ସଦସ୍ୟ ଚୟନକୁ ନେଇ ବିବାଦ

**ଅସ୍ତରଙ୍ଗ,୨୬।୭ (ପ୍ରଦୀପ୍ତ କୁମାର ଦୀକ୍ଷିତ)**

ଲୋକେ ପ୍ରକୃତିକୁ ମନଭରି ଉପଭୋଗ କରିବାକୁ ଅସ୍ତରଙ୍ଗ ଗଙ୍ଗାଦେବୀ ପୀଠରେ ବନବିଭାଗ ଦ୍ୱାରା ନିର୍ମିତ ହୋଇଛି ମ୍ୟାନଗ୍ରୋଭ ରି -ଟ୍ରିଟ୍। କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ଗଙ୍ଗାଦେବୀ ବେଳାଭୂମି ନିକଟରେ ଅତ୍ୟାଧୁନିକ ଆକର୍ଷଣୀୟ ୧୦ଟି ଶୀତତାପ ନିୟନ୍ତ୍ରିତ ମ୍ୟାନଗ୍ରୋଭ ରି-ଟ୍ରିଟ୍ ଭଳି ଅତ୍ୟାଧୁନିକ ଆକର୍ଷଣୀୟ ନେଚର କ୍ୟାମ୍ପ ନିର୍ମାଣ କରାଯାଇଛି। ଯାତ୍ରୀଙ୍କୁ ସବୁପ୍ରକାର ସୁବିଧା ସୁଯୋଗ ଯୋଗାଇଦେବାକୁ ଏହା ମଧ୍ୟରେ କିଛି ବ୍ୟକ୍ତିବିଶେଷଙ୍କୁ ନେଇ ବିଭିନ୍ନ ପ୍ରକାର କାର୍ଯ୍ୟ ଯେପରି କି, ବୁକିଂ ରଖିବା, ରୁମ୍ ସଫା, ହସ୍ପିଟାଲିଟି ସହ ବିଭିନ୍ନ କାର୍ଯ୍ୟ ପାଇଁ ନିୟୋଜିତ ରହିବେ, ସେନେଇ ନିକଟସ୍ଥ ସହନ ପ୍ରାଥମିକ ବିଦ୍ୟାଳୟରେ ଗତ ୨୨ ତାରିଖରେ ଅସ୍ତରଙ୍ଗ ବନାଞ୍ଚଳ ଅଧିକାରିଣୀ ମୋନାଲିସା ମହାପାତ୍ର, ବନପାଳ ସବୀର ସାହୁ, କାଳୀ ଚରଣ ମହାନ୍ତି, ସରପଞ୍ଚ କ୍ଷୀରୋଦ କାଣ୍ଡିଙ୍କ ଉପସ୍ଥିତିରେ ନିକଟସ୍ଥ ସହନ ଗ୍ରାମବାସୀଙ୍କ ଉପସ୍ଥିତିରେ ବୈଠକ ହୋଇଥିଲା। କିନ୍ତୁ ରାଜନୈତିକ ଦୃଷ୍ଟିକୋଣରୁ ୨ ଭାଗ ହୋଇଥିବା ୩୦ ଜଣିଆ କମିଟି ଚୟନ କଷ୍ଟକର ହେବା ସହ ଏକ ଭୋଟିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନାବାଳକ ଭୋଟିଂରେ ସାମିଲ ହେବାକୁ ନେଇ ତୀବ୍ର ଗଣ୍ଡଗୋଳ ହୋଇଥିଲା, ଯାହାକି ଆଲୋଚନା ନିଷ୍ପତ୍ତି ହୋଇପାରି ନ ଥିଲା। ଅସ୍ତରଙ୍ଗ ବନାଞ୍ଚଳ ଅଧିକାରିଣୀ ମହାପାତ୍ର କହିଛନ୍ତି, ସ୍ଥାନୀୟ ସରପଞ୍ଚ କାଣ୍ଡିଙ୍କୁ ତଦନ୍ତ କରିବାକୁ ଦିଆଯାଇଥିଲା, ସେ ତଦନ୍ତ ରିପୋର୍ଟ ଦେଲେନାହିଁ ବୋଲି ୨୬ ତାରିଖରୁ ପୀରଜାହାନିଆ ବନସୁରକ୍ଷା ସମିତିକୁ ପ୍ରଶିକ୍ଷଣ ଦିଆଗଲା, ଯାହାକି ଯାତ୍ରୀ ଆସିଲେ ହସ୍ପିଟାଲିଟି ଯୋଗାଇଦେବ। ଏହି ପ୍ରଶିକ୍ଷଣ ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଦିଆଯିବ। ଅନ୍ୟପଟେ ୨ ଗୋଷ୍ଠୀ ମଧ୍ୟରେ ବିବାଦ ଉପୁଜିଥିବାବେଳେ ଦୀର୍ଘ ସମୟରେ ମ୍ୟାନଗ୍ରୋଭ ରି-ଟ୍ରିଟ୍ ନିକଟରେ ସ୍ଥାନୀୟ ଲୋକେ ଅପେକ୍ଷା କରି ଫେରିଥିଲେ।

## ନିଯୁକ୍ତି ଦାବିରେ ମହିଳାଙ୍କ ବିକ୍ଷୋଭ

**ନିମାପଡ଼ା,୨୬।୭ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)**



ବିଗତ ସରକାର ସମୟରେ ସହରାଞ୍ଚଳରେ ମିଶନ ଶକ୍ତି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମହିଳା ସଂଯୋଜିକା ପଦବୀ ସୃଷ୍ଟି କରାଯାଇଥିଲା। ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ୧୧ଟି ୱାର୍ଡରୁ ମହିଳା ସଂଯୋଜିକା ଚୟନ କରାଯାଇଥିଲା। ୨୦୨୩ ମାର୍ଚ୍ଚରେ ଚୟନ ହୋଇଥିବା ସଂଯୋଜିକାଙ୍କୁ ପ୍ରଶିକ୍ଷଣ ନିମନ୍ତେ ଡକାଯାଇଥିଲା। ଅଗଷ୍ଟରେ ଦ୍ୱିତୀୟ ପ୍ରଶିକ୍ଷଣ ସରିବା ପରେ ନିଯୁକ୍ତି ପତ୍ର ଦିଆଯିବ ବୋଲି ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସୂଚନା ଦିଆଯାଇଥିଲା। ନିଯୁକ୍ତିପତ୍ର ମିଳିବା ପରେ ମାସିକ ବେତନ ବାବଦରେ ୧୦ ହଜାର ଟଙ୍କା ଏବଂ ମହିଳା ଗ୍ରୁପରୁ ୨ ହଜାର ଟଙ୍କା ମୋଟ ୧୨ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ସରକାରୀ ବିଜ୍ଞାପନରେ ପ୍ରକାଶ ପାଇଥିଲା। ଇତି ମଧ୍ୟରେ ଦେଢ଼ ବର୍ଷ ବିତି ଯାଇଥିଲେ ମଧ୍ୟ ଦ୍ୱିତୀୟ ପ୍ରଶିକ୍ଷଣ ଶିବିର କରାଗଲା ନାହିଁ କି ନିଯୁକ୍ତି ପତ୍ର ଦିଆଗଲାନାହିଁ। ଏହି ପ୍ରତିବାଦରେ ଶୁକ୍ରବାର ୧୧ଟି ୱାର୍ଡରୁ ୧୧ ଜଣ ମହିଳା ସଂଯୋଜିକା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଏଥିସହ ନିର୍ବାହୀ ଅଧିକାରୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟ କିରାଣୀ ଅମୀତ ପୁରୋହିତଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଆମ କଥା ସରକାର ନ ବୁଝିଲେ ଆସନ୍ତା ୨୯ ତାରିଖରେ ବିଧାନସଭା ସମ୍ମୁଖରେ ଧାରଣା ଦିଆଯିବ ବୋଲି ସଂଘ କହିଛି। ଏମାନଙ୍କ ସ୍ଥାୟୀ ନିଯୁକ୍ତି ପାଇଁ ବର୍ତ୍ତମାନ ସୁଦ୍ଧା ସରକାରୀସ୍ତରରେ ସେଭଳି କିଛି ନିର୍ଦ୍ଦେଶ ଆସି ନନ ଥିବା ନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ ପ୍ରତିକ୍ରିୟା ରଖିଛନ୍ତି। ରୋଜାଲିନ ପ୍ରଧାନ, ମାନସୀ ସେଠୀ, ସସ୍ମିତା ପଟ୍ଟନାୟକ, ବିଶ୍ୱଜିତା ମହାନ୍ତି, ସରତୀ ଲତା ସାହୁ, ମମତା ସାହୁ, ଶାନ୍ତିଲତା ସାହୁ, ରାଜେଶ୍ୱରୀ ପଟ୍ଟନାୟକ, ସସ୍ମିତା ପଟ୍ଟନାୟକ, ଅମ୍ବିକା ସ୍ୱାଇଁ ଏବଂ ସଂଘମିତ୍ରା ମହାନ୍ତି, ସକୁନ୍ତଳା ମିଶ୍ର ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ମରଣଯନ୍ତା ପାଲଟିଛି ଗଡ଼ଚାନ୍ଦପୁର ଶାଖା କେନାଲ ରାସ୍ତା

**ବଲଙ୍ଗା,୨୬।୭(କେଦାରେଶ୍ୱର ନନ୍ଦ)**

ବଲଙ୍ଗା ଥାନା ଅଧୀନ ଉଚ୍ଛୁପୁର ପଞ୍ଚାୟତ ଅଧୀନ ନୂଆଗାଁ ଡିଷ୍ଟ୍ରିବ୍ୟୁଟାରୀରୁ ବାହାରିଥିବା ଗଡ଼ଚାନ୍ଦପୁର ଶାଖା ଦେଇ ଯାଇଥିବା ବଲଙ୍ଗାରୁ ବାମନାଳ ୧୦ କି.ମି. ରାସ୍ତାର ଉଭୟ ପାର୍ଶ୍ୱ ଗଛ, ଲତାରେ ପରିପୂର୍ଣ୍ଣ। ଯିବା ଆସିବାକୁ ଗୋଟିଏ ପଟୁ ଗୋଟେ ଗାଡ଼ି ଗଲେ ଅପରପାର୍ଶ୍ୱରେ ଆଉ ଗୋଟିଏ ଗାଡ଼ି ଯିବା ଅସମ୍ଭବ ହୋଇପଡୁଛି। ସୂଚନା ମୁତାବକ, ସରକାରଙ୍କ ଦ୍ୱାରା ରାସ୍ତା ସମ୍ପ୍ରସାରଣ, ପୂର୍ତ୍ତ ବିଭାଗ ଏବଂ ଜଳସମ୍ପଦ ବିଭାଗ ପକ୍ଷରୁ ସଫେଇ କରିବାକୁ ଦୃଷ୍ଟି ନ ଦେବାରୁ ଗୁରୁବାର ସନ୍ଧ୍ୟାରେ ଗଡ଼ଚାନ୍ଦପୁର ଗ୍ରାମର ରାସ୍ତା ସଂକୀର୍ଣ୍ଣ ପାଇଁ ଗଡ଼ଚାନ୍ଦପୁର ଗ୍ରାମର ୨ ଜଣ ନାବାଳକଙ୍କର ମୃତ୍ୟୁ ଘଟିଥିଲା। ଉକ୍ତ ଜାଗାରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ନେଇ ଅଞ୍ଚଳବାସୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ବିଭାଗୀୟ ଅଧିକାରୀ ଦୃଷ୍ଟି ଆକର୍ଷଣ ନ କରି ଉଭୟ ପାର୍ଶ୍ୱରେ ଥିବା ଗଛ, ଲତାକୁ ସଫା କରୁ ନ ଥିବା ନେଇ ପ୍ରକାଶ କରିଛନ୍ତି। ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ଅଜୟ ପ୍ରଧାନଙ୍କୁ ପଚାରିବାରେ, ଖୁବ୍‌ଶୀଘ୍ର କାମ ଆରମ୍ଭ ହେବା ନେଇ ସେ କହିଛନ୍ତି।



ଗଛଲତା ଯୋଗୁ ରାସ୍ତା ସଂକୀର୍ଣ୍ଣ ହୋଇପଡିଛି ।

## ହେନ୍ତାଳ ବଣ ସୁରକ୍ଷା ନେଇ ସଚେତନତା

**ଅନ୍ତର୍ଜାତୀୟ ଲୁଣା ଜଙ୍ଗଲ ସଂରକ୍ଷଣ ଦିବସ**

**ଅସ୍ତରଙ୍ଗ,୨୬।୭ (ପ୍ରଦୀପ୍ତ କୁମାର ଦୀକ୍ଷିତ)**

ଅସ୍ତରଙ୍ଗ ସାମୁଦ୍ରିକ ଉପକୂଳରେ ହେନ୍ତାଳ ବଣର ସୁରକ୍ଷା ଓ ସଚେତନତା ନିମନ୍ତେ ଅନ୍ତର୍ଜାତୀୟ ଲୁଣା ଜଙ୍ଗଲ ସଂରକ୍ଷଣ ଦିବସ ଅବସରରେ ଶୁକ୍ରବାର ଅସ୍ତରଙ୍ଗ ବ୍ଲକ ଅଧୀନ ବେଳାଭୂମି ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କୁ ହେନ୍ତାଳ ବଣ ସୁରକ୍ଷା ଓ ସଚେତନତା କରାଯାଇଛି। ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଓ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ମିଳିତ ଉଦ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ପୁରୀ ସହକାରୀ ବନ ସଂରକ୍ଷକ ଅଶୋକ ବେହେରା, ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରମୋଦ ପାଳ, ଛୁରିଅନା ସରପଞ୍ଚ କ୍ଷୀରୋଦ କାଣ୍ଡି, ଶିକ୍ଷକ ତଥା ପରିବେଶବିତ୍ ବିଜୟ ଭଞ୍ଜ, ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ପରିଚାଳନା ଟ୍ରଷ୍ଟି ସୋମ୍ୟରଞ୍ଜନ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଲୁଣା ଜଙ୍ଗଲ କିପରି ଉପକୂଳ ପାଇଁ ସୁରକ୍ଷାର କବଚ ପୁଣି ଅସ୍ତରଙ୍ଗରେ ହସିବ ଲୁଣା ଜଙ୍ଗଲ ଉପରେ ଆଲୋଚନାରେ ଅତିଥିମାନେ ନିଜର ମତାମତ ରଖିବା ସହ ଛାତ୍ରୀଛାତ୍ରଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ଅସ୍ତରଙ୍ଗ ଅଞ୍ଚଳରେ ପୂର୍ବରୁ ଲୁଣା ଜଙ୍ଗଲ ଥାଇ ମୃତ୍ତିକା କ୍ଷୟକୁ ରୋକିବା ସମେତ ପରିବେଶକୁ ସୁରକ୍ଷା ପ୍ରଦାନ କରୁଥିଲା। ଲୁଣା ଜଙ୍ଗଲ ଧ୍ୱଂସ ପାଇବାରେ ବିପଦ ମାଡ଼ିଆସିବା, ଲୁଣା ଜଙ୍ଗଲ ରହିଲେ ମାଛ, କଙ୍କଡ଼ା ପରି ଜଳ ଜୀବ ବଂଶ ବୃଦ୍ଧି କରିପାରିବେ, ଅଣୁ ପରମାଣୁ ଭଳି ମୃତ୍ତିକା କ୍ଷୟ ରୋକିବାରେ ସହାୟକ ହେବା ସହ ପ୍ରାକୃତିକ ବିପଦକୁ ପ୍ରତିରୋଧ କରିପାରିବ ବୋଲି ଅତିଥି ମତ ରଖିଥିଲେ। ଏହାସହ ଅଞ୍ଚଳର ୪ଟି ସମ୍ବେଦନଶୀଳ ଲୁଣା ଜଙ୍ଗଲ କ୍ଷୟ ଗାଁଗୁଡ଼ିକରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଇଥିଲା। ବିଭିନ୍ନ ଗ୍ରାମରେ ଗୀତ ଓ କୁନି ପିଲାଙ୍କ ଅଭିନୟ ମାଧ୍ୟମରେ ଲୁଣା ଜଙ୍ଗଲ, ଉପକୂଳ ଜୀବନ ଜୀବିକା ଭୂମିକା, ଜଳବାୟୁ ପରିବର୍ତ୍ତନ, ଏହାର ଭୂମିକା ଏହାପ୍ରତି ରହିଥିବା ବିପଦ, ଉପକୂଳ ଅଞ୍ଚଳର ଭବିଷ୍ୟତ ପାଇଁ ଏହାର ଆବଶ୍ୟକତା ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହାସହ ଶିଶୁଆ ପଞ୍ଚାୟତ ଅଧୀନ କେଉଟଜଙ୍ଘା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଲୁଣା ଜଙ୍ଗଲ ସଂରକ୍ଷଣ ଦିବସ ପାଳନ ହୋଇଯାଇଛି। ଅତିଥି ଭାବେ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିସା ମହାପାତ୍ର, ୟୁନିସେଫ କର୍ମକର୍ତ୍ତା, ବନପାଳ କାଳୀଚରଣ ମହାନ୍ତି ଉପସ୍ଥିତ ରହି ସ୍ଥାନୀୟ ଅଞ୍ଚଳ ମହିଳା, ପୁରୁଷଙ୍କୁ ଲୁଣା ଜଙ୍ଗଲ ସଂରକ୍ଷଣ ସମ୍ପର୍କରେ ସଚେତନତା କରାଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

## ସଂକ୍ଷେପରେ

### ଦୁର୍ନୀତିର ତଦନ୍ତ ପାଇଁ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ

**ନିଶ୍ଚିନ୍ତକୋଇଲି,୨୬।୭(ଅଶୋକ କୁମାର ମହାପାତ୍ର):** କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ତିଳକଣା ପଞ୍ଚାୟତରେ ହୋଇଥିବା ଦୁର୍ନୀତିର ତଦନ୍ତ ଜୁଲାଇ ୩୦ରେ କରାଯିବ। ଏନେଇ ଲୋକାୟୁକ୍ତଙ୍କ ପତ୍ର (ନଂ. ୫୦୯୨/ ୨୪।୭।୨୦୨୪)ରେ ଅଭିଯୋଗକାରୀଙ୍କୁ ସୂଚନା ଦିଆଯାଇଛି। ଲୋକାୟୁକ୍ତଙ୍କ ଯୁଗ୍ମ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁଯାୟୀ, ଏକ ସ୍ୱତନ୍ତ୍ର ଟିମ୍ ପଞ୍ଚାୟତରେ ହୋଇଥିବା ବିଭିନ୍ନ ଦୁର୍ନୀତିର ତଦନ୍ତ କରିବ। ଏନେଇ ଲୋକାୟୁକ୍ତରେ ଏଲ୍ୱାଇ ନଂ. ୩୦୭/୨୦୨୩ରେ ଏକ ମାମଲା ରୁଜୁ ହୋଇଥିଲା। ତିଳକଣା ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ନିର୍ମାଣରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ସ୍ଥାନୀୟ ଓଡ଼ଙ୍ଗିପୁର ଗ୍ରାମର ଜଗବନ୍ଧୁ ମଲିକ ରାଜ୍ୟ ଲୋକାୟୁକ୍ତଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ।

### ଏସ୍‌ସିବିରୁ ପୁଣି ୨ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ

**କଟକ,୨୬।୭(ଶିଳ୍ପା ପ୍ରିୟଦର୍ଶିନୀ):** କଟକରୁ ପୁଣି ୨ ଜଣ ଡେଙ୍ଗୁ ଆକ୍ରାନ୍ତ ଶୁକ୍ରବାର ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟ ଜଣେ ଡାକ୍ତରୀ ଛାତ୍ର ଓ ଅନ୍ୟ ଜଣେ ମେଡିକାଲ ପରିସରରେ ଥିବା ଜଣାପଡିଛି। ସେମାନଙ୍କ ରକ୍ତ ନମୁନା ପରୀକ୍ଷା ପରେ ଡେଙ୍ଗୁ ପଜିଟିଭ ଥିବା ଜଣାପଡିଥିଲା। ଏନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମକରନ୍ଦ ବେଉରା କହିଛନ୍ତି, ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ଏସ୍‌ସିବିରୁ ଏବେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସୂଚନାଯୋଗ୍ୟ, କଟକ ଜିଲାରେ ୪୪ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ କଟକ ସହରର ୩୪ ଓ ଅନ୍ୟ ଅଞ୍ଚଳର ୧୦ ଜଣ ଅଛନ୍ତି।

### ମହିଳାଙ୍କୁ ଅସଦାଚରଣ: ଯୁବକ ଗିରଫ

**ସାଲେପୁର,୨୬।୭(ଅରବିନ୍ଦ ଭୂୟାଁ):** ଜଣେ ମହିଳାଙ୍କୁ ଅସଦାଚାରଣ କରିବା ଅଭିଯୋଗରେ ସାଲେପୁର ପୋଲିସ ଶୁକ୍ରବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଚନ୍ଦ୍ରାଦେଇପୁର ଗ୍ରାମର ଘନଶ୍ୟାମ ଗୋଚ୍ଛାୟତ ଓରଫ୍ କାଳିଆ। ଏନେଇ ପୀଡ଼ିତାଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା (ନଂ.୩୧୦/୨୪) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, କିଛି ଦିନ ପୂର୍ବେ ସାଲେପୁର ହାଟ ନିକଟକୁ ସମ୍ପୃକ୍ତ ମହିଳା ପରିସ୍ରା କରିବାକୁ ଯାଇଥିବାବେଳେ ଅଭିଯୁକ୍ତ କାଳିଆ ତାଙ୍କ ସହ ଅସଦାଚରଣ କରିଥିଲେ। ଏନେଇ ମହିଳା ଜଣକ ଚିତ୍କାର କରିବାରୁ କାଳିଆ ସେଠାରୁ ଖସି ପଳାଇଥିଲେ। ଶୁକ୍ରବାର ଏକ ବସ୍ ଯୋଗେ କାଳିଆ ଚେନ୍ନାଇ ପଳାଇଯିବାକୁ ଉଦ୍ୟମ କରୁଥିବାବେଳେ ଶିଶୁଆ ବଜାର ନିକଟରୁ ସ୍ଥାନୀୟ ଯୁବକଙ୍କ ସହାୟତାରେ ପୋଲିସ ତାଙ୍କୁ ଧରିବାକୁ ସକ୍ଷମ ହୋଇଛି। ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ କାଳିଆ ପୂର୍ବରୁ ବହୁବାର ଜେଲ୍ ଯାଇଥିବା ପୋଲିସ କହିଛି।

# ନଦୀବନ୍ଧ ଦୁର୍ବଳ: ଲୋକେ ଭୟଭୀତ

**ନିଶ୍ଚିନ୍ତକୋଇଲି,୨୬।୭(ଅଶୋକ କୁମାର ମହାପାତ୍ର)**

■ ବିଭାଗୀୟ ଅଧିକାରୀ ନେଉନାହାନ୍ତି ପଦକ୍ଷେପ
■ ଆନ୍ଦୋଳନ ଚେତାବନୀ


ଲୁଣା ନଦୀବନ୍ଧରେ ସୃଷ୍ଟି ହୋଇଥିବା ଫାଟ।

ବନ୍ଧ ମରାମତି କରିବା ବିଭାଗୀୟ ଅଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ମାତ୍ର ଦୁର୍ବଳ ନଦୀବନ୍ଧ ମରାମତି ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏନେଇ ବନ୍ଧ ଉପକୂଳରେ ଥିବା ଲୋକମାନେ ଆତଙ୍କିତ ହୋଇପଡ଼ିଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ୍‌ରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଏଠାରେ ଲୁଣା, ଚିତ୍ରୋତ୍ପଳା ଓ ମହାନଦୀ ଭଳି ୩ଟି ବଡ ନଦୀ ପ୍ରବାହିତ ହେଉଛି। ବିଗତବର୍ଷ ଲୁଣା ଓ ଚିତ୍ରୋତ୍ପଳାରେ ୨ଟି ଘାଇ ହୋଇଥିଲା। ନଦୀବନ୍ଧର ମରାମତି ସହ ପଥର ପ୍ୟାକିଂ କରିବା ନିମନ୍ତେ ସରକାର ଜଳ ସମ୍ପଦ ବିଭାଗ ମାଧ୍ୟମରେ ବହୁ କୋଟି ଟଙ୍କା ବିନିଯୋଗ କରୁଛନ୍ତି। ଏପରିସ୍ଥିତିରେ ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ଗ୍ରାମପଞ୍ଚାୟତ ସାଧକନଗରଠାରେ ଲୁଣା ନଦୀ ବନ୍ଧ ବିପଦ ସଙ୍କୁଳ ଅବସ୍ଥାରେ ରହିଥିବାର ଅଭିଯୋଗ ହୋଇଛି। ଏହାର ପ୍ରତିକାର ଦିଗରେ ଜଳ ସମ୍ପଦ ବିଭାଗ ତରଫରୁ କୌଣସି ସମୁଚିତ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା କାରଣରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ମାହାଙ୍ଗା ନିର୍ବାଚନମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ଗ୍ରାମପଞ୍ଚାୟତ ଦେଇ ଲୁଣାନଦୀ ପ୍ରବାହିତ ହେଉଅଛି। ଏହି ନଦୀ ବନ୍ଧର ରକ୍ଷଣାବେକ୍ଷଣ ଦାୟିତ୍ୱ କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧୀନରେ ରହିଛି। ଲୁଣାନଦୀର ବାମପାର୍ଶ୍ୱରେ ଥିବା ବୁହାଲୋ ଗ୍ରାମପଞ୍ଚାୟତ ସାଧକନଗର ଠାରେ ଏକାଧିକ ସ୍ଥାନରେ ନଦୀବନ୍ଧ ଦୁର୍ବଳ ରହିଥିବାର ଅଭିଯୋଗ ହୋଇଛି। ଏପରିକି ଏଠାରେ ଏକାଧିକ ବଡ଼ ଗର୍ତ୍ତ ଦେଖିବାକୁ ମିଳିଛି। ଗତ କିଛି ଦିନ ହେଲା ଲୁଣାନଦୀରେ ଜଳସ୍ତର ବୃଦ୍ଧିପାଇବାରେ ଲାଗିଛି। ସୂଚନାଯୋଗ୍ୟ, ପ୍ରତିବର୍ଷ ବନ୍ୟା ଆସିଲେ ଏଠାରେ ନଦୀରେ ଘଳିଆ ପଡୁଥିବାର ନଜିର ରହିଛି। ଏକାଧିକ ଗର୍ତ୍ତ ସୃଷ୍ଟି ହେବା ସହ ନଦୀ ବନ୍ଧରେ ମଧ୍ୟ ଫାଟ ସୃଷ୍ଟି ହୋଇଛି। ଏହାର ପ୍ରତିକାର ଦିଗରେ ଜଳ ସମ୍ପଦ ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ନଦୀରେ ଜଳସ୍ତର ବୃଦ୍ଧିପାଉଥିବା କାରଣରୁ ଲୋକେ ଚିନ୍ତାବ୍ୟକ୍ତ କରିଛନ୍ତି। ଏଠାରେ ଘାଇ ସୃଷ୍ଟି ହେଲେ ନିଶ୍ଚିନ୍ତକୋଇଲି ବ୍ଲକର କେନ୍ଦୁପାଟଣା, ବୁହାଲୋ, ସରପଡା, ନିଶ୍ଚିନ୍ତକୋଇଲି, ବାଲିଆପଦା, ସରପଡା, ନଟକାଇ, ରାମକୃଷ୍ଣପୁର, ବଡ଼କ୍ଷୀର, କଟରପଡା, କେଣ୍ଟାଲୋ, ଅସୁରେଶ୍ୱର, କଟିକଟା ସମେତ ମାହାଙ୍ଗା ବ୍ଲକର ଗୋଠରା, ଉମର, ନାହାଙ୍ଗ, ଭଦ୍ରେଶ୍ୱର,ଗୋପାଳପୁର ପ୍ରଭୃତି ବହୁ ପଞ୍ଚାୟତର ଶତାଧିକ ଲୋକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ପ୍ରଶାସନ ତରଫରୁ ତୁରନ୍ତ ବିପଦସଙ୍କୁଳ ନଦୀବନ୍ଧକୁ ମରାମତି କରାଯିବା ନିମନ୍ତେ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ସ୍ଥାନୀୟ ଲୋକେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ମଲିକଙ୍କୁ ପଚାରିବାରୁ ଏହାର ତଦନ୍ତ କରି ଆବଶ୍ୟକୀୟ ପଦକ୍ଷେପ ନେବେ ବୋଲି କହିଛନ୍ତି।

# ଦାଦାବଟି ପାଇଁ ବାଲିଘାଟ ରାସ୍ତା କାଟିଦେଲେ



**ନିଶ୍ଚିନ୍ତକୋଇଲି,୨୬।୭ (ଅଶୋକ କୁମାର ମହାପାତ୍ର)**

**ଥାନାରେ ଅଭିଯୋଗ**

ନିଶ୍ଚିନ୍ତକୋଇଲି ବ୍ଲକ ପାଳଦା ବାଲିଘାଟକୁ କେନ୍ଦ୍ର କରି ନିଲାମଧାରୀ ଓ ଗ୍ରାମର କେତେଜଣ ବ୍ୟକ୍ତିଙ୍କ ମଧ୍ୟରେ ବିବାଦର ସୂତ୍ରପାତ ହୋଇଛି। ଏ ସମ୍ପର୍କରେ ସମ୍ପୃକ୍ତ ନିଲାମଧାରୀ ନେମାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଉପରେ ପୋଲିସ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା କାରଣରୁ ଆଗାମୀ ଦିନରେ ଏଠାରେ ବିବାଦର ସୂତ୍ରପାତ ହେବା ଆଶଙ୍କା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲି ବ୍ଲକ ଚିତ୍ରୋତ୍ପଳା ନଦୀକୂଳରେ ଥିବା ପାଳଦା ବାଲିଘାଟକୁ ସରକାରଙ୍କ ତରଫରୁ ନିଲାମ ଦିଆଯାଇଥିଲା। ମାତ୍ର ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ନିଲାମଧାରୀଙ୍କୁ ମୋଟା ଅଙ୍କର ଦାଦାବଟି ମାଗିଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ନିଲାମଧାରୀ ଦାଦାବଟି ଦେଇପାରିବେ ନାହିଁ ବୋଲି କହିବାରୁ ସ୍ଥାନୀୟ ଗ୍ରାମର କେତେଜଣ ବ୍ୟକ୍ତି ଯୋଜନାବଦ୍ଧଭାବେ ବାଲିଘାଟର ରାସ୍ତାକୁ କାଟି ଦେଇଥିଲେ। ଫଳରେ ବାଲିଘାଟକୁ କୌଣସି ଗାଡ଼ି ଯାଇପାରୁନାହିଁ। ଏପରିକି ନିଲାମଧାରୀ ଲକ୍ଷାଧିକ ଟଙ୍କା ଦେଇ ନିଲାମ ନେଇଥିଲେ ମଧ୍ୟ ବିବାଦର ସୂତ୍ରପାତ ହେତୁ ବାଲି ଉଠାଇ ପାରୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ସେମାନଙ୍କୁ ଆର୍ଥିକ କ୍ଷତି ସହିବାକୁ ପଡୁଛି ବୋଲି ନିଲାମଧାରୀ ସନ୍ତୋଷ କୁମାର ମହାପାତ୍ର ନେମାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏହି ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାର ମହାପାତ୍ର କହିଛନ୍ତି। ଏ ସମ୍ପର୍କରେ ନେମାଳ ଥାନା ଅଧିକାରୀ ସୁଶୀଲ କୁମାର ନାୟକ କହିଛନ୍ତି ଯେ ମୁଁ ଛୁଟିରେ ଥିଲି ଆଜି ଆସିଛି , ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।


ଓଡ଼ିଶା ହାଇକୋର୍ଟର ୭୭ତମ ପ୍ରତିଷ୍ଠା ଦିବସ ଅବସରରେ ଶୁକ୍ରବାର କଟକସ୍ଥିତ ଓଡ଼ିଶା ଜୁଡିସିଆଲ ଏକାଡେମୀ ସମ୍ମିଳନୀ କକ୍ଷରେ ମଞ୍ଚସ୍ଥ ନାଟକ ଶହୀଦ ଲକ୍ଷ୍ମଣ ନାଏକର ଏକ ଦୃଶ୍ୟ।

# ରାସ୍ତାରେ କୁକୁର ଦୌରାତ୍ମ୍ୟ

**କଟକ ସଦର,୨୬।୭(ସୁଶାନ୍ତ କୁମାର ଜେନା)**

**ଥାନାରେ ଏତଲା**

କନ୍ଦରପୁର ଥାନା ଅନ୍ତର୍ଗତ ନାହାଭଙ୍ଗା–ଅଥଙ୍ଗା ପ୍ରଧାନମନ୍ତ୍ରୀ ସଡ଼କରେ ବୁଲା କୁକୁରଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଫଳରେ କଟକ ସଦର ବ୍ଲକ, ଜଗତ୍‌ସିଂହପୁର ଜିଲାର ବାଇକ ଓ ସାଇକେଲ ଆରୋହୀମାନେ କୁକୁର କାମୁଡାରେ ଆହତ ହେଉଛନ୍ତି। ଗତ ଏକ ମାସ ମଧ୍ୟରେ କୁକୁର ଆକ୍ରମଣ ଭୟରେ ୧୧ଜଣ ଭାରସାମ୍ୟ ହରାଇ ବାଇକ୍‌ରୁ ପଡି ଆହତ ହୋଇଛନ୍ତି। ତୁରନ୍ତ ଉକ୍ତ ଅଞ୍ଚଳରୁ କୁକୁରଙ୍କୁ ହଟାଇ ନିଆଯିବା ପାଇଁ ପଦକ୍ଷେପ ନେବାକୁ କନ୍ଦରପୁର ଥାନାରେ ସ୍ଥାନୀୟ ଲୋକେ ଏତଲା ଦେଇଛନ୍ତି। ବିଦ୍ୟୁତ୍ ବିଭାଗ ସ୍କ୍ୱାଡ୍ ଆସିଲେ ଘରେ ପୂରାଇ ନ ଦେବା ପାଇଁ କେତେଜଣ ପ୍ରଭାବଶାଳୀ ଲୋକ କୁକୁର ପାଳିଥିବା ଏତଲାରେ ଦର୍ଶାଯାଇଛି। ଉକ୍ତ ରାସ୍ତା ପରମହଂସ ଓ କନ୍ଦରପୁର ପଞ୍ଚାୟତ ଦେଇଯାଇଛି। ବୁଲା କୁକୁରଙ୍କୁ ଅନ୍ୟତ୍ର ଛାଡ଼ିବା ଦାୟିତ୍ୱ ସରପଞ୍ଚଙ୍କ କ୍ଷମତା ପରିସରଭୁକ୍ତ ବୋଲି ଓଡ଼ିଶା ଗ୍ରାମପଞ୍ଚାୟତ ନିୟମରେ ଉଲ୍ଲେଖ ରହିଛି। ଏହି ଘଟଣା ସମ୍ପର୍କରେ ରାଜ୍ୟ ମାନବାଧିକାର କମିଶନ, କଟକ ଡିସିପି, ସରପଞ୍ଚ ଓ ବିଡିଓଙ୍କୁ ସ୍ମାରକପତ୍ର ଜରିଆରେ ଜଣାଇ ଦିଆଯାଇଛି। କୁକୁରଙ୍କ ସମ୍ପର୍କରେ ସରପଞ୍ଚଙ୍କୁ ଅବଗତ କରାଯାଇଛି ବୋଲି କନ୍ଦରପୁର ଥାନା ଅଧିକାରୀ ରାଧାକାନ୍ତ ସାହୁ କହିଛନ୍ତି।

# ଓଲଟିଲା ଇଟା ବୋଝେଇ ମିନି ଟ୍ରକ୍: ଜଣେ ମୃତ

**ବାରଙ୍ଗ,୨୬।୭(ଲିଙ୍ଗରାଜ ରାଉତ)**

**୪ ଗୁରୁତର**

ଚନ୍ଦକା– ପିତାପଲ୍ଲୀ ରାସ୍ତାର ମେଣ୍ଢାଶାଳ ବଜାର ପୂର୍ବରୁ ପଞ୍ଚବଟି ହୋଟେଲଠାରେ ଶୁକ୍ରବାର ଏକ ମିନି ଟ୍ରକ୍ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଛି। ଫଳରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ଚାଳକ ସହ ୩ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ଚାଳକଙ୍କୁ ଗୁରୁତର ଅବସ୍ଥାରେ ରାଜଧାନୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ ମିନିଟ୍ରକ୍‌କୁ ଜବତ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଗୋଠପାଟଣା ଗ୍ରାମରୁ ଏକ ମିନିଟ୍ରକ୍ (ଓଡି୦୨–ସିଏଚ–୧୬୬୫) ଇଟା ନେଇ ଛତାବର ଆସୁଥିଲା। ଦ୍ରୁତଗତିରେ ଆସୁଥିବାବେଳେ ମିନି ଟ୍ରକ୍‌ର ଡାହଣ ପଟ ପଛ ଚକ ଫାଟିଯିବାରୁ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ସେହି ସମୟରେ ଇଟା ଉପରେ ବସିଥିବା ବାପି ନାୟକ ନାମକ ଶ୍ରମିକ ଡେଇଁ ପଡ଼ିବାରୁ ଗାଡ଼ି ତଳେ ଚାପିହୋଇ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଇଟା ଉପରେ ବସିଥିବା ମୟୂରଭଞ୍ଜର ଅନ୍ୟ ୩ ଜଣ ଶ୍ରମିକ ଛିଟିକି ହୋଇ ରାସ୍ତା ଉପରେ ପଡ଼ିଥିଲେ। ଗାଡ଼ିଟି ଓଲଟିବାରୁ ବୋଝେଇ ହୋଇଥିବା ଇଟା ସବୁ ରାସ୍ତା ଉପରେ ବିଛାଡ଼ି ହୋଇପଡ଼ିଥିଲା। ମେଣ୍ଢାଶାଳ ଫାଣ୍ଡି ପୋଲିସ ପହଞ୍ଚି ପିସିଆର୍ ଯୋଗେ ଆହତଙ୍କୁ ଚିକିତ୍ସା ପାଇଁ ମେଣ୍ଢାଶାଳ ସ୍ୱାସ୍ଥକେନ୍ଦ୍ରକୁ ନେଇଥିଲେ। ଟାଙ୍ଗି ଥାନା ଅଧୀନ କୁହୁଡି ଅଞ୍ଚଳର ଅନିଲ ନାୟକ ନାମକ ଚାଳକଙ୍କ ଅବସ୍ଥା ଗୁରୁତର ଥିବା ସହ ତାଙ୍କ ଅଣ୍ଟାରେ ଶକ୍ତ ଆଘାତ ଲାଗିଥିବାରୁ ଚିକିତ୍ସା ପାଇଁ ତାଙ୍କୁ ରାଜଧାନୀ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ପାଣି ଜମି ଅସ୍ୱାସ୍ଥ୍ୟକର ପରିବେଶ

**ବାଙ୍କୀ, ୨୬।୭ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ଡମପଡ଼ା ଗୋପାଳପୁର ପଞ୍ଚାୟତର ଅନେକ ଅଞ୍ଚଳରେ ବର୍ଷ ସାରା ପାଣି ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଏନେଇ ବିଭିନ୍ନ ରୋଗ ବ୍ୟାପିବାର ଆଶଙ୍କା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଆଇନଜୀବୀ ପ୍ରଦୀପ କୁମାର ପଟ୍ଟନାୟକ ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପ୍ରତିକାର ନିଆଯାଇନାହିଁ । ତହସିଲଦାର ବିଡିଓ, ଉପଜିଲାପାଳ ଏ ସମ୍ପର୍କରେ ତ୍ୱରିତ ପଦକ୍ଷେପ ନେବାକୁ ଦାବି ହୋଇଛି।

# ଦୀପଦାନ, କ୍ୟାଣ୍ଡେଲ ଶୋଭାଯାତ୍ରାରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**କଟକ/ଫୁଲନଖରା/କଟକ ସଦର, ୨୬।୭(ଶିଳ୍ପା ପ୍ରିୟଦର୍ଶିନୀ/ ସତ୍ୟରଞ୍ଜନ ଦାସମହାପାତ୍ର/ ସୁଶାନ୍ତ କୁମାର ଜେନା)**

ଭାଜପା କଟକ ନଗର ପକ୍ଷରୁ କାର୍‌ଗିଲ ବିଜୟ ଦିବସ କଟକ କିଲ୍ଲା ପଡିଆ ନିକଟ ଶହୀଦ ସ୍ମାରକୀଠାରେ ଶୁକ୍ରବାର ପାଳିତ ହୋଇଯାଇଛି। ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ, ଯୁବମୋର୍ଚ୍ଚା ସଭାପତି ହରିଚନ୍ଦନ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହୀଦଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଏକ ମଶାଲ ଶୋଭାଯାତ୍ରା କିଲ୍ଲା ପଡିଆଠାରୁ ବାହାରି କ୍ୟାଣ୍ଟନମେଣ୍ଟ ଦେଇ ନୂଆପାଟଣାସ୍ଥିତ ଶହୀଦ ପାର୍କଠାରେ ପହଞ୍ଚିଥିଲା। ସେଠାରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିବେକାନନ୍ଦ ନାୟକ, ରଶ୍ମିରେଖା ଦାସ, ମନୋଜ ପତି, ନିଶିକାନ୍ତ ଜେନା, ସନ୍ଦୀପ ବିଶ୍ୱାଳ, ଯୋଗେନ୍ଦ୍ର ବେହେରା, ଶରତ ଭୋଳ, ମହମ୍ମଦ ସବୀର, କାମାକ୍ଷା ପ୍ରସାଦ ମିଶ୍ର, ଜ୍ୟୋତି ପ୍ରକାଶ ମଲ୍ଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। କଟକ–ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥର ଫୁଲନଖରା ଛକରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ନିକଟରେ ନେତାଜୀ ସୁଭାଷ ସ୍ମୃତି ସଂସଦ ପକ୍ଷରୁ କାର୍‌ଗିଲ ବିଜୟ ଦିବସ ଶୁକ୍ରବାର ପାଳିତ ହୋଇଛି। ଏଥିରେ ନେତାଜୀ ସୁଭାଷ ସ୍ମୃତି ସଂସଦ ସମ୍ପାଦକ ମାନସ ରଞ୍ଜନ ପଣ୍ଡା, ସାମାଜିକ କର୍ମୀ ନିରଞ୍ଜନ ସାହୁ, ପ୍ରଦୀପ ବେହେରା, ଦୀପକ ସାହୁ, ସୁକାନ୍ତ ସାହୁ, ସୁରଞ୍ଜନ ପାଢୀ, ପ୍ରସନ୍ନ ଦାସ, ଦୀପକ ଭୋଳ, ପରେଶ ଦାସ, ମନୋଜ ପଟ୍ଟନାୟକ, ରଜତ ମଲ୍ଲିକ ପ୍ରମୁଖ ଯୋଗଦେଇ କାର୍‌ଗିଲ ଯୁଦ୍ଧରେ ଶହୀଦ ହୋଇଥିବା ବୀର ଯବାନଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିଥିଲେ। ସେହିପରି କାର୍‌ଗିଲ ବିଜୟ ଦିବସ ଅବସରରେ କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁରଠାରେ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲା। ପରେ ଆୟୋଜିତ ସଭାରେ କୃଷକ ମୋର୍ଚ୍ଚା ଉପସଭାପତି ହୃଷୀକେଶ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତିଭା ଶତପଥୀ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ମହାଳି, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଯୋଗେନ୍ଦ୍ର ଭୋଇ, ମଣ୍ଡଳ ସଭାପତି ଅଭୟ ସ୍ୱାଇଁ, ପୀୟୂଷ ରଞ୍ଜନ ପରିଡ଼ା, ଗୋକୁଳ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।



କନ୍ଦରପୁରଠାରେ ଆୟୋଜିତ କ୍ୟାଣ୍ଡେଲ ଶୋଭାଯାତ୍ରା।

# ଆଳୁ ଦର ସକାଳେ ୭୦, ସନ୍ଧ୍ୟାରେ ୪୦

**ସରକାରୀ ନିର୍ଦ୍ଦେଶନାମା ନ ଥିବା କହିଲେ ଯୋଗାଣ ଅଧିକାରୀ**

**ନିଶ୍ଚିନ୍ତକୋଇଲି,୨୬।୭ (ଅଶୋକ କୁମାର ମହାପାତ୍ର)**


ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟ।

କଟକ ଜିଲା ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟରେ ଆଳୁ କିଲୋ ଆକାଶ ଛୁଆଁ ହୋଇଛି। ଶୁକ୍ରବାର ସକାଳୁ ଆଳୁ କିଲୋପ୍ରତି ୭୦ ଟଙ୍କା ଥିବା ବେଳେ ମଧ୍ୟାହ୍ନରେ ୫୦ ଓ ସନ୍ଧ୍ୟାରେ ୪୦ ଟଙ୍କା ରହିଛି। ମୁନଫାଖୋର ବ୍ୟବସାୟୀମାନେ ଚଢା ଦାମରେ ଛୋଟ ବ୍ୟବସାୟୀଙ୍କୁ ଆଳୁ ବିକ୍ରି କରୁଥିବାରୁ ଖୁଦ୍ର ବ୍ୟବସାୟୀମାନେ ଗ୍ରାହକଙ୍କୁ ଚଢାଦାମରେ ଆଳୁ ବିକୁଛନ୍ତି ବୋଲି ଜଣେ ଖୁଦ୍ର ବ୍ୟବସାୟୀ ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ପର୍ଯ୍ୟାପ୍ତ ପରିମାଣର ଆଳୁ ଗଚ୍ଛିତ ଥିଲେ ମଧ୍ୟ ବେପାରୀମାନେ ଆଳୁର କୃତ୍ରିମ ଅଭାବ ସୃଷ୍ଟି କରୁଛନ୍ତି। ସେମାନେ ହାଟର ଆଖପାଖ ଅଞ୍ଚଳରେ ଛୋଟ ଗୋଦାମ କରି ଆଳୁ ଜମା ରଖୁଛନ୍ତି। ମୁଖ୍ୟ ଗୋଦାମରେ ଆଳୁ ନ ଥିବା ଦେଖାଇ ଚଢ଼ାଦାମରେ ବିକ୍ରି କରୁଛନ୍ତି। କେବଳ ଆଳୁ ନୁହେଁ ବାହାରୁ ଆମଦାନୀ ହେଉଥିବା ବିଭିନ୍ନ ପରିବାର ଦର ମଧ୍ୟ ଆକାଶ ଛୁଆଁ ହୋଇଛି। ଏ ସମ୍ପର୍କରେ ଖାଉଟି ଲକ୍ଷ୍ମୀଧର ଦାସ କୁହନ୍ତି ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ଆଳୁ ହେଉଛି ମୁଖ୍ୟ ପରିବା। କିଛି ପାଳି ହେବ ଆଳୁ ଓ ପିଆଜ ଦର ବଢି ଚାଲିଛି। ଆଜି ଗୋଟାଏ ଦିନରେ ୩ ପ୍ରକାର ଦର ଦେଖିବାକୁ ମିଳିଛି। ଏଥିପ୍ରତି ସରକାର ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।

ଶୁକ୍ରବାର ପୂର୍ବାହ୍ନରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟିକଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଳୁ ଦର ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେବା ସହ ମୁନଫାଖୋର ବ୍ୟବସାୟୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଏ ସମ୍ପର୍କରେ ଯୋଗାଣ ଅଧିକାରୀ କେଦାରନାଥ ପ୍ରଧାନଙ୍କୁ ପଚାରିବାରେ, ମନ୍ତ୍ରୀଙ୍କ ବିବୃତି ସମ୍ପର୍କରେ ସେ ଜାଣିନାହାନ୍ତି। ଆଳୁର ଦର ନେଇ କୌଣସି ସରକାରୀ ନିର୍ଦ୍ଦେଶନାମା ଆସିନାହିଁ। ଶୁକ୍ରବାର ସକାଳେ କଟକ ମାଲଗୋଦାମ ଓ କୋଲଡ୍ ଷ୍ଟୋରଗୁଡ଼ିକ ତଲାସି କରାଯାଇଛି। ଯାହା ଆଳୁ ଗଚ୍ଛିତ ଅଛି ସେ ଉପରେ ବିଭାଗ ପକ୍ଷରୁ ଦୃଷ୍ଟି ରଖାଯାଇଛି। ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ପ୍ରଧାନ କହିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସତ୍ୟବ୍ରତ



@ ଭାତିଶ



@ କିରଣ



@ ଅଭି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ବିଶ୍ୱରେ ଆଦୃତ ହେବ ଜିଆଇ ମାନ୍ୟତାପ୍ରାପ୍ତ ଓଡ଼ିଶାର ୯ ହସ୍ତତନ୍ତ ଉତ୍ପାଦ

## ବିମାନବନ୍ଦରରେ ବୟନିକାର ସ୍ୱତନ୍ତ୍ର ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର, ୨୬।୭(ଅନୁରାଧା ମହାରଣା)

ବିଜୁ ପଟ୍ଟନାୟକ ବିମାନବନ୍ଦରରେ ବୟନିକାର ଏକ ସ୍ୱତନ୍ତ୍ର ବିକ୍ରୟ କେନ୍ଦ୍ର ଖୋଲିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବୟନିକାର ଏହି ସ୍ୱତନ୍ତ୍ର ଶୋ'ରୁମ୍ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତର ଗରିମାକୁ ରାଜ୍ୟ ଓ ଦେଶ ବାହାରେ ପ୍ରତିପାଦିତ କରିବା ସହିତ ଏହା ପ୍ରଚାର ପ୍ରସାରରେ ସହାୟକ ହେବ। ପ୍ରଧାନମନ୍ତ୍ରୀ ସ୍ଥାନୀୟ ଉତ୍ପାଦର ପ୍ରଚାର ପ୍ରସାର (ଭୋକାଲ ଫର୍ ଲୋକାଲ) ଉପରେ ସବୁବେଳେ ଗୁରୁତ୍ୱ ଦେଇଆସିଥିବାବେଳେ ଓଡ଼ିଶାର ହସ୍ତତନ୍ତ ସହିତ ଅନ୍ୟାନ୍ୟ ସ୍ଥାନୀୟ ଉତ୍ପାଦଗୁଡ଼ିକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏହା ଆଦୃତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶା ହସ୍ତତନ୍ତ ଉତ୍ପାଦର ପ୍ରଚାର ଓ ପ୍ରସାର ନିମନ୍ତେ ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନରେ ଥିବା ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ ବୟନିକାର ହସ୍ତତନ୍ତକୁ ବିଶ୍ୱ ଦରବାରରେ ଆଦୃତ କରାଇବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି। ତେବେ ଉଦ୍‌ଘାଟିତ ହୋଇଥିବା ଏହି ନୂତନ କେନ୍ଦ୍ରରେ ଜିଆଇ ମାନ୍ୟତାପ୍ରାପ୍ତ ଓଡ଼ିଶାର ୯ଟି ହସ୍ତତନ୍ତ ଉତ୍ପାଦ ଯଥା କୋଟପାଡ ବସ୍ତ୍ର, ଓଡ଼ିଶା ଇକତ୍, ଖଣ୍ଡୁଆ ଶାଢ଼ି, ଗୋପାଳପୁର ଟସର ବସ୍ତ୍ର, ଧଳାପଥର ପରଦା ଓ ବସ୍ତ୍ର, ସମ୍ବଲପୁରୀ ବାନ୍ଧ ଶାଢ଼ୀ ଓ ବସ୍ତ୍ର, ବମକାଇ ଶାଢ଼ୀ, ହବାସପୁରୀ ଶାଢ଼ୀ ଏବଂ ବରହମ୍ପୁର ପାଟ ଓ ଫୋଡାକୁମ୍ଭ ଶାଢ଼ୀ ପ୍ରଦର୍ଶନ ସହ ବିକ୍ରି କରାଯିବ। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରର ଗେଟ ନଂ.୭ ନିକଟ ପ୍ରଥମ ମହଲାର ସୁରକ୍ଷା ହଲ୍ଟ ଅଞ୍ଚଳରେ ଏହି ସ୍ୱତନ୍ତ୍ର ବିକ୍ରୟ କେନ୍ଦ୍ର ଖୋଲାଯାଇଛି। ଏଠାରେ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ସ୍ୱତନ୍ତ୍ର ରିହାତିର ବ୍ୟବସ୍ଥା କରାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡାଙ୍କ ସହିତ ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ମୁଖ୍ୟମନ୍ତ୍ରୀଙ୍କୁ ବିକ୍ରୟ କେନ୍ଦ୍ରରେ ଉପଲବ୍ଧ ଥିବା ରୁଚିପୂର୍ଣ୍ଣ ହସ୍ତତନ୍ତ ଉତ୍ପାଦଗୁଡ଼ିକ ବିଷୟରେ ତଥ୍ୟ ରଖିଥିଲେ। ବୟନଶିଳ୍ପ ଓ ହସ୍ତତନ୍ତ ନିର୍ଦ୍ଦେଶକ ଶୋଭନ କୃଷ୍ଣ ସାହୁ, ବୟନିକାର ନିର୍ଦ୍ଦେଶିକା ପ୍ରଣତି ଛୋଟରାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଯୁଗ୍ମ ସଚିବ ଅନନ୍ୟା ଦାସ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଦେଶ ତଥା ଦେଶ ବାହାରକୁ ଯାତ୍ରା କରୁଥିବା ଯାତ୍ରୀ ବୟନିକାର ଏହି ଶୋ'ରୁମ୍‌ରୁ ଓଡ଼ିଶାର ଜିଆଇ ମାନ୍ୟତାପ୍ରାପ୍ତ ହସ୍ତତନ୍ତ ଉତ୍ପାଦଗୁଡ଼ିକୁ କିଣିପାରିବେ। ତେଣୁ ବିଶ୍ୱରେ ଓଡ଼ିଶା ହସ୍ତତନ୍ତର ପ୍ରଚାରପ୍ରସାର ପାଇଁ ଏହି ଆଧୁନିକ ନୂଆ ବୟନିକା ବିକ୍ରୟ କେନ୍ଦ୍ର ପ୍ରମୁଖ ଭୂମିକା ନେବ ବୋଲି ଆଶା କରାଯାଉଛି।



ବୟନିକାର ସ୍ୱତନ୍ତ୍ର ବିକ୍ରୟ କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରୁଛନ୍ତି।

### ୭ଦିନ ଯାଏ ସ୍ୱତନ୍ତ୍ର ରିହାତି

# ଓଡ଼ିଶା କୁଇନ୍ ମୁକୁଟ ପିନ୍ଧିଲେ ରାମିୟା ହୁଇ



ଅତିଥିଙ୍କ ସହ ମୁକୁଟ ପିନ୍ଧିଥିବା ୩ କୁଇନ୍।

## ଆକର୍ଷଣ ସାଜିଲେ ବଲିଉଡ୍ ଅଭିନେତ୍ରୀ ମଲାୟିକା ଅରୋରା

ଭୁବନେଶ୍ୱର,୨୬।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଆର୍. ଆର୍. ଇଭେଣ୍ଟସ ଆଣ୍ଡ୍ ସିନେ ପ୍ରଡକ୍ସନ ପକ୍ଷରୁ ଓଡ଼ିଶା କୁଇନ -୨୦୨୪ର ଗ୍ରାଣ୍ଡ୍ ଫିନାଲେ ରେଳ ଅଡ଼ିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱରର ରାମିୟା ହୁଇ ବିଜୟିନୀ ହୋଇ ଓଡ଼ିଶା କୁଇନ ମୁକୁଟ ପିନ୍ଧିଛନ୍ତି। ସୁନ୍ଦରଗଡ଼ର ମିନୁ ଭୋଇ ପ୍ରଥମ ରନର ଅପ୍ ଓ ବ୍ରହ୍ମପୁରର ରୁପାଲୀ ମିଶ୍ର ଦ୍ୱିତୀୟ ରନର ଅପ୍ ହୋଇଛନ୍ତି। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲେ ବଲିଉଡ୍ ଅଭିନେତ୍ରୀ ମଲାୟିକା ଅରୋରା। ଓଲିଉଡ୍ ଅଭିନେତା ସବ୍ୟସାଚୀ ଓ ଅଭିନେତ୍ରୀ ଅର୍ଚ୍ଚିତା, ଶୀତଲ ପାତ୍ର, ସୁଭାଶିଷ ଶର୍ମା, ଭୂମିକା, ଶିବାନୀ, ଦିବ୍ୟା, ଦେବାଶିଷ ଓ ରାଗିଣୀ ମଧ ମନୋରଞ୍ଜନ କରିଥିଲେ। ଅତିଥି ଭାବେ ବିଧାୟକ ତଥା ଅଭିନେତା ଆକାଶ ଦାସ ନାୟକ, ବିଧାୟିକା ସୋଫିଆ ଫିର୍ଦ୍ଦୋସ, ପାର୍ଥ ସାରଥୀ ମିଶ୍ର, ସବ୍ୟସାଚୀ ମିଶ୍ର, ଅର୍ଚ୍ଚିତା ସାହୁ, ଡା. ଅମ୍ରିତ ପାଟଯୋଶୀ, ଜାହିଦା ପଟ୍ଟନାୟକ, ଡା. ଜୟନ୍ତ ପଣ୍ଡା ଓ ସୁକୀର୍ତ୍ତି ପଟ୍ଟନାୟକ ଯୋଗଦେଇଥିଲେ। ଯୁବ ପ୍ରଯୋଜକ ରମେଶ ବାରିକଙ୍କ ଦ୍ୱାରା ଉଦ୍ୟୋଗୀ ମହମ୍ମଦ ଅଲିମଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ସାରା ଓଡ଼ିଶାରୁ ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ଅଂଶଗ୍ରହଣ କରିଥିଲେ। ଉତ୍ସବକୁ ଶ୍ୟାମା ପ୍ରସାଦ ମିଶ୍ର ପରିଚାଳନା କରିଥିବାବେଳେ ଶାଶ୍ୱତୀ ପତି, ବର୍ଣ୍ଣାଳି ହୋତା, ଅରବିନ୍ଦ ଜେନା, ଅରୁଣ ମନ୍ତ୍ରୀ, ପ୍ରଶାନ୍ତ ଦାଶ ଓ ସାମ୍ବାଦିକ ହରପ୍ରସାଦ ମହାପାତ୍ର ସହଯୋଗ କରିଥିଲେ। ଉପସ୍ଥାପନାରେ ପୁପିନ୍ଦର, ମୁନମୁନ ଓ ମାନସୀ ମିଶ୍ର ରହିଥିଲେ।

### ଆନ୍ତର୍ଜାତିକ ବାଲୁକା କଳା ଚାମ୍ପିୟନଶିପ୍-୨୦୨୪

# ସୁଦର୍ଶନଙ୍କୁ ରେଳମନ୍ତ୍ରୀଙ୍କ ଶୁଭେଚ୍ଛା

ପୁରୀ, ୨୬।୭( ଅଜିତ୍ କୁମାର ମହାନ୍ତି)



ରୁଷିଆର ସେଣ୍ଟ ପିଟର୍ସବର୍ଗଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବାଲୁକା କଳା ଚାମ୍ପିୟନଶିପ୍-୨୦୨୪ରେ ସ୍ୱର୍ଣ୍ଣ ପଦକ ଜିତିଥିବା ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶୁଭେଚ୍ଛା ଜଣାଇଛନ୍ତି। ଶୁକ୍ରବାର ନୂଆଦିଲ୍ଲୀଠାରେ ରେଳମନ୍ତ୍ରୀଙ୍କୁ ସୁଦର୍ଶନ ଭେଟିଛନ୍ତି। ସୁଦର୍ଶନ ସ୍ୱର୍ଣ୍ଣ ପଦକ ଜିତି ଭାରତ ପାଇଁ ଗୌରବ ଆଣିଥିବାରୁ ରେଳମନ୍ତ୍ରୀ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ସୂଚନାଯୋଗ୍ୟ, ଆନ୍ତର୍ଜାତିକ ବାଲୁକା କଳା ଚାମ୍ପିଅନଶିପ୍ ଜୁଲାଇ ୪ରୁ ୧୨ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁଦର୍ଶନଙ୍କ ସମେତ ବିଶ୍ୱର ଖ୍ୟାତନାମା ୨୧ ମାଷ୍ଟର ଶିଳ୍ପୀ ଅଂଶଗ୍ରହଣ କରିଥିଲେ। ଏଥିରେ ସୁଦର୍ଶନ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସୁଦର୍ଶନ ଭକ୍ତ କବି ବଳରାମ ଦାସଙ୍କ ସହ ବାଲୁକା ରଥ ଏବଂ ମହାପ୍ରଭୁ ଜଗନ୍ନାଥଙ୍କ ବିଷୟବସ୍ତୁକୁ ନେଇ ବାଲୁକା କଳା ପ୍ରଦର୍ଶନ କରିଥିଲେ।

**ପୂର୍ବ ତଟ ରେଳପଥ**

**'ଇ' କ୍ରୟ ପ୍ରଣାଳୀ**

ଇ-ଟେଣ୍ଡର ପୂର୍ବରୁ ୱେବ୍‌ସାଇଟ : http://www.ireps.gov.in ରେ ଅପ୍‌ଲୋଡ ହୋଇସାରିଛି।

ସଂ. MCS/Stores/E-Procure/Tender Notice/5711/209, ତା.20.07.2024ରିଖ

ଟେଣ୍ଡର ସଂଖ୍ୟା : 92245711

ବିବରଣୀ : RDSO ବିଶେଷତ୍ୱ ସଂଖ୍ୟା RDSO/2009/CG-22,Rev.1 କିମ୍ବା ସର୍ବଶେଷ ଅନୁଯାୟୀ ଟ୍ରାନ୍ସିସନ ସ୍କ୍ରୁ କପଲିଂ ଏବଂ ସନ୍ତୁଳିତ ଡ୍ରାଫ୍ଟ ଗିଅର ସହିତ AAR 'H' ଟାଇପ୍ ଲକ୍ ସିବିସି କପଲର୍।

ପରିମାଣ : 10 ସେଟ୍।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.12.08.2024ରିଖ 1500 ଘଟିକାରେ।

ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ରେଳଡବା ମରାମତି କାରଖାନା/ମଞ୍ଚେଶ୍ୱର

PR-351/P/24-25

**कार्यपालक अभियंता का कार्यालय**
राष्ट्रीय उच्च पथ प्रमंडल, पथ निर्माण विभाग, देवघर, झारखण्ड
सर्कुलर रोड, नियर उपायुक्त आवास, देवघर, झारखण्ड (814112)

**सूचना / शुद्धि पत्र**

इस कार्यालय द्वारा आमंत्रित अति अल्पकालीन ई–निविदा प्रसंग सं0–NH/Deoghar/ JHR/F2/06 [PR 330246(Deoghar)24-25(D)], दिनांक 20.07.2024 के ऑन लाइन निविदा के लिए वेबसाईट https://jharkhandtenders.gov.in के स्थान पर **https://eprocure.gov.in/ eprocure/app** पढ़ा जाय।
शेष शर्तें यथावत रहेंगी।

ह0/–
कार्यपालक अभियंता
PR 330847 (Deoghar) 24-25 (D) रा0 उ0 पथ प्रमंडल, देवघर।

# ହେନ୍ତାଳ ଜଙ୍ଗଲ ସୃଷ୍ଟି ପାଇଁ ୧୦ହଜାର ଚାରା ଲଗାଯିବ

## ୩ ଜିଲାରେ କାର୍ଯ୍ୟକ୍ରମ ଆରମ୍ଭ କଲା ରିଲାଏନ୍ସ ଫାଉଣ୍ଡେଶନ



ଭୁବନେଶ୍ୱର,୨୬।୭(ଅନୁରାଧା ମହାରଣା)

ଅନ୍ତର୍ଜାତୀୟ ଲୁଣାଜଙ୍ଗଲ ପରିବ୍ୟବସ୍ଥା ସଂରକ୍ଷଣ ଦିବସ ପାଳନ ଅବସରରେ ଶୁକ୍ରବାର ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ଜଳବାୟୁ ସହନଶୀଳତା ପରିବ୍ୟବସ୍ଥା ନିର୍ମାଣ ଲାଗି ପ୍ରୟାସ କରାଯାଇଛି। ଏହି କ୍ରମରେ ଜଗତ୍‌ସିଂହପୁର ଜିଲାର ପଦ୍ମପୁର ଗ୍ରାମବାସୀଙ୍କ ସହଯୋଗରେ ଗ୍ରାମର ତଟୀୟ ଅଞ୍ଚଳରେ ପ୍ରାୟ ୧୦ହଜାର ହେନ୍ତାଳ ଚାରା ରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସେହିପରି ବାଲେଶ୍ୱର ତାଳପଦା ବେଳାଭୂମି ନିକଟରେ ଗୋଷ୍ଠୀ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ପ୍ରାୟ ୧ହଜାର ଲୁଣା ଜଙ୍ଗଲ ଚାରା ରୋପଣ କରାଯାଇଛି। ଏଥିସହ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକ୍ରମ ଜରିଆରେ ରିଲାଏନ୍ସ ଫାଉଣ୍ଡେଶନ ବାଲେଶ୍ୱର, ଜଗତ୍‌ସିଂହପୁର, ଗଞ୍ଜାମ ଆଦି ବାତ୍ୟା ତଥା ଏଥିଜନିତ ଜଳପ୍ଲାବନ ବିପଦ ଥିବା ଅଞ୍ଚଳଗୁଡ଼ିକରେ ଲୁଣାଜଙ୍ଗଲ ସୃଷ୍ଟି ଲାଗି ହେନ୍ତାଳ ଚାରା ରୋପଣ କାର୍ଯ୍ୟକ୍ରମ ହାତକୁ ନେଇଛି। ଫାଉଣ୍ଡେଶନ ପକ୍ଷରୁ ଗତବର୍ଷ ଓଡ଼ିଶା ଓ ପଶ୍ଚିମବଙ୍ଗରେ ପ୍ରାୟ ୬୦ହଜାର ହେନ୍ତାଳ ଚାରା ରୋପଣକୁ ପ୍ରୋତ୍ସାହିତ କରାଯାଇଥିବା ସୂଚନା ଦିଆଯାଇଛି।

ସୂଚନା ଥାଉକି, ୧୯୯୯ର ମହାବାତ୍ୟା, ଫାଇଲିନ ଭଳି ବିଭିନ୍ନ ବାତ୍ୟା ବା ସାମୁଦ୍ରିକ ଝଡ଼ ଯୋଗୁ ଓଡ଼ିଶା ସମେତ ଭାରତର ପୂର୍ବତଟସ୍ଥ ଗ୍ରାମଗୁଡ଼ିକ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଉଛି। ଏଥିସହ ଉପକୂଳ ଅବକ୍ଷୟ ତଥା ସମୁଦ୍ର ଜଳ ଭୂପୃଷ୍ଠକୁ ମାଡ଼ିଆସି ବ୍ୟାପକ କ୍ଷୟକ୍ଷତି ଘଟାଉଛି। ରିଲାଏନ୍ସ ଫାଉଣ୍ଡେଶନ ବିଭିନ୍ନ ଗୋଷ୍ଠୀ, ଯୁବବର୍ଗ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁଣାଜଙ୍ଗଲର ଉପକାରିତା ତଥା ସଂରକ୍ଷଣ ସମ୍ପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟ ରଖିଛି। ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଅଞ୍ଚଳ ସମ୍ମୁଖୀନ ହେଉଥିବା ଜଳବାୟୁ ପରିବର୍ତ୍ତନଜନିତ ବିପଦ ସମ୍ପର୍କରେ ଅବଗତ କରାଇବାକୁ ଜୁଲାଇ ୨୫ ଓ ୨୬ରେ ଭଦ୍ରକ, ବାଲେଶ୍ୱର ଏବଂ ଜଗତ୍‌ସିଂହପୁର ଏବଂ ପଶ୍ଚିମବଙ୍ଗର ପ୍ରଗଣା ଜିଲାରେ ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା କରାଯାଇଥିଲା। ଲୁଣାଜଙ୍ଗଲର ସଂରକ୍ଷଣ ଏବଂ ପରିସୀମା ବୃଦ୍ଧି ନେଇ ବିଭିନ୍ନ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯାଇଥିଲା। ବାଲେଶ୍ୱରର ଚାରା ରୋପଣ ସ୍ଥଳ ଖରାସାହାପୁର ଅଞ୍ଚଳବାସୀ ଗତବର୍ଷକ ମଧ୍ୟରେ ଏକ ଲୁଣାଜଙ୍ଗଲ ଚାରାର ନର୍ସରୀ ସୃଷ୍ଟି କରିପାରିଛନ୍ତି। ରେମୁଣାରେ ଦ୍ୱିତୀୟ ଚାରାରୋପଣ ସ୍ଥଳ ତାଳପଦା ବେଳାଭୂମି ନିକଟରେ ଚିହ୍ନଟ କରାଯାଇଛି। ଅନ୍ୟପଟେ ବିପର୍ଯ୍ୟୟ ସମୟରେ ଆଗୁଆ ସତର୍କ ସୂଚନା ପ୍ରଦାନ କରାଯାଉଛି। ଏଭଳି ପରିସ୍ଥିତିରେ ମୁକାବିଲା ନିମନ୍ତେ ନିୟମିତ ନିୟୋଜନ ଏବଂ ତାଲିମ ଜରିଆରେ ଜନସାଧାରଣଙ୍କ ସାମର୍ଥ୍ୟ ବୃଦ୍ଧି କରାଯାଉଛି। ଦେଶରେ ଗତ ୧୦ ବର୍ଷ ମଧ୍ୟରେ ବନ୍ୟା, ବାତ୍ୟା, ଭୂସ୍ଖଳନ ଏବଂ ଭୂକମ୍ପ ଭଳି ପ୍ରାୟ ୫୦ରୁ ଅଧିକ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ସାମିଲ ହୋଇଥିବାବେଳେ ୨.୪୪ କୋଟିରୁ ଅଧିକ ଚାରା ରୋପଣ କରିଥିବା ଥିବା ଫାଉଣ୍ଡେଶନ ପକ୍ଷରୁ ସୂଚନା ଦିଆଯାଇଛି।

GOVERNMENT OF ODISHA
**OFFICE OF THE ADDITIONAL CHIEF ENGINEER, PUBLIC HEALTH CIRCLE, BERHAMPUR**
E-mail Id:acephcbam@gmail.com

No.C-278: **NATIONAL COMPETITIVE BIDDING THROUGH e-Procurement**
**INVITATION FOR BIDS (IFB)**

| Sl. No. | Name of Work | Bid Identification No. | Estimated Cost (Rs. in Lakhs) | Period of Completion | Availability of Bid document for Online Bidding From | Availability of Bid document for Online Bidding To | Name & Address of Officer Inviting Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | "Construction of WTP and allied works related to augmentation of water supply to Digapahandi NAC" including 5 years Operation & Maintenance under AMRUT 2.0, (SWAP-III) | Identification No. ACEPHCBAM 04/2024-25 Dt.25.07.2024 | 468.31 | 12 (Twelve) Calendar Months | 11.00 Hrs. of 01.08.2024 | 17.30 Hrs. of 16.08.2024 | Addl. Chief Engineer, P.H. Circle, Berhampur |
| 2 | "Laying of CWRM and distribution pipe line in connection to the improvement of water supply to Digapahandi NAC" including 5 years Operation & Maintenance under AMRUT 2.0,(SWAP-III). | Identification No. ACEPHCBAM 05/2024-25 Dt.25.07.2024 | 199.93 | 12 (Twelve) Calendar Months | 11.00 Hrs. of 01.08.2024 | 17.30 Hrs. of 16.08.2024 | Addl. Chief Engineer, P.H. Circle, Berhampur |

The Technical Bid Shall be opened on dt.21.08.2024 at 12.30 A.M.
Further details can be seen from the e-Procurement portal http://tendersodisha.gov.in.

OIPR-13004/11/0006/2425 **Sd./- Additional Chief Engineer (PH)**

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, बोकारो**

**ई–निविदा आमंत्रण सूचना**

ई– अल्पकालीन निविदा सूचना संख्या – RDD/SD/BOKARO/19/2024-25

1.कार्य की विस्तृत विवरणीः

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | बोकारो जिला के नावाडीह प्रखण्ड अंतर्गत पंचायत चपरी के बेला और पिपराबेड़ा के बीच नाला में पुल निर्माण। (लम्बाई 45.37 मी०) | 24056400.00 | 481500.00 | 10000.00 | 15 माह |

2. वेबसाइट में निविदा प्रकाशन की तिथि – 02.08.2024
3. ई–निविदा प्राप्ति की तिथि एवं समय – दिनांक 02.08.2024 से दिनांक 10.08.2024 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, बोकारो।
5. ई–निविदा खोलने की तिथि एवं समय – 12.08.2024 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, बोकारो।
7. ई–निविदा प्रकोष्ठ का दूरभाष सं० – 06542 291060 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, बोकारो

PR 330872 Rural Development(24-25)#D

**OFFICE OF THE PROJECT ADMINISTRATOR, ITDA, PARALAKHEMUNDI, PARALAKHEMUNDI**

No. CAD-663 Bid Identification No. ITDAPKD/01/2024-25

**NOTICE INVITING TENDER UNDER NATIONAL COMPETITIVE BIDING THROUGH e-Procurement**

1. Name of the Work: Construction of 18 Nos. Multipurpose Community Centre at Gosani, Nuagada, Mohana, Chandiput, Antaraba, Jeerango, Gandahati, Rayagada, Marloba, Mahendragada, Chellaagada, Serango, Badakalakota, Bhubani, Ashrayagada, Tumula, Baijhal Gumma and Kastruba Gandhi Balika Bidyalaya at Gumma, Rayagada, Kashinagar, Gosani, Mohana, Nuagada and R.Udayagiri Dining Hall at Ullabhadra, Common Service Centre at Paralakhemundi and Upgradation of Antaraba High School under Mohana Block and Construction of Academic Block, 2 Nos. of 120 seated Hostel Building, Qtr. for Teaching and Non Teaching Staff, 1 No. of Principal Qr. including Boundary Wall, Approach Road at Antaraba SSD High School under Mohona Block of Gajapati district.
2. Value of the Work: Rs.20.36 Cr. (Approx.)
3. Period of Completion: 18 (Eighteen) Calendar Months
4. Availability of tender online for Bidding:
   I. Start Date: 18.00 hours of Dt.30.07.2024
   II. End Date: 15.00 hours of Dt.30.08.2024
   III. Opening Date: 16.00 hours of Dt.30.08.2024

Tender details can be seen from the e-procurement portal **www.tendersorissa.gov.in**. Corrigendum or Addendum if any will not be published in Newspapers and can be seen in e-procurement portal as well as in ITDA, Paralakhemundi website.

Sd./- Project Administrator
ITDA, Paralakhemundi

OIPR-19397/11/0001/2425

**WORKS DEPARTMENT**
**OFFICE OF THE SUPERINTENDING ENGINEER**
**BHADRAK (R&B) DIVISION**
No. B-114 e-mail - **bhadrakrnbdivision@gmail.com**

**Government of Odisha "e" Procurement Notice**

**Bid Identification No. SE (R&B) BDK - 10/2024-25**
**No.-4338/dt. 24.7.24**

1. Nature of work:- **Building Work**
2. Number of works:- **1 (One)**
3. Amount put to Tender:- **Rs.78,31,901/-**
4. Class of Contractor:- **"B"**
5. Date & Time of availability of bid document in the portal:- **Dt. 07.08.2024 AT 11.00 AM**
6. Last Date/Time of receipt of bid in the portal:- **Dt.16.08.2024 up to 05.00 P.M.**
7. Date of opening of bid:- **Dt.17.08.2024 at 11.30 AM**
8. Name & address of the Officer inviting bid:- **Superintending Engineer, Bhadrak (R&B) Division**
9. The bidders have to participate in **ONLINE** bidding only.
10. Further details can be seen from the e-procurement portal "**http//tendersodisha.gov.in**".
11. All future corrigendum will be available on ONLINE mode only.

**Sd./- Superintending Engineer, Bhadrak (R&B) Division**
OIPR-34079/11/0004/2425

# ପୋଲାଭରମ୍ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ: କଂଗ୍ରେସ



ମାଲକାନଗିରି ଜିଲା କଂଗ୍ରେସ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ କର୍ମକର୍ତ୍ତା।

ମାଲକାନଗିରି,୨୬।୭ (ଦୁର୍ଯ୍ୟୋଧନ ପାତ୍ର)

ପୋଲାଭରମ୍ ପ୍ରକଳ୍ପ ଆରମ୍ଭ ହେଲେ ମାଲକାନଗିରି ଜିଲା ପାଇଁ କ୍ଷତି ପହଞ୍ଚାଇବ। ଯଦି ଏହାର କୌଣସି ସମାଧାନ କରା ନ ଯାଏ ତେବେ ଆଗାମୀ ଦିନରେ କଂଗ୍ରେସ ଆନ୍ଦୋଳନ କରିବ ବୋଲି ଶୁକ୍ରବାର ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ କମିଟି ସଭାପତି ଗୋବିନ୍ଦ ପାତ୍ର ପ୍ରକାଶ କରିଛନ୍ତି। ମାଲକାନଗିରି କଂଗ୍ରେସ ଭବନ ଠାରେ ଆୟୋଜିତ ଏହି ସମ୍ମିଳନୀରେ ପାତ୍ର କହିଛନ୍ତି, ୨୦୦୪ରେ କଂଗ୍ରେସ ପକ୍ଷରୁ ପୋଲାଭରମ ପ୍ରକଳ୍ପର ଶୁଭ ପଡିଥିଲା। ଏକ ମହତ ଉଦ୍ଦେଶ୍ୟ ରଖି ପ୍ରକଳ୍ପ ଦ୍ୱାରା ଯେପରି କୃଷି, ପାନୀୟ ଜଳ ଓ ବିଦ୍ୟୁତ୍ ପ୍ରକଳ୍ପର ଉନ୍ନତି ହୋଇପାରିବ ସେଥିପ୍ରତି ଗୁରୁତ୍ୱାରୋପ କରାଯାଇଥିଲା। ୨୦୧୪ରେ ମୋଦି ସରକାର ଆସିବା ପରେ ଏହି ପ୍ରକଳ୍ପକୁ ଜାତୀୟ ମାନ୍ୟତା ଦେଇଥିଲେ। ପ୍ରକଳ୍ପ କାର୍ଯ୍ୟ ଆଗକୁ ବଢାଇଥିଲେ। ଫଳରେ ମାଲକାନଗିରି ଜିଲା ସହ ପଡ଼ୋଶୀ ଛତିଶଗଡ଼ର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହେବା ସହ ଅଞ୍ଚଳବାସୀ ଭୟଭୀତ ହୋଇ ରହିଛନ୍ତି। ଏନେଇ କଂଗ୍ରେସ ପୂର୍ବରୁ ବହୁବାର ଆନ୍ଦୋଳନ କରିଆସୁଥିଲେ ମଧ କେନ୍ଦ୍ର ସରକାର ଏହାର ସୁବିଚାର ନ କରି ଆନ୍ଧ୍ର ସରକାରଙ୍କୁ ପ୍ରୋତ୍ସାହନ ଦେଉଛନ୍ତି। ସେହିପରି ବିନା ଜନଶୁଣାଣିରେ ଏହି ପ୍ରକଳ୍ପ କାର୍ଯ୍ୟ ଚାଲୁଥିବା ଦେଖିବାକୁ ମିଳୁଛି। ଡବଲ ଇଞ୍ଜିନ ସରକାର ରାଜ୍ୟ ଓ କେନ୍ଦ୍ରରେ ରହି ନିଜ ଦୋଷ ଦୁର୍ବଳତାକୁ ଲୁଚେଇବାକୁ ଯାଇ କଂଗ୍ରେସ ଉପରେ ଦୋଷ ଲଦୁଛନ୍ତି ବୋଲି ପାତ୍ର କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ଜି. ଶ୍ରୀନିବାସ ରାଓ, ପି. କେଶୁ ରାଓ, ବରିଷ୍ଠ ନେତା ମାଲା ମାଢ଼ି, ପ୍ରାଣକୃଷ୍ଣ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

# ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାକୁ ନେଇ ବିରୋଧୀ-ଶାସକ ମୁହାଁମୁହିଁ

ଭୁବନେଶ୍ୱର,୨୬।୭(ଅନିଲ ଦାସ)

ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାକୁ ନେଇ ବିଜେଡି -ଭାଜପା ବିଧାନସଭାରେ ମୁହାଁମୁହିଁ ହୋଇଛନ୍ତି। ଯୋଜନାର ନାଁ ବଦଳିବାକୁ ନେଇ ବିଜେଡି ବିଧାୟକ ଗଣେଶ୍ୱର ବେହେରା ବିଧାନସଭା ଶୂନ୍ୟକାଳରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ସରକାର ବଦଳିବା ପରେ ୩୧୪ ବ୍ଲକରେ ବିକାଶ କାର୍ଯ୍ୟ ଠପ୍ ହୋଇଯାଇଛି । ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ବିକାଶମୂଳକ କାମ ପାଇଁ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ଦିଆଯିବା ନେଇ ଘୋଷଣା କରାଯାଇଥିଲା। ସରକାର ବଦଳିବା ପରେ ଏହି ଯୋଜନାରେ କୌଣସି କାର୍ଯ୍ୟ ହେଉନି। କାର୍ଯ୍ୟାଦେଶ ମିଳିବା ପରେ ମଧ କାମ ହେଉନି। ଯେଉଁଠି କାମ ସରିଛି ବିଲ୍ ବି ହେଉନି । ଏବେ ନୂଆ ସରକାର 'ବିକଶିତ ଗାଁ ବିକଶିତ ଓଡ଼ିଶା' କରିଛନ୍ତି। କେବଳ ନାଁ ପରିବର୍ତ୍ତନ କରିଦେଲେ ଗୋଲାପ ଫୁଲ ଦୁଦୁରା ଫୁଲ ହୋଇଯିବନି ବୋଲି ସେ କହିଛନ୍ତି । ଏ ନେଇ ସରକାର ସ୍ପଷ୍ଟ କରନ୍ତୁ ବୋଲି ସେ ଦାବି କରିଛନ୍ତି।

ବିଧାନସଭା ଶୂନ୍ୟକାଳରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଏହି ପ୍ରସଙ୍ଗ ଉଠାଇ ବିଜେଡି ଉପରେ ବର୍ଷିଛନ୍ତି। ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ନିର୍ବାଚନରେ ଜନସାଧାରଣଙ୍କୁ ପ୍ରଭାବିତ କରିବା ପାଇଁ କରାଯାଇଥିଲା। କର୍ମୀଙ୍କୁ ପଇସା ଦେଇ ନିର୍ବାଚନ ଜିତିବା ପାଇଁ ହୋଇଥିଲା। ଏହି ଯୋଜନା ଦ୍ୱାରା ଗାଁ ଭୋଟ୍ କିଣିବାକୁ ଯୋଜନା ହୋଇଥିଲା । ସେ କହିଛନ୍ତି, ନୀତି ଭ୍ରଷ୍ଟ ଓ ଦୁର୍ନୀତି ପାଇଁ ଏହି ଯୋଜନା ବିଜେଡି କରିଥିଲା। ଜେଇଙ୍କ ମାଧମରେ ଏହି ଯୋଜନାରେ କୋଟି କୋଟି ଟଙ୍କା ଲୁଟ୍ କରାଯାଇଛି ।

**ନାଁ ବଦଳାଇ ଦେଲେ ଗୋଲାପ ଦୁଦୁରା ଫୁଲ ହୋଇଯିବନି: ଗଣେଶ୍ୱର**



ଗଣେଶ୍ୱର ବେହେରା

**ଦୁର୍ନୀତି ପାଇଁ ଏହି ଯୋଜନା କରିଥିଲା ବିଜେଡି: ଆଶ୍ରିତ**



ଆଶ୍ରିତ ପଟ୍ଟନାୟକ

# ବଦଳିବ ରାହୁଲଙ୍କ ଠିକଣା

## ସୁନେହରି ବାଗ୍, ବଙ୍ଗଳା ନଂ.୫

ନୂଆଦିଲ୍ଲୀ,୨୬।୭

ଗତବର୍ଷ ଲୋକ ସଭାରୁ ଅଯୋଗ୍ୟ ଘୋଷିତ ହେବା ପରେ ସରକାରୀ ବଙ୍ଗଳା ଛାଡ଼ିବାକୁ ବାଧ ହୋଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବେ ବିରୋଧୀ ଦଳ ନେତା। ୨୦୧୪ରୁ ଖାଲି ପଡ଼ିଥିବା ଏହି ସାମ୍ବିଧାନିକ ପଦରେ ଅବସ୍ଥାପିତ ହୋଇଥିବା ରାହୁଲଙ୍କୁ ଶୁକ୍ରବାର ହାଉସ୍ କମିଟି ଲୁଟିଏନ୍ସର ସୁନେହରି ବାଗ୍ ରୋଡ୍‌ସ୍ଥିତ ବଙ୍ଗଳା ନମ୍ବର ୫ରେ ରହିବା ପାଇଁ ପ୍ରସ୍ତାବ ଦେଇଛି। ଲୋକ ସଭାର ବିରୋଧୀ ଦଳ ନେତା କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା ପଦବୀ ହୋଇଥିବାରୁ ରାହୁଲଙ୍କୁ ଟାଇପ୍ ୮ ବଙ୍ଗଳା ମିଳିଛି। ତାଙ୍କ ଭଉଣୀ ତଥା କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଉକ୍ତ ବଙ୍ଗଳା ପରିଦର୍ଶନ କରିଛନ୍ତି। ପ୍ରକାଶ ଯେ, 'ସବୁ ମୋଦି ଚୋର' ମନ୍ତବ୍ୟ ସମ୍ପର୍କିତ ମାନହାନି ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ୨୦୨୩ ଏପ୍ରିଲ ୨୨ରେ ରାହୁଲଙ୍କ ଲୋକ ସଭା ସଦସ୍ୟତାକୁ ବାଚସ୍ପତି ଓମ୍ ବିର୍ଲା ରଦ୍ଦ କରିଥିଲେ। ଏହା ପରେ ତାଙ୍କୁ ୧୨ ତୋଗଲକ୍ ଲେନ୍ ରୋଡ୍ ବାସଭବନ ଛାଡ଼ିବାକୁ କୁହାଯାଇଥିଲା। ଗତବର୍ଷ ଅଗଷ୍ଟରେ ସେ ଲୋକ ସଭାକୁ ଫେରିଥିଲେ ମଧ ନୂଆ ଘରକୁ ଯିବା ନେଇ ଦିଆଯାଇଥିବା ପ୍ରସ୍ତାବକୁ ଅଣଦେଖା କରିଥିଲେ। ସେବେଠୁ ରାହୁଲ ମା' ସୋନିଆ ଗାନ୍ଧୀଙ୍କ ୧୦ ଜନପଥ ବାସଭବନରେ ରହୁଛନ୍ତି। ତେବେ ନୂଆ ବଙ୍ଗଳାରେ ଅବସ୍ଥାନ ନେଇ ରାହୁଲଙ୍କ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି।



୨୦୨୩ ଏପ୍ରିଲ ୨୨ରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ନୂଆଦିଲ୍ଲୀର ତୋଗଲକ୍ ଲେନ୍ସ୍ଥିତ ସରକାରୀ ବାସଭବନ ଛାଡ଼ିବାବେଳେ ଲୋକ ସଭା ସେକ୍ରେଟାରିଏଟ୍ ଅଧିକାରୀଙ୍କୁ ଚାବି ହସ୍ତାନ୍ତର କରୁଛନ୍ତି। (ଫାଇଲ ଫଟୋ)

# ବିଜେଡି ସରକାରର ବଜେଟଠାରୁ ଏଥର ୧୫% ଅଧିକ: ସମୀର

**ଓଡ଼ିଶା ସରକାରଙ୍କ ବଜେଟକୁ ଭାଜପାର ପ୍ରଶଂସା**

ଭୁବନେଶ୍ୱର, ୨୬।୭(ସୁନିତ୍ ମିଶ୍ର)

ନୂତନ ରାଜନୈତିକ ସଂସ୍କୃତିର ପ୍ରତିଷ୍ଠାକରି ଭାଜପା ପ୍ରଥମ ଥର ଓଡ଼ିଶାରେ ସରକାର ଗଠନ କରିଛି। ଭାଜପା ସରକାରର ପ୍ରଥମ ବଜେଟ ଓଡ଼ିଶା ପାଇଁ ବେଶ୍ ଗୁରୁତ୍ୱ ବହନ କରିଛି। ଏହି ବଜେଟରେ ସମାଜର ୪ଟି ବର୍ଗଙ୍କ ଉପରେ ଗୁରୁତ୍ୱ ଦିଆଯାଇଛି। ସେଗୁଡ଼ିକ ହେଉଛି ଗରିବ, ମହିଳା, ଯୁବକ, କୃଷକ। 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଏବଂ ସବ୍‌କା ପ୍ରୟାସ'କୁ ଆଧାରକରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ବଜେଟ ଉପସ୍ଥାପନ କରିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ମୋଟ ୨ ଲକ୍ଷ ୬୫ ହଜାର କୋଟି ଟଙ୍କା ବଜେଟ ବ୍ୟବସ୍ଥା କରାଯାଇଛି। ୨୪ ବର୍ଷର ବିଜେଡି ସରକାର ଯେଉଁ ବଜେଟ ପ୍ରସ୍ତୁତ କରୁଥିଲା, ସେଥିରୁ ଚଳିତ ବର୍ଷ ବଜେଟ ୧୫% ବଢ଼ିଛି। ଆମ ସରକାର ସମ୍ବଳର ସୁବିନିଯୋଗ କରି ରାଜ୍ୟର ଜନସାଧାରଣଙ୍କ କଲ୍ୟାଣ, ସମୃଦ୍ଧି ଓ ବିକାଶ ସହ ବିକଶିତ ଓଡ଼ିଶା ନିମନ୍ତେ ଏହି ସମତୁଲ ବଜେଟ କରିଛି। ଭାଜପା ସରକାର ହେଉଛି ଲୋକଙ୍କ ସରକାର, ଏଣୁ ଏହି ବଜେଟ ହେଉଛି ଲୋକଙ୍କ ବଜେଟ। ଏଥିଲାଗି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ବୋଲି ପୂର୍ବତନ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଖବରଦାତା ସମ୍ମିଳନୀକରି ସମୀର କହିଛନ୍ତି, ଓଡ଼ିଶାର ୬୫% ଲୋକ କୃଷି ଉପରେ ନିର୍ଭର କରିଥାନ୍ତି। ନିର୍ବାଚନ ପ୍ରତିଶ୍ରୁତି ପାଳନକରି ଆମ ସରକାର ଧାନ କୁଇଣ୍ଟାଲ ୩୧ଶହ ଟଙ୍କାକୁ ବୃଦ୍ଧି କରିଛି। କୃଷକଙ୍କୁ ବିହନଠାରୁ ବଜାର ପର୍ଯ୍ୟନ୍ତ ସଶକ୍ତ କରିବା ସହ ଜଳସେଚନ, ମଣ୍ଡିର ବ୍ୟବସ୍ଥା, କୃଷି ଯନ୍ତ୍ରପାତି, ଉପକରଣ ଏବଂ ଡିଜେଲ ପମ୍ପସେଟ୍ ଇତ୍ୟାଦି ଉପରେ ବଜେଟରେ ଗୁରୁତ୍ୱ ଦିଆଯାଇଛି। ରେଳପଥ କ୍ଷେତ୍ରରେ ଓଡ଼ିଶା ପାଇଁ ବଜେଟର ପରିମାଣ ୧୦ ହଜାର ୫୮୬ କୋଟି ଟଙ୍କାରେ ପହଞ୍ଚିଛି। କେନ୍ଦ୍ର ଓ ରାଜ୍ୟ ବଜେଟ ଓଡ଼ିଶାର ଲୋକଙ୍କୁ ଆଶ୍ୱସ୍ତି ଦେଇଛି ବୋଲି ସମୀର କହିଛନ୍ତି।

# ବାଙ୍କୀ ବିଧାୟକଙ୍କ ବାରବାଟୀ-କଟକ ନିର୍ବାଚନମଣ୍ଡଳୀ ସମୀକ୍ଷାକୁ ନେଇ ବିବାଦ



ବୈଠକରେ ଉପସ୍ଥିତ ବିଜେଡି କର୍ପୋରେଟର।

କଟକ,୨୬।୭(ଶିଲ୍ପା ପ୍ରିୟଦର୍ଶିନୀ)

କଟକ ଜିଲା ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଏବଂ ବାରବାଟୀ-କଟକର ବିଜେଡି କର୍ପୋରେଟରଙ୍କ ମଧ୍ୟରେ ବିବାଦ ସାମ୍ନାକୁ ଆସିଛି। ଦୁଇଦିନ ତଳେ ବାଙ୍କୀ ବିଧାୟକ ତଥା ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଦେବୀରଞ୍ଜନଙ୍କ (ହାଇକୋର୍ଟ ନିକଟସ୍ଥ ବାସ ଭବନଠାରେ) ନେତୃତ୍ୱରେ ଛାତ୍ର ନେତାଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବାରବାଟୀ-କଟକ ନିର୍ବାଚନମଣ୍ଡଳୀର ନିର୍ବାଚନକୁ ନେଇ ସମୀକ୍ଷା କରିଥିଲେ ଦେବୀରଞ୍ଜନ। ବୈଠକରେ ପ୍ରାର୍ଥୀ ପ୍ରକାଶ ବେହେରାଙ୍କୁ ଟିକେଟ୍ ଦେବା ଦଳ ତରଫରୁ ତ୍ରୁଟି ଥିଲା, ବାରବାଟୀ-କଟକ ନିର୍ବାଚନମଣ୍ଡଳୀର ସମସ୍ତ କର୍ପୋରେଟର ପରାଜୟର ମୂଳ କାରଣ ଓ ନିର୍ବାଚନ ପରିଚାଳନା ତ୍ରୁଟିପୂର୍ଣ୍ଣ ଥିବା ନେଇ ଆଲୋଚନା କରାଯାଇଥିଲା। ତେବେ ଏହି ସମୀକ୍ଷା ବୈଠକକୁ ବିରୋଧ କରି ସିଧାସଳଖ ଦେବୀରଞ୍ଜନଙ୍କୁ ଟାର୍ଗେଟ କରିଛନ୍ତି ବାରବାଟୀ-କଟକର ବିଜେଡି କର୍ପୋରେଟର। ଏନେଇ ଶୁକ୍ରବାର କଟକ ତୁଳସୀପୁରସ୍ଥିତ ଜେବିଏସ୍ ଗାର୍ଡେନ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବାରବାଟୀ-କଟକର ୨୭ ଜଣ ବିଜେଡି କର୍ପୋରେଟର ଏକଜୁଟ ହୋଇଥିଲେ। ଦେବୀରଞ୍ଜନ କିଭଳି ଭାବେ ଦଳୀୟ ନେତୃତ୍ୱଙ୍କୁ ସାମିଲ ନ କରି ସମୀକ୍ଷା ବୈଠକ କରିଛନ୍ତି ସେ ନେଇ ଆଲୋଚନା କରାଯିବା ସହ କର୍ପୋରେଟରମାନେ ଏହାକୁ ଦୃଢ଼ ବିରୋଧ କରିଛନ୍ତି। ଏ ସମ୍ପର୍କରେ ବିଜେଡି କର୍ପୋରେଟର ବିକାଶ ବେହେରା କହିଛନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ନିର୍ବାଚନ ପୂର୍ବରୁ ଦଳର ସମସ୍ତ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଏପରି କି ସମସ୍ତ ନେତୃବୃନ୍ଦ ନବୀନଙ୍କ ନିଷ୍ପତ୍ତିକୁ ଗ୍ରହଣ କରି ସହମତି ପ୍ରକାଶ କରିଥିଲେ। କିନ୍ତୁ ଏବେ ଏଭଳି ଭାବେ ତାଙ୍କ ନିଷ୍ପତ୍ତିକୁ ଆକ୍ଷେପ କରିବା ନିନ୍ଦନୀୟ। କର୍ପୋରେଟରମାନଙ୍କୁ ଦାୟୀ କରିବାକୁ ଦେବୀରଞ୍ଜନ କିଏ। ଆଉ କେଉଁ କାରଣ ଯୋଗୁ ସେ ଏଭଳି ଭାବେ କର୍ପୋରେଟରଙ୍କ କାର୍ଯ୍ୟକୁ ନେଇ ଅଙ୍ଗୁଳି ଉଠାଇଛନ୍ତି, ତାହା ସ୍ପଷ୍ଟ କରନ୍ତୁ ବୋଲି ବିକାଶ କହିଛନ୍ତି। ଏଥିସହ ସେ କହିଛନ୍ତି, ବାଙ୍କୀ ବିଧାୟକ ନିଜ ନିର୍ବାଚନମଣ୍ଡଳୀର ନିର୍ବାଚନୀ ସମୀକ୍ଷା ନ କରି ବାରବାଟୀ-କଟକ ନିର୍ବାଚନମଣ୍ଡଳୀ ସମୀକ୍ଷା କାହା ଅନୁମତିରେ କରିଛନ୍ତି। କଟକ ଜିଲା ସଭାପତି ତଥା ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ଗତ ନିର୍ବାଚନର ପ୍ରାର୍ଥୀ ପ୍ରକାଶ ବେହେରା, କଟକ ନଗର ସଭାପତି ମଧୁସୂଦନ ସାହୁ ଓ ସମସ୍ତ କର୍ପୋରେଟରଙ୍କ ବିନା ଉପସ୍ଥିତିରେ ଏଭଳି ସମୀକ୍ଷା ବୈଠକ କରାଯିବା ଲଜ୍ଜାଜନକ। କୌଣସି ନିର୍ବାଚନମଣ୍ଡଳୀ ଲାଗି ବିଜେଡି ପକ୍ଷରୁ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ ହୋଇ ନାହିଁ କି ଦଳ ପକ୍ଷରୁ ସମୀକ୍ଷା କରାଯାଇନାହିଁ। ତେବେ ବାଙ୍କୀ ବିଧାୟକ ଏଭଳି ଆକ୍ଷେପ କାହିଁକି କରୁଛନ୍ତି। ଏନେଇ ବିଜେଡି ସଭାପତି, କଟକ ଜିଲା ସଭାପତି ଓ କଟକ ନଗର ସଭାପତିଙ୍କୁ ଲିଖିତ ଅଭିଯୋଗ କରିବା ଲାଗି ସମସ୍ତ କର୍ପୋରେଟର ନିଷ୍ପତ୍ତି ନେଇଛୁ ବୋଲି ବିକାଶ କହିଛନ୍ତି।

# ଚିଠି ଲେଖି ନିଜ ମୁଣ୍ଡରୁ ଦୋଷ ଛଡ଼ାଇବାକୁ ଚାହୁଁଛନ୍ତି ନବୀନ: ଭାଜପା

**ମମତାଙ୍କୁ ଆଳୁ ଟ୍ରକ୍ ପଠାଇବା ପାଇଁ ନବୀନ ଚିଠି ଲେଖିବା ପ୍ରସଙ୍ଗ**

ଭୁବନେଶ୍ୱର, ୨୬।୭(ସୁନିତ୍ ମିଶ୍ର)

ନିଜ ୨୪ ବର୍ଷ ଶାସନରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ଓଡ଼ିଶାକୁ କୌଣସି କ୍ଷେତ୍ରରେ ଆତ୍ମନିର୍ଭରଶୀଳ ରାଜ୍ୟ ଭାବେ ଗଢ଼ି ତୋଳିନାହାନ୍ତି। ବିଶେଷ ଭାବେ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟଶସ୍ୟ ପାଇଁ ଓଡ଼ିଶା ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ। ବିଜେଡି ଶାସନ କାଳରେ ଆରମ୍ଭ ହୋଇଥିବା ଆଳୁ ମିଶନର ବିଫଳତା ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ। ସେହିପରି ନିଜର ଦୀର୍ଘ ଶାସନ କାଳରେ ଗୋଟିଏ ହେଲେ ନୂତନ ଶୀତଳଭଣ୍ଡାର ନିର୍ମାଣ କରିବାରେ ବିଜେଡି ଅସମର୍ଥ ହୋଇଛି। ଦରଦାମ ବୃଦ୍ଧି ପ୍ରସଙ୍ଗରେ ବର୍ତ୍ତମାନର ବିରୋଧୀ ଦଳ ନେତା ନବୀନବାବୁଙ୍କ ବକ୍ତବ୍ୟ ଶୋଭା ପାଉନାହିଁ ଏବଂ ସମାନ ପ୍ରସଙ୍ଗରେ ବିଜେଡିର ବକ୍ତବ୍ୟ ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ଭାଜପା ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି କହିଛନ୍ତି। ଦିଲୀପ କହିଛନ୍ତି , ଚିଠି ଲେଖି ଦେଇ ନିଜ ମୁଣ୍ଡରୁ ଦୋଷ ଛଡ଼ାଇବା ନବୀନବାବୁଙ୍କ ପୁରୁଣା ଅଭ୍ୟାସ, ଯାହା ବର୍ତ୍ତମାନ ବି ଜାରି ରହିଛି । ଅନ୍ୟପଟେ ମାତ୍ର ଦେଢ଼ମାସ ତଳେ ଦାୟିତ୍ୱ ନେଇଥିବା ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖାଉଟିଙ୍କ ସମସ୍ୟା ପ୍ରତି ଯଥେଷ୍ଟ ଯତ୍ନବାନ୍ ଓ ଜାଗ୍ରତ ଅଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ତତ୍‌କ୍ଷଣାତ ହସ୍ତକ୍ଷେପକରି କଳାବଜାରକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଖାଉଟିଙ୍କ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ଠୋସ୍ ପଦକ୍ଷେପ ଗ୍ରହଣ କରୁଛନ୍ତି ଏବଂ ଆଗାମୀ ଦିନରେ ଏହାର ସୁଫଳ ରାଜ୍ୟବାସୀ ଦେଖିବାକୁ ପାଇବେ ବୋଲି ଦିଲୀପ କହିଛନ୍ତି ।

# ଲୋକଙ୍କ ନିକଟରେ ଲୋକାଭିମୁଖୀ ଯୋଜନା ପହଞ୍ଚାଅ

**ଛେଣ୍ଡିପଦା ବିଧାନସଭା କ୍ଷେତ୍ରସ୍ତରୀୟ ଭାଜପା ସମୀକ୍ଷା ବୈଠକ**

ଛେଣ୍ଡିପଦା,୨୬।୭ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଭାଜପା କାର୍ଯ୍ୟାଳୟଠାରେ ଶୁକ୍ରବାର ଛେଣ୍ଡିପଦା ବିଧାନସଭା କ୍ଷେତ୍ରସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ରଙ୍କ ଉପସ୍ଥିତିରେ ନିର୍ବାଚନମଣ୍ଡଳୀ ଭାଜପାର ସମସ୍ତ ପଦାଧିକାରୀ ଏହି ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ। ଏକ ବିକଶିତ ଓଡ଼ିଶା ନିର୍ମାଣ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ଅଣାଯାଇଥିବା ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ ୬୫ ହଜାର କୋଟି ଟଙ୍କାର ବଜେଟ ପାଇଁ ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଯାଇଥିଲା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗରିବ, ମହିଳା, ଚାଷୀ, ବଞ୍ଚିତ, ଯୁବକଙ୍କ ପାଇଁ ହୋଇଥିବା ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ଗୋଲକ ପରାମର୍ଶ ଦେଇଥିଲେ। ଏଥିସହିତ ଦଳୀୟ ସଙ୍ଗଠନକୁ ମଜଭୁତ କରିବା, ବଜେଟରେ ଉପସ୍ଥାପନା ହୋଇଥିବା ବିଭିନ୍ନ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ଜରୁରୀ ବୋଲି ସେ କହିଥିଲେ। ସମ୍ବଲପୁର ଏମ୍‌ପି ଧର୍ମେନ୍ଦ୍ର ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରାଙ୍କୁ ବିଜୟୀ କରିଥିବାରୁ କାର୍ଯ୍ୟକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଲେ। ବୈଠକରେ ବ୍ରହ୍ମଗିରିର ପୂର୍ବତନ ବିଧାୟକ ତଥା ଭାଜପା ରାଜ୍ୟ ଉପସଭାପତି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଅନୁଗୋଳ ଜିଲା ସଭାପତି ଦିଲେଶର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାର ନିଜ ଦୋଷ ଲୁଚାଉଛନ୍ତି: ବିରୋଧୀ

## ମୁଲତବୀ ଆଲୋଚନା

■ ଜଗନ୍ନାଥଙ୍କୁ ନେଇ ରାଜନୀତି କରୁଛନ୍ତି ବିରୋଧୀ: ଶାସକ

ଭୁବନେଶ୍ୱର,୨୬।୭(ଅନିଲ ଦାସ)

ରଥ ଉପରୁ ବଡ଼ ଠାକୁର ଖସିପଡ଼ିବା, ଦଳାଚକଟାରେ ଜଣଙ୍କ ମୃତ୍ୟୁ ହେବା, ଟ୍ରାଫିକ ଅବ୍ୟବସ୍ଥା, ଅଣ ସେବାୟତ ରଥ ଉପରେ ଚଢ଼ିବା ପ୍ରସଙ୍ଗକୁ ନେଇ ବିରୋଧୀ ଓ ଶାସକ ଦଳ ମୁହାଁମୁହିଁ ହୋଇଛନ୍ତି। ରାଜ୍ୟ ସରକାର ଶ୍ରୀଜୀଉଙ୍କ ନୀତିରେ ହୋଇଥିବା ବିଭ୍ରାଟ ମାନୁ ନ ଥିବା ଅଭିଯୋଗ କରି ବିରୋଧୀ ସଦସ୍ୟମାନେ ଶୁକ୍ରବାର ମୁଲତବୀ ଆଲୋଚନା ଅଧାରୁ ବିଧାନସଭା କକ୍ଷଛାଡ଼ି ବାହାରକୁ ଚାଲି ଯାଇଥିଲେ।

'ଚଳିତ ବର୍ଷ ପୁରୀ ରଥଯାତ୍ରାରେ ନୀତିରେ ମହା ବିଭ୍ରାଟ, ସରକାର ନୀରବଦ୍ରଷ୍ଟା' ମୁଲତବୀ ପ୍ରସ୍ତାବ ଆଣି ବିରୋଧୀ ବିଜେଡି ଓ କଂଗ୍ରେସ ଶାସକ ଦଳକୁ ଘେରିଥିଲେ। ମୁଲତବୀ ପ୍ରସ୍ତାବ ଆଲୋଚନା ଆରମ୍ଭ କରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ, ରଥଯାତ୍ରା ସଫଳ ହୋଇନାହିଁ। ମହାପ୍ରଭୁଙ୍କ ନୀତିରେ ମହାବିଭ୍ରାଟ ଘଟିଛି। ସରକାର ଭଗବାନଙ୍କ ନାମ ନେଇ ଆସିଛନ୍ତି। ମହାବିଭ୍ରାଟ ପରେ କହୁଛନ୍ତି ଅଭିଯୋଗ ନିରାଧାର। ସତ ମାନିବାରେ ଅସୁବିଧା କ'ଣ। ସମସ୍ୟା ଲୁଚାଇବା ପରିତାପର ବିଷୟ ବୋଲି କାଡାମ କହିଛନ୍ତି। କଂଗ୍ରେସ ସଭ୍ୟ ଅଶୋକ କୁମାର ଦାସ କହିଛନ୍ତି, ବଡ଼ଦାଣ୍ଡରେ ରଥଯାତ୍ରା ସମୟରେ ଭେଣ୍ଟିଂଜୋନ କରିବାକୁ କିଏ ଅନୁମତି ଦେଇଥିଲେ। ସରକାର ସେ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଆଗାମୀ ଦିନରେ ଯେପରି ଏଭଳି ଘଟଣା ନ ହେବ ସେଥିପ୍ରତି ସରକାର ସଚେତନ ହେବା ଦରକାର।

ବିଜେଡି ସଭ୍ୟ ବ୍ୟୋମକେଶ ରାୟ କହିଥିଲେ, ପହଣ୍ଡି ବେଳେ ସେଠାରେ ମନ୍ତ୍ରୀ କିମ୍ବା ପ୍ରଶାସକ କେହି ନ ଥିଲେ। ବଡ଼ ଠାକୁର ପଡ଼ିଯିବା ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ଆଇନମନ୍ତ୍ରୀ ବିଭ୍ରାଟ କଥା ମାନିବା ସହ କ'ଣ ପଦକ୍ଷେପ ନେଇଛନ୍ତି ଜଣାଇବାକୁ ସେ ଦାବି କରିଛନ୍ତି।

ବିଜେଡି ସଭ୍ୟ ଦେବୀ ରଞ୍ଜନ ତ୍ରିପାଠୀ, ଧ୍ରୁବ ସାହୁ କହିଛନ୍ତି, ଓଡ଼ିଆ ଅସ୍ମିତା କଥା କହି ଭାଜପା ସରକାରକୁ ଆସିବା ପରେ ଏଭଳି ଅଘଟଣ ଘଟିଛି। ଜଗନ୍ନାଥ ମହାପ୍ରଭୁଙ୍କୁ ନେଇ ରାଜନୀତି କରା ନ ଯାଉ ବୋଲି କହିଛନ୍ତି।

ବିରୋଧୀଙ୍କ ଦ୍ୱାରା ଆଗତ ମୁଲତବୀ ପ୍ରସ୍ତାବକୁ ବିରୋଧ କରି ଭାଜପା ସଭ୍ୟ ଟଙ୍କଧର ତ୍ରିପାଠୀ କହିଛନ୍ତି, ରଥଯାତ୍ରା ଶୃଙ୍ଖଳିତ ହୋଇଛି। ୨୦୧୫ରେ ବିଜେଡି ସରକାର ଥିବା ବେଳେ ବ୍ରହ୍ମ ବିଭ୍ରାଟଠାରୁ ଆରମ୍ଭ କରି ରତ୍ନଭଣ୍ଡାର ଚାବି ହଜାଇବା ଭଳି ଅନେକ ଘଟଣା ହୋଇଛି। ତା'ର ପରିଣାମ ଏବେ ଭୋଗୁଛନ୍ତି ବୋଲି ସେ କହିଛନ୍ତି। ଭାଜପା ସଭ୍ୟ ଆଶ୍ରିତ ପଟ୍ଟନାୟକ, ଓମ୍‌ପ୍ରକାଶ ମିଶ୍ର ଏବଂ ସନାତନ ବିଜୁଳି ମହାପ୍ରଭୁଙ୍କୁ ନେଇ ରାଜନୀତି କରିବାରୁ ବିଜେଡି ଶାସନ ଗାଦିରୁ ହଟିଯାଇଛି ବୋଲି କହିଥିଲେ।

ବିରୋଧୀଙ୍କ ଦ୍ୱାରା ଆଗତ ମୁଲତବୀର ଜବାବରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ବିରୋଧୀଙ୍କ ଆରୋପ କପୋଳକଳ୍ପିତ। ଚଳିତ ରଥଯାତ୍ରାରେ ଗୋଟିଏ ଦିନରେ ମହାପ୍ରଭୁଙ୍କର ନବଯୌବନ, ନେତ୍ରୋତ୍ସବ ଏବଂ ଶ୍ରୀଗୁଣ୍ଡିଚା ଯାତ୍ରାର ସମସ୍ତ ନୀତି କରାଇବା ଓ ଏହା ପରେ ଶ୍ରୀଜୀଉଙ୍କର ପହଣ୍ଡି ବିଜେ ତଥା ରଥ ଟାଣିବା ଅସମ୍ଭବ ମନେହେଉଥିଲା। ୧୯୭୧ରେ ସମାନ ତିଥି ଥିବା ଯୋଗୁ ପହଣ୍ଡି ସନ୍ଧ୍ୟାରେ ହୋଇଥିଲା। ମହାପ୍ରଭୁଙ୍କର କରୁଣାରୁ ରଥଯାତ୍ରା ଶୃଙ୍ଖଳିତ ଭାବେ ହୋଇଛି। ଦଳାଚକଟାରେ କେହି ମରିନାହାନ୍ତି। ହୃଦ୍‌ଘାତରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି। ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଆମ ପାଇଁ ସର୍ବୋଚ୍ଚ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୋଇ ବିରୋଧୀ ବିଜେଡି ଓ କଂଗ୍ରେସ ବିଧାନସଭା କକ୍ଷ ଛାଡ଼ି ବାହାରକୁ ଚାଲି ଯାଇଥିଲେ। ବିରୋଧୀଙ୍କ ଦ୍ୱାରା ଆଗତ ମୁଲତବୀ ପ୍ରସ୍ତାବକୁ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଅଗ୍ରାହ୍ୟ କରି ଦେଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଶେଷଦିନରେ ୭ ଲକ୍ଷ କୋଟି ଯୋଡ଼ିଲେ ନିବେଶକ

■ନିଫ୍ଟି ୨୫,୦୦୦ ଅଙ୍କ ନିକଟବର୍ତ୍ତୀ

■୧୩୦୦ ପଏଣ୍ଟ ବଢ଼ିଲା ସେନ୍‌ସେକ୍ସ

**ନୂଆଦିଲ୍ଲୀ,୨୬।୭**

କ୍ରମାଗତ ଭାବେ ହ୍ରାସ ପାଉଥିବା ଘରୋଇ ଶେୟାର ବଜାର ଚଳିତ ସପ୍ତାହ କାର୍ଯ୍ୟ ଦିବସର ଶେଷ ଦିନରେ ନିବେଶକ ୭ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜି ବଜାରରେ ଯୋଡ଼ିଛନ୍ତି। ଫଳରେ ଶେୟାର ବଜାରର ନିବେଶକ ଓ ପୁଞ୍ଜି ବଜାରରେ ଉତ୍ସାହ ଦେଖାଦେଇଛି। ଏପରିକି ଚଳିତ ସପ୍ତାହର ଶେଷଦିନର ଫଳାଫଳ ଅନୁଯାୟୀ ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିବେଶକ ୭.୦୭ ଲକ୍ଷ କୋଟି ଟଙ୍କା ପୁଞ୍ଜି ବଜାରରେ ଯୋଡିଛନ୍ତି। ପୂର୍ବ କାର୍ଯ୍ୟଦିବସର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ମୋଟ ୪୪୯.୮୨ ଲକ୍ଷ କୋଟି ଥିଲାବେଳେ ଶୁକ୍ରବାର ବଜାର କାରବାର ଶେଷ ସୁଦ୍ଧା ପୁଞ୍ଜିବଜାରର ପରିମାଣ ୪୫୬.୯୦ ଲକ୍ଷ କୋଟିରେ ପହଞ୍ଚିଛି।



ଉଲ୍ଲେଖଯୋଗ୍ୟ, ଶୁକ୍ରବାର ଶେୟାର ବଜାର କାରବାର ଶେଷ ସୁଦ୍ଧା ବିଏସ୍‌ଇ ସେନ୍‌ସେକ୍ସ ୧୨୯୩ (୧୨୯୨.୯୨) ପଏଣ୍ଟ ବଢ଼ି ୮୧,୩୩୩ ( ୮୧,୩୩୨.୭୨) ଅଙ୍କରେ କାରବାର ଶେଷ କରିଥିଲାବେଳେ ଏନ୍‌ଏସ୍‌ଇ ନିଫ୍ଟି-୫୦ ରେ ମଧ୍ୟ ୪୨୯ (୪୨୮.୭୫) ପଏଣ୍ଟ ବୃଦ୍ଧି ଘଟି ୨୪,୮୩୫ (୨୪, ୮୩୪.୮୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ଓଜିଏସ୍‌ରେ ଟ୍ରାନ୍ସଫର୍ମେଟିଭ୍ ମାଷ୍ଟରକ୍ଲାସ୍



**ଭୁବନେଶ୍ୱର, ୨୬।୭**

ଓଡିଏମ୍ ଗ୍ଲୋବାଲ ସ୍କୁଲ୍ (ଓଜିଏସ୍)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ଟ୍ରାନ୍ସଫର୍ମେଟିଭ୍ ମାଷ୍ଟରକ୍ଲାସ୍' ଶୁକ୍ରବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ଅଲିମ୍ପିଆନ୍ ତଥା ଅନ୍ତର୍ଜାତୀୟ ପ୍ରଶିକ୍ଷକ ପରାଗ ପାଟିଲ ସାମିଲ ହୋଇ ନିଜର ଅଭିଜ୍ଞତା ବାଣ୍ଟିଥିଲେ। ଏପରିକି କ୍ରୀଡ଼ା, ନେତୃତ୍ୱ ଏବଂ ବ୍ୟକ୍ତିଗତ ଉତ୍କର୍ଷ ଦୁନିଆରେ ଅମୂଲ୍ୟ ଜ୍ଞାନ ହାସଲ କରିବା ପାଇଁ ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରମାନଙ୍କୁ ଏକ ଅତୁଳନୀୟ ସୁଯୋଗ ପ୍ରଦାନ କରିଥିଲା। ସେହିଭଳି ଓଜିଏସ୍ ମେଧାବୀ ଓ ଉତ୍ସାହୀ ଛାତ୍ରୀଛାତ୍ରଙ୍କ ସହ ଯୋଡ଼ିହେବା ଅତ୍ୟନ୍ତ ଗୌରବର ବିଷୟ ବୋଲି ପାଟିଲ ମତବ୍ୟକ୍ତ କରିଛନ୍ତି। ଏପରିକି ଶିଖିବା ପାଇଁ ସେମାନଙ୍କର ଆଗ୍ରହ ଏବଂ ଉତ୍କର୍ଷ ପ୍ରତି ସେମାନଙ୍କର ଉତ୍ସାହ ପ୍ରକୃତରେ ପ୍ରେରଣାଦାୟକ। ଏହି ଯୁବ ମାନସିକତା ଭବିଷ୍ୟତରେ ବଡ଼ ସଫଳତା ହାସଲ କରିବେ ବୋଲି ମୋର ବିଶ୍ୱାସ ରହିଛି। ମୋର ଯାତ୍ରା ଏବଂ ସେମାନଙ୍କ ସହିତ ବାଟରେ ମୁଁ ଶିଖିଥିବା ଶିକ୍ଷାକୁ ବାଣ୍ଟିବା ଏକ ଲାଭଦାୟକ ଅନୁଭୂତି। ସେହିପରି ଓଡିଏମ୍ ଏଜୁକେଶନାଲ ଗ୍ରୁପ୍‌ର ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ କହିଛନ୍ତି, ପରାଗ ପାଟିଲଙ୍କୁ ପାଇ ଆମେ ବେଶ୍ ଉତ୍ସାହିତ ଓ ଗୌରବ ଅନୁଭବ କରୁଛୁ। ଏହି ସଫଳତା ଓ ସମର୍ପଣଭାବ ପାଇଁ ସେ ଆମ ଛାତ୍ରୀଛାତ୍ରଙ୍କ ପ୍ରେରଣାର ଆଲୋକ ପାଲଟିଛନ୍ତି। ଓଡିଏମ୍ ମାଷ୍ଟରକ୍ଲାସ୍ ପଦକ୍ଷେପର ଉଦ୍ଦେଶ୍ୟ ତାତ୍ତ୍ୱିକ ଜ୍ଞାନ ଏବଂ ବାସ୍ତବ ଦୁନିଆର ପ୍ରୟୋଗ ମଧ୍ୟରେ ଥିବା ବ୍ୟବଧାନକୁ ଦୂରକରିବା ଏବଂ ପାଟିଲଙ୍କ ସହ ଆଜିର ଅଧିବେଶନ,ସେହି ଦୃଷ୍ଟିକୋଣକୁ ସମ୍ପୂର୍ଣ୍ଣ ରୂପେ ଉପସ୍ଥାପନ କରିଛି। ଆମେ ଆମର ଛାତ୍ରୀଛାତ୍ରମାନଙ୍କୁ ଏପରି ସୁଯୋଗ ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ, ଯାହା ଉଭୟ ଶୈକ୍ଷିକ ଏବଂ ବ୍ୟକ୍ତିଗତ ଭାବେ ସେମାନଙ୍କ ଅଭିବୃଦ୍ଧି ଏବଂ ବିକାଶକୁ ପ୍ରୋତ୍ସାହିତ କରିବ। ମାଷ୍ଟରକ୍ଲାସ୍ ଛାତ୍ରୀଛାତ୍ରଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା। ଏହି ଇଣ୍ଟରାକ୍ଟିଭ୍ ଅଧିବେଶନରେ ଛାତ୍ରୀଛାତ୍ରମାନେ ପ୍ରଶ୍ନ ପଚାରିବା ଏବଂ ଜଣେ କ୍ରୀଡ଼ା ଆଇକନଙ୍କଠାରୁ ସିଧାସଳଖ ମତାମତ ହାସଲ କରିଥିଲେ,ଯାହା ଶିକ୍ଷଣ ଅନୁଭୂତିକୁ ଅତ୍ୟନ୍ତ ପ୍ରଭାବଶାଳୀ ଏବଂ ସ୍ମରଣୀୟ କରିଥିଲା।

# ଅକ୍ଟୋବର ୧୯ରୁ ଆନ୍ଥେ ୨୦୨୪ର ଶୁଭାରମ୍ଭ

**ଭୁବନେଶ୍ୱର, ୨୬।୭**

ଆକାଶ ଏଜୁକେଶନାଲ ସର୍ଭିସେସ୍ ଲିମିଟେଡ୍ (ଏଇଏସ୍‌ଏଲ୍)ର ବହୁ ପ୍ରତୀକ୍ଷିତ ସ୍କଲାରଶିପ ପରୀକ୍ଷା 'ଆକାଶ ନ୍ୟାଶନାଲ ଟାଲେଣ୍ଟ ହଣ୍ଟ ଏକ୍‌ଜାମ ବା ଆନ୍ଥେ-୨୦୨୪'ସଂସ୍କରଣର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୭ମରୁ ଦ୍ୱାଦଶ ପର୍ଯ୍ୟନ୍ତ ଛାତ୍ରୀଛାତ୍ରୀଙ୍କୁ ୧୦୦% ପର୍ଯ୍ୟନ୍ତ ବୃତ୍ତି ସହ ଉଲ୍ଲେଖନୀୟ ପରିମାଣର ନଗଦ ଅର୍ଥ ପୁରସ୍କାର ଜିତିବାର ସୁଯୋଗ ପ୍ରଦାନ କରୁଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ଏଇଏସ୍‌ଏଲ୍‌ର ରିଜିଓନାଲ ଡାଇରେକ୍ଟର ଅଜୟ ବାହାଦୁର ସିଂ, ଡେପୁଟି ଡାଇରେକ୍ଟର ସୂର୍ଯ୍ୟଭାନୁ ସିଂ,ରିଜିଓନାଲ ସେଲ୍‌ସ ଆଣ୍ଡ ଗ୍ରୋଥ୍ ହେଡ୍ ବିକାଶ ଦାସ, ରିଜିଓନାଲ ଅପରେଶନ୍ସ ହେଡ୍ ଜୟଦୀପ ମୁଖାର୍ଜୀ ଏବଂ ସିଓଇ ହେଡ୍ ପ୍ରବୀଣ କୁମାର ପ୍ରମୁଖ ଭୁବନେଶ୍ୱରଠାରେ ଏହି ଶୁଭାରମ୍ଭ କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷର ଆନ୍ଥେ ୨୦୨୪ ଅକ୍ଟୋବର ୧୯ରୁ ୨୭ ପର୍ଯ୍ୟନ୍ତ ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନ ପଦ୍ଧତିରେ ଭାରତର ୨୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଅନୁଷ୍ଠିତ ହେବ। ବିଶେଷକରି ୧୦୦% ପର୍ଯ୍ୟନ୍ତ ବୃତ୍ତି ସହ ଶୀର୍ଷ ସ୍କୋରଧାରୀ ମଧ୍ୟ ନଗଦ ଅର୍ଥ ପୁରସ୍କାର ପାଇପାରିବେ। ଆନ୍ଥେ ଅଫ୍‌ଲାଇନ ପରୀକ୍ଷାଗୁଡ଼ିକ ୨୦୨୪ ଅକ୍ଟୋବର ୨୦ ଓ ୨୭ତାରିଖରେ ଅନୁଷ୍ଠିତ ହେବ ଏବଂ ଏହା ସମଗ୍ର ଦେଶରେ ଥିବା ୩୧୫ ରୁ ଅଧିକ ଆକାଶ ଇନ୍‌ଷ୍ଟିଚ୍ୟୁଟ ସେଣ୍ଟରରେ ପୂର୍ବାହ୍ନ ୧୦.୩୦ରୁ ୧୧.୩୦ ପର୍ଯ୍ୟନ୍ତ କରାଯିବ। ସେହିଭଳି ଅନ୍‌ଲାଇନ ପରୀକ୍ଷାଗୁଡ଼ିକ ୨୦୨୪ ଅକ୍ଟୋବର ୧୯ରୁ ୨୭ତାରିଖ ମଧ୍ୟରେ ଏକ୍‌ଜାମ ୱିଣ୍ଡୋରେ ଯେକୌଣସି ସମୟରେ କରାଯାଇପାରିବ। ଛାତ୍ରୀଛାତ୍ର ସେମାନଙ୍କ ପାଇଁ ସୁବିଧାଜନକ ୧ ଘଣ୍ଟା ଅବଧିର ସ୍ଲଟ୍ ବାଛିପାରିବେ। ଆନ୍ଥେ ୨୦୨୪ ନିମନ୍ତେ ନାମ ପଞ୍ଜୀକରଣ ଫର୍ମ ଦାଖଲର ଶେଷ ତାରିଖ ଅନ୍‌ଲାଇନ ପରୀକ୍ଷା ଆରମ୍ଭର ୩ ଦିନ ପୂର୍ବ ଏବଂ ଅଫ୍‌ଲାଇନ ପରୀକ୍ଷା ଆରମ୍ଭର ୭ ଦିନ ପୂର୍ବଧାର୍ଯ୍ୟ କରାଯାଇଛି।



# ବିଶ୍ୱ ବାଣିଜ୍ୟ ଦିବସ ପାଳିତ

**ଭୁବନେଶ୍ୱର, ୨୬।୭**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର(ଡବ୍ଲ୍ୟୁଟିସି) ଭୁବନେଶ୍ୱର ପରିସରରେ ବିଶ୍ୱ ବାଣିଜ୍ୟ ଦିବସ-୨୦୨୪ (ୱାର୍ଲ୍ଡ ଟ୍ରେଡ୍ ଡେ-୨୦୨୪) ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଏକ ସ୍ୱତନ୍ତ୍ର ସମାରୋହ ଓ ସମ୍ମାନ ଉତ୍ସବ ଭୁବନେଶ୍ୱରର ହୋଟେଲ ସ୍ୱସ୍ତି ପ୍ରିମିୟମଠାରେ ଆୟୋଜିତ ହୋଇଥିଲା। ଏପରିକି ଏହି ଅବସରରେ 'ଓଡ଼ିଶା ଆଜ୍ ଦ ଗେଟ୍‌ୱେ ଫର୍ ଗ୍ଲୋବାଲ ଟ୍ରେଡ୍' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଓଡ଼ିଶାର ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ସେମାନଙ୍କର ବଜାର ପହଞ୍ଚ ବୃଦ୍ଧି କରିବା ଓ ଅନ୍ତର୍ଜାତୀୟ ବଜାରରେ ପ୍ରବେଶକୁ ସୁଗମ କରିବାରେ ସହଯୋଗ କରିବା ଲାଗି ମିଳିତ ସହଯୋଗପୂର୍ଣ୍ଣ କ୍ଷେତ୍ରଗୁଡ଼ିକୁ ଆବିଷ୍କାର କରିବା ଲାଗି ସେଞ୍ଚୁରିଅନ ୟୁନିଭର୍ସିଟି, କିଟ୍ ସ୍କୁଲ ଅଫ୍ ରୁରାଲ ମ୍ୟାନେଜମେଣ୍ଟ ଓ ବାଲେଶ୍ୱର ଚାମ୍ବର ଅଫ୍ ଇଣ୍ଡଷ୍ଟ୍ରିଜ ଆଣ୍ଡ କମର୍ସ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ଅପରପକ୍ଷରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅନ୍ତର୍ଜାତୀୟ ବାଣିଜ୍ୟରେ ପ୍ରବେଶ ସହ ବ୍ୟବସାୟକୁ ସୁଗମ କରିବାରେ ବିଶ୍ୱ ବାଣିଜ୍ୟ କେନ୍ଦ୍ର ସର୍ବଦା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ବାଣିଜ୍ୟ କ୍ଷେତ୍ରରେ ଓଡ଼ିଶା ସବୁବେଳେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଏପରିକି କାରିଗର, ଶିଳ୍ପୀ, ଏସ୍‌ସି, ଏସ୍‌ଟି ଏବଂ ମହିଳା ଉଦ୍ୟୋଗୀଙ୍କ ଅର୍ଥନୈତିକ କାର୍ଯ୍ୟକଳାପକୁ ସମର୍ଥନ କରିବା ଦିଗରେ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସେ ବିସ୍ତୃତ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଟିପିସିର ନିର୍ଦ୍ଦେଶକ ନୁଗ୍ରୋହୋ ପ୍ରିୟୋ ପ୍ରାତୋମୋ,ଡବ୍ଲ୍ୟୁଟିସି ଭୁବନେଶ୍ୱରର ଅଧ୍ୟକ୍ଷ କ୍ୟାପ୍ଟେନ ସୋମେଶ ବାତ୍ରା, ଡବ୍ଲ୍ୟୁଟିସି ଆସୋସିଏଶନର ଏସିଆ ପାସିଫିକ୍ ଉପାଧ୍ୟକ୍ଷ ସ୍କଟ୍ ୱାଙ୍ଗ୍ ଡବ୍ଲ୍ୟୁଟିସି ଭୁବନେଶ୍ୱର ଟୁରିଜମ୍ ଆଣ୍ଡ ହସ୍ପିଟାଲିଟି ଥିଙ୍କ୍ ଟ୍ୟାଙ୍କର ସମ୍ମାନିତ କନ୍‌ଭେନର ଏବଂ ସ୍ୱସ୍ତି ଗ୍ରୁପ୍ ଅଫ୍ ହୋଟେଲ୍ସର ସିଏମ୍‌ଡି ଡ. ଜେ.କେ. ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଭୁବନେଶ୍ୱରରେ ଲଜିଷ୍ଟିକ୍ କଲୋକ୍ୟୁମ୍-୨୦୨୪

**ଭୁବନେଶ୍ୱର, ୨୬।୭**

ଭାରତୀୟ ଶିଳ୍ପ ମହାସଂଘ(ସିଆଇଆଇ) ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରରେ ଲଜିଷ୍ଟିକ୍ କଲୋକ୍ୟୁମ୍-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏପରିକି 'ପୂର୍ବ ଭାରତରେ ଲଜିଷ୍ଟିକ ପରିବର୍ତ୍ତନ: ବ୍ୟବଧାନ ଦୂରୀକରଣ ଏବଂ ଭବିଷ୍ୟତ ନିର୍ମାଣ' ଶୀର୍ଷକ ଏହି ୨ ଦିନିଆ ସମ୍ମିଳନୀରେ ପ୍ରମୁଖ ଅଂଶୀଦାର, ଶିଳ୍ପ ନେତା ଏବଂ ସରକାରୀ ଅଧିକାରୀମାନେ ଏକାଠିହୋଇ ଏହି ଅଞ୍ଚଳର ବିକାଶ ଏବଂ ଅର୍ଥନୈତିକ ସମୃଦ୍ଧିରେ ଲଜିଷ୍ଟିକ୍ସର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋଚନା କରିଥିଲେ।

ବିଶ୍ୱବ୍ୟାଙ୍କର ଉପଦେଷ୍ଟା ତଥା ଗେଟ୍‌ୱେ ରେଲ୍ ଫ୍ରେଟ୍ ଲିମିଟେଡ୍‌ର ପୂର୍ବତନ ସିଇଓ ତଥା ନିର୍ଦ୍ଦେଶକ ସଚିନ ଭାନୁଶାଳୀ ବର୍ତ୍ତମାନର ସଡ଼କ ପରିବହନ ବ୍ୟବସ୍ଥାରେ ବିଭିନ୍ନ ଆହ୍ୱାନ ସମ୍ପର୍କରେ ଆଲୋକପାତ କରିବା ସହ ପାଶ୍ଚାତ୍ୟ ମାନକ ଭଳି ଉନ୍ନତ ନିୟନ୍ତ୍ରଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

ଭାରତୀୟ ଆଭ୍ୟନ୍ତରୀଣ ଜଳପଥ ପ୍ରାଧିକରଣର ଅଧ୍ୟକ୍ଷ ବିଜୟ କୁମାର ପରିବହନର ଏକ ସ୍ଥାୟୀ ମାଧ୍ୟମ ଭାବେ ଜାତୀୟ ଜଳପଥର ଭୂମିକା ଉପରେ ଆଲୋକପାତ କରିଥିଲେ।

ଆଦାନୀ ପୋର୍ଟସ୍ ଆଣ୍ଡ ସ୍ପେଶାଲ ଇକୋନୋମିକ୍ ଜୋନ୍ ଲିମିଟେଡ୍‌ର ସଭାପତି ସୁବ୍ରତ ତ୍ରିପାଠୀ କହିଛନ୍ତି, ପାରାଦୀପ ବନ୍ଦର ସମେତ ବିଭିନ୍ନ ବନ୍ଦରରେ କଣ୍ଟେନର କ୍ଷେତ୍ରରେ ଉଲ୍ଲେଖନୀୟ ବିକାଶ ଘଟୁଛି।

କଣ୍ଟେନର କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍ (କନ୍‌କୋର)ର ଏରିଆ ହେଡ୍ ରବି ପ୍ରକାଶ ଚତୁର୍ବେଦୀ କହିଛନ୍ତି, ଗତ ଦଶନ୍ଧି ମଧ୍ୟରେ ଦେଶରେ ଭାରତର ଲଜିଷ୍ଟିକ୍ ସୂଚକାଙ୍କରେ ଯଥେଷ୍ଟ ଉନ୍ନତି ଘଟିଛି।

ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ତଥା ଏସ୍‌ଏନ୍‌ଏମ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡା. ପ୍ରଦୀପ୍ତ ମହାନ୍ତି କହିଛନ୍ତି, ଖର୍ଚ୍ଚ ହ୍ରାସ କରିବା ଏବଂ ଉତ୍ପାଦ ଓ ସେବାକୁ ଘରୋଇ ଓ ବିଶ୍ୱସ୍ତରରେ ଅଧିକ ଉପଲବ୍ଧ କରାଇବା ପାଇଁ ଦକ୍ଷ ଲଜିଷ୍ଟିକ୍ସ ଅତ୍ୟନ୍ତ ଜରୁରୀ। ୨୦୨୪ ଅଗଷ୍ଟ ୨୦ ରେ କୋଲକାତାରେ ହେବାକୁ ଥିବା ସିଆଇଆଇ ଏକ୍ସିମ୍ ସମ୍ମିଳନୀରେ ଅଂଶଗ୍ରହଣ କରିବାକୁ ସେ ଓଡ଼ିଶାର ଶିଳ୍ପସଂସ୍ଥାଗୁଡ଼ିକୁ ଆମନ୍ତ୍ରଣ କରିଥିଲେ।

# ସଷ୍ଟେନେବିଲିଟି ଏକ୍ସଲେନ୍ସ ଆୱାର୍ଡ ସମାରୋହ



**ଭୁବନେଶ୍ୱର, ୨୬।୭**

ଦେଶର ପ୍ରମୁଖ ଶିଳ୍ପ ସଂଘ ଆସୋସିଏଟେଡ୍ ଚାମ୍ବର୍ସ ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଅଫ୍ ଇଣ୍ଡିଆ (ଆସୋଚାମ୍) ପକ୍ଷରୁ ଓଡ଼ିଶା ସିଏସ୍‌ଆର୍ ଏବଂ ସଷ୍ଟେନେବିଲିଟି ଏକ୍ସଲେନ୍ସ ଆୱାର୍ଡ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍)ର ଚାମ୍ପିୟନମାନଙ୍କୁ ସ୍ୱୀକୃତି ଦେବା ଦିଗରେ ଏହି ସମ୍ମାନଜନକ କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସୃଷ୍ଟି କରିଛି,ଯାହା ଓଡ଼ିଶାର ବ୍ୟବସାୟିକ ଦୃଶ୍ୟପଟକୁ ନୂଆ ରୂପ ଦେବାର ପ୍ରତିଶ୍ରୁତି ଦେଇଛି। ଚଳିତ ବର୍ଷ 'ଏକ ସ୍ଥାୟୀ ଭବିଷ୍ୟତ ପାଇଁ ମିଳିତ ସମୃଦ୍ଧି ପାଳନ' ଶୀର୍ଷକ ବିଷୟବସ୍ତୁ ଅର୍ଥନୈତିକ ପ୍ରଗତି, ସାମାଜିକ କଲ୍ୟାଣ ଏବଂ ପରିବେଶ ପରିଚାଳନାର ଗୁରୁତ୍ୱପୂର୍ଣ୍ଣ ପାରସ୍ପରିକ ସମ୍ପର୍କକୁ ସୂଚାଉଛି।

ଏହି ଅବସରରେ ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ କହିଛନ୍ତି, ଆମ ସରକାର ରାଜ୍ୟର ଶିଳ୍ପ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ। ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଫରେଷ୍ଟ (ସି) ଉପମହାନିର୍ଦ୍ଦେଶକ ଏ.ଟି.ମିଶ୍ର କହିଛନ୍ତି, ସିଏସ୍‌ଆର୍ ସ୍କୁଲ କୋଠା କିମ୍ବା ଡାକ୍ତରଖାନା ନିର୍ମାଣ ଠାରୁ ଆଗକୁ ଯିବା ଉଚିତ। ଆସୋଚାମ୍ ଓଡ଼ିଶାର ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି ସ୍ୱାଗତ ଅଭିଭାଷଣ ଦେଇଥିଲାବେଳେ ଆସୋଚାମ ଓଡ଼ିଶା ରାଜ୍ୟ ସିଏସ୍‌ଆର୍ ଆଣ୍ଡ ସଷ୍ଟେନେବିଲିଟି କାଉନସିଲର ଅଧ୍ୟକ୍ଷ ପ୍ରଶାନ୍ତ ହୋତା ସମତେ ବହୁ ବିଶିଷ୍ଟ ବ୍ୟକ୍ତି ଓ ଅନ୍ୟମାନେ ଉପସ୍ଥିତ ଥିଲେ।


# Classified Everyday
0674-2580101, 2549949



REAL ESTATE

SALE

30ft. Road, Boundary, Gharabari plot sale, East College, Nakhara. 9776866520. D-75978

Duplex project at Retang Medical, Station, CV Raman University Tamando, Bhubaneswar. 7008459987. D-75976

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788. D-679**

"Luxurious duplex just @ 110 lakh SALE/Booking opens, visit today our demo duplex, Balakatti, Uttara, BBSR. For details ask/WhatsApp- 9438677819". D-713

**Ready to move 2BHK flat for sale @ 20lakh near Gudiapokhari, Bhubaneswar. Call- 9937544226. D-756**

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



CONSTRUCTION

**Construct your dream home @460/-, 850/-, 1325/- with branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-680**





2 Nos Shops Style Bazar building infront of Paradip Bus Stand, Badambadi Cuttack Approx 300sqft. Contact- 82493 41414. D-844





Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75764

Fully relaxed body massage trained therapist. Central SPA. 9556483961. D-75763

ଫୁଲ୍ ବଡି ମସାଜ (ଦେଶୀ ମୋଡ଼ାଘଷା) **only ladies. 9827119799. D-847**

Kerala body Massage best Therapist Bhubaneswar. 9337672475. D-849

AFFIDAVIT

By virtue of an affidavit sworn before the Executive Magistrate, Panposh I, Subhasree Mukherjee, W/o- Kalyan Prasad Mukherjee, R/o- At/P.O.- Kuarmunda, Dist.- Sundargarh, Odisha, declare that after marriage I have changed my surname from Banerjee to Mukherjee. That both Subhasree Mukherjee and Subhasree Banerjee are one and same person. D-853

By virtue of an affidavit sworn before Notary, Govt. of Odisha, Bhubaneswar, dated 22.07.24, I, Smruti Ranjan Mohanty, 302, Bomikhal, Rasulgarh, BBSR-10 declare that I have changed my name from Sruti Ranjan Mohanty to Smruti Ranjan Mohanty. Henceforth, I shall be known as Smruti Ranjan Mohanty for all purposes.
Smruti Ranjan Mohanty D-848

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## ମନେ ପଡ଼ନ୍ତି

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**✓ଚଞ୍ଚଳା ଜଗଦେବ**

*ପରିବର୍ତ୍ତିନୀ ସଂସାରେ ମୃତ କୋ୍ବା ନଜାୟତେ ସଜାତେ ଯେନ ଜାତେନ ଜାତି ବଂଶ ସମୁନ୍ନତିମ୍ ॥*

*ଶବରସାହି, କଳ୍ପନା ଏରିଆ, ଭୁବନେଶ୍ୱର*

*ଆବିର୍ଭାବ: ୨୦।୦୭।୧୯୪୬*
*ତିରୋଧାନ: ୧୯।୦୭।୨୦୨୨*

*ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମ୍ଭମାନଙ୍କର ଗଭୀର ଶ୍ରଦ୍ଧାଞ୍ଜଳି ।*

*ଆପଣଙ୍କର ପରିବାରବର୍ଗ ।*

ଧ-୮୫୨

**ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**✓ମାଧବୀଲତା ମହାରଣା**

ତିରୋଧାନ: ୧୨.୦୭.୨୦୨୦
(୪ର୍ଥ ଶ୍ରାଦ୍ଧ ବାର୍ଷିକୀ)

**✓ଧ୍ରୁବାନନ୍ଦ ମହାରଣା**

ତିରୋଧାନ: ଜୁଲାଇ ୧୯୬୬
(୫୮ତମ ଶ୍ରାଦ୍ଧ ଦିବସ)

ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ
ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ ଓ ପରିବାର ବର୍ଗ

ଧ-୮୫୧

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଦ୍ରୌପଦୀ ମଲ୍ଲିକ**

*ମହେନ୍ଦ୍ରଗଡ଼, ଗଜପତି*

*ଆବିର୍ଭାବ: ୦୧।୦୭।୧୯୬୦*
*ତିରୋଧାନ: ୦୯।୦୭।୨୦୨୪*

*ତୁମକୁ ହରାଇ ଆମେ ନିଃସ୍ୱ । ପ୍ରତି ମୁହୂର୍ତ୍ତରେ ତୁମ ଅନୁପସ୍ଥିତିକୁ ଅନୁଭବ କରୁଛୁ। ତୁମ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।*

*ଶୋକସନ୍ତପ୍ତ: ଉମାକାନ୍ତ, ଚିତ୍ରସେନ, ଲକ୍ଷ୍ମଣ, ସରସ୍ୱତୀ, ସ୍ୱପ୍ନା, ଜ୍ୟୋତ୍ସ୍ନା, କୁନା, ମୁନା, ଲିଲି, ମଣ୍ଟୁ, ପୁରୁଷୋତ୍ତମ, ମାମା, ଶିବାନୀ, ସନ୍ତୋଷ ଓ ପରିବାରବର୍ଗ ।*

ଧ-୮୫୪

DHARITRI
Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

**ପୋଲିସ ସୂଚନାଦାତା ସନ୍ଦେହରେ ଯୁବକଙ୍କୁ ହତ୍ୟା**
ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ପଖାଞ୍ଜୁର ଅଞ୍ଚଳର ଆରେୱାଡା ଗ୍ରାମର ଯୁବକ ଜୟରାମ କୁମେଟିଙ୍କୁ ମାଓବାଦୀମାନେ ଘରୁ ଉଠାଇ ନେଇ ହତ୍ୟା କରିଛନ୍ତି। ପରେ ତାଙ୍କ ମୃତଦେହକୁ ଗ୍ରାମର ସଡକ ନିକଟରେ ଫିଙ୍ଗିଦେବା ସହ କିଛି ପୋଷ୍ଟର ସେଠାରେ ପକାଇ ମାଓବାଦୀମାନେ ଚାଲିଯାଇଛନ୍ତି। ଜୟରାମ ପୋଲିସ ସୂଚନାଦାତା ରୂପେ କାର୍ଯ୍ୟ କରୁଥିବାରୁ ତାଙ୍କୁ ମାଓବାଦୀ ସଙ୍ଗଠନ ପକ୍ଷରୁ ମୃତ୍ୟୁଦଣ୍ଡ ପ୍ରଦାନ କରାଯାଇଥିବା ପୋଷ୍ଟରରେ ଉଲ୍ଲେଖ ରହିଛି। ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।



# ଲୋୟର ସୁକ୍‌ତେଲ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଗିରଫ

## ଆୟଠାରୁ ୨୫୭% ଅଧିକ ସମ୍ପତ୍ତି ଠୁଳ କରିଥିଲେ ସୁନୀଲ

ଭୁବନେଶ୍ୱର,୨୬।୭ (ସତ୍ୟଜିତ୍ ରାଉତ)

ଚଢ଼ାଉ ଓ ଯାଞ୍ଚ ପରେ ବଲାଙ୍ଗୀର ଲୋୟର ସୁକ୍‌ତେଲ ପ୍ରକଳ୍ପର କୋଟିପତି ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁନୀଲ କୁମାର ରାଉତଙ୍କ ବିପୁଳ ଆୟବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ଗୁରୁବାର ଭଳି ଯାଞ୍ଚର ଦ୍ୱିତୀୟ ଦିନ ଶୁକ୍ରବାର ମଧ୍ୟ ତାଙ୍କର ଏକ ଲକର୍‌ରୁ ବିପୁଳ ସୁନା ଓ ଉତ୍ତରପ୍ରଦେଶ ମଥୁରାରେ ଏକ ଫ୍ଲାଟ୍ ଠାବ ହୋଇଛି। ଠାବ ମୋଟ୍ ସମ୍ପତ୍ତି ସୁନୀଲଙ୍କ ପ୍ରକୃତ ଆୟଠାରୁ ୨୫୭ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ହିସାବ କରିଛି। ତେବେ ଏହି ସମ୍ପତ୍ତି ସଂକ୍ରାନ୍ତରେ ସୁନୀଲ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ତେଣୁ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଶୁକ୍ରବାର ସୁନୀଲଙ୍କ ନାମରେ ମାମଲା (ନଂ.୬/୨୦୨୪) ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ସୁନୀଲଙ୍କ ସ୍ତ୍ରୀଙ୍କୁ ମଧ୍ୟ ଅଭିଯୁକ୍ତ ଦର୍ଶାଯାଇଛି। ଗିରଫ ପରେ ଅଭିଯୁକ୍ତ ସୁନୀଲଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଶୁକ୍ରବାର ଭିଜିଲାନ୍ସ ଅଧିକାରୀମାନେ ସୁନୀଲଙ୍କ ଲକର, ଜୀବନବୀମା ଓ ବ୍ୟାଙ୍କ, ଫାର୍ମହାଉସ୍ ଆଦି ଯାଞ୍ଚ କରିଥିଲେ। ତାଙ୍କର ଏକ ଲକର୍‌ରୁ ୭୬୨.୪୫ ଗ୍ରାମର ସୁନା ଅଳଙ୍କାର, ଉତ୍ତରପ୍ରଦେଶ ମଥୁରାରେ ଏକ ଆପାର୍ଟମେଣ୍ଟରେ ୨ବିଏଚ୍‌କେ ଫ୍ଲାଟ୍, ବିଭିନ୍ନ ଜୀବନବୀମା କମ୍ପାନୀରେ ୧.୮୬ କୋଟି ଟଙ୍କାର ପ୍ରିମିୟମ୍ ଜମା ଓ ୯୮.୧୧ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା ଠାବ ହୋଇଛି। ଢେଙ୍କାନାଳ ସପ୍ତଶଯ୍ୟାରେ ରହିଥିବା ତାଙ୍କ ଫାର୍ମ ହାଉସ୍‌ରେ ୨ ମହଲା


ସୁନୀଲ କୁମାର ରାଉତ

କୋଠା ସମେତ ଏକ ପଲଟ୍ରି ଫାର୍ମରେ ୧ ହଜାର କୁକୁଡ଼ା ଛୁଆ ଓ ବତକ ଏବଂ ଏକ ଗୁହାଳରେ ୭୦ ଗାଈ ଓ ବାଛୁରୀ ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ୱାରେଣ୍ଟ ବଳରେ ଭିଜିଲାନ୍ସର ୯ଟି ଟିମ୍ ଗୁରୁବାର ସୁନୀଲଙ୍କ ଘର ସମେତ ଭୁବନେଶ୍ୱର, ବଲାଙ୍ଗୀର, ପୁରୀ, ଅନୁଗୋଳ, ଢେଙ୍କାନାଳ ଓ କଟକର ୯ ସ୍ଥାନରେ ଏକକାଳୀନ ଚଢ଼ାଉ ହୋଇଥିଲା। ଏହି ସମୟରେ କଟକ, ଭୁବନେଶ୍ୱର, ପୁରୀ ଓ ଢେଙ୍କାନାଳରେ ମୋଟ୍ ୩୪ ପ୍ଲଟ୍, ଭୁବନେଶ୍ୱର ଚନ୍ଦ୍ରଶେଖରପୁର ନୀଳାଦ୍ରିବିହାରରେ ଏକ ୩ ମହଲା କୋଠା, ନୟାପଲ୍ଲୀ ନୀଳକଣ୍ଠ ନଗରରେ ଏକ ଦୁଇମହଲା କୋଠା, ପୁରୀ ଜିଲା ଶ୍ରୀକ୍ଷେତ୍ର ଭକ୍ତ ନିବାସରେ ଏକ ୨ ବିଏଚ୍‌କେ ଫ୍ଲାଟ୍, ପୁରୀ ଭିଆଇପି ରୋଡ୍‌ସ୍ଥିତ କ୍ରୀଷ୍ଣାଧାମ ଆପାର୍ଟମେଣ୍ଟରେ ଏକ ୱାନ୍ ବିଏଚ୍‌କେ ଫ୍ଲାଟ୍, ଘରୁ ୨ ଲକ୍ଷ ୩୪ ହଜାର ୧୨୦ ଟଙ୍କା, ୧୭୬ ଗ୍ରାମ୍‌ର ସୁନା ଅଳଙ୍କାର, ୫୦୦ ଗ୍ରାମ୍‌ର ରୁପା ଅଳଙ୍କାର, ଗୋଟିଏ ଟ୍ରକ୍, ୨ଟି ବେନାମୀ ଚାରିଚକିଆ ଯାନ, ୪ଟି ବାଇକ ଓ ୧୫ ଲକ୍ଷ ଟଙ୍କାର ଘରୋଇ ଉପକରଣ ଠାବ ହୋଇଥିଲା। ତେବେ ସୁନୀଲ ଦୁର୍ନୀତି କରି ଏସବୁ ବିପୁଳ ସମ୍ପତ୍ତି କରିଥିବା ଭିଜିଲାନ୍ସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିବା ସୂଚନା ମିଳିଛି।

# ଅନ୍‌ଲାଇନ ଗେମ୍‌ରୁ କୋଟିପତି

## ଗୋଗୁଆ ଗ୍ରାମରେ ୬ ଜଣଙ୍କ ଘରେ ଇଡି ଚଢ଼ାଉ

ବଣାଇଁ, ୨୬।୭(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡର ବଡ଼ ଗୋଗୁଆ ଗ୍ରାମରେ ଶୁକ୍ରବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଚଢ଼ାଉ କରାଯାଇଛି। ଉକ୍ତ ଗ୍ରାମର କେତେଜଣ ଯୁବକ ଅନ୍‌ଲାଇନ୍ ଗେମ(ଫି-ୱିନ) ଖେଳି ବହୁ କୋଟି ଟଙ୍କା ଆୟ କରଥିବା ନେଇ ଜଣାପଡିବା ପରେ ଏହି ଚଢ଼ାଉ ହୋଇଛି।

ବଣାଇଁ ଅଞ୍ଚଳରେ କେତେଜଣ ଯୁବକ ପ୍ରାୟ ୩ବର୍ଷ ଧରି ଅନଲାଇନ୍ ଗେମ ଖେଳି ବିପୁଳ ପରିମାଣର ଟଙ୍କା ଆୟ କରୁଥିଲେ। ସେମାନଙ୍କର ବ୍ୟାଙ୍କ ଟ୍ରାଞ୍ଜାକସନ, ଆୟକର ତଥ୍ୟକୁ ନେଇ ଦୀର୍ଘଦିନରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦୃଷ୍ଟି ରଖିଥିଲା। ଶେଷରେ ଗୋଗୁଆ ଗ୍ରାମର ଅରୁଣ ସାହୁ, ଶିଶିର ପ୍ରଧାନ, ବିଜୟ ପ୍ରଧାନ, ଡେଲିନ ପ୍ରଧାନ,ସେବା ସାହୁ, କ୍ଷମାନିଧି ସାହୁଙ୍କ ଘରେ ଚଢ଼ାଉ କରିଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ( ରାତି ୮ଟା) ସିଆର୍‌ପିଏଫ୍ (ସେଣ୍ଟ୍ରାଲ ରିଜର୍ଭ


ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଉଛି।

ପୋଲିସ ଫୋର୍ସ)ଯବାନ ଓ ଅଧିକାରୀ ସେମାନଙ୍କ ଘର ଆଗରେ ଜଗି ରହିଛନ୍ତି। ଉକ୍ତ ଯୁବକମାନେ ଫେରାର ହୋଇଯାଇଥିବା ଜଣାପଡିଛି। ସବୁଠାରୁ ବଡ଼ କଥା ହେଉଛି, ଏହି ସ୍କ୍ୱାର୍ଡ ଗ୍ରାମର ବୁଦ୍ଧଦେବ ସାହୁଙ୍କ ଘରେ ପଶିଥିଲେ। ଘରେ କେହି ନ ଥିବାର ସୁଯୋଗରେ ଆଲମିରା ଖୋଲି ସୁନା,ଟଙ୍କା ଯବାନମାନେ ନେଇଯାଇଥିବା ଅଭିଯୋଗ ହୋଇଛି। ଏନେଇ ବୁଦ୍ଧଦେବ ବଣାଇଁ ଥାନାରେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, କେବଳ ବଡ଼ ଗୋଗୁଆ ନୁହେଁ,ଆଖାପାଖର ୨୦ରୁ ଊର୍ଦ୍ଧ୍ୱ ଲୋକ ଏଭଳି ଆଇଡି ଖୋଲି ଅନ ଲାଇନ୍ ଗେମ୍ ଖେଳୁଥିଲେ ଓ ଏଥିର ବହୁ କୋଟି ଟଙ୍କା ଆୟ କରୁଥିଲେ।

## ରେଳଧାରଣାରୁ ଆଇନଜୀବୀଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଜବତ

ଚୌଦ୍ୱାର/ମଙ୍ଗୁଳି-ଜଗତପୁର,୨୬।୭ (ଆଶୁତୋଷ ଦାସ/ମାନସ ସାମଲ)

କଟକ ଜିଲା ଚୌଦ୍ୱାର ଥାନା ଅଧୀନ ଶଙ୍କରପୁର ଗ୍ରାମ ନିକଟ ରେଳଧାରଣାରୁ ଜଣେ ଆଇନଜୀବୀଙ୍କ ଖଣ୍ଡବିଖଣ୍ଡିତ ମୃତଦେହକୁ କଟକ ଜିଆରପି ଶୁକ୍ରବାର ଜବତ କରିଛି। ସେ ହେଲେ କଟକ ମାନସିଂହପାଟଣା ଅଞ୍ଚଳର ସୌମ୍ୟ ପ୍ରକାଶ ମହାପାତ୍ର। ମିଳିଥିବା ସୂଚନା ଅନୁଯାୟୀ, ସକାଳ ପ୍ରାୟ ୬ଟାରେ ଶଙ୍କରପୁର ଗ୍ରାମର କେତେଜଣ ଲୋକ ବିଲକୁ ଯାଉଥିବାବେଳେ ରେଳଧାରଣାରେ ଖଣ୍ଡବିଖଣ୍ଡିତ ମୃତଦେହ ପଡିଥିବା ଦେଖିଥିଲେ। ଚୌଦ୍ୱାର ପୋଲିସ ଓ କଟକ ଜିଆର୍‌ପି ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତଦେହ ନିକଟରୁ ୨ଟି ମୋବାଇଲ, ଗୋଟିଏ ମନିପର୍ସ, ପରିଚୟପତ୍ର ସହ କିଛି ଦୂରରେ ଥିବା ସୌମ୍ୟଙ୍କ ବାଇକ୍ ପୋଲିସ ଜବତ କରିଛି। ଏହାପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲ ପଠାଯାଇଛି। ଜିଆରପି ଥାନା ଅଧିକାରୀ ମାନି କୁମାରୀ ସାହୁ କହିଛନ୍ତି ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ତଦନ୍ତ ତ୍ୱରାନ୍ୱିତ ହେବ।

# ଗଞ୍ଜେଇ କାରବାରରେ ଶିକ୍ଷକ

## ୩ କୁଇଣ୍ଟାଲ ଗଞ୍ଜେଇ ଜବତ: ୬ କୋର୍ଟ ଚାଲାଣ

ଟିଟିଲାଗଡ଼,୨୬।୭(ଶରତ ମିଶ୍ର)

ଶୁକ୍ରବାର ପୋଲିସ ଟିମ୍ ଟିଟିଲାଗଡ଼ଠାରେ ଏକ ବୋଲେରୋରୁ ୩ କୁଇଣ୍ଟାଲ ୩୭ କି.ଗ୍ରା. ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ମଧ୍ୟରେ ବାଲିଗୁଡ଼ା ଅଞ୍ଚଳର ଜଣେ ଶିକ୍ଷକ ସମ୍ପୃକ୍ତ ଥିବା ଜଣାଯାଇଛି। ଅପରାହ୍ଣରେ ଟିଟିଲାଗଡ଼ ଥାନାରେ ଏକ ଖବରଦାତା ସମ୍ମିଳନୀକରି ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରି ଏହି ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ,କନ୍ଧମାଳ ଜିଲା ବାଲିଗୁଡ଼ା ଅଞ୍ଚଳରୁ ନିୟମିତ ଭାବରେ ଗଞ୍ଜେଇ ଟିଟିଲାଗଡ଼, କଣ୍ଟାବାଞ୍ଜି ଦେଇ ରାୟପୁର ଅଞ୍ଚଳକୁ ଚାଲାଣ ହେଉଥିଲା। ଫଳରେ କଣ୍ଟାବାଞ୍ଜି ଆଇଆଇସି ରଶ୍ମିତା ବେହେରା,ସବ୍ ଇନ୍ସପେକ୍ଟର ଅବିନାଶ ନାଏକ, ବଙ୍ଗୋମୁଣ୍ଡା ଥାନା ଅଧିକାରୀ ସଞ୍ଜୀବ ପ୍ରଧାନଙ୍କୁ ନେଇ ଏକ ପୋଲିସ ଟିମ୍ ଗଠନ କରାଯିବା ସହ ଏଥିପ୍ରତି ନଜର ରଖାଯାଇଥିଲା। ଶୁକ୍ରବାର ସକାଳେ ଗଞ୍ଜେଇ ଚୋରା ଚାଲାଣ ହେବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଟିଟିଲାଗଡ଼



ଗିରଫ ଅଭିଯୁକ୍ତ ଓ ଜବତ ଗଞ୍ଜେଇ।

ଥାନା ଅଧିକାରୀ ଅବନୀ ସାହୁ, ସବ୍ ଇନ୍ସପେକ୍ଟର କିରଣ ଜାନି, ଦେବାଶିଷ ଶତପଥୀ, କଣ୍ଟାବାଞ୍ଜି ଥାନା ଅଧିକାରୀ ବେହେରା ଓ ଟିଟିଲାଗଡ଼ ପୋଲିସ ଟିଟିଲାଗଡ଼ ଦେଇ କଣ୍ଟାବାଞ୍ଜି ଯାଉଥିବା ଏକ ବୋଲେରୋକୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲେ। ସେଥିରୁ ୩ କୁଇଣ୍ଟାଲ ୩୭ କି.ଗ୍ରା. ଗଞ୍ଜେଇ ଜବତ ହୋଇଥିଲା। ଏନେଇ ବାଲିଗୁଡ଼ା ଥାନା ଗୁଲିମରା ଗ୍ରାମର ପ୍ରଭାତ ମୁନି, ମୁଠାବାଲି ଗ୍ରାମର ଶୁଭନାଥ ମହାନନ୍ଦ, ପୂର୍ଣ୍ଣ ବେସରା, ଲନ୍ଦା ଗ୍ରାମର ଶିକ୍ଷକ ପ୍ରଶାନ୍ତ ନାଏକ, ଘୋଡ଼ାବାଲି ଗ୍ରାମର ରାଜୁ ରଣା, ବଙ୍ଗୋମୁଣ୍ଡା ଥାନା ବେଲପଡ଼ା ଗ୍ରାମର ବୁଦ୍ଧି ସାଗର ମେହେରଙ୍କୁ ପୋଲିସ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ସେହିପରି ଗୁରୁବାର ପୋଲିସ ଟିମ୍ ଟିଟିଲାଗଡ଼ରେ ଚଢ଼ାଉକରି ଏକ ପିକ୍‌ଅପ୍ ଭ୍ୟାନ୍‌ରୁ ୨୪୪ ପ୍ୟାକେଟ ଗଞ୍ଜେଇ ଜବତ କରିଥିଲା। ଉଭୟ ଘଟଣାରେ ପୋଲିସ ୨ଟି ଗାଡ଼ି, ୬ଟି ମୋବାଇଲ ଫୋନ, ନଗଦ ୯୦୦ ଟଙ୍କା ଜବତ କରିଛି ବୋଲି ଏସ୍‌ପି ଖିଲାରି ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, କନ୍ଧମାଳ ଜିଲା ବାଲିଗୁଡ଼ାରୁ ବେଲଗାଁ ରାସ୍ତା ଦେଇ ବିଭିନ୍ନ ସ୍ଥାନକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ସୂଚନା ମିଳିବା ପରେ ପୋଲିସ ସତର୍କଦୃଷ୍ଟି ରଖିଛି।

# ବ୍ଲକ୍ ଅଫିସ୍ ନିକଟରେ ସରପଞ୍ଚଙ୍କୁ ଭୁଜାଲି ମାଡ଼

ଡୁଙ୍ଗୁରିପାଲି, ୨୬।୭(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଇଚ୍ଛାପୁର ସରପଞ୍ଚ ପ୍ରଶାନ୍ତ କୁମାର ସାହୁଙ୍କୁ ଶୁକ୍ରବାର ବ୍ଲକ ଅଫିସ୍ ନିକଟରେ ଭୁଜାଲିରେ ଆକ୍ରମଣ କରାଯାଇଛି। ଫଳରେ ସେ ଗୁରୁତର ହୋଇଛନ୍ତି। ପ୍ରଶାନ୍ତ କୌଣସି କାମରେ ବ୍ଲକ ଅଫିସ୍‌କୁ ଆସିଥିଲେ। କାମ ସାରି ଯିବାବେଳେ ବିଡିଓଙ୍କ ବାସଭବନ ନିକଟରେ ହଠାତ୍ ଦୁଇ ଜଣ ଯୁବକ ଦୌଡ଼ି ଆସି ତାଙ୍କ କାରକୁ ଅଟକାଇ ଥିଲେ। କାର ଭିତରୁ ବାହାରୁ ଥିବାବେଳେ ପ୍ରଶାନ୍ତଙ୍କୁ ଦୁଇ ଯୁବକ ଭୁଜାଲି ଓ ଏକ ଧାରୁଆ ଅସ୍ତ୍ରରେ ହାଣିଥିଲେ। ତାଙ୍କ ଡାହାଣ ହାତ ଓ ମୁଣ୍ଡରେ ଚୋଟ ଲାଗିଥିଲା। ରକ୍ଷାପାଇବା ପାଇଁ ସେ ଭୟଭୀତ ହୋଇ ବିଡିଓଙ୍କ ବାସଭବନକୁ ପଶି ଯାଇ ଗେଟ୍‌କୁ ବନ୍ଦ କରିଥିଲେ। ସେଠାରୁ ଦୁଇ ଯୁବକ ଫେରାର ମାରିଥିଲେ। ତୁରନ୍ତ ସେଠାରେ ଥିବା ଲୋକେ ପ୍ରଶାନ୍ତଙ୍କୁ


ଆହତ ପ୍ରଶାନ୍ତ କୁମାର ସାହୁ।

ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ପ୍ରାଥମିକ ଚିକିତ୍ସା କଲା ପରେ ବୁର୍ଲା ବଡ଼ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ବିଡିଓ ବିପିନବିହାର ଦୀପ ଏନେଇ ଥାନାକୁ ଜଣାଇଥିଲେ। ଡୁଙ୍ଗୁରିପାଲି ଥାନା ଅଧିକାରୀ ସତ୍ୟନାରାୟଣ ପଧାନ ପହଞ୍ଚି ତଦନ୍ତ କରିଛନ୍ତି। ସୋନପୁର ଏସ୍‌ଡିପିଓ ପ୍ରତାପ ତ୍ରିପାଠୀ ଡୁଙ୍ଗୁରିପାଲି ଥାନାରେ ପହଞ୍ଚି ଘଟଣା ସମ୍ପର୍କରେ ଅନୁଧାନ କରୁଛନ୍ତି।

# ବଧୂଙ୍କୁ ତଣ୍ଟିଚିପି ହତ୍ୟା ଅଭିଯୋଗ

ଖୋର୍ଦ୍ଧା/ବେଗୁନିଆ,୨୬।୭(ପ୍ରଭାତ ପାଣିଗ୍ରାହୀ/ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ସିକୋ ଫାଣ୍ଡି ବେଗୁନିଆ ବ୍ଲକ ହଜ ପଞ୍ଚାୟତର ନିଧିପୁର ଗ୍ରାମରେ ଜଣେ ବଧୂଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତା ହେଲେ ଶିଲ୍ପଲତା ମଙ୍ଗରାଜ (୨୩)। ପୋଲିସ ମୃତଦେହର ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହି ମୃତ୍ୟୁକୁ ଶାଶୁଘର ଲୋକେ ଆତ୍ମହତ୍ୟାର ରୂପ ଦେଇଥିବା ବାପଘର ଲୋକେ ଦର୍ଶାଇ ଶିଳ୍ପଲତାଙ୍କ ଶାଶୁ, ଶ୍ୱଶୁର, ସ୍ୱାମୀ ଓ ଦିଅରଙ୍କ ନାମରେ ହତ୍ୟା ଅଭିଯୋଗ ଆଣିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ ଜାରି ରଖିଛି। ପୋଲିସ ଶିଳ୍ପଲତାଙ୍କ ବେଡ୍‌ରୁମ୍, ତଳେ ଶୋଇଥିବା ସ୍ଥାନ ପ୍ରଭୃତି ଯାଞ୍ଚ କରିବା ସହ ଶାଶୁ ଓ ଦିଅରଙ୍କୁ ଥାନାରେ ଅଟକ ରଖିଛି।

ଅଭିଯୋଗ ଅନୁଯାୟୀ, ସିକୋ ଫାଣ୍ଡି ହୀରାପୁର ପଞ୍ଚାୟତ ରାୟମୂଳ ଗ୍ରାମର ନବକିଶୋର ମଙ୍ଗରାଜଙ୍କ ଝିଅ ଶିଳ୍ପଲତା ନିଧିପୁର ଗ୍ରାମର ମହେଶ୍ୱର ଛୁଆଳସିଂଙ୍କ ବଡ଼ପୁଅ ଜଗଦୀଶ(୨୮)ଙ୍କୁ ବିବାହ କରିଥିଲେ। ଜଗଦୀଶ ବାହାର ରାଜ୍ୟରେ କାମ କରନ୍ତି। ଶିଳ୍ପଲତାଙ୍କର ୮ ମାସର ଏକ ଶିଶୁକନ୍ୟା ରହିଛି। ବିବାହର କିଛି ମାସ ପରେ ସ୍ୱାମୀ ଜଗଦୀଶ, ଶାଶୁ ସୁକାନ୍ତି(୫୪), ଶ୍ୱଶୁର ମହେଶ୍ୱର (୬୦), ଦିଅର ଜୀବନ (୨୦) ତାଙ୍କୁ ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ ବୋଲି ଶିଳ୍ପଲତାଙ୍କ ବାପା ନବକିଶୋର ଅଭିଯୋଗରେ ଦର୍ଶାଇଛନ୍ତି। ସେ ଆହୁରି ଦର୍ଶାଇଛନ୍ତି ଯେ, ଗୁରୁବାର ସନ୍ଧ୍ୟାରେ ତାଙ୍କ ଝିଅ ମରିଯାଇଥିବା ଖବର ପାଇ ଶାଶୁଘରେ ପହଞ୍ଚିଥିଲେ। ଝିଅ ରଶି ଲଗାଇ ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ ଜଣାଇଥିଲେ। ତେବେ ସେଠାରେ ପହଞ୍ଚିବା ବେଳକୁ ଝିଅର ମୃତଦେହ ତଳେ ଶୁଆଇ ଦିଆଯାଇଥିବା ଦେଖିବାକୁ ପାଇଥିଲେ। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସେ କହିଛନ୍ତି।

# ଦୁର୍ନୀତି: ଆର୍‌ଜିଏଚ୍ ମ୍ୟାନେଜର ଚାକିରିରୁ ବହିଷ୍କୃତ

ରାଉରକେଲା,୨୬।୭(ଦିନେଶ ମିଶ୍ର)

ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ବିଭିନ୍ନ ଦୁର୍ନୀତିରେ ଲିପ୍ତ ଥିବା ଅଭିଯୋଗରେ ମ୍ୟାନେଜର ମୋହିତ ଶ୍ରୀବାସ୍ତବଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ଏନେଇ ଜାତୀୟ ସ୍ୱାସ୍ଥ୍ୟ ମିଶନ ମ୍ୟାନେଜିଂ ଡାଇରେକ୍ଟର ଶୁକ୍ରବାର ସନ୍ଧ୍ୟାରେ ଆର୍‌ଜିଏଚ୍ ନିର୍ଦ୍ଦେଶକ ଗଣେଶ ପ୍ରସାଦ ଦାଶଙ୍କୁ ଏକ ଚିଠି ଯୋଗେ ବିଜ୍ଞପ୍ତି ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଆର୍‌ଜିଏଚର ପରିଚାଳନା ପାଇଁ ଶ୍ରୀବାସ୍ତବଙ୍କୁ ମ୍ୟାନେଜର ଭାବେ ଦାୟିତ୍ୱ ଦିଆଯାଇଥିଲା। ଡାକ୍ତରଖାନାର ନିର୍ଦ୍ଦେଶକଙ୍କ ବିନା ପରାମର୍ଶରେ ମର୍ଗ ହାଉସ୍‌ରେ ଫ୍ରିଜ୍‌ର ବିକ୍ରି, ଆରଜିଏଚ୍‌ରେ ଗୋଟିଏ ସିକ୍ୟୁରିଟି ସଂସ୍ଥାକୁ ଟେଣ୍ଡର ଦେବା, ଲଣ୍ଡ୍ରିର ଦୁର୍ନୀତି ଭଳି ବିଭିନ୍ନ ଘଟଣାରେ ମୋହିତ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ଚଳିତ ମାସରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଏକ ୫ ଜଣିଆ ଟିମ୍ ଏହାର ତଦନ୍ତ ପାଇଁ


ମୋହିତ ଶ୍ରୀବାସ୍ତବ

ଆର୍‌ଜିଏଚ୍‌କୁ ଆସିଥିଲା। ସେମାନେ ମୋହିତଙ୍କୁ ଜେରା କରିଥିଲେ। ହେଲେ ମୋହିତ ପ୍ରକୃତ ତଥ୍ୟ ଉପସ୍ଥାପନା କରିପାରି ନ ଥିଲେ। ଫଳରେ ମୋହିତଙ୍କ ଉପରେ ସନ୍ଦେହ ଘନୀଭୂତ ହୋଇଥିଲା। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ତାଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ଦାବି କରାଯାଇଥିଲା। ଏନେଇ ଆର୍‌ଜିଏଚ୍‌ର ନିର୍ଦ୍ଦେଶକ ଗଣେଶ ପ୍ରସାଦ ଦାଶଙ୍କୁ ପଚାରିବାରୁ, ଆର୍‌ଜିଏଚ୍‌ର ବିଭିନ୍ନ ଦୁର୍ନୀତି କାମରେ ମୋହିତ ଲିପ୍ତ ଥିବାରୁ ତାଙ୍କ ବିପକ୍ଷରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ମ୍ୟାନେଜିଂ ନିର୍ଦ୍ଦେଶକ ବିଜ୍ଞପ୍ତି ଜାରି କରିଥିଲେ।

## ତଣ୍ଟି ଚିପି ହତ୍ୟା କରିଥିଲେ ମାଉସୀ

### ନାବାଳକଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା

ଯୋଡ଼ା,୨୬।୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ବାଂଶପାଣି ଟୋଲଗେଟ୍ ବସ୍ତିରେ ଜୁଲାଇ ୨୨ରେ ଜଣେ ୮ ବର୍ଷର ନାବାଳକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଥିଲା। ପୋଲିସ ଶୁକ୍ରବାର ଘଟଣାର ପର୍ଦ୍ଦାଫାଶ କରିଛି। ନାବାଳକଙ୍କୁ ତାଙ୍କ ମାଉସୀ ହତ୍ୟାକରି ଟାଙ୍ଗିଦେଇଥିବା ବେଳେ ପୋଲିସ ମାଉସୀ ଦମୁ ମୁଣ୍ଡାଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ଘଟଣା ଦିନ ନାବାଳକ କାମକୁ ଯାଇ ନ ଥିଲେ। ଏ ନେଇ ମାଉସୀ ନାବାଳକଙ୍କୁ କାହିଁକି କାମ କରିବାକୁ ଗଲୁ ନାହିଁ କହି ଗାମୁଛାରେ ତଣ୍ଟିକୁ ଚିପିଦେଇଥିଲେ। ନାବାଳକଙ୍କ ମୃତ୍ୟୁ ହୋଇଯିବାରୁ ଘର ଶେଣିରେ ଟାଙ୍ଗି ଆତ୍ମହତ୍ୟାର ରୂପ ଦେଇଥିଲେ। ପରେ ବାହାରକୁ ଶୌଚ ହେବାକୁ ଚାଲିଯାଇଥିଲେ। କିଛି ସମୟ ପରେ ଆସି ପୁତୁରା ଆତ୍ମହତ୍ୟା କରିଥିବା କଥା କହିଥିଲେ। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ତଦନ୍ତ କରି ଅଭିଯୁକ୍ତ ମାଉସୀଙ୍କୁ ଗିରଫ କରିଛି।

# ଚୋରି ଦାନବାକ୍ସ, ସୁନା ଆଖି ଉଦ୍ଧାର

## ୩ ଅଭିଯୁକ୍ତ ଗିରଫ

ଜଗତ୍‌ସିଂହପୁର ଅଫିସ, ୨୬।୭ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଯଶୋବନ୍ତପୁର କାଠୁଆପାଟଣାସ୍ଥିତ ମା'ଖଣ୍ଡୁଆଳୀ ମନ୍ଦିର ପରିସରରୁ ଜୁନ୍ ୨୬ରେ ଚୋରି ହୋଇଥିଲା। ଯଶୋବନ୍ତପୁର ଝିଙ୍କରଡ଼ିଅ ଗ୍ରାମର ଅନିରୁଦ୍ଧ ପତିଙ୍କ ଅଭିଯୋଗ ଆଧାରରେ ଜଗତ୍‌ସିଂହପୁର ଥାନାରେ ତା'ପରଦିନ ଅର୍ଥାତ୍ ଜୁନ୍ ୨୭ରେ ମାମଲା (ନଂ.୬୧୮/୨୪) ରୁଜୁ ହୋଇଥିଲା। ଏହି ମାମଲାରେ ପୋଲିସକୁ ସଫଳତା ମିଳିଛି। ୩ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସମର୍ଥ ହୋଇଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଯଶୋବନ୍ତପୁର ଗ୍ରାମର


ଉଦ୍ଧାର ହୋଇଥିବା ସୁନା ଆଖି ଓ ସୁନା ଚିତା।

ବିକାଶ କୁମାର ପାଢୀ ଓରଫ ରିଙ୍କୁ (୨୪), ନରେନ୍ଦ୍ର ଭୋଇ ଓରଫ୍ ମୁନା (୨୮) ଓ ଜଗତ୍‌ସିଂହପୁର ଲାଲାସାହିର ପରମାନନ୍ଦ ସାହୁ ଓରଫ ପରମା(୩୬)। ସେମାନଙ୍କ ନିକଟରୁ ୧ସୁନା ଚିତା, ୨ ସୁନା ଆଖି, ଦାନବାକ୍ସ ଏବଂ ୨୦୩୫ ଟଙ୍କା ଜବତ କରାଯାଇଥିବା ଆଇଆଇସି ଗୋକୁଳ ରଞ୍ଜନ ଦାସ ସୂଚନା ଦେଇଛନ୍ତି।

ଆଇଆଇସି କହିଛନ୍ତି, ମନ୍ଦିରରୁ ଚୋରି ସମ୍ପର୍କରେ ଅଭିଯୋଗ ପରେ ତୁରନ୍ତ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇଥିଲା। ଏହି ଦଳ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅନେକ କିଛି ସୂଚନା ପାଇଥିଲା। ଦାନବାକ୍ସ, ସୁନା ଚିତା ଅଭିଯୁକ୍ତ ବିକାଶ ଓ ନରେନ୍ଦ୍ର ଚୋରି କରିଥିଲେ। ଦାନବାକ୍ସ କାଠପୋଲ ନିକଟସ୍ଥ ବାଲିଗଦା ଭିତରେ ଲୁଚାଇ ରଖିଥିଲେ। ୨ଟି ସୁନା ଆଖି ଓ ଚିତା ଜଣେ ସୁନା ଦୋକାନୀଙ୍କୁ ବିକ୍ରି କରି ଦେଇଥିଲେ। ସେ ହେଲେ ଜଗତ୍‌ସିଂହପୁର କଲେଜ ଛକ ନିକଟ ଗୋବିନ୍ଦ ଜୁଏଲେରିର ମାଲିକ ପରମାନନ୍ଦ ସାହୁ। କମ୍ ଦାମରେ ଅସାଧୁଭାବେ ପରମାନନ୍ଦ ସୁନାଗହଣା କିଣିଥିବାରୁ ତାଙ୍କୁ ମଧ୍ୟ ଗିରଫ କରାଯାଇଛି। ୨୦୧୬ରେ ନରେନ୍ଦ୍ର ଭୋଇଙ୍କ ନାମରେ ଡକାୟତି ଓ ୨୦୧୯ରେ ବିକାଶଙ୍କ ନାମରେ ପାଣିପମ୍ପ ଚୋରି ମାମଲା ଥିବା ଆଇଆଇସି କହିଛନ୍ତି।

# କୋର୍ଟରେ ହାଜର ହେଲେ ମାଓବାଦୀ ଆଜାଦ


କଡ଼ା ସୁରକ୍ଷା ବଳୟରେ ଆଜାଦଙ୍କୁ ପଦ୍ମପୁର କୋର୍ଟକୁ ନିଆଯାଉଛି।

ରାୟଗଡା, ୨୬।୭ (ଆଶିଷ ରଞ୍ଜନ ପଣ୍ଡା)

ହାର୍ଡକୋର୍ ମାଓବାଦୀ ଆଜାଦ ଓରଫ ଡୋନା କେଶବ ରାଓଙ୍କୁ ପୋଲିସ କଡ଼ା ସୁରକ୍ଷା ବଳୟରେ ଶୁକ୍ରବାର ରାୟଗଡ଼ା ଜିଲା ପଦ୍ମପୁରସ୍ଥିତ ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ହାଜର କରାଯାଇଥିଲା। ଜିଆର୍ କେସ୍ ନମ୍ବର ୨୪୨(ସି)/୨୦୦୮ ମାମଲାରେ ଆଜାଦଙ୍କୁ ଭୁବନେଶ୍ୱରସ୍ଥିତ ଝାରପଡ଼ା ଜେଲରୁ ଅଣାଯାଇ ପଦ୍ମପୁର କୋର୍ଟରେ ହାଜର କରାଯାଇଥିଲା। ଅଦାଲତ ଆଜାଦଙ୍କ ଜାମିନ ଖାରଜ କରିବା ସହ ଉକ୍ତ ମାମଲାକୁ ଗୁଣପୁର ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କୁ ସ୍ଥାନାନ୍ତର କରିଥିବା ତାଙ୍କ ଓକିଲ ବ୍ରହ୍ମାନନ୍ଦ ପଟ୍ଟନାୟକ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ୨୯।୧୨।୨୦୦୮ରେ ଗୁଣପୁର ସହରର ଏକ ଘରୋଇ ଶିକ୍ଷାନୁଷ୍ଠାନରୁ ଚାନ୍ଦା ନେଉଥିବା ସମୟରେ ପୋଲିସ ବିଶେଷ ସୂତ୍ରରୁ ଖବରପାଇ କେନ୍ଦୁଗୁଡ଼ା ଅଞ୍ଚଳରେ ଚଢ଼ାଉକରି ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରିଥିଲା। ଏହି ମାମଲାରେ ଆଜାଦଙ୍କୁ ଗିରଫ କରାଯାଇଥିବାବେଳେ ତାଙ୍କ ନାମରେ ଆହୁରି ଅଧିକ ଆପରାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

# ବସ୍‌ରୁ ରୁପା ଭର୍ତ୍ତି ବ୍ୟାଗ, ଟଙ୍କା ଚୋରି

ଖଲ୍ଲିକୋଟ,୨୬।୭ (ପ୍ରଶାନ୍ତ କୁମାର ମିଶ୍ର)

ବ୍ରହ୍ମପୁରରୁ କୋଲକାତା ଅଭିମୁଖେ ଯାଉଥିବା ବସ୍ 'ଖମ୍ବେଶ୍ୱରୀ'ରୁ ଶୁକ୍ରବାର ସନ୍ଧ୍ୟାରେ ଜଣେ ବ୍ୟବସାୟୀଙ୍କ ପ୍ରାୟ ୫୦ କେଜି ପୁରୁଣା ରୁପା ଜିନିଷ ଓ ୪ ଲକ୍ଷ ୭୨ ହଜାର ଟଙ୍କା ଚୋରି ହୋଇଥିବା ଖଲ୍ଲିକୋଟ ଥାନା ଅଧୀନ ଭେଜିପୁଟ ଫାଣ୍ଡିରେ ଅଭିଯୋଗ ହୋଇଛି। ୩ରୁ ୪ ଜଣ ଯୁବକ କାର୍‌ରେ ଆସି ବସ୍‌ରୁ ଉକ୍ତ ରୁପା ଭର୍ତ୍ତି ବ୍ୟାଗ ଓ ଟଙ୍କା ନେଇ ଭୁବନେଶ୍ୱର ଅଭିମୁଖେ ପଳାଇଥିବା ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜରୁ ଜଣାପଡିଛି। ବସ୍‌ଟି ସନ୍ଧ୍ୟା ପ୍ରାୟ ୭ଟାରେ ଭେଜିପୁଟ ନିକଟରେ ଅଟକିଥିଲା। ପ୍ରାୟ ସମସ୍ତ ଯାତ୍ରୀ ଚା' ଜଳଖିଆ ଖାଇବା ପାଇଁ ତଳକୁ ଓହ୍ଲାଇ ଯାଇଥିଲେ। ଏହି ସମୟରେ ୩ରୁ ୪ ଜଣ ଯୁବକ ବସ୍ ଭିତରେ ପଶି ରୁପା ବ୍ୟବସାୟୀ ମିଥୁନ ମଣ୍ଡଳଙ୍କ ଦୁଇଟି ବ୍ୟାଗ ନେଇ ପଳାଇଥିଲେ। କିଛି ସମୟ ମିଥୁନ ନିଜ ସିଟ ପାଖକୁ ଯିବାରେ ବ୍ୟାଗ ନ ଥିବା ଦେଖି ଚିତ୍କାର କରିଥିଲେ। ଖବରପାଇ ଖଲ୍ଲିକୋଟ ଥାନା ଏବଂ ଭେଜିପୁଟ ଫାଣ୍ଡି ପୋଲିସ ପହଞ୍ଚି ସିସିଟିଭି ଫୁଟେଜ ଆଧାରରେ କାରକୁ ଧରିବା ପାଇଁ ଉଦ୍ୟମ ଚଳାଇଛି।

# ଟଙ୍କାଛପା ମେଶିନ ଯୋଗାଇବା ନାଁରେ ଠକେଇ ଓ ଅପହରଣ

ପାରଳାଖେମୁଣ୍ଡି, ୨୬।୭ (ଗିରିଧାରୀ ପରିଛା)

ଟଙ୍କା ଛପା ମେଶିନ ଯୋଗାଇବା ନାମରେ ଜଣକୁ ଅପହରଣ ଏବଂ ତାଙ୍କ ପତ୍ନୀଙ୍କ ଠାରୁ ୬ଲକ୍ଷ ଟଙ୍କା ଠକିନେବା ଘଟଣାରେ ପାରଳାଖେମୁଣ୍ଡି ପୋଲିସ ୪ ଜଣକୁ ଗିରଫ କରିଛି। ଅଭିଯୁକ୍ତ ୪ ଜଣଙ୍କ ମଧ୍ୟରୁ ଜଣେ ଗଞ୍ଜାମ ଜିଲାର ହୋଇଥିବା ବେଳେ ଅନ୍ୟ ୩ ଜଣ ଗଜପତି ଜିଲାର। ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ କେକେସିଂ ଗ୍ରାମର ପ୍ରଚୁର ଲିମାଙ୍କୁ ଟଙ୍କା ଛପା ମେଶିନ ଯୋଗାଇଦେବାକୁ କହି ଅଭିଯୁକ୍ତ ୪ଜଣ ତାଙ୍କୁ ଡାକି ନେଇଥିଲେ। ଗଞ୍ଜାମ ଜିଲା ବରକୁଳ ନିକଟସ୍ଥ ଚିଲିକା ଗ୍ରାମର ଓମ୍ ସାଇବାବା ଲଜ୍‌ରେ ପ୍ରାୟ ଏକ ମାସରୁ ଊର୍ଦ୍ଧ୍ୱ ସମୟ ଧରି ତାଙ୍କୁ ଅଟକ ରଖି ତାଙ୍କ ସ୍ତ୍ରୀ ମିମି ଲିମାଙ୍କୁ


ଗିରଫ ଅଭିଯୁକ୍ତ।

୩୦ଲକ୍ଷ ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ ପ୍ରଚୁରଙ୍କୁ ହତ୍ୟା କରିବେ ବୋଲି ଧମକାଉଥିଲେ। ହତ୍ୟା ଧମକ ଭୟରେ ବିଭିନ୍ନ ସମୟରେ ସ୍ତ୍ରୀ ମିମି ଅଭିଯୁକ୍ତଙ୍କ ଏକାଉଣ୍ଟକୁ ୬ଲକ୍ଷ ଟଙ୍କା ପଠାଇଥିଲେ। ଏହାପରେ ନିରୁପାୟ ହୋଇ ଗତ ମାସ ୨୪ ତାରିଖରେ ପାରଳାଖେମୁଣ୍ଡି ଥାନାର ଦ୍ୱାରସ୍ଥ ହୋଇଥିଲେ। ଅପହରଣକାରୀଙ୍କ ଫୋନ କଲ୍ ଏବଂ ଫୋନ ପେ' ଯୋଗେ ପଠାଯାଇଥିବା ଟଙ୍କା ଓ ବ୍ୟାଙ୍କ ଆକାଉଣ୍ଟକୁ ଆଧାର କରି ପୋଲିସ ୪ଜାଣିଆ ଟିମ ଗଠନ କରି ତଦନ୍ତ କରୁଥିଲା। ପ୍ରଥମେ ଘଟଣାର ମୁଖ୍ୟ ଅଭିଯୁକ୍ତ ଗଞ୍ଜାମ ଜିଲାର ଦୀପକ ବେହେରାଙ୍କୁ ଗିରଫ କରାଯାଇଥିଲା। ଘଟଣାରେ ଆଉ ୩ ଜଣ ସମ୍ପୃକ୍ତ ଥିବା ଜାଣି ଖୋଳତାଡ଼ କରି ସେମାନଙ୍କୁ ଗିରଫ କରଥିଲା ପୋଲିସ। ଅନ୍ୟ ତିନିଜଣ ଅଭିଯୁକ୍ତ ହେଲେ ଗଜପତି ଜିଲା କାଶୀନଗର ବ୍ଲକ ବଡଖିଙ୍ଗା ଗ୍ରାମର କବିରାଜ ମାଳି, ଚୈତନ୍ୟ ମାଳି, ଶିବାଜୀ ମାଳି। ସେମାନଙ୍କଠାରୁ ତଥ୍ୟ ସଂଗ୍ରହ କରି ପୋଲିସ ପ୍ରଚୁରଙ୍କୁ ଉକ୍ତ ଲଜ୍‌ରୁ ଉଦ୍ଧାର କରିଥିଲା ବୋଲି ପାରଳାଖେମୁଣ୍ଡି ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତି ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ଠକେଇ ଓ ଅପହରଣ ମାମଲା ରୁଜୁ କରି ତାଙ୍କ ଠାରୁ ୫ଟି ମୋବାଇଲ, ଗୋଟିଏ ନକଲି ଟଙ୍କା ଛପା ମେଶିନ ଜବତ କରିବା ସହ ୪ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ବିଶ୍ୱସ୍ତ ଶ୍ରାବଣ

ଗଳ୍ପ

ଝରଣା ପଟ୍ଟନାୟକ

କ୍ଲାସ୍‌ରୁମ୍‌ରୁ କମନ୍‌ରୁମ୍। ବର୍ଷାପାଣି ଛାଟରେ ଗୋଟାପଣେ ଓଦା ରାଜେଶ। ଏଥର ଋତୁ ଆରମ୍ଭରୁ ବର୍ଷା ବଡ଼ ଅସ୍ତବ୍ୟସ୍ତ କଲାଣି। ଘାସ ଭିତରେ ମାଟି ପଚ୍‌ପଚ୍। କଚଡ଼ାବର୍ଷା ସାଧାରଣ ଜନଜୀବନକୁ ହନ୍ତସନ୍ତ କଲାଣି।

ସିପ୍ରା ମାଡାମ୍‌ଙ୍କର ଟିକିଏ ଆଗରୁ କ୍ଲାସ୍ ସରିଛି। ସେ କମନ୍‌ରୁମ୍‌ରେ। ଦୁହିଁଙ୍କର ବୁଢ଼ା ରଜା ତଳେ କ୍ୱାର୍ଟର। ସାଙ୍ଗ ହୋଇ ରାଜେଶଙ୍କର ଗାଡ଼ିରେ ଯିବେ। ଆଜି ତାଙ୍କ ଡ୍ରାଇଭର ଛୁଟିରେ।

କମନ୍‌ରୁମ୍ ଖାଲି। ସିପ୍ରା ମାଡାମ୍ ଝର୍କା ପାଖରେ। ଝାଡ଼ି ଦଉଛନ୍ତି ମଥାକୁ ରୁମାଲ୍‌ରେ। ବର୍ଷାଛିଟାରେ ଓଦା। ଚାହିଁଛନ୍ତି ଝର୍କା ଆଡ଼େ।

ଓଡ଼ିଶାର ସେ ଜଣେ ବିଦଗ୍ଧ କବି। ଗୀତି-କବିତା ଲେଖି ବହୁ ସମ୍ମାନର ଅଧିକାରିଣୀ। ଦୁନିଆଟା ତାଙ୍କ ପାଇଁ ପ୍ରେମମୟ। ବସିଛନ୍ତି ଚୁପ୍‌ଚାପ୍। ପ୍ରେମ କବିତାଟେ ଲେଖିବେ ବୋଧେ।

ରାଜେଶ ତାଙ୍କର ମୌନ ଭଙ୍ଗ କଲେ। ଘରକୁ ଯିବା ବେଳଟାରେ ତ ବର୍ଷା। ରାଜେଶ କହିଲେ; ଯିବାନି କି ମାଡାମ୍? ହଁ ମୁଁ ଡ୍ରାଇଭରକୁ ଫୋନ୍ କରୁଛି। କହିଲେ ସିପ୍ରା ମାଡାମ୍। ରାଜେଶ ବିଚଳିତ ହୋଇପଡ଼ିଲେ। ଡ୍ରାଇଭର ଆସିବନି ବୋଲି ତ ସେ ଜାଣିଛନ୍ତି। ଇୟେ ପୁଣି କି କଥା?

ରାଜେଶ ଡାକିଲେ ମାଡାମ୍! ଥମ୍‌ଥମ୍ ଆଖିରେ ଧୀରେ ଅନେଇଲେ ସିପ୍ରା ମାଡାମ୍ ରାଜେଶଙ୍କୁ। କ'ଣ ଭାବୁଥିଲେ କେଜାଣି। ଲାଗୁଥିଲା ତାଙ୍କ ଚଉହଦିର ବୁନିଆଦି ସିନ୍ଧୁକ ଭିତରୁ ଯେମିତି ବାହାରି ପଡୁଛି ଭାବରେ ଆଚ୍ଛନ୍ନ ହୋଇଥିବା କିଛି ସଂଗୁପ୍ତ ଉଦାସୀ ଆବେଗ।

ରାଜେଶ କହିଲେ, 'ଚାଲନ୍ତୁ ଘରକୁ ଯିବା'। ବର୍ଷା ଆଉ ବନ୍ଦ ହେବନି ତା' ଭିତରେ ଉଦ୍‌ବେଳନ। ଆକ୍ରାମାକ୍ରା କରୁଛି ମାଟିକୁ, ଘାସକୁ ସବୁଜ ବନାନୀକୁ।

ସିପ୍ରା ମାଡାମ୍ ସତର୍କ ହେଲେ। ସହଜ ହେଲେ ପରେ ପରେ। କହିଲେ, ଝିଅ ଆଜି ସ୍କୁଲ୍ ଯାଇନି ବର୍ଷା ଯୋଗୁ।



ଶୁଭେନ୍ଦୁ ଭୁବନେଶ୍ୱରରୁ ଆସି ଘରେ। ପାଞ୍ଚଦିନ ଛୁଟି ନେଇ ଆସିଛନ୍ତି।

ଇଆଡ଼େ ଅନର୍ସ ପିଲାଙ୍କର ସେମିନାର ଶନିବାର ଦିନ। ଓଡ଼ିଆ ବିଭାଗର ପ୍ରବୀଣ ଅଧ୍ୟାପକ ଦୁଇଜଣଙ୍କୁ ଡକାଯାଇଛି। ସେମାନଙ୍କ ପାଇଁ ଗାଡ଼ି, ହୋଟେଲର ବନ୍ଦୋବସ୍ତ କରାଯିବ। ମଝିରେ ମାତ୍ର ତିନିଦିନ। ଶୁଭେନ୍ଦୁ ଏମିତି ବି ବୁଝନ୍ତିନି ସାହିତ୍ୟକୁ। କାମ ତ ପ୍ଲାନେଟାରିଅମ୍‌ରେ। ସଜଳ ଭାବ ତାଙ୍କ ଭିତରେ ନାହିଁ। ତାଙ୍କ ପାଇଁ ସବୁକିଛି ବିଜ୍ଞାନରୁ ସୃଷ୍ଟି। କ୍ୱାର୍ଟର ସାମ୍ନାରେ ଯୋଉ ମାଟି ଜାଗା ଖଣ୍ଡିକ, ସେଠି ହରଗଉରା, ରଙ୍ଗଣି ଫୁଲ କଢ଼ ଧରିଲେଣି। ଏତେ ବର୍ଷା ହେଉଛି। ତାକୁ ଦେଖି ବିହ୍ୱଳ ହେବାର ନାହିଁ। ବରଂ ବିରକ୍ତ। ଝିଅକୁ କୁଆଡ଼େ ବୁଲେଇ ନବା କି ଭୁବନେଶ୍ୱରରେ ଥିଲାବେଳେ 'ଆଇନକ୍ସ' ଯିବାପରି ମନୋବୃତ୍ତି ତାଙ୍କର ନାହିଁ। କଅଁଳ ପତ୍ର କୋମଳ ପବନ, ଉଡ଼ି ବୁଲୁଥିବା ପ୍ରଜାପତି ପ୍ରତି ତାଙ୍କର ଆକର୍ଷଣ ବା କୋଉଠୁ ଆସିବ!

ରାଜେଶ ବଲବଲ କରି ଚାହିଁଥିଲେ ସିପ୍ରା ମାଡାମ୍‌ଙ୍କ ମୁହଁକୁ। ସିପ୍ରା ମାଡାମ୍ ତ ମାଟି ଛାତିରେ ପ୍ରଥମ ବର୍ଷା ଟୋପାକୁ ଆକାଂକ୍ଷିତ ଚୁମ୍ବନ ବୋଲି ଆଖ୍ୟା ଦିଅନ୍ତି। ତାଙ୍କ ମତରେ ମାଟିର ବି ମନ ଅଛି, ସୋହାଗ, ତଡ଼ାଗ ପାଇଁ।

ସିପ୍ରା ମାଡାମ୍ ଭ୍ୟାନିଟି ବ୍ୟାଗ୍, ବହି ପୁଳାକ ଧରି ଶିଡ଼ି ଓହ୍ଲାଇଲେ। ବାରମ୍ବାର ମୁହଁ ପୋଛୁଛନ୍ତି ସିପ୍ରା ମାଡାମ୍। ଭାବରେ ବୁଡ଼ମାରି କେତେ କ'ଣ କହିଗଲେ! କେତେ ଚହଲା ଚହଲି ତାଙ୍କ ଭିତରେ! ସତେ କ'ଣ ସେ ଜିଉଛନ୍ତି ଗୋଟେ ପାରିବାରିକ ବିଫଳତାର ଜୀବନ?

ଦୁହେଁ ଗାଡ଼ି ଭିତରକୁ ଗଲେ। ରାଜେଶ ପାଖେ ବସିଲେ ସିପ୍ରା ମାଡାମ୍। ଆଖି ଦୁଇଟି ପାଣିଭର୍ତ୍ତି। ଦୁଇଟି ଚହଲା ହ୍ରଦ। ଠୁଳ ହୋଇଛି ସେଥିରେ କେତେ କଥା। ସ୍ପନ୍ଦନ, ଶିହରଣ, ଆବେଗ, ଭଲପାଇବାର ପରିଭାଷା! ତାକୁ ସବୁ ବୁଝିବା ଲୋକ କିଏ? ନିଶ୍ଚୟ ତାଙ୍କ ସ୍ୱାମୀ ନୁହନ୍ତି।

ଚୁପ୍ ବସିଥିଲେ ସିପ୍ରା ମାଡାମ୍। ରାଜେଶ ସକାଳେ ଘରୁ ବାହାରିଲା ବେଳେ ମଲ୍ଲୀ ଆଉ ସୁଗନ୍ଧରାଜ ଫୁଲ ରଖିଥିଲେ ଗାଡ଼ିରେ ଗଣେଶଙ୍କ ପାଖରେ।

ଗାଡ଼ିରେ ବସି ସିପ୍ରା ମାଡାମ୍ ଉପଭୋଗ କରୁଥିଲେ ଏଇ ଅଳ୍ପ ଅଳ୍ପ ମହକକୁ।

ଫୋନ୍ ବାଜିଲା ସିପ୍ରା ମାଡାମ୍‌ଙ୍କର। କାମବାଲି ସୁନାମଣିର ସ୍ୱର। କହୁଛି, "ଆଉ ରହିପାରିବିନି। ବୁଢ଼ାଟା ଜ୍ୱରରେ ପଡ଼ିଥିଲା। ତମ ତରତର ଲାଗି ମା', ଔଷଧ ଟିକେ ନ ଦେଇ ଦୌଡ଼ିକି ଆସିଲି ତମ ଡକରାରେ। ମୁଁ ଯାଉଛି। ବାବୁ ଆଜି କିଛି ଖାଇ ନାହାନ୍ତି। ଦିହ ଭଲ ନାହିଁ ତାଙ୍କର।"

ବିରକ୍ତ ହୋଇ ଫୋନ୍ ଅଫ୍ କଲେ ସିପ୍ରା ମାଡାମ୍। ରାଜେଶ ସବୁ ଶୁଣୁଥିଲେ। କହିଲେ- "ଛୁଟି ନେଇଯାଆନ୍ତୁ ମାଡାମ୍! ସାର୍ ଅସୁସ୍ଥ। କିଏ ବୁଝିବ ତାଙ୍କ କଥା। ପରିସ୍ଥିତିକୁ କୋଳେଇ ନେଇ ଜୀବନ ଜିଇବାକୁ ହେବ।"

ବାହାରେ ବର୍ଷା। ଝୁଂଝୁ ଝୁଂଝୁ ଅନ୍ଧାର ଧୀରେ ଧୀରେ ପ୍ରସାରିତ ହୋଇଛି। ବର୍ଷା ଟୋପାର ଧରିତ୍ରୀ ସହିତ କୋଳାକୋଳି। ଅନବରତ ଟାଣିଆଣୁଛି ମାଟିର ଛାତିରୁ ଶିହରଣ।

ସିପ୍ରା ମାଡାମ୍ ଚାହାଁଙ୍କ ହେଲେ। ଗାଡ଼ି ବାହାର ଗେଟ୍ ପାଖେ ରହିଲା। ହଠାତ୍ ଡୋର୍‌ଟା ଖୋଲି ବାହାରେ ଠିଆ ହୋଇ ପଡ଼ିଲେ ସିପ୍ରା ମାଡାମ୍! ବର୍ଷା ଥମି ନାହିଁ।

ମିଠା ମିଠା ବର୍ଷା ଟୋପା ନାକ, ଓଠ ପାର୍ ହୋଇ ଛାତି ଛୁଇଁଲା ତାଙ୍କର।

ଗାଡ଼ି ଭିତରୁ ଛତାଟା ଟାଣି ଆଣି ସିପ୍ରା ମାଡାମ୍ ମଥା ଉପରେ ଖୋଲିଦେଲେ ରାଜେଶ। କହିଲେ, ଋତୁର ଆପଣାପଣ ପୃଥିବୀକୁ ସବୁଜିମାରେ ଭରି ରଖିଥାଏ ମାଡାମ୍! ସମସ୍ତେ ଆପଣାର କରିବାର ବାଟ ଖୋଜୁଥାଆନ୍ତି। ଋତୁମ୍ବରା ମେଘର ଆତ୍ମୀୟତା ଯୋଡ଼ିବା ପଣରେ ମାହିର୍। ଆପଣ ମନ ଊଣା କରନ୍ତୁନି! ଆମ ଭିତରେ ବି ପ୍ରଚୁର ଆତ୍ମୀୟତା ରହିଛି।

ଗେଟ୍ ପାଖରୁ ବାରଣ୍ଡା ଶହେମିଟର ହେବ। ସିପ୍ରା ମାଡାମ୍‌ଙ୍କ ଆଖିରେ ଦୁଇଖଣ୍ଡ ବାଦଲ। ବର୍ଷିବ ବର୍ଷିବ ହେଉଥିଲା। ପିଣ୍ଡା ଉପରକୁ ଉଠୁଉଠୁ ଦୁଇଜଣଯାକ କିଛିକ୍ଷଣ ପାଇଁ ଠିଆ ହୋଇଗଲେ। ଦୋହଲିଗଲେ, ଚହଲିଗଲେ।

ଶ୍ରାବଣଟା ବିଶ୍ୱସ୍ତ, ବିଶ୍ୱସ୍ତ ଲାଗିଲା।

ମୋ: ୯୪୩୭୫୪୪୦୪୫

## ପୁସ୍ତକ ପରିଚୟ

### ଆସ କଥା ହେବା



**ଲେଖକ:** ଅଭୟ ନାୟକ
**ପ୍ରକାଶକ:** ବ୍ଲାକ୍ ଇଗଲ୍ ବୁକ୍ସ, ଡବ୍ଲିନ୍, ଆମେରିକା
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୨୨୦/-

ପାଠକଙ୍କ ଧ୍ୟାନ ଆକର୍ଷଣ ଆଲୋଚ୍ୟ ପୁସ୍ତକଟିର ହକ୍ ବୋଲି ପ୍ରଚ୍ଛଦଲେଖନରେ ଦାବି କରାଯାଇଛି। ଏହି ମାନସିକତାରେ ପୁସ୍ତକସ୍ଥ ଆଲୋଚନାଗୁଡ଼ିକୁ ପଢ଼ି ବସିଲେ ଏ ଦାବି ଯେ ଅଯଥାର୍ଥ ନୁହେଁ; ଏପରି ଉପଲବ୍ଧିରେ ପହଞ୍ଚିବାକୁ ହୁଏ। ମୋଟ ୨୩ଟି ଆଲୋଚନା, ଯାହା ପୂର୍ବରୁ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ- ତା'ର ଏକତ୍ରୀକରଣ ଏଥିରେ ହୋଇଛି। ଆଲୋଚନାଗୁଡ଼ିକ କେବଳ ସାହିତ୍ୟକୈନ୍ଦ୍ରିକ ନୁହେଁ। ସମାଜ, ଅର୍ଥନୀତି, ସଂସ୍କୃତି, ସଭ୍ୟତା ଓ ସର୍ବୋପରି ଓଡ଼ିଆ ଅସ୍ମିତାକୁ ପ୍ରସଙ୍ଗ କରାଯାଇଛି ପ୍ରବନ୍ଧଗୁଡ଼ିକରେ। ପ୍ରଥମ ଆଲୋଚନା 'ଆସ କଥା ହେବା'ରେ ଠାଏ ଲେଖକ କହନ୍ତି: "ବିମୁଗ୍ଧ ଶ୍ରୋତାଙ୍କ ସଂଖ୍ୟା କମିକମି ଯାଉଛି। ବହୁଲୋକ କହିବାକୁ ଚାହୁଁଛନ୍ତି, ମାତ୍ର ଶୁଣିବାକୁ ଚାହୁଁଥିବା ଲୋକ ବହୁତ କମ୍। ଅର୍ଥାତ୍ ଏବେ ବକ୍ତା ବେଶୀ, ଶ୍ରୋତା କମ୍। ଯେଉଁ କେତେଜଣ ଡକାହକାରେ ଆସିଥିବେ, ସେମାନଙ୍କ ପାଖରେ ବି ସମୟ ନାହିଁ।" (ପୃ:୧୩) 'ଅସ୍ମିତା' ଶବ୍ଦର ବ୍ୟାଖ୍ୟା କରିବାକୁ ଯାଇ ଲେଖକ ଏହାକୁ ଏକ ଜାତିର 'ଆତ୍ମପରିଚିତି' ବୋଲି ଗ୍ରହଣ କରିଛନ୍ତି ଓ ଓଡ଼ିଆ ଅସ୍ମିତା ସହ ଶହଶହ ବର୍ଷରୁ ଶ୍ରୀଜଗନ୍ନାଥ ଯୋଡ଼ି ହୋଇ ରହିଥିବା କଥା ସ୍ୱୀକାର କରିଛନ୍ତି। ଗାଉଁଲି କାନ୍ଦଣାଠାରୁ ଆରମ୍ଭ କରି ଜଗତୀକରଣ ଯାଏଁ ଲେଖକଙ୍କର ଦୃଷ୍ଟି ସମ୍ପ୍ରସାରିତ। ଗାଁର କୃଷି ସଂସ୍କୃତିଠୁଁ ମଧ୍ୟବିତ୍ତର ଜୀବନଚର୍ଯ୍ୟା ଯାଏଁ- ବିବିଧ ବିଷୟ ଉପରେ ମୌଳିକ ଦୃଷ୍ଟିକୋଣରୁ ବିଚାରବିମର୍ଶ ସବୁ ବର୍ଗର ପାଠିକାପାଠକଙ୍କୁ ଯେ ଆକୃଷ୍ଟ କରିବ ଓ ବିକଳ୍ପ ଭାବନାରେ ଉଦ୍‌ବୁଦ୍ଧ କରିବ, ଏଥିରେ ସନ୍ଦେହ ନାହିଁ।

### ପ୍ରତିଧ୍ୱନି




**କବି:** ପ୍ରଦ୍ୟୁମ୍ନ ପଟ୍ଟନାୟକ
**ପ୍ରକାଶକ:** ବନଫୁଲ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ.୧୫୦/-

ଆଲୋଚ୍ୟ ଗୀତିଗ୍ରନ୍ଥରେ ମୋଟ ୧୦୮ଟି ଗୀତି-କବିତା ସଂକଳିତ। 'ଗୀତି-କବିତା' ଅପେକ୍ଷା ବହିଟିର କବିତାଗୁଡ଼ିକୁ 'ଗୀତ' ଭାବେ ବିବେଚନା କରିବା ଅଧିକ ଯଥାର୍ଥ ହେବ। ରାଗରାଗିଣୀରେ ଗାଇହେବ ଏଗୁଡ଼ିକୁ। ଭକ୍ତିଗୀତ, ସାମାଜିକ ଭାବଭାବନା ସମ୍ବଳିତ ଗୀତ, ପ୍ରକୃତି ଗୀତ ଓ ନଶ୍ୱର ଜୀବନର ସୁଖଦୁଃଖ ଆଧାରିତ ଗୀତ- ଏହିପରି ନାନାଦି ବିଷୟକୁ ନେଇ ଗୀତଗୁଡ଼ିକ ପରିକଳ୍ପିତ। ସରସ୍ୱତୀ, ଜଗନ୍ନାଥ ଓ ଘଟଗାଁ ତାରିଣୀଙ୍କ ବନ୍ଦନାରେ କବିଙ୍କ ସମର୍ପିତ ଆଧ୍ୟାତ୍ମିକ ଭାବନାର ପରିଚୟ ମିଳେ। ଯଥା: "ବାରତା ଦେଇଛି ରାଧାରାଣୀ/ ଠୁଳ ହୋଇଲେଣି ସଖୀଶ୍ରେଣୀ/ କୁଞ୍ଜେ ବିଜେକର ସୁହଟ ନାଗର/ ପୂନେଇଁର ଚାନ୍ଦ ଉଇଁଲାଣି।" ('ବାରତା ଦେଇଛି'- ପୃ:୧୪)। ପ୍ରକୃତି ବର୍ଣ୍ଣନାରେ କବିଙ୍କ ଲଳିତ ପଦଯୋଜନା ଓ ପ୍ରେମାବେଗ ଆଶ୍ରିତ ଗୀତଗୁଡ଼ିକରେ ସ୍ମୃତିମେଦୁର ପଦପ୍ରକରଣ ଲେଖାଗୁଡ଼ିକର ସାଂଗୀତିକତାକୁ ଗତିପ୍ରଖର କରିଥିବା ମନେହୁଏ। ଯଥା: "ଭଲ ପାଇ ତୁମେ କବି କଲ ମୋତେ/ ଭୁଲିଯାଇ କଥାକାର/ ଲୁହରେ ଲେଖିଲି ପ୍ରୀତିର କବିତା/ ଲହୁରେ କାହାଣୀ ମୋର।" ('ଭଲପାଇ ତୁମେ'- ପୃ:୫୩)। ଯଦିଓ ଅଧିକାଂଶ ଗୀତରେ ଗୀତରଚନାର ଗଡ୍ଡାଳିକା ଧାରା ଅପ୍ରତିହତ, ତଥାପି ଅବକାଶ ଦେଖି ନିଜର ମୌଳିକତା ପ୍ରଦର୍ଶନରେ କବିଙ୍କ ଉଦ୍ୟମ ଏଡ଼େଇ ଯିବାର ନୁହେଁ। ଆଶା, 'ପ୍ରତିଧ୍ୱନି' ପାଠକୀୟ ଆଦୃତି ଲାଭ କରିବ।

## କବିତା

### ଅସ୍ମିତା

ମଧୁସୂଦନ ଦାଶ

ମୋ ପାଦ ମୋତେ
ଚଲେଇ ପାରୁଛି
ତାହାହିଁ ମୋ ସଫଳତା।

ମୋ ହାତ ମୋତେ
ଖୁଆଇ ପାରୁଛି
ତାହାହିଁ ମୋ ସାର୍ଥକତା।

ମୋ ଆଖି ମୋତେ
ଦେଖେଇ ପାରୁଛି
ତାହାହିଁ ମୋ ପ୍ରାଣସତ୍ତା।

ମୋ କାନ ମୋତେ
ଶୁଣେଇ ପାରୁଛି
ତାହାହିଁ ମୋ କୃତଜ୍ଞତା।

ମୋ ପାଟି ମୋତେ
କୁହାଇ ପାରୁଛି
ତାହାହିଁ ମୋ ମାଦକତା।

ମୋ ହୃଦୟ ମୋତେ
ଖୋଜିଲେ ମିଳୁଛି
ତାହାହିଁ ମୋ ହୃଦ୍‌ବତ୍ତା।

ମୋ ବିବେକ ମୋତେ
ଚେତେଇ ପାରୁଛି
ତାହାହିଁ ମୋ ଅସ୍ମିତା।

ମୋ: ୯୪୩୭୩୩୨୪୯୮

### ପୁରୁଣା ଚିଠି

ଧନଞ୍ଜୟ ସ୍ୱାଇଁ

ଚିରି ଦେଇହୁଏ କ'ଣ ପୁରୁଣା ଚିଠିକୁ!
ଭୁଲିହୁଏ କ'ଣ ନିଜ ଜନମ ମାଟିକୁ ॥୦॥

ପାଣିଶିଉଳିର ଫୁଲ କି ପାରଇ
ତୁଠ ପଥରକୁ ଭୁଲି?
ହୃଦୟରେ ଅଙ୍କା ଛବିଟି ଯେମିତି
ଭୁଲେନି ହାତର ତୂଳୀ
ଭୁଲିହୁଏ କ'ଣ ନିଜ ଜୀବନସାଥୀକୁ!
ଚିରି ଦେଇ...ପୁରୁଣା ଚିଠିକୁ ॥୧॥

ମାଟିର ମାଗୁଣି ବରଷାକୁ କେବେ
ଆକାଶ କି ପାରେ ଭୁଲି?
କଷି ବଉଳର ଗାଆଁକୁ ଯେମିତି
ଭୁଲେ ନାହିଁ ଚଇତାଳି
କେ ଭୁଲିଛି ମିଳନର ପହିଲି ରାତିକୁ
ଚିରି ଦେଇ.....ପୁରୁଣା ଚିଠିକୁ ॥୨॥

ମୋ: ୯୪୩୭୦୦୦୬୩୬

### ପାଞ୍ଚଟି ଏକପଦୀ

ବିଷ୍ଣୁମୋହନ

୧
ଜୀବନର ମୋର ଲମ୍ବା ପଥରେ
ତୁମେ ଝଙ୍କା ଗଛଟିଏ,
ତାହାରି ଛାୟାରେ ମହାଆନନ୍ଦେ
ଚିରଦିନ ଶୋଇଯାଏ।

୨
ତୁମେ ପଛେ ମୋର ହୁଅ ବା ନହୁଅ
ବୁକୁର ଅଲିଭା ଗାର,
ମନ ଆଇନାରେ ପ୍ରତିବିମ୍ବିତ
ସତେ ରୂପ ଉର୍ବଶୀର।

୩
ବଣମଲ୍ଲୀର ନିରୀହତା ତୁମ
ବିକଶିତ କରେ ପ୍ରାଣ,
ଦେଖି ସେହି ରୂପ ବକ୍ଷରେ ହୁଏ
ପୀରତିର ପ୍ରବହଣ।

୪
ଉନ୍ମାଦନାର ଫୁଲଟିଏ ହୋଇ
ସଦା ତୁମେ ରହିଥିବ,
ଅନୁରାଗଭରା ଅନ୍ତରେ ଆସି
ଲୁହ ମୋର ପୋଛିଦେବ।

୫
ସେନେହ ବାରିକୁ ବର୍ଷଣ କରି
ମେଘ ପରି ଶ୍ରାବଣର,
ବିବଶ ବୁକୁରେ ସ୍ୱପ୍ନ ବୁଣିଦେଇ
କରିନେବ ଆପଣାର।

ମୋ: ୭୨୦୫୭୫୮୨୫୫

### ଅଭିସାରିକା

ଦୀପ୍ତି ମିଶ୍ର

ହେ ସାଗର!
ତୁମ ନୀଳ ପ୍ରଶାନ୍ତ ବୁକୁରେ
ମୁଁ ଅଭିସାରର ରଙ୍ଗ ବୁଣେ...
ମନର ବୀଣାରେ
ମୁକୁଳିତ ଇଚ୍ଛାମାନଙ୍କର
ମଧୁ ରାଗିଣୀର ସ୍ୱର ତୋଳେ।

କେବେ ବେଳାଭୂମି ହୋଇ
ଏକ ଲୟରେ ଚାହିଁ ରହେ
ତୁମର ସେ ଟିକିଏ ସାନ୍ନିଧ...
ତୁମକୁ ବୁଝିବାର ଦୁଃସାହସ କରେ
ହଜାଇବାକୁ ତୁମରି ନିବିଡ଼ ଆଶ୍ଳେଷରେ,
ଏକ ଆପଣାପର ଭାବ ଅଜାଡ଼ିଦିଏ
କିଛି ଆବେଗର ଶବ୍ଦ ଢାଳି ଦେବା ପାଇଁ।
ଖୋଜେ ଏକ ନିରୋଳା ମୁହୂର୍ତ୍ତ
ଆଉ ଅନୁରାଗ ଭରା
ମୁଗ୍ଧ ମଧୁର ଆବେଶଟିଏ।

ହେ ସାଗର!
କେବେ ବହି ଯାଉଥିବା ସମୟ ପରି...
ନୀଳ ନଭରେ ଭାସି ଭାସି ଯାଉଥିବା
ଶରତର ଭସା ମେଘ ସଦୃଶ
ମୁଁ ଛଳଛଳ କଳକଳ ମୁଖରିତ
ସ୍ରୋତସ୍ୱିନୀଟିଏ,
କପାଳରେ ବିନ୍ଦି କରି ଆଙ୍କିଦିଏ
ନବ ପ୍ରଭାତର କଅଁଳ ସୂର୍ଯ୍ୟଙ୍କୁ,
ଦୁଷ୍ଟାମି ଓଠରେ ଲେସିଦିଏ
କୃଷ୍ଣଚୂଡ଼ାର ନାଲି ରଙ୍ଗ...
ମୃଗନୟନୀ ଆଖିରେ ମୋର ନାଇଦିଏ
ପାହାନ୍ତି ରାତିର ଘନ ଅନ୍ଧାରକୁ କଜ୍ଜଳ କରି
ସଜାଇନିଏ ନିଜକୁ ନବବଧୂ ବେଶେ
ହଜାଇବାକୁ ନିଜକୁ
ତୁମର ସେ ଫୁଙ୍ଗୁଳା ଛାତିରେ।

ହୋଇପାରେ ପୁଲକିତ ବେଳାଭୂଇଁ
ଅବା ଅଧୀରା ଅନୁରଞ୍ଜିତା ଅପାସୋରା
ବିମୁଗ୍ଧା ବିଶ୍ୱାସୀ ନଈ...
ଅବ୍ୟକ୍ତ ଇଚ୍ଛାମାନଙ୍କର
ଜିଅନ୍ତା ସମାଧି ଦେ ବାକୁ,
ଗଢ଼ିବାକୁ ଆକାଶେ ଆଶାର ସ୍ମୃତିସ୍ତମ୍ଭଟିଏ,
କ'ଣ ଏତିକି ଅଧିକାର ଦେବନାହିଁ ମୋତେ?
ନିଃସଙ୍ଗପଣରୁ ଦେବ ନାହିଁ ମୁକ୍ତି?

ମୋ: ୯୪୩୮୪୦୪୩୦୮

ଗୀତି-କବିତା

### ଶ୍ରାବଣେ ଶ୍ରାବଣୀ

ନିରଞ୍ଜନ ସାହୁ

ଭାରି ଭଲଲାଗେ ଶ୍ରାବଣ ବରଷା
ତନୁମନ ଦେଲେ ଭିଜେଇ
ଏସନ ଶ୍ରାବଣ କରେ କଳବଲ
ଗରମରେ ଦିଏ ସିଝେଇ।

ଦିନ ଥିଲା ଦିନେ ଶ୍ରାବଣ ଆସିଲେ
ପିଲାଦିନ ସ୍ମୃତି ଆସେ
କାଗଜ ତିଆରି ଡଙ୍ଗା ମେଲିଦେଉ
ଦାଣ୍ଡ ପାଣିରେ ସେ ଭାସେ
ଆଜି ବଦଳିଛି ଅବଶ୍ୟ ସେଦିନ
ମନକୁ ପାରେନା ବୁଝେଇ।

ଆଦ୍ୟ ଯୌବନରେ ମନ ମାନସୀର
ବେଳେବେଳେ ସ୍ମୃତି ଫେରେ
ବରଷାଭିଜା ସେ ଅଭୁଲା ମୁହୂର୍ତ୍ତ
ମନ ମାନସକୁ ଘେରେ
ମନେପଡ଼େ ବର୍ଷାଭିଜା ଦେହେ ପ୍ରିୟା
କେଉଁପରି ଥିଲା ଲାଜେଇ।

ହେ ଶ୍ରାବଣ! ତୁମ ଶ୍ରାବଣୀ କେଉଁଠି
ଖବର ଟିକିଏ ଦିଅ
ବିରହ ଯାତନା ଭୋଗୁଅଛ ଯଦି
ଲୁହ ଟିକେ ପୋଛି ନିଅ
ଭରସା ରଖ ହେ ଫେରିବ ଶ୍ରାବଣୀ
ଘଡ଼ଘଡ଼ି ବାଜା ବଜେଇ।

ମୋ: ୯୯୩୮୭୪୧୫୮୩

## ଉପହାର

ଲଘୁଗଳ୍ପ

ସୁଧୀର କୁମାର ଦ୍ୱିବେଦୀ

ପୂର୍ବ ନିର୍ଦ୍ଧାରିତ ତାରିଖଦିନ ସକାଳ ନଅଟା ବେଳକୁ ଚନ୍ଦ୍ରଶେଖର ବାବୁ ନିଜ ପୁଅ ପାଇଁ ଝିଅ ଦେଖିବାକୁ ସପରିବାର କାର୍ ଯୋଗେ ସତ୍ୟବ୍ରତ ବାବୁଙ୍କ ଘରେ ପହଞ୍ଚିଲେ। ଝିଅର ବାପ ହିସାବରେ ସତ୍ୟବ୍ରତ ବାବୁ ଖୁବ୍ ଆଦରର ସହ ସ୍ୱାଗତ କଲେ ସେମାନଙ୍କୁ। କୁଣିଆ ଚର୍ଚ୍ଚାରେ କୌଣସିଥିରେ ଯେମିତି କିଛି ଊଣା ପଡ଼ି ନ ଯାଏ ସେଥିପାଇଁ ସତ୍ୟବ୍ରତ ବାବୁ ନିଜର ସମସ୍ତ ସାମର୍ଥ୍ୟ ବିନିଯୋଗ କରି ଦେଇଥିଲେ। ଉଭୟ ପରିବାର ଉଚ୍ଚ ଶିକ୍ଷିତ ଥିଲେ ମଧ୍ୟ ଆର୍ଥିକ ଦୃଷ୍ଟିରୁ ଉଚ୍ଚ ମଧ୍ୟବିତ୍ତ ବର୍ଗର ଥିଲେ। ଖିଆପିଆ ସରିବା ପରେ ଦ୍ୱିତୀୟ ପର୍ଯ୍ୟାୟ ବୈଠକ ବସିଲା। ଏମିତି ତ ପୁଅ ବୋହୂଙ୍କ ଜାତକ ଚନ୍ଦ୍ରଶେଖର ବାବୁ ଆଗରୁ ମିଳାଇ ସାରିଥିଲେ। ଏବେ ଜ୍ୟୋତିଷଙ୍କ ଉପସ୍ଥିତିରେ ବିବାହ ଲଗ୍ନ ସ୍ଥିର ମଧ୍ୟ ହୋଇଗଲା। ଏଥର ସତ୍ୟବ୍ରତ ବାବୁ ବିନା ଉପକ୍ରମଣିକାରେ ନେଣଦେଣ ପ୍ରସଙ୍ଗ ଉପରକୁ ଆସିଗଲେ। ତାଙ୍କ କଥା ଶୁଣି ଚନ୍ଦ୍ରଶେଖର ବାବୁ ଠୋ ଠୋ ହସି ଉଠି କହିଲେ, "କିହୋ ସମୁଦି ତୁମେ ପରା ଆମକୁ କନ୍ୟାରତ୍ନ ଦେଲ, ଆଉ ଅଧିକା କିଛି ଦେବାର ନାହିଁ। ଯୌତୁକ ବାବଦକୁ ନଡ଼ିଆଟିଏ ଓ ଗୋଟେ ଟଙ୍କା ନେବି। ବାସ୍!"

ଆଗାମୀ ବିବାହ ଉତ୍ସବର ରୂପରେଖ ସ୍ଥିର କରିସାରି ସନ୍ଧ୍ୟାବେଳେ ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଉଭୟେ ଉଭୟଙ୍କଠାରୁ ବିଦାୟ ନେଲେ।

ସେମାନେ ବିଦାୟ ନେଲାପରେ ସତ୍ୟବ୍ରତ ବାବୁ ଦ୍ୱିଧାରେ ପଡ଼ିଗଲେ। ତାଙ୍କର ପୁଅଟିଏ, ଝିଅଟିଏ। ପୁଅ ଚାକିରି କଲାଣି, ପ୍ରମୋଶନ ପାଇ ସେ ନିଜେ ଉଚ୍ଚ ପଦବୀରେ ଅଧିଷ୍ଠିତ। ଅଭାବ କିଛି ନାହିଁ। ଝିଅ ପାଇଁ ଭଲ ପାତ୍ର ମିଳିଲେ ଯୌତୁକରେ କାର୍‌ଟିଏ ଦେବେ ବୋଲି କୋଉ ଦିନୁ ଅଣ୍ଟା ଭିଡ଼ି ସାରିଥିଲେ। ଯୁଗେଯୁଗେ ଯୌତୁକ ପାଇଁ ଶାଶୁ ଘର ବଧୂ ନିର୍ଯାତନା, ନବବଧୂ ହତ୍ୟା ପରି ଅନେକ ଦୁଃଖଦ ଘଟଣା ସବୁ ଖବରକାଗଜର ପୃଷ୍ଠା ମଣ୍ଡନ କରୁଥିବା କଥା ତାଙ୍କ ନିକଟରେ ଅଜ୍ଞାତ ନ ଥିଲା। ସତ୍ୟବ୍ରତ ବାବୁ ଚାହୁଁଥିଲେ କୌଣସି ମୂଲ୍ୟରେ ବି ଝିଅ ତାଙ୍କର ଶାନ୍ତିରେ ରହୁ। ମାତ୍ର ଏ କ'ଣ, ଚନ୍ଦ୍ରଶେଖର ବାବୁ ଯୌତୁକ ନେବେନି ବୋଲି ରୋକ୍‌ଠୋକ୍ ଶୁଣାଇ ଦେଇଛନ୍ତି।

ଦିନେ ସତ୍ୟବ୍ରତ ବାବୁ ସମୁଦିଙ୍କୁ ଫୋନ୍ କରି ଟିକିଏ ବୁଲେଇ ବଙ୍କେଇ କହିଲେ- "ସମୁଦି, ମୋ' ଝିଅ କାର୍ ଡ୍ରାଇଭିଂ ଶିଖିଛି। ଆପଣ ଯଦି ଅନୁମତି ଦେବେ ମୁଁ ଝିଅକୁ ଗୋଟେ କାର୍ ଉପହାର ଦେବି।"

ଚନ୍ଦ୍ରଶେଖର ବାବୁ ସେମିତି ମନଖୋଲା ହସଟିଏ ହସି କହିଲେ- "ନା ସମୁଦି, ସେମିତି କରିବନି। ଭଗବାନ୍ ଚାହିଁଲେ ସେମାନେ ତାଙ୍କର କାର୍ କିଣିବେନି?"

ସତ୍ୟବ୍ରତ ବାବୁ ଅଧିକ କିଛି କହି ପାରି ନ ଥିଲେ ସେଦିନ।

ମହାଡ଼ମ୍ବରରେ ବିବାହ କାର୍ଯ୍ୟ ସମ୍ପନ୍ନ ହେଲା। ବିବାହ ପରେ ସତ୍ୟବ୍ରତ ବାବୁଙ୍କ ପରିବାର ଝିଅ ଜ୍ୱାଇଁଙ୍କୁ ବିଦାୟ ଦେଲେ। ସେଦିନ ସନ୍ଧ୍ୟାରେ ଚନ୍ଦ୍ରଶେଖର ବାବୁଙ୍କ ଘରେ ପୁଅ ବୋହୂଙ୍କ ଗୃହ ପ୍ରବେଶ ଉତ୍ସବ ସବୁ ରୀତିନୀତି ସହ ଅନୁଷ୍ଠିତ ହେଲା।

ତା'ପରେ ବୋହୂ ବନ୍ଦାପନା କାର୍ଯ୍ୟକ୍ରମ ଆରମ୍ଭ ହେଲା। ପ୍ରଥମେ ଚନ୍ଦ୍ରଶେଖର ବାବୁଙ୍କ ଧର୍ମପତ୍ନୀ ଆସି ବୋହୂକୁ ଦୁବ, ଅକ୍ଷତରେ ବନ୍ଦାଇ ସାରି ତା' ଓଢ଼ଣି ଖୋଲିଦେଲେ। ବୋହୂକୁ ଭିଡ଼ି ଧରି ବେଶ୍ ସ୍ନେହସିକ୍ତ କଣ୍ଠରେ କହିଲେ- "ତୁ ଆମ ବୋହୂ ନୁହ। ଆଜିଠୁଁ ତୁ ଆମ ଝିଅ। ଝିଅର ଇଚ୍ଛା ପୂରଣ କରିବା ଆମ କର୍ତ୍ତବ୍ୟ। ଏଇ ନେ, ଖାସ୍ ତୋ ପାଇଁ ଆଣିଛି, ମୋ ଉପହାର ଗ୍ରହଣ କର।"

ଏତିକି କହି ସେ ଚଉଦ ଲକ୍ଷ ଟଙ୍କାରେ କିଣିଥିବା ନୂଆ କାର୍‌ର ଚାବି ତା' ହାତକୁ ବଢ଼ାଇ ଦେଲେ।

ପ୍ରଥମେ ନିଜକୁ ବିଶ୍ୱାସ କରି ପାରିଲେନି ନବବଧୂ ଜଣକ। ସବୁ ବୁଝିଲା ପରେ ଆଖି ତାଙ୍କର ଲୋତକପୂର୍ଣ୍ଣ ହୋଇଉଠିଲା। ଆଖିରୁ ଲୁହ ପୋଛି ସ୍ୱଗତୋକ୍ତି କରି ଉଠିଲେ- "ଆହା, ସବୁ ଝିଅଙ୍କୁ ମୋ' ପରି ଶାଶୁ ମିଳନ୍ତା କି?"

ମୋ: ୯୪୩୯୯୧୫୪୧୬



## କାଳକାଳକୁ

"ଲେଖିଲେ ଜଣେ ଲେଖକ ହୁଏ।
ଲେଖିବା ଏକ ଯୋଗ।"
- ଆର୍.କେ. ନାରାୟଣ



**ଆର୍.କେ. ନାରାୟଣଙ୍କ** ପୂରା ନାଁ ରସିପୁରମ୍ କ୍ରିଷ୍ଣସ୍ୱାମୀ ଆୟର୍ ନାରାୟଣ ସ୍ୱାମୀ। ଜନ୍ମ ୧୦ ଅକ୍ଟୋବର ୧୯୦୬ରେ, ମାଡ୍ରାସ୍ ପ୍ରେସିଡେନ୍ସିରେ ଓ ପରଲୋକ ୧୩ ମେ ୨୦୦୧ରେ ତାମିଲନାଡୁର ଚେନ୍ନାଇରେ। ଦକ୍ଷିଣ ଭାରତୀୟ ସହର ମାଲଗୁଡ଼ି ଆଧାରିତ ରଚନା ପାଇଁ ସେ ସୁବିଦିତ। ତାଙ୍କର କେତୋଟି ଚର୍ଚ୍ଚିତ ପୁସ୍ତକ: 'ସ୍ୱାମୀ ଆଣ୍ଡ୍ ଫ୍ରେଣ୍ଡ୍ସ', 'ଦ ବେଚ୍‌ଲର୍ ଅଫ୍ ଆର୍ଟସ', 'ଦ ଇଂଲିଶ୍ ଟିଚର', 'ଦ ଫିନାନ୍‌ସିଆଲ୍ ଏକ୍ସପାର୍ଟ' ଓ 'ଦ ଗାଇଡ୍' (ଯାହାର ଚଳଚ୍ଚିତ୍ର ରୂପ ସର୍ବଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାରରେ ସମ୍ମାନିତ)। ଭାରତୀୟ ସାହିତ୍ୟକୁ ଉନ୍ନତ ଅବଦାନ ପାଇଁ ତାଙ୍କୁ ମିଳିଛି 'ସାହିତ୍ୟ ଅକାଦେମୀ ପୁରସ୍କାର ଓ ଫେଲୋଶିପ୍, ପଦ୍ମବିଭୂଷଣ ଓ ବେନ୍‌ସନ୍ ମେଡାଲ୍।'

# ୧୭ ଶୁଟରଙ୍କ ପଦାର୍ପଣ

## ୧୨ ବର୍ଷର ପଦକ ମରୁଡ଼ି ଶେଷ ଲକ୍ଷ୍ୟରେ ଭାରତ


ମନୁ ଭାକର

ପ୍ୟାରିସ୍,୨୬।୭(ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ ଆରମ୍ଭ ହୋଇସାରିଥିବା ବେଳେ ଶନିବାର ଭାରତୀୟ ଶୁଟିଂ ଦଳ ଏହାର ଅଭିଯାନ ଆରମ୍ଭ କରିବ। ଭାରତ ଅଲିମ୍ପିକ୍ସରେ ସମୁଦାୟ ୩୫ଟି ପଦକ ହାସଲ କରିଥିବା ବେଳେ କେବଳ ଶୁଟିଂରୁ ୪ଟି ପଦକ ରହିଛି। ତେବେ ବିଗତ ୩ ସଂସ୍କରଣରେ ଭାରତୀୟ ଶୁଟରମାନେ ପଦକ ହାସଲରେ ବିଫଳ ହୋଇଛନ୍ତି। ଭାରତ ଏହାର ଅଲିମ୍ପିକ୍ସ ଇତିହାସର ସର୍ବବୃହତ୍ ଶୁଟିଂ ଦଳ ପ୍ରେରଣ କରିଥିବାବେଳେ ୧୨ ବର୍ଷ ଧରି ପଦକ ପାଇଁ ରହିଥିବା ଅପେକ୍ଷାର ଅନ୍ତ ଘଟିବା ନେଇ ଆଶା ରହିଛି। ଶନିବାର ଭାରତୀୟ ଶୁଟରମାନେ ତିନୋଟି ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ୧୦ ମିଟର ଏୟାର ରାଇଫଲ ମିକ୍ସଡ୍ ଟିମ୍ ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟରେ ଭାରତର ଦୁଇଟି ଦଳ ଭାଗ ନେବେ। ଅର୍ଜୁନ ବବୁତା-ରମିତା ଜିନ୍ଦଲ ଓ ଏଲାଭେନିଲ ଭାଲାରିଭାନ-ସନ୍ଦୀପ ସିଂଙ୍କ ଯୋଡ଼ି ଏହି ଇଭେଣ୍ଟରେ ଅଂଶଗ୍ରହଣ କରିବେ। ପ୍ରଥମ ୩ ଶୁଟର ସିଧାସଳଖ ଯୋଗ୍ୟତା ଅର୍ଜନରେ ଆସିଥିବା ବେଳେ ସନ୍ଦୀପଙ୍କୁ ଟ୍ରାଏଲର ସମ୍ମୁଖୀନ ହେବାକୁ ପଡ଼ିଥିଲା। ୨୦୨୨ ବିଶ୍ୱ ଚାମ୍ପିୟନ ରୁଦ୍ରାଂକ୍ଷ ପାଟିଲଙ୍କୁ ଟ୍ରାଏଲରେ ପରାସ୍ତ କରି ସେ ଯୋଗ୍ୟତା ଅର୍ଜନ କରିଥିଲେ। ଭାରତୀୟ ଶୁଟରମାନେ ପ୍ୟାରିସ୍ର ହୋହଲ୍ଲାରୁ ଦୂରରେ ରହି ଅଭ୍ୟାସ କରୁଛନ୍ତି। ସେହିପରି ୧୭ ଜଣ ଶୁଟର ପ୍ରଥମ ଥର ପାଇଁ ଅଲିମ୍ପିକ୍ସରେ ଭାରତର ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି। ପୂର୍ବରୁ ମାନୁ ଭାକର, ଐଶ୍ୱରୀ ପ୍ରତାପ ସିଂ ତୋମାର, ଅଞ୍ଜୁମ ମୋଦଗିଲ୍ ଓ ଏଲାଭେନିଲ ଭାଲାରିଭାନ ପୂର୍ବରୁ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଛନ୍ତି। ଭାରତୀୟ ଶୁଟରମାନେ ସମୁଦାୟ ୧୫ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ସେହିପରି ୧୦ ମିଟର ଏୟାର ପିସ୍ତଲ ପୁରୁଷ ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟରେ ଅର୍ଜୁନ ସିଂ ଚିମା ଓ ସରବଜୋତ ସିଂ ନଜର ଆସିବେ। ୧୦ ମିଟର ଏୟାର ପିସ୍ତଲ ମହିଳା ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟରେ ମନୁ ଭାକର ଓ ରିଦ୍ଦିମ ସାଙ୍ଗୱାନ ଭାରତର ପ୍ରତିନିଧିତ୍ୱ କରିବେ।

ଭାରତର ଅନ୍ୟତମ ପଦକ ସମ୍ଭାବନା ରହିଥିବା ୨୨ ବର୍ଷୀୟ ମନୁ ଭାକର ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ତେବେ ଟୋକିଓ ଅଲିମ୍ପିକ୍ସରେ ବନ୍ଧୁକରେ ବୈଷୟିକ ତ୍ରୁଟି କାରଣରୁ ତାଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଚଳିତ ଅଲିମ୍ପିକ୍ସରେ ସେ ୧୦ ମିଟର ଏୟାର ପିସ୍ତଲ, ୨୫ ମିଟର ପିସ୍ତଲ ଓ ୧୦ ମିଟର ପିସ୍ତଲ ମିକ୍ସଡ୍ ଟିମ୍ରେ ଅଂଶଗ୍ରହଣ କରିବେ। ଭାରତୀୟ ଖେଳାଳିଙ୍କୁ ଚାଇନାଠାରୁ କଡ଼ା ଟକ୍କର ମିଳିବ। ୫୦ ମିଟର ରାଇଫଲ୍ ଥ୍ରୀ ପୋଜିସନ୍ସରେ ଏସିଆନ୍ ସ୍ୱର୍ଣ୍ଣ ପଦକ ବିଜୟିନୀ ସିଫ୍ଟ କୌର ସାମରାଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଅନ୍ୟତମ ଅଭିଜ୍ଞ ଖେଳାଳି ଅଞ୍ଜୁମ ମୋଦଗିଲ୍ ମଧ୍ୟ ସମାନ ଇଭେଣ୍ଟରେ ନଜର ଆସିବେ।

୨୦ ବର୍ଷୀୟ ରିଦ୍ଦିମ ସାଙ୍ଗୱାନ ୧୦ ମିଟର ଏୟାର ପିସ୍ତଲ ଓ ୧୦ ମିଟର ପିସ୍ତଲ ମିକ୍ସଡ୍ ଟିମ୍ ବର୍ଗରେ ଭାଗ ନେବେ। ଶୁଟିଂ ରେଞ୍ଜ ଅତ୍ୟନ୍ତ ଚମତ୍କାର ଥିବା ନେଇ ସାଙ୍ଗୱାନ କହିଥିବା ବେଳେ ଗେମ୍ସ ଭିଲେଜରୁ ଦୂରରେ ରହିବାକୁ ନେଇ ସାମାନ୍ୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେହିପରି ପୁରୁଷ ଶୁଟରଙ୍କ ମଧ୍ୟରେ କେବଳ ଐଶ୍ୱରୀ ପ୍ରତାପ ସିଂ ତୋମାରଙ୍କ ନିକଟରେ ପୂର୍ବରୁ ଅଲିମ୍ପିକ୍ସରେ ଅଂଶଗ୍ରହଣର ଅଭିଜ୍ଞତା ରହିଛି। ସେ ୨୦୨୩ ବିଶ୍ୱ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ବିଜୟୀ ଦଳର ସଦସ୍ୟ ମଧ୍ୟ ରହିଛନ୍ତି। ପୁରୁଷ ଦଳରେ ଥିବା ଅନୀଶ ଭନାୱାଲା, ସରବଜୋତ ସିଂ, ଅର୍ଜୁନ ବବୁତା, ଅର୍ଜୁନ ସିଂ ଚିମା ଓ ବିଜୟ ବୀର ସିଦ୍ଧୁ ରହିଛନ୍ତି। ଏହି ସମସ୍ତ ଖେଳାଳିଙ୍କ ନିକଟରେ ଅନ୍ତର୍ଜାତୀୟ ଅଭିଜ୍ଞତା ରହିଥିଲେ ମଧ୍ୟ ଅଲିମ୍ପିକ୍ସରେ ପ୍ରଥମ ଥର ଭାଗ ନେବାକୁ ଯାଉଛନ୍ତି। ଅଲିମ୍ପିକ୍ସ ଦଳର ଚିଫ୍ ଡି ମିଶନ ଥିବା ଗଗନ ନାରଙ୍ଗ ଭାରତୀୟ ଖେଳାଳି ସଫଳ ହେବା ନେଇ ଆଶା ରଖିଛନ୍ତି। ଭାରତୀୟ ଖେଳାଳି ମାନେ ବିଶ୍ୱର ଅନ୍ୟ ଖେଳାଳିଙ୍କୁ କଡା ଟକ୍କର ଦେବାରେ ସମର୍ଥ ବୋଲି କହିଛନ୍ତି ୨୦୧୨ ଲଣ୍ଡନ ଅଲିମ୍ପିକ୍ସ ପଦକ ବିଜେତା ନାରଙ୍ଗ।


ଏଲାଭେନିଲ ଭାଲାରିଭାନ

## ଭାରତର କାର୍ଯ୍ୟସୂଚୀ (ଶନିବାର)

**ଶୁଟିଂ**: ୧୦ ମିଟର ଏୟାର ରାଇଫଲ ମିକ୍ସଡ୍ ଟିମ୍ ଯୋଗ୍ୟତା ପର୍ଯ୍ୟାୟ(ସମୟ : ଅପରାହ୍ନ ୧୨.୩୦)
୧୦ ମିଟର ଏୟାର ପିସ୍ତର ପୁରୁଷ ଯୋଗ୍ୟତା ପର୍ଯ୍ୟାୟ (ସମୟ : ଅପରାହ୍ନ ୨.୦୦)
ଅର୍ଜୁନ ସିଂ ଚିମା, ସରବଜୋତ ସିଂ।
୧୦ ମିଟର ଏୟାର ପିସ୍ତର ମହିଳା ଯୋଗ୍ୟତା ପର୍ଯ୍ୟାୟ (ସମୟ : ଅପରାହ୍ନ ୪.୦୦)
ମାନୁ ଭାକର, ରିଦିମ୍ ସାଙ୍ଗୱନ।
**ବ୍ୟାଡ୍ମିଣ୍ଟନ**:ପୁରୁଷ ସିଙ୍ଗଲ୍ସ (ସମୟ: ସନ୍ଧ୍ୟା ୭.୧୦)
ଲକ୍ଷ୍ୟ ସେନ୍ ବନାମ କେଭିନ୍ କୋର୍ଡନ।
ପୁରୁଷ ଡବଲ୍ସ(ସମୟ ରାତି ୮.୦୦)
ଚିରାଗ ଶେଟ୍ଟୀ/ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ବନାମ କ୍ରୋଭିଲ୍/ଲାବାର।
ମହିଳା ଡବଲ୍ସ (ସମୟ: ରାତି ୧୧.୫୦)
ଅଶ୍ୱିନୀ ପୋନାପ୍ପା/ତନିଶା କାଷ୍ଟ୍ରୋ ବନାମ କିମ୍/କଙ୍ଗ।
**ହକି**:ପୁରୁଷ ଦଳ (ସମୟ: ରାତି ୯.୦୦)
ଭାରତ ବନାମ ନ୍ୟୁଜିଲାଣ୍ଡ।
**ଟେବୁଲ ଟେନିସ୍** :ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ (ସମୟ: ସନ୍ଧ୍ୟା ୭.୧୫)
ହରମିତ୍ ଦେଶାଇ ବନାମ ଜାଏଦ୍ ଆବୋ ୟାମିନ୍।
**ଟେନିସ୍** :ପୁରୁଷ ଡବଲ୍ସ ପ୍ରଥମ ରାଉଣ୍ଡ
ରୋହନ ବୋପାନ୍ନା/ଶ୍ରୀରାମ ବାଲାଜୀ ବନାମ ରିବୋଲ/ରୋଜର ଭାସେଲିନ୍।
**ରୋଇଂ**: ମେନ୍ସ ସ୍କଲ୍ସ ହିଟ୍ସ (ସମୟ: ଅପରାହ୍ନ ୧୨.୩୦)
ବଲରାଜ ପନୱର।
**ବକ୍ସିଂ** :୫୪ କିଗ୍ରା ମହିଳା ପ୍ରଥମ ରାଉଣ୍ଡ
ପ୍ରୀତି ପୱାର ବନାମ ଥି କିମ୍ ଆନ୍ ଭୋ (ରାତି ୧୨.୦୫)।

## ୫୮ ବର୍ଷରେ ଅଲିମ୍ପିକ୍ସ ଡେବ୍ୟୁ


ଝେଙ୍ଗ ଝିୟିଙ୍ଗ

ସାଣ୍ଟିଆଗୋ,୨୬।୭(ପି.ଟି.)

ଚିଲିର ଟେବୁଲ ଟେନିସ୍ ଖେଳାଳି ଝେଙ୍ଗ ଝିୟିଙ୍ଗ ୫୮ ବର୍ଷ ବୟସରେ ଅଲିମ୍ପିକ୍ସ ପଦାର୍ପଣ କରିବାକୁ ଯାଉଛନ୍ତି। ଚାଇନାରେ ଜନ୍ମ ନେଇଥିବା ଏହି ଖେଳାଳି ଜଣକ ୧୯୮୯ ମସିହାରେ ଦେଶ ଛାଡିଥିଲେ। ଟିଆନମେନ୍ ସ୍କୋୟାରରେ ଗଣହତ୍ୟା ହେଉଥିବା ବେଳେ ସେ ଦେଶ ଛାଡି ଚିଲି ପଳାୟନ କରିଥିଲେ। ସେଠାରେ ଆରମ୍ଭରୁ ବ୍ୟାଡ୍ମିଣ୍ଟନ ପ୍ରଶିକ୍ଷଣ ଦେବାକୁ ଯାଇଥିଲେ। ଦୀର୍ଘ ୩୫ ବର୍ଷ ପରେ ଦକ୍ଷିଣ ଆମେରିକୀୟ ଦେଶ ପକ୍ଷରୁ ସେ ଅଲିମ୍ପିକ୍ସରେ ପଦାର୍ପଣ କରିବାକୁ ଯାଉଛନ୍ତି। ଦୀର୍ଘ ବର୍ଷ ତଳୁ ଟିଟିରୁ ଅବସର ନେଇ ସାରିଥିବା ଝେଙ୍ଗ ଝିୟିଙ୍ଗ ଗତବର୍ଷ ଅନୁଷ୍ଠିତ ପାନ୍ ଆମେରିକାନ ଗେମ୍ସରେ ଏକ ବ୍ରୋଞ୍ଜ ପଦକ ଜିତି ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ବର୍ତ୍ତମାନ ଝେଙ୍ଗ ତାନିଆ ନାମରେ ଚିଲିର ପ୍ରତିନିଧିତ୍ୱ କରୁଛନ୍ତି। ଏହା ସହିତ ଝେଙ୍ଗ ବର୍ତ୍ତମାନ ବିଶ୍ୱ ମାନ୍ୟତାର ୧୫୧ତମ ସ୍ଥାନରେ ରହିଛନ୍ତି।


ଭାରତୀୟ ହକି ଦଳର ଅଧିନାୟକ ହରମନପ୍ରୀତ ସିଂ।

# ନ୍ୟୁଜିଲାଣ୍ଡ ବିପକ୍ଷରୁ ଭାରତର ଅଭିଯାନ

ପ୍ୟାରିସ, ୨୬।୭ (ପି.ଟି.)

ପ୍ୟାରିସ ଅଲିମ୍ପିକ୍ସରେ ଭାରତୀୟ ହକି ଦଳର ଅଭିଯାନ ଶନିବାର ଆରମ୍ଭ ହେବ। ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ ମେଡାଲିଷ୍ଟ ଭାରତର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ହେଉଛି ନ୍ୟୁଜିଲାଣ୍ଡ। 'ପୁଲ୍ ଅଫ୍ ଡେଥ୍'ରେ ସ୍ଥାନ ପାଇଥିଲେ ହେଁ ଭାରତୀୟ ପୁରୁଷ ଦଳ ଏଥର ପଦକ ରଙ୍ଗରେ ଉନ୍ନତି ସହ ସ୍ୱଦେଶ ଫେରିବା ଲକ୍ଷ୍ୟ ରଖିଛି। ତେଣୁ ବିଜୟ ସହ ଅଭିଯାନ ଆରମ୍ଭ କରିବା ଦଳର ଏକମାତ୍ର ଲକ୍ଷ୍ୟ। ଟୋକିଓରେ ଭାରତ ଦୀର୍ଘ ୪୧ ବର୍ଷର ପଦକ ଶୂନ୍ୟତାକୁ ପୂରଣ କରିଥିଲା।

ଅଲିମ୍ପିକ୍ସରେ ଭାରତ ରେକର୍ଡ ୮ ସ୍ୱର୍ଣ୍ଣ ପଦକ ହାସଲ କରିସାରିଛି। ପୂର୍ବ ଅଲିମ୍ପିକ୍ସରେ ବ୍ରୋଞ୍ଜ ଜିତିଥିବାରୁ ଏଥର ଦଳ ନିକଟରୁ ଆଶା ବଢ଼ିଛି। ତେବେ ଏଥର ଭାରତ ପାଇଁ ପଥ ଅତ୍ୟନ୍ତ କଷ୍ଟସାଧ୍ୟ। କାରଣ ପୁଲ୍ 'ବି'ରେ ଏଥର ଭାରତର ପ୍ରତିଦ୍ୱନ୍ଦ୍ୱୀ ହେଉଛନ୍ତି ଡିଫେଣ୍ଡିଂ ଚାମ୍ପିୟନ ବେଲ୍ଜିୟମ, ଶକ୍ତିଶାଳୀ ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ ଓ ଆୟର୍ଲାଣ୍ଡ। ପୁଲ୍ 'ଏ'ରେ ନେଦରଲାଣ୍ଡ୍ସ, ଜର୍ମାନୀ, ଗ୍ରେଟ୍ ବ୍ରିଟେନ, ସ୍ପେନ, ଦକ୍ଷିଣ ଆଫ୍ରିକା ଓ ଆୟୋଜକ ଫ୍ରାନ୍ସ ସ୍ଥାନ ପାଇଛି। ପ୍ରତି ଗ୍ରୁପ୍ରୁ ୪ଟି ଲେଖାଏ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ୨୭ରେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚପରେ ଭାରତ ୨୯ରେ ଆର୍ଜେଣ୍ଟିନା ଓ ୩୦ରେ ଆୟର୍ଲାଣ୍ଡକୁ ଭେଟିବ। ଏହି ୩ଟି ମ୍ୟାଚ ଜିତିବା ସହ ଯଥାସମ୍ଭବ ଅଧିକ ପଏଣ୍ଟ ହାସଲ କରିବା ଭାରତର ଲକ୍ଷ୍ୟ ରହିବ। କାରଣ ଅଗଷ୍ଟ ୧ରେ ବେଲ୍ଜିୟମ ଏବଂ ୨ରେ ଅଷ୍ଟ୍ରେଲିଆ ସହିତ ଏହାର ମୁକାବିଲା ହେବ। 'ୱାଲ୍ ଅଫ୍ ଇଣ୍ଡିଆନ ହକି' ଗୋଲକିପର ପି.ଆର. ଶ୍ରୀଜେଶ ଏହି ଅଲିମ୍ପିକ୍ସ ପରେ ଅବସର ନେବେ ବୋଲି ଘୋଷଣା କରି ସାରିଛନ୍ତି। ତେଣୁ ସ୍ମରଣୀୟ ସ୍ମୃତି ସହ ହରମନପ୍ରୀତ ସିଂଙ୍କ ଦଳ ଶ୍ରୀଜେଶଙ୍କୁ ବିଦାୟ ଦେବାପାଇଁ ଭଲ ସୁଯୋଗ ରହିବ। ୧୬ ଜଣିଆ ଭାରତୀୟ ଦଳରେ ୧୧ ଜଣ ଅଲିମ୍ପିକ୍ ମେଡାଲିଷ୍ଟ ଅଛନ୍ତି। ଜରମନପ୍ରୀତ ସିଂ, ସୁଖଜିତ ସିଂ, ଅଭିଷେକ, ରାଜକୁମାର ପାଲ୍ ଓ ସଞ୍ଜୟ ଏଥର ଡେବ୍ୟୁ କରିବେ। କ୍ୟାରିୟରର ୪ର୍ଥ ଅଲିମ୍ପିକ୍ସ ଖେଳିବାକୁ ଯାଉଥିବା ଶ୍ରୀଜେଶ ଓ ମନପ୍ରୀତ ସିଂ ଗତ ଦେଢ଼ ଦଶନ୍ଧି ଧରି ଭାରତୀୟ ଦଳର ପିଲାର ସାଜି ଆସିଛନ୍ତି। ଏହି ଅଲିମ୍ପିକ୍ସ ମନପ୍ରୀତଙ୍କ ପାଇଁ ମଧ୍ୟ ଶେଷ ଗେମ୍ସ ହେବ ବୋଲି ଆଶା କରାଯାଉଛି। କାରଣ ଏହାପରେ ଭାରତୀୟ ଦଳର ପୁନର୍ଗଠନ ପ୍ରକ୍ରିୟା ଆରମ୍ଭ ହେବ।

ଏକଦା ୩ୟ ସ୍ଥାନରେ ଥିବା ଭାରତ ସମ୍ପ୍ରତି ଏଫ୍ଆଇଏଚ୍ ହକି ର୍ୟାଙ୍କିଙ୍ଗ୍ର ୭ମ ସ୍ଥାନକୁ ଖସିଛି। ତେବେ ଆଧୁନିକ ହକିରେ ର୍ୟାଙ୍କିଙ୍ଗ୍କୁ ନେଇ କୌଣସି ଦଳର ଶକ୍ତି କଳନା କରାଯାଉନାହିଁ। କାରଣ ଭୁବନେଶ୍ୱର ଏବଂ ରାଉରକେଲାରେ ଯୁଗ୍ମଭାବେ ଆୟୋଜନ ହୋଇଥିବା ୨୦୨୩ ବିଶ୍ୱକପରେ ଭାରତୀୟ ଦଳ ସମ୍ପ୍ରତି ୧୦ମ ସ୍ଥାନରେ ଥିବା ନ୍ୟୁଜିଲାଣ୍ଡଠାରୁ ହାରି ଯାଇଥିଲା। କ୍ରସ୍ ଓଭର ମ୍ୟାଚରେ ଶୁଟ୍ଆଉଟ ପରାଜୟ ଯୋଗୁ ଭାରତ ବିଶ୍ୱକପରେ ଟପ୍-୮ରେ ସ୍ଥାନ ପାଇପାରି ନ ଥିଲା। ତେଣୁ ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ ପ୍ରଥମ ୩ଟି ମ୍ୟାଚ୍ର ଗୁରୁତ୍ୱକୁ ଭଲଭାବେ ଉପଲବ୍ଧି କରିଛନ୍ତି। "ଅଲିମ୍ପିକ୍ସରେ କୌଣସି ମ୍ୟାଚ ସହଜ ନୁହେଁ। ଆମେ ଏବେ ପ୍ରଥମ ଗେମ୍ ଉପରେ ଫୋକସ କରୁଛୁ। ବେଲ୍ଜିୟମ ଓ ଅଷ୍ଟ୍ରେଲିଆକୁ ଭେଟିବା ପୂର୍ବରୁ ମୋମେଣ୍ଟମରେ ରହିବା ଲକ୍ଷ୍ୟ ରଖିଛୁ" ବୋଲି ଫୁଲଟନ କହିଛନ୍ତି।

କ୍ୟାରିୟରର ଶେଷ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଖେଳିବାକୁ ଯାଉଥିବାରୁ ଶ୍ରୀଜେଶ ଗୋଲପୋଷ୍ଟ ସମ୍ମୁଖରେ କୌଣସି ତ୍ରୁଟି କରିବାକୁ ଚାହୁଁନାହାନ୍ତି। ଶ୍ରେଷ୍ଠ ପ୍ରଦର୍ଶନ ସହ ଦଳକୁ ପୋଡିୟମ ଫିନିଶ୍ କରାଇବା ତାଙ୍କର ମୁଖ୍ୟ ଲକ୍ଷ୍ୟ। ରକ୍ଷଣଭାଗ ମୁଖ୍ୟତଃ ଅଧିନାୟକ ହରମନପ୍ରୀତ, ଓଡ଼ିଶାର ତାରକା ଖେଳାଳି ଅମିତ ରୋହିଦାସ, ସୁମିତ, ଜରମନପ୍ରୀତ ଓ ସଞ୍ଜୟଙ୍କ ଉପରେ ନିର୍ଭର କରିବ। ମନପ୍ରୀତ, ଉପଅଧିନାୟକ ହାର୍ଦ୍ଦିକ ସିଂ ଓ ବିବେକ ସାଗର ପ୍ରସାଦ ମିଡ୍ଫିଲ୍ଡ ଦାୟିତ୍ୱରେ ରହିବେ। ଲଳିତ ଉପାଧ୍ୟାୟ, ମନଦୀପ ସିଂ, ଗୁରଜାନ୍ତ ସିଂ, ଅଭିଷେକ ଓ ସୁଖଜିତଙ୍କ ଉପରେ ଗୋଲ ସ୍କୋରିଂ ଦାୟିତ୍ୱ ରହିବ। ହରମନପ୍ରୀତ ଏବେ ବିଶ୍ୱର ଶ୍ରେଷ୍ଠ ଡ୍ରାଗ୍ଫ୍ଲିକରଙ୍କ ମଧ୍ୟରୁ ଅନ୍ୟତମ।

୨୦୨୩ ଏସିଆନ ଗେମ୍ସ ବିଜୟ ସହ ଭାରତ ଡାଇରେକ୍ଟ ଅଲିମ୍ପିକ୍ସ ଟିକେଟ ପାଇଥିଲା। ଗତ ଫେବୃୟାରୀରେ ଭୁବନେଶ୍ୱର ଓ ରାଉରକେଲାରେ ଅନୁଷ୍ଠିତ ଏଫ୍ଆଇଏଚ୍ ପ୍ରୋ ଲିଗ୍ରେ ଦଳ ୨ ଥର ସ୍ପେନ୍କୁ ପରାସ୍ତ କରିଥିବାବେଳେ ନେଦରଲାଣ୍ଡ୍ସ ବିପକ୍ଷରେ ଥରେ ଲେଖାଏ ବିଜୟ ଓ ପରାଜୟ ସ୍ୱାଦ ଚାଖିଥିଲା। ତେବେ ଅଷ୍ଟ୍ରେଲିଆଠାରୁ ୨ଥର ହାରିଥିଲା ଏବଂ ଆୟର୍ଲାଣ୍ଡ ବିପକ୍ଷରେ ୨ ଥର ଜିତିଥିଲା। ଗତ ଏପ୍ରିଲରେ ଅଷ୍ଟ୍ରେଲିଆ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଭାରତ ୦-୫ରେ ପରାଜିତ ହୋଇଥିଲା। ଏହାପରେ ଆଣ୍ଟୱେର୍ପରେ ଅନୁଷ୍ଠିତ ଏଫ୍ଆଇଏଚ୍ ପ୍ରୋ ଲିଗ୍ରେ ଆର୍ଜେଣ୍ଟିନାକୁ ୨ ଥର ହରାଇଥିବାବେଳେ ବେଲଜିୟମ, ଜର୍ମାନୀ ଓ ଗ୍ରେଟ୍ ବ୍ରିଟେନଠାରୁ ପରାଜୟ ବରଣ କରିଥିଲା।

ଏଥର ଅଲିମ୍ପିକ୍ସରେ ଭାରତୀୟ ଦଳ ନିକଟରୁ ଘରୋଇ ଦର୍ଶକଙ୍କ ଆଶା ଆକାଂକ୍ଷାକୁ ଅଧିନାୟକ ହରମନପ୍ରୀତ ଭଲଭାବେ ବୁଝିଛନ୍ତି। "ଦୀର୍ଘଦିନ ପରେ ଭାରତୀୟ ହକି ଦଳ ପଦକ ହାସଲକାରୀ ଭାବେ ଅଲିମ୍ପିକ୍ସ ଖେଳିବାକୁ ଯାଉଛି। ତେଣୁ ଆମ ନିକଟରୁ ଦର୍ଶକଙ୍କର ଅଧିକ ଆଶା ରହିବା ସ୍ୱାଭାବିକ। ଆମେ ମଧ୍ୟ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପ୍ରତିଶ୍ରୁତିବଦ୍ଧ" ବୋଲି ହରମନପ୍ରୀତ ପ୍ରକାଶ କରିଛନ୍ତି।

## ଅଲିମ୍ପିକ୍ସ ପୁରୁଷ ହକି

ଧରିତ୍ରୀ 50 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜୁଲାଇ ୨୭/୨୦୨୪ Bhubaneswar, Saturday, July 27/ 2024



ପ୍ୟାରିସ୍ ଅଲିମ୍ପିକ୍ସର ସର୍ଫିଙ୍ଗ୍ ପ୍ରତିଯୋଗିତା ପୂର୍ବରୁ ତାହିତିର ଟିହୁପୋଠାରେ ଶୁକ୍ରବାର ଅଭ୍ୟାସରତ ଫ୍ରାନ୍ସର କାଉଲି ଭାସ୍ତ।



ଉଦ୍‌ଘାଟନୀ ସମାରୋହ ପାଇଁ ଦର୍ଶକଙ୍କ ଉତ୍ସାହ।

# ନିଖତ, ଲଭ୍‌ଲିନାଙ୍କ ଉପରେ ନଜର

**ଅଲିମ୍ପିକ୍ସ ବକ୍ସିଂ**

**ପ୍ୟାରିସ, ୨୬।୭ (ପି.ଟି.)**

ପ୍ୟାରିସ ଅଲିମ୍ପିକ୍ସ ବକ୍ସିଂରେ ଭାରତର ଅଭିଯାନ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ତେଣୁ ବିଶ୍ୱ ଚାମ୍ପିୟନଶିପ୍ ମେଡାଲିଷ୍ଟ ନିଖତ ଜରିନ, ଲଭଲିନା ବୋର୍ଗୋହେନ ଓ ନିଶାନ୍ତ ଦେବଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଏଥର ବକ୍ସିଂରୁ ଭାରତ ପୂର୍ବାପେକ୍ଷା ଅଧିକ ସଫଳତା ପାଇବା ଆଶା ରଖିଛି। ବକ୍ସିଂରୁ ଭାରତ ଏପର୍ଯ୍ୟନ୍ତ ମୋଟ ୩ଟି ଅଲିମ୍ପିକ୍ ପଦକ ହାସଲ କରିଛି। ଏକମାତ୍ର ପୁରୁଷ ପ୍ରତିଯୋଗୀମାନେ ବିଜେନ୍ଦର ସିଂ ୨୦୦୮ ବେଜିରେ ଗେମ୍ସରେ ଏହି ସଫଳତା ପାଇଥିବାବେଳେ ମହିଳାଙ୍କ ମଧ୍ୟରେ ଏମ୍.ସି. ମେରୀ କମ୍ ୨୦୧୨ ଲଣ୍ଡନ ଏବଂ ବୋର୍ଗୋହେନ୍ ୨୦୨୧ ଟୋକିଓ ଅଲିମ୍ପିକ୍ସରେ ପଦକ ଜିତିବାକୁ ସକ୍ଷମ ହୋଇଛନ୍ତି। ପ୍ୟାରିସରେ ଲଢ଼ିବାକୁ ଯାଉଛନ୍ତି ୬ ବକ୍ସର କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ଯାଉଥିଲେ ହେଁ ସେମାନଙ୍କଠାରୁ ଅଧିକ କିଛି ଆଶା ରହିଛି। ସବୁଠାରୁ ଆଗରେ ରହିଛନ୍ତି ନିଖତ ଜରିନ। ୨୮ ବର୍ଷୀୟା ଜରିନଙ୍କ ପାଇଁ ଅଲିମ୍ପିକ୍ସ ପଥ ଅତ୍ୟନ୍ତ କଷ୍ଟସାଧ୍ୟ। କାରଣ ୫୦ କେଜି ଲାଇଟ୍-ଫ୍ଲାଇୱେଟ ବର୍ଗରେ ୩ ଜଣ ପଦକ ଦାବିଦାର ଚାଇନାର ଉ ୟୁ, ଥାଇଲାଣ୍ଡର ଚୁଥାମଟ ରକ୍ସତ ଓ ଉଜ୍‌ବେକିସ୍ତାନର ସାବିନା ବୋବୋକୁଲୋଭା ସମାନ ଗ୍ରୁପ୍‌ରେ ନିଖତଙ୍କ ସହ ସ୍ଥାନ ପାଇଛନ୍ତି। ରବିବାର ଜରିନ ଜର୍ମାନର ମାକ୍ସିଂ କ୍ଲୋଜେରଙ୍କ ବିପକ୍ଷରୁ ଅଭିଯାନ ଆରମ୍ଭ କରିବେ। ଏହାପରେ ଟପ୍ ସିଡ୍ ଏସିଆନ ଗେମ୍ସ ତଥା ବର୍ତ୍ତମାନର ଫ୍ଲାଇୱେଟ ବିଶ୍ୱ ଚାମ୍ପିୟନ ଉ'ଙ୍କ ସହିତ ମୁକାବିଲା କରିବେ।

ଅମିତ ପଙ୍ଘାଲ ୧୫ କେଜି ବର୍ଗରେ ଭାରତର ପ୍ରଥମ ବକ୍ସରଭାବେ ଅଲିମ୍ପିକ୍ସ ଟିକେଟ ପାଇଥିଲେ। ଟୋକିଓ ଅଲିମ୍ପିକ୍ସର ପ୍ରଥମ ରାଉଣ୍ଡରୁ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିବା ଅମିତ ଏଥର ପ୍ରଥମ ରାଉଣ୍ଡରେ ବାଇ ପାଇଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସେ ଆଫ୍ରିକାନ୍ ଗେମ୍ସ ଚାମ୍ପିୟନ ଜାମ୍ବିଆର ପ୍ୟାଟ୍ରିକ ଚିନେମ୍ବାଙ୍କୁ ଭେଟିବେ। ନିଶାନ୍ତ ହେଉଛନ୍ତି ଭାରତୀୟ ଦଳରେ ସ୍ଥାନ ପାଇଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ଅନ୍ୟତମ ସ୍ଥିର ପ୍ରଦର୍ଶନକାରୀ। ସେ ପ୍ରଥମ ରାଉଣ୍ଡରେ ବାଇ ପାଇଥିବାବେଳେ ପ୍ରି-କ୍ୱାର୍ଟର ଫାଇନାଲରେ ଇକ୍ୱେଡରର ରୋଡ୍ରିଗ୍ୱେଜ ଟେନୋରିଓଙ୍କୁ ଭେଟିବେ।

ଗତ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟିନୀ ବୋର୍ଗୋହେନ ୭୫ କେଜି ବର୍ଗରେ ଏଥର କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ସେ ପ୍ରଥମ ରାଉଣ୍ଡରେ ନରୱେର ସୁନିଭା ହୋଫଷ୍ଟାଡ୍ ଏବଂ ସମ୍ଭାବ୍ୟ କ୍ୱାର୍ଟର ଫାଇନାଲରେ ଏସିଆନ ଗେମ୍ସ ଚାମ୍ପିୟନ ତଥା ୨ ଥର ବିଶ୍ୱ ଏବଂ ଅଲିମ୍ପିକ୍ ମେଡାଲିଷ୍ଟ ଚାଇନାର ଲି କ୍ୱାନ୍‌ଙ୍କୁ ଭେଟିବେ। ଏସିଆନ ଗେମ୍ସ ବ୍ରୋଞ୍ଜ ମେଡାଲିଷ୍ଟ ପ୍ରୀତି ଏଥର ଅଲିମ୍ପିକ୍ସରେ ଡେବ୍ୟୁ କରିବେ। ପ୍ରଥମ ରାଉଣ୍ଡରେ ସେ ଭିଏତନାମର ଭୋ ଥି କମ୍ ଆନ୍‌ଙ୍କୁ ଭେଟିବେ। ସେଥିରେ ବିଜୟୀ ହେଲେ ରାଉଣ୍ଡ ଅଫ୍ ୧୬ରେ ୱାର୍ଲ୍ଡ ସିଲଭର ମେଡାଲିଷ୍ଟ କଲମ୍ବିଆର ୟେନି ଆରିଆସଙ୍କ ଚ୍ୟାଲେଞ୍ଜ ସମ୍ଭାଳିବାକୁ ପଡ଼ିବ। ଅନ୍ୟତମ ପ୍ରଥମ ପଦାର୍ପଣକାରୀ ଜସମିନ ଲାମ୍ବୋରିଆ ମଧ୍ୟ କଷ୍ଟସାଧ୍ୟ ଡ୍ର'ରେ ରହିଛନ୍ତି। ପ୍ୟାରିସ ଗେମ୍ସର ବକ୍ସିଂ ଇଭେଣ୍ଟ ୨ଟି ଭେନ୍ୟୁରେ ହେବ। ପ୍ରାରମ୍ଭିକ ରାଉଣ୍ଡ ଗୁଡ଼ିକ ନର୍ଥ ପ୍ୟାରିସ ଆରେନାରେ ଏବଂ ସେମିଫାଇନାଲ ଓ ଫାଇନାଲ ଆଇକନିକ୍ ଷ୍ଟେଡ୍ ରୋଲାଣ୍ଡ-ଗାରୋସରେ ଅନୁଷ୍ଠିତ ହେବ।



ଲଭ୍‌ଲିନା ବୋର୍ଗୋହେନ ଓ ନିଖତ ଜରିନ।

# ଭାରତ-ଶ୍ରୀଲଙ୍କା ଫାଇନାଲ

**ମହିଳା ଟି୨୦ ଏସିଆ କପ୍**

**ଦାମ୍ବୁଲା, ୨୬।୭ (ପି.ଟି.)**

ବାଂଲାଦେଶକୁ ୧୦ ଉଇକେଟରେ ପରାସ୍ତ କରି ଗତଥରର ଚାମ୍ପିୟନ ଭାରତ ଏଠାରେ ଚାଲିଥିବା ମହିଳା ଟି୨୦ କ୍ରିକେଟ ଏସିଆ କପ୍ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ପେସ୍ ବୋଲର ରେଣୁକା ଠାକୁର ସିଂଙ୍କ ୩ ଉଇକେଟ ସଫଳତା ଏବଂ ପରେ ସ୍ମୃତି ମନ୍ଧାନାଙ୍କ ଦ୍ରୁତ ଅପରାଜିତ ଅର୍ଦ୍ଧଶତକ ସହାୟତାରେ ଭାରତ ଏହି ସହଜ ବିଜୟ ହାସଲ କରିଥିଲା। ଭାରତ ରବିବାର ଫାଇନାଲରେ ଶ୍ରୀଲଙ୍କାକୁ ଭେଟିବ। ଶ୍ରୀଲଙ୍କା ଦ୍ୱିତୀୟ ସେମିଫାଇନାଲ୍‌ରେ ପାକିସ୍ତାନକୁ ୩ ଉଇକେଟରେ ହରାଇ ଫାଇନାଲ୍‌ରେ ପ୍ରବେଶ କରିଛି। ଶୁକ୍ରବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ନିର୍ଦ୍ଧାରିତ ଓଭରରେ ୮ଉଇକେଟ ବିନିମୟରେ ୮୦ ରନ କରିଥିଲା। ଦଳ ତରଫରୁ ଟପ୍ ସ୍କୋରର ଅଧିନାୟିକା ତଥା ଉଇକେଟକିପର ନିଗାର ସୁଲତାନା ୩୨ ରନ (୫୧ବଲ, ୧ ଚୌକା) ଏବଂ ସୋମା ଅକତର ୧୯ରନ କରି ଅପରାଜିତ ରହିଥିବା ବେଳେ ଅନ୍ୟ କୌଣସି ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଭାରତ ତରଫରୁ ଟପ୍ ଅର୍ଡରରେ ରେଣୁକା (୩/୧୦) ଓ ମିଡଲ ଅର୍ଡରରେ ବାମହାତୀ ସ୍ପିନର ରାଧା ଯାଦବ (୩/୧୪) ବାଂଲାଦେଶର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଜବାବରେ ଭାରତ ୧୧ ଓଭରରେ ବିନା କୌଣସି ଉଇକେଟରେ ୮୩ ରନ କରି ମ୍ୟାଚ ଜିତି ନେଇଥିଲା। ଶେଫାଳି ବର୍ମା ୨୬ରନ (୨୮ବଲ୍, ୨ ଚୌକା) ଓ ମନ୍ଧାନା ୫୫ ରନ(୩୯ ବଲ୍, ୯ଚୌକା ଓ ୧ ଛକା) କରି ଅପରାଜିତ ରହିଥିଲେ। ରେଣୁକା ଠାକୁର ସିଂ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।



ଉଇକେଟ ନେବାପରେ ରେଣୁକା ସିଂ ଠାକୁରଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ମହିଳା ଦଳ:୨୦ ଓଭରରେ ୮୦/୮ ( ନିଗାର ସୁଲତାନା-୩୨, ସୋମା ଅକତର-୧୯*; ରେଣୁକା ଠାକୁର ସିଂ (୩/୧୦), ରାଧା ଯାଦବ (୩/୧୪)। ଭାରତ ମହିଳା ଦଳ: ୧୧ଓଭରରେ ୮୩/୦ (ସ୍ମୃତି ମନ୍ଧାନା-୫୫*, ଶେଫାଳି ବର୍ମା-୨୬*)।

# ସାଇ ଅଶୋକ ସର୍ବକନିଷ୍ଠ ଭାରତୀୟ ରେଫରି ଜଜ୍

**ନୂଆଦିଲ୍ଲୀ, ୨୬।୭ (ପି.ଟି.):** ଭାରତର ପୂର୍ବତନ ଅନ୍ତର୍ଜାତୀୟ ବକ୍ସର କଲୋନେଲ କାବିଲାନ ସାଇ ଅଶୋକ ଶୁକ୍ରବାରଠାରୁ ଆରମ୍ଭ ହେବାକୁଥିବା ପ୍ୟାରିସ ଅଲିମ୍ପିକ୍ସ ବକ୍ସିଂ ଇଭେଣ୍ଟ ଲାଗି ରେଫରି ଜଜ୍ ଭାବେ ନିଯୁକ୍ତି ପାଇଛନ୍ତି। ଏହି ନିଯୁକ୍ତି ପାଇବାରେ ସେ ଦେଶର ସର୍ବକନିଷ୍ଠ। ଏହି ୩୨ ବର୍ଷୀୟ ମ୍ୟାଚ ପରିଚାଳନା ପାଇଁ ନିଯୁକ୍ତି ପାଇବାରେ ୧୯୦୪ ପରଠାରୁ ଚତୁର୍ଥ ଭାରତୀୟ ହେବାର ଗୌରବ ଅର୍ଜନ କରିଛନ୍ତି। ଏକ ବିଶ୍ୱ ଚାମ୍ପିୟନଶିପ୍ ଇଭେଣ୍ଟରେ ଉଭୟ ଖେଳାଳି ଏବଂ ଅଫିସିଆଲ ଭାବେ ପ୍ରତିନିଧିତ୍ୱ କରିବାରେ ସେ ଦେଶର ପ୍ରଥମ ବ୍ୟକ୍ତି। ସାଇ ଅଶୋକ ବର୍ତ୍ତମାନ ପୁଣେସ୍ଥିତ ଆର୍ମି ସ୍ପୋର୍ଟ୍ସ ଇନଷ୍ଟିଚ୍ୟୁଟ୍‌ରେ ଜଣେ ବକ୍ସିଂ ପ୍ରଶାସକ ଭାବେ କାର୍ଯ୍ୟରତ। ୱାର୍ଲ୍ଡ ମିଲିଟାରୀ ବକ୍ସିଂ କାଉନ୍‌ସିଲର ସଭାପତି ହେବାରେ ସେ ପ୍ରଥମ ଭାରତୀୟ। ସେ ଆହୁରି ମଧ୍ୟ ଅତିଶୀଘ୍ର ଟୁ-ଷ୍ଟାରରୁ ଥ୍ରି-ଷ୍ଟାର ହାସଲ କରିବାରେ ଏକମାତ୍ର ଭାରତୀୟ ରେଫରି ଭାବେ ରେକର୍ଡର ଅଧିକାରୀ ହୋଇଛନ୍ତି। ଅଲିମ୍ପିକ୍ସରେ ୨୦୧୨ ଲଣ୍ଡନରେ ଶେଷ ଥର ପାଇଁ ଜଣେ ଭାରତୀୟ ମ୍ୟାଚ ପରିଚାଳନା କରିଥିଲେ।




ମାଉଣ୍ଟ ଏଲବ୍ରୁସ ଆରୋହଣ କରି ଶୁକ୍ରବାର ପ୍ରତ୍ୟାବର୍ତ୍ତନ କରିଥିବା ଓଡ଼ିଶା ପର୍ବତାରୋହୀ ଅନିତା ସ୍ୱାଇଁଙ୍କୁ ଭୁବନେଶ୍ୱର ବିମାନବନ୍ଦର ନିକଟରେ ସ୍ୱାଗତ ସମ୍ବର୍ଦ୍ଧନା।

# ଭାରତ-ଶ୍ରୀଲଙ୍କା ଟି୨୦ ସିରିଜ ଆଜିଠାରୁ

**ପାଲିକେଲ, ୨୬।୭ (ପି.ଟି.)**

ଭାରତ ଓ ଘରୋଇ ଶ୍ରୀଲଙ୍କା ମଧ୍ୟରେ ସୀମିତ ଓଭର ସିରିଜ ଶନିବାରଠାରୁ ଆରମ୍ଭ ହେବ। ଭ୍ରମଣକାରୀ ଦଳ ନୂଆ କୋଚ୍ ଗୌତମ ଗମ୍ଭୀର ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ପ୍ରଥମେ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜ ଖେଳିବ। ଗମ୍ଭୀର ହେଉଛନ୍ତି ଦୁଇଥର ବିଶ୍ୱକପ୍ ବିଜେତା। ବର୍ତ୍ତମାନ ସେ ଭାରତର ନୂଆ ମୁଖ୍ୟ କୋଚ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ସୂର୍ଯ୍ୟକୁମାର ବର୍ତ୍ତମାନ ଟି୨୦ ଫର୍ମାଟରେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବ୍ୟାଟର ଭାରେ ପରିଗଣିତ ହେଉଛନ୍ତି। ଗମ୍ଭୀର ଦୁଇଥର ଅଧିନାୟକ ଏବଂ ଥରେ ମେଣ୍ଟର ଭାବେ କୋଲକାତା ନାଇଟ ରାଇଡର୍ସ ସହ ୩ଥର ଆଇପିଏଲ୍ ଟାଇଟଲ ଜିତିପାରିଛନ୍ତି। ଲୋକପ୍ରିୟ ରାହୁଲ ଦ୍ରାବିଡଙ୍କ ସ୍ଥାନରେ ସେ ନୂଆ ଦାୟିତ୍ୱ ଗ୍ରହଣ କରିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଏଡାଇ ଅଧିନାୟକ ଭାବେ ଅଭିଜ୍ଞତା ନ ଥିବା ସୂର୍ଯ୍ୟକୁମାରଙ୍କୁ ଯେତେବେଳେ ଅଧିନାୟକ ଭାବେ ମନୋନୀତ କରାଗଲା ସେତେବେଳେ ଏହାକୁ ନେଇ ଅନେକେ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ। ଭାରତ ଓ ଶ୍ରୀଲଙ୍କା ୨୦୨୬ରେ ପରବର୍ତ୍ତୀ ଟି୨୦ ବିଶ୍ୱକପ୍‌ର ଆୟୋଜକ ଅଛନ୍ତି। ଗତ ମାସରେ ଭାରତର ବିଶ୍ୱକପ୍ ସଫଳତା ପରେ ଅନ୍ତର୍ଜାତୀୟ ଟି୨୦ରୁ ରୋହିତ ଶର୍ମା, ବିରାଟ କୋହଲି ଓ ରବୀନ୍ଦ୍ର ଜାଡେଜାଙ୍କ ଇସ୍ତଫା ପରେ ଦଳର ପୁନର୍ଗଠନ ଲାଗି ଚୟନକର୍ତ୍ତାମାନଙ୍କୁ ଯଥେଷ୍ଟ ସମୟ ଦିଆଯାଇଛି। ଯୁବ ବ୍ୟାଟର ଶୁବମନ ଗିଲ୍‌ଙ୍କୁ ହ୍ୱାଇଟ୍ ବଲ ଫର୍ମାଟରେ ଉପ ଅଧିନାୟକ ଦାୟିତ୍ୱ ତୁଲାଇବାର ସୁଯୋଗ ମିଳିଛି। ସେହିପରି ଯଶସ୍ୱୀ ଜୟସ୍ୱାଲ, ରିଙ୍କୁ ସିଂ ଓ ରିୟାନ ପରାଗଙ୍କୁ ମଧ୍ୟ। ଜାଡେଜାଙ୍କ ସ୍ଥାନରେ ଅକ୍ଷର ପଟେଲ ଉପଯୁକ୍ତ ମନେହେଉଛନ୍ତି। ଭାରତର ଅଲରାଉଣ୍ଡର ଡିପାର୍ଟମେଣ୍ଟରେ ମଧ୍ୟ ପାଣ୍ଡ୍ୟା, ଶିବମ ଦୁବେ ଏବଂ ଫର୍ମରେ ଥିବା ୱାଶିଂଟନ ସୁନ୍ଦରଙ୍କ ଭଳି ଖେଳାଳି ରହିଛନ୍ତି। ଯଶପ୍ରୀତ ବୁମ୍‌ରାଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ଦଳରେ ଅର୍ଶଦୀପ ସିଂ ଓ ମହମ୍ମଦ ସିରାଜ ଯୋଡ଼ିଙ୍କୁ ନିଆଯାଇଛି। ପାଲିକେଲ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମର ପେସ୍ ଓ ବାଉନ୍ସ ପିଚ୍ ଉଭୟଙ୍କୁ ବେଶ୍ ସୁହାଇବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ୨୦୧୪ ଟି୨୦ ବିଶ୍ୱକପ୍ ବିଜେତା ଶ୍ରୀଲଙ୍କା ଦଳ ବର୍ତ୍ତମାନ ଏକ ଖରାପ ସମୟ ଦେଇ ଗତି କରୁଛି। ଗତ ସଂସ୍କରଣରେ ଦଳ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲା। ଫଳତଃ ଅଧିନାୟକ ୱାନିନ୍ଦୁ ହସରଙ୍ଗା, କୋଚ୍ କ୍ରିସ ସିଲ୍‌ଭରଉଡ୍ ଏବଂ ପରାମର୍ଶଦାତା ମାହେଲା ଜୟବର୍ଦ୍ଧନେ ପ୍ରମୁଖଙ୍କୁ ସେମାନଙ୍କ ପଦବୀରୁ ଇସ୍ତଫା ଦେବାକୁ ହୋଇଛି। ଶ୍ରୀଲଙ୍କା ବର୍ତ୍ତମାନ ପାଇଁ ପୂର୍ବତନ ଅଧିନାୟକ ତଥା ବିସ୍ଫୋରକ ବ୍ୟାଟର ସନଥ ଜୟସୁରିୟାଙ୍କୁ କାମଚଳା କୋଚ ଭାବେ ନିଯୁକ୍ତି ଦେଇଛି।



ଟ୍ରଫି ସହ ଦୁଇ ଦଳର ଅଧିନାୟକ ଚରିଥ ଅସଲଙ୍କା ଓ ସୂର୍ଯ୍ୟକୁମାର ଯାଦବ।

**ମ୍ୟାଚ ଆରମ୍ଭ: ସନ୍ଧ୍ୟା ୭ଟା, ପ୍ରସାରଣ- ସୋନି ସ୍ପୋର୍ଟ୍ସ ଟେନ୍**

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ